# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮ (୨୦ ପୃଷ୍ଠା) Sambalpur, Friday, August 24/ 2018 ★★

୧୪ଶ ଭାଗ ୨୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-







ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

■ଛୋଟ ଭୁଲ ପାଇଁ ବଡ଼ ଦଣ୍ଡ

# ଜାତୀୟ ଖେଳାଳିଙ୍କୁ ସଜାଇଲେ ଅପରାଧୀ

ରାଉରକେଲା ଅଫିସ,୨୩।୮

ଦିନେ ଯେଉଁ ଖେଳାଳିଙ୍କୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆର୍‌ଏସ୍‌ପି) କର୍ତ୍ତୃପକ୍ଷ ରାଜ୍ୟ ଓ ରାଜ୍ୟ ବାହାରକୁ ପଠାଇ ବାହାବା ନେଉଥିଲେ ତାଙ୍କୁ ଏକ ଛୋଟ ଭୁଲ ପାଇଁ ଅପରାଧୀ ସଜାଇ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ହାତରେ ସିଲଟ ଧରାଇ ସୋସିଆଲ ମିଡିଆରେ ଫଟୋ ଛାଡ଼ିବା ପରେ ତାଙ୍କୁ ଥାନାକୁ ପଠାଇ ଦିଆଗଲା। ତାଙ୍କୁ ବଦନାମ କରାଗଲା । ଏବେ ସେହି ଖେଳାଳି ଜଣଙ୍କ ଘରେ ବସି ଆଖିରୁ ଲୁହ ଝରାଉଛନ୍ତି। ପରିବାର ଓ ସମ୍ପର୍କୀୟଙ୍କ ଭର୍ତ୍ସନା ଶୁଣି ଶୁଣି ଧୈର୍ଯ୍ୟହରା ହୋଇପଡିଛନ୍ତି। ସେ ହେଉଛନ୍ତି ସୁନାମଧନ୍ୟ ବକ୍ସର ଅମରେଶ ରାୟ (୫୦)। ତାଙ୍କ ପାଖରେ ମାଳ ମାଳ ସାର୍ଟିଫିକେଟ ସାଙ୍ଗକୁ ଡଜନେ ଗୋଲ୍ଡ ମେଡାଲ ଅଛି । ସେଥିରୁ ଅର୍ଦ୍ଧାଧିକ ସେ ଆର୍‌ଏସ୍‌ପି ପାଇଁ ଖେଳି ପାଇଛନ୍ତି। ହେଲେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ତାଙ୍କୁ ନିଯୁକ୍ତି ତ ଦେଲେ ନାହିଁ, ୫୦ ବର୍ଷ ବୟସରେ ତାଙ୍କ ମନରେ ଯେଉଁ ଆଘାତ ଦେଲେ, ତାହା କେବେ ଭୁଲିହେବ ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ଅମରେଶ।

କାମଧନ୍ଦା ଅଭାବରୁ ଅମରେଶଙ୍କ ପରିବାର ଏବେ ଦୁର୍ଦ୍ଦିନରେ। ଏମିତି ଅବସ୍ଥାରେ ତାଙ୍କର ଜଣେ ବନ୍ଧୁ ୭ ଦିନ ଛୁଟିରେ ଗାଁକୁ ଯାଇଥିଲେ। ତାଙ୍କ ସହମତିରେ ଅମରେଶ ତାଙ୍କ ଗେଟ୍ ପାସ୍ ଧରି ସେହି ୭ ଦିନ ପାଇଁ ଠିକା ଶ୍ରମିକ ଭାବେ କାମ କରିବାକୁ ଗତ ଶନିବାର ଆର୍‌ଏସ୍‌ପି ପରିସରକୁ ଆସୁଥିଲେ। ଆଶା ଥିଲା ଏହି ୭ଦିନ କିଛି ଟଙ୍କା ରୋଜଗାର କଲେ ତାଙ୍କ ଘର ଚଳିବ। ହେଲେ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଆର୍‌ଏସ୍‌ପି ସୁରକ୍ଷା ଅଧିକାରୀ(ସିଆଇଏସ୍‌ଏଫ୍) ଗେଟ୍‌ରେ ଧରିଲେ। ସତ ମାନିଗଲେ ଅମରେଶ। ନିଜ ଦୁଃଖ କାହାଣୀ ଶୁଣାଇଲେ ସୁରକ୍ଷା ଅଧିକାରୀଙ୍କୁ। ହେଲେ ସୁରକ୍ଷା ଅଧିକାରୀ କିଛି ନ ଶୁଣି ତାଙ୍କୁ ଥାନାକୁ ପଠାଇ ଦେଲେ। ଏପରି କି ଥାନାକୁ ପଠାଇବା ପୂର୍ବରୁ ଜଣେ ପେସାଦାର ଅପରାଧୀ ଭଳି ଏକ ସିଲଟରେ ଅମରେଶଙ୍କ ନାମ ଲେଖି ତାଙ୍କ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡ଼ିଦେଲେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ହତବାକ ହୋଇଯାଇଛନ୍ତି ଅମରେଶ। ତେବେ ଥାନାଧିକାରୀ ମାନବିକତା ଦେଖାଇ ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲେ। ଏହାକୁ ନେଇ ଏବେ ଅନେକ ଖେଳାଳିଙ୍କ ମନରେ ପ୍ରଶ୍ନ ଯେ ଜଣେ ଯୋଗ୍ୟ ବକ୍ସର, ଯିଏ ଦିନେ ରାଜ୍ୟ ଓ ଜାତୀୟସ୍ତରରେ ଆର୍‌ଏସ୍‌ପି ଓ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ସୁନାମ ଆଣିଥିଲେ ତାଙ୍କ ପ୍ରତି କ'ଣ କାହା ମନରେ ଟିକେ ଦୟା ଆସିଲାନି। ହାତରେ ସିଲଟ ଧରାଇ ଅପରାଧୀ ସଜାଇ ଦେଲେ। କାହା ହାତରେ କେତେବେଳେ ଓ କେଉଁ ପରିସ୍ଥିତିରେ ସିଲଟ ଧରାଯାଏ ସେ ନେଇ କର୍ତ୍ତୃପକ୍ଷ ଟିକେ ହେଲେ ଚିନ୍ତା କଲେନି।



ସିଆଇଏସ୍‌ଏଫ୍ କାର୍ଯ୍ୟାଳୟରେ ଅମରେଶଙ୍କୁ ସିଲଟ ଧରାଯାଇଛି।

ଏହି ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛନ୍ତ ଷ୍ଟିଲ ସିଟିର କେତେଜଣ ଖେଳାଳି ଓ ଆଇନଜୀବୀ। ପାନପୋଷ କ୍ରୀଡ଼ା ସଙ୍ଗଠନର ସାଧାରଣ ସମ୍ପାଦକ ସୁଶାନ୍ତ ଦାସ କହିଛନ୍ତି, ଏପରି ଘଟଣାକୁ ଯେତେ ନିନ୍ଦା କଲେ ବି କମ୍। ଖେଳରେ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଥିବା ଅମରେଶଙ୍କୁ ଏଭଳି ଅପମାନିତ କରିବା ଆଦୌ ଠିକ୍ ହୋଇ ନାହିଁ। ବକ୍ସିଂ ଖେଳାଳି ତଥା କୋଚ୍ ଅର୍ଜୁନ ଭୂୟାଁ କହିଛନ୍ତି, ଏଭଳି ଦୁଃଖଦ ଖବର ଶୁଣିବା ପରେ ମୋ ଆଖିରେ ଲୁହ ଆସିଯାଇଥିଲା। ଆଇନଜୀବୀ ରାଜକିଶୋର ପ୍ରଧାନ କହିଛନ୍ତି, ଅମରେଶଙ୍କୁ ସିଲଟ ଧରାଇବା ପୂର୍ବରୁ ଶହେ ବାର ଚିନ୍ତା କରିବାର ଥିଲା। ଜଣେ ଜାତୀୟ ଖେଳାଳିଙ୍କ ପ୍ରତି ଏହା ହେଉଛି ଚରମ ଅପମାନ। ଏହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ଟାଙ୍ଗରପାଲି ଥାନାଧିକାରୀଙ୍କୁ ପଚାରାଯିବାରୁ ସେ କହିଲେ, ଅମରେଶଙ୍କୁ ଆମେ ସିଲଟ ଧରାଇ ଫଟୋ ଉଠାଇନାହୁଁ। ତାଙ୍କୁ ଯିଏ ଧରିଥିଲେ, ହୁଏତ ସେମାନେ ଏମିତି କରିଥାଇ ପାରନ୍ତି।

# ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଉଦ୍‌ଘାଟିତ



ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ଉଦ୍‌ଘାଟିତ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ପୋଖରୀପୁଟ ରେଳ ଫ୍ଲାଏଓଭର ବ୍ରିଜ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୩୫ କୋଟି ଟଙ୍କା ବ୍ୟୟରେ ଏହି ଓଭରବ୍ରିଜ ତିଆରି ହୋଇଛି। ଏହି ଓଭରବ୍ରିଜ୍ ନିର୍ମାଣ ହେବା ଦ୍ୱାରା ନବୀନ ନିବାସ, ଭୀମଟାଙ୍ଗୀ, ପୁରୁଣା ଭୁବନେଶ୍ୱର, ଉତ୍ତରା ଏବଂ ପିପିଲି ଅଞ୍ଚଳର ଲୋକଙ୍କୁ ଗମନାଗମନ ସୁବିଧା ମିଳିବ। ଏଥିସହିତ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଲେଭଲ କ୍ରସିଂ ଭିଡ ଆଉ ରହିବନାହିଁ। ସୂଚନାଯୋଗ୍ୟ, ୨୦୧୨ରେ ଶୁଭ ଦିଆଯାଇ ଯାଇଥିବା ଏହି ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ୬ବର୍ଷ ପରେ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଉଦଘାଟନ ହୋଇପାରୁ ନ ଥିଲା। ଗୁରୁବାର ବ୍ରଜ ଉଦଘାଟନ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧରେ ଖୁସିର ଲହରି ଖେଳିଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ପୂର୍ତ୍ତ ବିଭାଗର ନଳିନ କୁମାର ପ୍ରଧାନ, ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ଉଦୟବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ।

## କୁଲ୍‌ଦୀପ ନାୟାରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୩।୮(ବ୍ୟୁରୋ):** ପ୍ରଖ୍ୟାତ ସାମ୍ବାଦିକ, କୂଟନୀତିଜ୍ଞ ତଥା ପୂର୍ବତନ ଏମ୍‌ପି କୁଲ୍‌ଦୀପ ନାୟାରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଟୁଇଟର ଆକାଉଣ୍ଟରୁ ଟୁଇଟ୍ କରି କହିଛନ୍ତି ଯେ , ସାମ୍ପ୍ରତିକ ରାଜନୈତିକ ବିଶ୍ଳେଷଣ ଏବଂ ମୁକ୍ତ ବକ୍ତବ୍ୟର ସେ ଜଣେ ଚାମ୍ପିୟନ। ତାଙ୍କର କୃତି ପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ।

**Central University of Orissa**
(Established Under the Act of Parliament, 2009)
Landiguda, Dist.Koraput, Odisha. Pin.: 764 021
06852-288235/288238, Fax.06852-288225

Ref: CUO/Admn./AL/41/VI Dt. 08/08/2018

**WALK-IN-INTERVIEW**

The Central University of Orissa, Koraput is conducting a walk-in-interview on 31.08.2018 to engage Pedagogy/Methodology of Biological Science and Pedagogy/Methodology of Physical Science Lecturer (Two Nos.) in the **Department of Education** purely on contractual basis for a tenure of six months. Interested candidates may please log on to our website www.cuo.ac.in for further details.

Sd/- Registrar


# CLASSIFIED DISPLAY

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

**ALL LEADING FOOTWEAR BRANDS**
LIBERTY, Lee Cooper, RED CHIEF, WOODLAND, Hitz, inblu, DUKE, Tracer, Helios, SOLETHREADS, NEOZ
For Dealership Contact
RAMJI ENTERPRISES
Hanspal, Bhubaneswar
Mob.: 9437006984, 7788000590

**EARN IN DOLLARS**

NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ବ୍ରେନ୍‌ଷ୍ଟ୍ରୋକ୍

ବ୍ରେନ୍‌ଷ୍ଟ୍ରୋକ୍ କିମ୍ବା ପାରାଲିସିସ୍ ଆକ୍ରାନ୍ତ ହେବାର ତିନି ଘଣ୍ଟା ମଧ୍ୟରେ ଅଶ୍ୱିନୀ ହସ୍ପିଟାଲ୍ ରେ ପହଞ୍ଚିଲେ ଅତ୍ୟାଧୁନିକ ଚିକିତ୍ସା ମାଧ୍ୟମରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ସମ୍ଭାବନା ରହିଛି ।
ASHWINI HOSPITAL empowered to heal...
ଯୋଗାଯୋଗ - ୭୮୯୪୪୬୦୪୪୩



DADLS-85

ରାଜ୍ୟସ୍ତରୀୟ
ଆତ୍ମୋତ୍ସର୍ଗ ଦିବସ
ତା. ୨୪.୦୮.୨୦୧୮ରିଖ

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ
ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଝିନ ହିକକା, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ତାରା ପ୍ରସାଦ ବାହିନୀପତି, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଭୁଜବଳ ମାଝୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମନୋହର ରନ୍ଧାରୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ମାନସ ମାଡକାମୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଜଗନ୍ନାଥ ସାରକା, ମାନ୍ୟବର ବିଧାୟକ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଗୌରଚନ୍ଦ୍ର ତ୍ରିପାଠୀ, ବାଣିଜ୍ୟ ବିଭାଗ ମୁଖ୍ୟ, ଅଲ୍ ଇଣ୍ଡିଆ ରେଡିଓ, କଟକ

ସଭା ପରେ କୋରାପୁଟର ମୀରା ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ
ଆଦିବାସୀ ନୃତ୍ୟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ଭାରତବର୍ଷକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରି ଭାରତଭୂମିର ସ୍ୱାଧୀନତା ପାଇଁ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ସଂଗ୍ରାମୀମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ନିଜ ମାତୃଭୂମିର ସ୍ୱାଧୀନତା ପାଇଁ ଏହି ସଂଗ୍ରାମୀମାନେ ଯେଭଳି ଆତ୍ମବଳିଦାନ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ତାହା ଅତୁଳନୀୟ । ୧୯୪୨ ମସିହା ଅଗଷ୍ଟ ମାସ ୧୧ ତାରିଖରେ ନବରଙ୍ଗପୁରର ସଦାଶିବ ତ୍ରିପାଠୀ ପ୍ରମୁଖ ସଂଗ୍ରାମୀବୃନ୍ଦ ବ୍ରିଟିଶ୍ ପୋଲିସ୍ ଦ୍ୱାରା ଗିରଫ ହେବା ପରେ ପରେ ସେହି ମାସ ୨୪ ତାରିଖରେ ଅନ୍ୟ କର୍ମୀମାନେ ସଂଗ୍ରାମୀ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ଡ଼ାବୁଗାଁ ଅଭିମୁଖେ ଯାତ୍ରା କରିଥିଲେ । ଜାତୀୟ ପତାକା ଶୋଭିତ, ଭାରତମାତାର ଜୟଗାନ ଓ ଭାରତଛାଡ଼ ସ୍ଲୋଗାନ୍‌ରେ ପ୍ରକମ୍ପିତ ଶୋଭାଯାତ୍ରା ପାପଡ଼ାହାଣ୍ଡିର ତୁରୀ ନଦୀ ନିକଟରେ ପହଞ୍ଚିବାକ୍ଷଣି ବ୍ରିଟିଶ୍ ପୋଲିସର ଅମାନୁଷିକ ଗୁଳିବର୍ଷଣ, ଲାଠିମାଡ଼ ଓ ବନେଟ୍ ମାଡ଼ରେ ବହୁ ସଂଗ୍ରାମୀ ମୃତ୍ୟୁ ବରଣ କରିଥିଲେ । ଅନେକ ଗିରଫ ହୋଇ କାରାବରଣ କରିଥିଲେ । ଅତ୍ୟନ୍ତ ଲୋମହର୍ଷଣକାରୀ ଏହି ଐତିହାସିକ ଘଟଣା ବାସ୍ତବରେ ଅବିସ୍ମରଣୀୟ । ଆଜିର ଏହି ଆତ୍ମୋତ୍ସର୍ଗ ଦିବସରେ ସେହି ସଂଗ୍ରାମୀମାନଙ୍କୁ ଆମ ଓଡ଼ିଆ ଜାତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି ।

15001/13/0177/1819

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮ Sambalpur, Friday, August 24/ 2018




## କାର୍ଯ୍ୟରେ ଯୋଗ ଦେଲେ ଜେଟ୍‌ଲୀ

କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ଦୀର୍ଘ ଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗ ଦେଇଥିବା ଟୁଇଟରେ ସୂଚନା ଦେଇଛନ୍ତି। ୧୫

୧୭

## କୋହଲି ନମ୍ବର ୱାନ୍

ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ ବ୍ୟାଟ୍ସମ୍ୟାନ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି।



**ଆଜିର ସମ୍ପାଦକୀୟ**

କୋଚର ଦୂରେଇ ରହନ୍ତୁ

**ଆଜିର ମନ୍ତବ୍ୟ**

" ୭୦ ବର୍ଷ ପୂର୍ବେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିଲେ ଆଜି ଦେଶ ରୋଗମୁକ୍ତ ହୋଇଥାଆନ୍ତା ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




NECC NATIONAL EGG CO-ORDINATION COMMITTEE 23.08.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

# ମନ୍ତ୍ରୀ ପରିଷଦର ଅନୁମୋଦନ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୧୨, ୭୬୮ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ବଜେଟ ଉପସ୍ଥାପନ ପୂର୍ବରୁ ଏହାକୁ ରାଜ୍ୟ ମନ୍ତ୍ରିପରିଷଦର ବୈଠକରେ ଅନୁମୋଦନ କରାଯାଇଛି। ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଖର୍ଚ୍ଚ ଦାବିକୁ ଗୃହୀତ କରାଯାଇଛି। ୨୦୧୭–୧୮ ଆର୍ଥିକବର୍ଷଠାରୁ ଚଳିତ ଅତିରିକ୍ତ ବଜେଟରେ ୨୦ ପ୍ରତିଶତ ବ୍ୟୟ ବୃଦ୍ଧି କରାଯାଇଛି। ୨୦୧୭–୧୮ ଆର୍ଥିକ ବର୍ଷ ପାଇଁ ୯,୮୨୮.୫୭ କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟୟ ବରାଦ କରାଯାଇଥିଲା। ୧,୭୯.୬୫ କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ବରାଦ କରାଯାଇଥିବା ବେଳେ ବିଭିନ୍ନ ଯୋଜନା ପାଇଁ ୬,୮୧୨.୭୬ କୋଟି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ଲାଗି ୮୧.୭୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

**ଅତିରିକ୍ତ ବଜେଟ ୧୨,୭୬୮ କୋଟି**



**ସେପ୍ଟେମ୍ବର ୪ରେ ବିଧାନସଭାରେ ଉପସ୍ଥାପନ ହେବ**

ବୈଠକ ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବ। ଏଥିରେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହ କେନ୍ଦ୍ର ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବ୍ୟୟ ବରାଦ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କର ଚାଲୁ ରହିଥିବା ନିଜସ୍ୱ ଯୋଜନା ପାଇଁ ମଧ୍ୟ ବ୍ୟୟ ବରାଦ କରାଯାଇଛି। ସାମାଜିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ସାଧାରଣତଃ ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ ପରେ କେନ୍ଦ୍ରୀୟ ଯୋଜନା ପାଇଁ ପାଣ୍ଠି ଅନୁମୋଦନ ହୋଇଥାଏ। ବିଭିନ୍ନ ବିଭାଗକୁ ଶତ ପ୍ରତିଶତ ୟୁସି ଦେବାକୁ ବାଧ୍ୟ କରାଯାଇଥାଏ। ବାର୍ଷିକ ବଜେଟରେ ବ୍ୟୟ ଭାର ପ୍ରତିବର୍ଷ ବୃଦ୍ଧି କରାଯାଉଥିବା ବେଳେ ଅତିରିକ୍ତ ବଜେଟରେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି କରାଯାଇଛି।

■ପ୍ରଦୂଷଣ ମହଙ୍ଗା ପଡ଼ିଲା

# ଶ୍ୟାମ ମେଟାଲିକ୍ସର ୩ ଫର୍ନେସ୍ ସିଲ୍

ରେଙ୍ଗାଲି,୨୩।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନା ଫେରୋ ୟୁନିଟର ୩ଟି ଫର୍ନେସକୁ ସିଲ୍ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଗାଇଡ୍‌ଲାଇନ ଅବମାନନା ଓ ବାରମ୍ବାର ତାଗିଦ ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଦୂଷଣ ରୋକିବାକୁ ପଦକ୍ଷେପ ନ ନେବାରୁ ଉପଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେଥିରେ ତାଲା ମରାଯାଇଛି। କମ୍ପାନୀର ଏହି ୩ଟି ଫର୍ଣ୍ଣେସରୁ ଅତ୍ୟଧିକ ଧୂଆଁ ବାହାରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଉପଜିଲାପାଳ ପ୍ରଦୀପ କୁମାର ସାହୁ, ରେଙ୍ଗାଲି ତହସିଲଦାର ଦିଲୀପ କୁମାର ପ୍ରଧାନ, ଠେଲକୋଲୋଇ ଥାନା ଅଧିକାରୀ ସୁବାସ ଚନ୍ଦ୍ର ମିଶ୍ର, ରେଙ୍ଗାଲି ବିଦ୍ୟୁତ୍ ଏସଡିଓ ରାଜୁ ସା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦିଲୀପ ଦାସ କାରଖାନାକୁ ଗସ୍ତରେ ଯାଇଥିଲେ। ସେମାନଙ୍କ ଉପସ୍ଥିତିରେ ଫର୍ଣ୍ଣେସଗୁଡ଼ିକର ସ୍ଥିତି ଯାଞ୍ଚ ପରେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ କାରଖାନା କର୍ତ୍ତୃପକ୍ଷ ପ୍ରଦୂଷଣ ରୋକିବା ଦିଗରେ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ ନ କଲେ ବାକି ଫର୍ନେସଗୁଡ଼ିକରେ ମଧ୍ୟ ତାଲା ପକାଯିବ ବୋଲି ଜଣାଯାଇଛି।

# ସାମ୍ବାଦିକ କୁଲ୍‌ଦୀପଙ୍କ ବିୟୋଗ

ନୂଆଦିଲ୍ଲୀ,୨୩।୮(ପି.ଟି.)

ପ୍ରଖ୍ୟାତ ସାମ୍ବାଦିକ, ଲେଖକ ତଥା ରାଜ୍ୟ ସଭାର ପୂର୍ବତନ ସଦସ୍ୟ କୁଲଦୀପ ନାୟାର ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲରେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି। କୁଲଦୀପଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ନିମୋନିଆରେ ପୀଡ଼ିତ କୁଲଦୀପଙ୍କୁ ୫



ଦିନ ତଳେ ନୂଆଦିଲ୍ଲୀର ଏସ୍‌କର୍ଟସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ବୁଧବାର ରାତି ୧୨ଟା ୩୦ରେ ଆଖି ବୁଜିଦେଇଥିବା କୁଲଦୀପଙ୍କ ବଡ଼ପୁଅ ସୁଧୀର ନାୟାର କହିଛନ୍ତି। ଗୁରୁବାର ଅପରାହ୍ନ ଗୋଟାଏରେ ଲୋଧି ଦାହସ୍ଥଳୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। କୁଲଦୀପଙ୍କ ପରଲୋକ ପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ☞ପୃଷ୍ଠା–୨

# ପରଲୋକରେ ଦେବୁ ବୋଷ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଓଡ଼ିଆ ସିନେମାରେ ଏକ ଯୁଗର ଅବସାନ ଘଟାଇ ଆରପାରିକୁ ଚାଲିଯାଇଛନ୍ତି ବର୍ଷୀୟାନ୍ ଅଭିନେତା ଦେବୁ ବୋଷ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ବାପା ଭାବେ ପରିଚିତ ଏହି ଅଭିନେତାଙ୍କର ୭୬ବର୍ଷ ବୟସରେ ପରଲୋକ ଘଟିଛି। ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ପ୍ରାୟ ୧ଟା ୧୦ମିନିଟ୍‌ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବ୍ରେନ୍‌ଷ୍ଟ୍ରୋକ୍ ସହ



ମଲ୍‌ଟି ଅର୍ଗାନ୍ ଫେଲ୍ୟୁଅରର ଶିକାର ହୋଇ ସେ ଦୀର୍ଘ ୪ମାସ ଧରି ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ଦୁଇପୁଅଙ୍କ ସହ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏପଟେ ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ କେବଳ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ନୁହେଁ, ସମଗ୍ର ଓଡ଼ିଶାବାସୀ ମର୍ମାହତ ହୋଇଛନ୍ତି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବାପଛେଉଣ୍ଡ ☞ପୃଷ୍ଠା–୨



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ


PLEDGE 'PLASTIC-FREE' ODISHA
Debasish Mohanty
Sports Personality
#PlasticFreeOdisha
ଧରିତ୍ରୀ DHARITRI TEAM
02 OCTOBER

## ସଂକ୍ଷେପରେ

### ଆଜି କ୍ୟାବିନେଟ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ଶୁକ୍ରବାର ପୂର୍ବାହ୍ନ ୧୧ଟା ୧୫ ମିନିଟରେ ରାଜ୍ୟ ସଚିବାଳୟଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ ମୋହର ଲାଗିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମେତ ବିଭିନ୍ନ ବିଭାଗର ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିବା ସମ୍ଭାବନା ରହିଛି। କ୍ୟାବିନେଟ୍‌ର ସମସ୍ତ ଏଜେଣ୍ଡାକୁ ଗୁପ୍ତ ରଖାଯାଇଛି।




# ମହୋଦଧିରେ ବିଲୀନହେଲା ଅଟଳଙ୍କ ଚିତାଭସ୍ମ

## ■ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କଲା ଅସ୍ଥି କଳସ

**ପୁରୀ ଅଫିସ, ୨୩।୮**

ମହାନ୍ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥି କଳସକୁ ଗୁରୁବାର ଅପରାହ୍ନରେ ପୁରୀ ମହୋଦଧି ବିସର୍ଜନ କରାଯାଇଛି। ଶ୍ରୀକ୍ଷେତ୍ର ପଞ୍ଚତୀର୍ଥ ମଧ୍ୟରେ ଅନ୍ୟତମ ମହୋଦଧିରେ ବିଲୀନ ହୋଇଛି ବାଜପେୟୀଙ୍କ ଚିତାଭସ୍ମ। ଶ୍ରୀକ୍ଷେତ୍ର ମାଟିରେ ଅଗଣିତ ଜନତା ପ୍ରାକ୍ତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ବୁଧବାର ସନ୍ଧ୍ୟାରେ ବାଜପେୟୀଙ୍କ ଅସ୍ଥି କଳସ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲା। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟରୁ ପୁରୀ ଅଭିମୁଖେ ଅସ୍ଥି କଳସକୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ମିନିଟ୍ରକ୍‌ରେ ଅସ୍ଥି କଳସକୁ ରଖାଯାଇଥିଲା। ପିପିଲି, ସତ୍ୟବାଦୀ, ଚନ୍ଦନପୁର, ଚାରିନଳା ଆଦି ସ୍ଥାନରେ ଜନସାଧାରଣ ଅଟଳଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ନ ୩ଟା ବେଳେ ଅସ୍ଥି କଳସ ପୁରୀ ଅଠରନଳାରେ ପହଞ୍ଚିଥିଲା। ସେଠାରେ ପୂର୍ବତନ ଜିଲା ପରିଷଦ ସଭାପତି ଶଙ୍କର୍ଷଣ ପରିଡ଼ା, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର, ଗୌରହରି ପ୍ରଧାନ, ଶ୍ରୀପ୍ରକାଶ ମିଶ୍ର, ପ୍ରୀତମ ଜଗଦ୍ଦେବ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଆରମ୍ଭ ହୋଇଥିଲା ପଦଯାତ୍ରା। ଅସ୍ଥି କଳସକୁ ନେଇ ନେତା ଓ ଜନସାଧାରଣ ବଡ଼ଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ଏହାପରେ ଶୋଭାଯାତ୍ରା ଦୋଳମଣ୍ଡପ ସାହି, ମୋଚିସାହି ଛକ ଓ ଟାଉନହଲ ଦେଇ ସମୁଦ୍ରକୂଳ ଦିଗବାରେଣି ଖୁଣ୍ଟି ନିକଟରେ ପହଞ୍ଚିଥିଲା। ସେଠାରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଭାରତୀୟ ଜନତା ପାର୍ଟିର ନେତୃମଣ୍ଡଳୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବେଦପାଠ ସହିତ ବୈଦିକ ରୀତିନୀତିରେ ଅସ୍ଥି କଳସକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ନେଇ ମହୋଦଧିରେ ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ଭାଜପା ନେତା ଗିରିଧର ଗମାଙ୍ଗ, ଭୃଗୁ ବକ୍ସିପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ସୁରମା ପାଢ଼ୀ, ମନମୋହନ ସାମଲ, ପ୍ରଭାତି ପରିଡ଼ା, ବାଇଧର ମଲ୍ଲିକ, ରମାରଞ୍ଜନ ବଳିଆରସିଂ, କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପ୍ରଭଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


ବାଜପେୟୀଙ୍କ ଅସ୍ଥି କଳସକୁ ମହୋଦଧିରେ ବିସର୍ଜନ କରାଯାଉଛି।

# ଶୋଭାଯାତ୍ରାକୁ ନେଇ ରାଜନୀତି

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅସ୍ଥିକୁ ଗୁରୁବାର ଭାଜପା କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଛି। ଏହି ଶୋଭାଯାତ୍ରାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ଶୋଭାଯାତ୍ରା ସମୟରେ ବିଜେଡି କର୍ମୀ ଅଣ୍ଡାମାଡ କରିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ କଂଗ୍ରେସ ଏହାକୁ ପିକ୍‌ନିକ୍ ଯାତ୍ରା କହି ସମାଲୋଚନା କରିଛି। ଏହାକୁ ନେଇ ସବୁ ରାଜନୈତିକ ଦଳ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବାଜପେୟୀଙ୍କ ଚିତାଭସ୍ମ ଶୋଭାଯାତ୍ରାକୁ ନିନ୍ଦା କରି କହିଛନ୍ତି ଯେ, ଅଟଳଜୀଙ୍କ ଚିତାଭସ୍ମକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର ନିନ୍ଦନୀୟ। କିଛି ଭାଜପା ନେତାଙ୍କ ଆଚରଣ ବେଶି ଖରାପ ଲାଗିଲା। ଶୋଭାଯାତ୍ରା ସମୟରେ କିଛି ନେତାଙ୍କ ଆଚରଣ ଏପରି ଥିଲା ଲାଗୁଥିଲା ଯେମିତି ଶୋଭାଯାତ୍ରା ନୁହେଁ ପିକ୍‌ନିକ୍ ଯାତ୍ରା ହେଉଥିଲା। ଏପରି ଦୃଶ୍ୟ ଶୋକସନ୍ତପ୍ତ ପରିବାରକୁ କେତେ କଷ୍ଟ ଦେଇଥିବ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ କହିଛନ୍ତି ଯେ, ବାଜପେୟୀଙ୍କ ଅସ୍ଥି ବିସର୍ଜନ ପାଇଁ ଆସିବାକୁ ଆମେ ସ୍ୱାଗତ କରୁଛୁ। ଏଥିରୁ ଯଦି କିଏ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରୁଛି, ତାହା ଠିକ୍ ନୁହେଁ। ଭାଜପା ନେତୃବୃନ୍ଦ ଅଣ୍ଡାମାଡ ଘଟଣାରେ ବିଜେଡି ସମ୍ପୃକ୍ତି ଆଣିବା ଦୁର୍ଭାଗ୍ୟଜନକ। ଭାଜପା ରାଜ୍ୟ ନେତାମାନଙ୍କର ସବୁ କଥାରେ ବିଜେଡିକୁ ଟାଣି ରାଜନୀତି କରିବା ନୀତିଗତ ଅଭ୍ୟାସ ବୋଲି ସେ କହିଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଚିତାଭସ୍ମ ଶୋଭାଯାତ୍ରା ଦେଖି ନିରଞ୍ଜନବାବୁ ଏତେ ବ୍ୟତିବ୍ୟସ୍ତ କାହିଁକି। ବାଜପେୟୀଙ୍କ ଅସ୍ଥି ବିସର୍ଜନ ଶୋଭାଯାତ୍ରାରେ ସାଧାରଣ ଜନତା ବହୁ ମାତ୍ରାରେ ସାମିଲ ହୋଇଛନ୍ତି। କାରଣ ବାଜପେୟୀଙ୍କୁ ଓଡ଼ିଶାବାସୀ ଖୁବ୍ ଭଲ ପାଉଥିଲେ। ଏହା ନିରଞ୍ଜନବାବୁଙ୍କୁ ପୀଡା ଦେଇଛି ବୋଲି ମହାନ୍ତି କହିଛନ୍ତି।

## ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ରାଜ୍ୟର ଆଦିବାସୀ ଅଞ୍ଚଳରେ ଥିବା ୧୯୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ସିଟ୍ ବଢ଼ିବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ବିଭିନ୍ନ ବିଷୟର ମୋଟ୍ ସିଟ୍ ଉପରେ ୧୦% ସିଟ୍ ବୃଦ୍ଧି କରିବାକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। କେବଳ ଆଦିବାସୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ସିଟ୍ ବଢାଇବାକୁ ବିଭାଗ ନିଷ୍ପତ୍ତି ନେଇଛି। ଅନ୍ୟ ବିଦ୍ୟାଳୟରେ ସିଟ୍ ବଢିବ ନାହିଁ ବୋଲି ଡେପୁଟି ଡାଇରେକ୍ଟର ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁସବୁ ବିଦ୍ୟାଳୟରେ ବିଭିନ୍ନ ବିଭାଗର ସିଟ୍ ପୂରଣ ହୋଇସାରିଛି ସେହି ବିଦ୍ୟାଳୟରେ ସିଟ୍ ବୃଦ୍ଧି କରାଯିବ। ସେହି ବିଦ୍ୟାଳୟରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ପଢିବାକୁ ଚାହୁଁଥିବା ଲକ୍ଷ୍ୟକରି ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

## ■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୯ ଜିଲା ପାଇଁ ୪୭.୨୪କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୯ ଜିଲାର ୧୦ଟି ବ୍ଲକ ପାଇଁ ୪୭.୨୪କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୨୧ ପଞ୍ଚାୟତ ପାଇଁ ୫.୨୬କୋଟି ଟଙ୍କାରେ ୧୯୫ ପ୍ରକଳ୍ପ, ପୁରୀ ଜିଲା ଗୋପ ବ୍ଲକର ୩୧ପଞ୍ଚାୟତ ପାଇଁ ୯.୬୮କୋଟି ଟଙ୍କାରେ ୪୨୬ ପ୍ରକଳ୍ପ, କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ୨୯ ପଞ୍ଚାୟତ ପାଇଁ ୭.୩୪କୋଟି ଟଙ୍କାରେ ୩୧୫ ପ୍ରକଳ୍ପ, କେନ୍ଦୁଝର ଜିଲା ଘସିପୁରା ବ୍ଲକର ୨୫ପଞ୍ଚାୟତ ପାଇଁ ୫.୯୮କୋଟି ଟଙ୍କାରେ ୨୧୯ ପ୍ରକଳ୍ପ, ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ୨୫ ପଞ୍ଚାୟତ ପାଇଁ ୩.୫୯କୋଟି ଟଙ୍କାରେ ୧୫୫ ପ୍ରକଳ୍ପ, ରାୟଗଡା ଜିଲା ବିଷମ କଟକ ବ୍ଲକର ୨୧ ପଞ୍ଚାୟତ ପାଇଁ ୩.୯୯କୋଟି ଟଙ୍କାରେ ୧୬୯ ପ୍ରକଳ୍ପ, ଗଜପତି ଜିଲା ଗୁମ୍ମା ବ୍ଲକର ୨୦ପଞ୍ଚାୟତ ପାଇଁ ୪କୋଟି ଟଙ୍କାରେ ୧୦୭ ପ୍ରକଳ୍ପ, କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ୧୪ପଞ୍ଚାୟତ ପାଇଁ ୨.୮୦କୋଟି ଟଙ୍କାରେ ୬୯ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲା ତିରିଙ୍ଗ ବ୍ଲକର ୧୦ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୦୧ପ୍ରକଳ୍ପ ଏବଂ ବିଶୋଇ ବ୍ଲକର ୧୩ପଞ୍ଚାୟତ ପାଇଁ ୩.୩୦କୋଟି ଟଙ୍କାରେ ୧୧୩ ପ୍ରକଳ୍ପ ମଞ୍ଜୁର ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ୧୫୫ବ୍ଲକର ୩୫୦୮ ପଞ୍ଚାୟତ ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିସବୁ ବ୍ଲକର ପଞ୍ଚାୟତଗୁଡିକରେ ୩୨,୪୭୨ ପ୍ରକଳ୍ପ ପାଇଁ ୭୯୩.୯୬କୋଟି ଟଙ୍କା ମଞ୍ଜୁର ହୋଇଛି।

## ଚିତାଭସ୍ମ ଶୋଭାଯାତ୍ରାକୁ ଅଣ୍ଡାମାଡ଼

### ■ ଅଭିଯୋଗ କଲେ ପ୍ରଭାତୀ

**ପୁରୀ ଅଫିସ, ୨୩।୮:** ମହୋଦଧିରେ ବିସର୍ଜନ ପାଇଁ ପୁରୀ ଆସୁଥିଲା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଚିତାଭସ୍ମ। ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ଜନସାଧାରଣ। ଚନ୍ଦନପୁର ଥାନା ନିକଟରେ ଚିତାଭସ୍ମ ଉପରକୁ ଜଣେ ଯୁବକ ଅଣ୍ଡାମାଡ଼ କରିଥିବା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ ଗଣମାଧ୍ୟମକୁ କହିଛନ୍ତି ଯେ, ଚନ୍ଦନପୁର ଥାନା ନିକଟରେ ବିଜୁ ଯୁବବାହିନୀର ଜଣେ କର୍ମୀ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ କରିଥିଲେ। ସୌଭାଗ୍ୟବଶତଃ ଅଣ୍ଡା ଚିତାଭସ୍ମ ଉପରେ ନ ପଡି ଟ୍ରକ୍‌ର ଡାହାଣ ପାର୍ଶ୍ୱରେ ପଡିଥିଲା। ସେଠାରେ ଗଣ୍ଡଗୋଳ ହୋଇଥିଲା। ଆମ ଲୋକମାନେ ଥାନାକୁ ଯାଇଥିଲେ। କିନ୍ତୁ ଥାନାରେ ପୋଲିସ ନ ଥିଲେ। ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ରାଷ୍ଟ୍ରନାୟକଙ୍କ ପ୍ରତି ଏଭଳି କରାଯିବା ନିନ୍ଦନୀୟ। ଏ ସଂକ୍ରାନ୍ତରେ ଭାଜପା ପକ୍ଷରୁ ଚନ୍ଦନପୁର ଥାନାରେ ଲିଖିତ ଏତଲା ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ମଧ ଚିତାଭସ୍ମ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ କହିଛନ୍ତି, ଏ ନେଇ ଚନ୍ଦନପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଶୋଭାଯାତ୍ରା ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**अनावेदक की उपस्थिति के लेए नोटिस**

(अन्तर्गत आदेश 5 नियम 20 व्य.प्र.स.)
**न्यायालय: न्यायाधीश, परिवार न्यायालय, रायगढ (छ.ग.)**
Pro No. 573/18
विविध आपराधिक प्रकरण क्र.- एफ 68/2017
सुनवाई दिनांक- 11.09.2018
प्रोसेस क्रमांक ..........

श्रीमती अनुछाया उर्फ सुनीता पत्नी सुशान्त साहु उम्र 26 साल, जाति खर्स, निवासी ग्राम व थाना बडगांव, जिला सुन्दरगढ (उडिशा) वर्तमान निवासी छोटे अतरमुडा, चक्रधरनगर, रायगढ, तहसील व रायगढ (छ.ग.) ...... आवेदिका।

**बनाम**

सुशान्त उर्फ नवीन आ. सन्तोष उम्र 25 साल, जाति खर्रा, निवासी ग्राम व थाना बडगांव, जिला सुन्दरगढ (उडिशा) ..... अनावेदक।

उपरोक्त आवेदिका ने इस न्यायालय के समक्ष धारा 125 दण्ड प्रक्रिया संहिता का आवेदन पत्र प्रस्तुत किया है।

इस सूचनां द्वारा उक्त अनावेदक सुशान्त उर्फ नवीन आत्मज संतोष को सूचित किया जाता है कि आप इस न्यायालय में दिनांक 11.09.2018 को समय ठीक 11.00 बजे उपस्थित होकर अपना जवाब पेश करें। यदि आप दिये गये समय पर उपस्थित नहीं होते हैं, तो प्रकरण में आपकी अनुपस्थिति में सुनवाई किया जाकर नियमानुसार कार्यवाही की जायेगी।

यदि उक्त तिथि को अवकाश घोषित हो जाता है या पीटासीन अधिकारी अवकाश पर हो तो सुनवाई अगले कार्यदिवस पर किया जायेगा।

आज दिनांक 14.08.2018 को मेरे हस्ताक्षर एवं न्यायालय की मुद्रा सहित जारी किया गया।

**न्यायाधीश**
**परिवार न्यायालय, रायगढ (छ.ग.)**

Fortune ସୋୟା ବଡ଼ି
ପାଆନ୍ତୁ ମାଗଣା* ଫ୍ରୁଟ୍ ବାଉଲ୍

# ଗୋରୁ ଚାଲାଣରେ ଟିଟୋ ଗ୍ୟାଙ୍ଗ୍

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ)**

- ■ ମାଷ୍ଟରମାଇଣ୍ଡ ବଟୁ ଗିରଫ
- ■ ଓଡ଼ିଶାରୁ ବାଂଲାଦେଶ ଚାଲାଣ ହେଉଥିଲା ଗୋରୁ, ଚମଡ଼ା
- ■ କେନ୍ଦ୍ରାପଡ଼ାରୁ ଅନ୍ୟତମ ସହଯୋଗୀଙ୍କୁ ଗିରଫ କଲା ଏସ୍‌ଟିଏଫ୍

କେବଳ ବଟି ଆଦାୟ, ହତ୍ୟା, ଟେଣ୍ଡର ଫିକ୍ସିଂ, ବୋମାମାଡ଼ ନୁହେଁ, ଆନ୍ତଃ ରାଜ୍ୟ ଗୋଚାଲାଣରେ ବି ଟିଟୋ ଓରଫ ସୟଦ ଉସ୍‌ମାନ ଅଲୀ ମାଷ୍ଟରମାଇଣ୍ଡ। ଟିଟୋ ଗ୍ୟାଙ୍ଗ୍ ଓଡ଼ିଶାରୁ ବିଭିନ୍ନ ରାଜ୍ୟକୁ ଗୋରୁ ଚାଲାଣ କରୁଥିଲା। ଗୋରୁ ସଂଗ୍ରହଠାରୁ ଆରମ୍ଭ କରି ଗୋରୁ ବୋଝେଇ ଟ୍ରକଗୁଡ଼ିକୁ ବିଭିନ୍ନ ଥାନା ଅଞ୍ଚଳରେ ଏସ୍କର୍ଟ ଦେଇ ରାଜ୍ୟ ସୀମା ପାର କରାଇବା ପର୍ଯ୍ୟନ୍ତ ସବୁକିଛି ଟିଟୋ ଗ୍ୟାଙ୍ଗ ସମ୍ଭାଳୁଥିଲା। ଏସବୁର ମଙ୍ଗ ଧରିଥିଲେ ଖୋର୍ଦ୍ଧା ଜିଲା ସୁଣାପଲା ଗ୍ରାମର ବଟକୃଷ୍ଣ ପାଣି ଓରଫ ବଟୁ(୪୫)। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବଟୁଙ୍କୁ ଗିରଫ କରିବା ପରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ବଟୁ ଭୁବନେଶ୍ୱର କଳିଙ୍ଗବିହାରରେ ଥିବା କେ-୪ ଏଲ୍‌ଆଇଜି ପ୍ଲଟ ନଂ. ୨୮୦ରେ ରହୁଥିଲେ। ତାଙ୍କଠାରୁ ୧୨ ଲକ୍ଷ ଟଙ୍କାର ଏକ ଦାମୀ ବାଇକ୍ ସହ ଦୁଇଟି ଚାରି ଚକିଆ ଯାନ ଏକ ବନ୍ଧୁକ ଜବତ ହୋଇଛି। ସେହିଭଳି ଟିଟୋଙ୍କର ଅନ୍ୟତମ ସହଯୋଗୀ କେନ୍ଦ୍ରାପଡ଼ା ଜିଲା ମହିପଲା ଗ୍ରାମର ସରୋଜ ପତି(୩୧)ଙ୍କୁ ଏସ୍‌ଟିଏଫ୍ କେନ୍ଦ୍ରାପଡ଼ାରୁ ଗିରଫ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବଟକୃଷ୍ଣ ଟିଟୋଙ୍କ ଗୋରୁ ଚାଲାଣ ର୍‍ୟାକେଟର ମଙ୍ଗ ଧରିଥିଲେ। ସେ ୮ବର୍ଷ ହେବ ଏହି ର୍‍ୟାକେଟ ଚଳାଇ ଆସୁଥିଲେ। ଖୋର୍ଦ୍ଧା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଗୋରୁ ସଂଗ୍ରହ କରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। କେବଳ ଖୋର୍ଦ୍ଧା ନା ଅନ୍ୟ କୌଣସି ଅଞ୍ଚଳରୁ ଗୋଚାଲାଣରେ ବଟକୃଷ୍ଣଙ୍କ ସମ୍ପୃକ୍ତି ରହିଛି ସେନେଇ ଏସ୍‌ଟିଏଫ ଖୋଳତାଡ଼ କରୁଛି। ଖୋର୍ଦ୍ଧା ବେଗୁନିଆରୁ କୋଲକାତା-ତ୍ରିପୁରା ଦେଇ ବାଂଲାଦେଶକୁ ଗୋରୁ ଏବଂ ଚମଡ଼ା ଚାଲାଣ ହେଉଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥର ସେ ବାଂଲାଦେଶକୁ ଗୋରୁଚାଲାଣ କରିଥିବା ଏସ୍‌ଟିଏଫ ପଚରାଉଚରାବେଳେ ଜାଣିବାକୁ ପାଇଛି। ଗୋରୁ ବୋଝେଇ ଗାଡ଼ିଗୁଡ଼ିକୁ ୨୫ରୁ ୩୦ ଯୁବକ ଏସ୍କର୍ଟ ଦିଅନ୍ତି। ସେମାନେ ବୋଲେରୋରେ ଗାଡ଼ି ଆଗରେ ଯାଇ ରାସ୍ତା କ୍ଲିୟର କରନ୍ତି। ଯଦି କେଉଁଠି ପୋଲିସ ଅଟକାଏ ତେବେ ଟଙ୍କା ଦେଇ ଚୁପ କରାନ୍ତି। ପ୍ରତି ଥର ଗୋରୁ ଚାଲାଣରେ ସେ ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏସବୁ ଟଙ୍କା ବିଭିନ୍ନ ଥାନାକୁ ବଟି ଆକାରରେ ଯାଇଥାଏ। ସେହିପରି ଲାଭ ହେଉଥିବା ଟଙ୍କାରୁ କିଛି ଅଂଶ ଟିଟୋଙ୍କ ନିକଟକୁ ଯାଏ। ଖୋର୍ଦ୍ଧା ଅଞ୍ଚଳରେ ଟିଟୋ ଏକାଧିକ ଜମି କିଣିଛନ୍ତି। ଏଥିରେ ବଟକୃଷ୍ଣ ତାଙ୍କୁ ସହଯୋଗ କରୁଥିଲେ। ବଟକୃଷ୍ଣଙ୍କ ନାମରେ ଟେଣ୍ଡର ଫିକ୍ସିଂ, ଦାଦାବଟି, ବୋମା ମାଡ ଓ ହତ୍ୟା ଭଳି ସଙ୍ଗିନ ମାମଲା ରହିଛି।

ଅନ୍ୟପଟେ ସରୋଜ କେନ୍ଦ୍ରାପଡାରେ ଟିଟୋଙ୍କ ବେଆଇନ ଅର୍ଥ କାରବାର କଥା ବୁଝୁଥିଲେ। ବଟି ଆଦାୟ, ଲୁଟପାଟ ଭଳି ଅନେକ ମାମଲାରେ ସେ ସମ୍ପୃକ୍ତ ଥିବା ଜଣାପଡିଛି। ଏସ୍‌ଟିଏଫ ଡିଆଇଜି ହିମାଂଶୁ ଲାଲ୍ କହିଛନ୍ତି, ୮ବର୍ଷ ଧରି ଟିଟୋ ଇସାରାରେ ବଟକୃଷ୍ଣ ଗୋଚାଲାଣ ର୍‍ୟାକେଟ ଚଳାଉଥିଲେ। କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିଲା। ଏହି ଟଙ୍କାରେ ଟିଟୋ ଭୁବନେଶ୍ୱର, ବେଗୁନିଆ, ପୁରୀ ଓ ପିପିଲି ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଜମି କିଣିଛନ୍ତି। ଏସ୍‌ଟିଏଫ ଏହାର ସୁରାକ ପାଇଛି। ଟିଟୋଙ୍କର ତିନୋଟି ଦାମୀ ଗାଡି ଜବତ ହୋଇଛି। ଏହି ଗାଡି ଭିତରେ ୧୨ ଲକ୍ଷ ଟଙ୍କାର ଏକ ହାର୍ଲି ଡାଭିଡ୍‌ସନ ବାଇକ୍ ରହିଛ, ଯାହାକୁ ବଟୁ ନିଜ ପାଖରେ ରଖିଥିଲେ।

ଏହାବ୍ୟତୀତ ଏସ୍‌ଟିଏଫ୍ ବର୍ତ୍ତମାନ ସୁଦ୍ଧା ଟିଟୋଙ୍କ ରାଜନୈତିକ ଲିଙ୍କ୍ ଖୋଲିବାରେ ବିଫଳ ହୋଇଛି। ଟିଟୋଙ୍କର ଅନେକ ରାଜନେତାଙ୍କ ସହ ସମ୍ପର୍କ ଥିଲେ ମଧ୍ୟ ଏସ୍‌ଟିଏଫ୍ ରାଜନୈତିକ ଚାପରେ ପଡ଼ି ଏସବୁକୁ ଅଣଦେଖା କରୁଥିବା ବିଭିନ୍ନ ମହଲରୁ ଅଭିଯୋଗ ହେଉଛି।

ADMISSION OPEN 2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream) BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର
ମଲମ ଓ ଲୋସନ୍
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ

ଜୋସ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!!
ପ୍ଲେ ୱିନ୍ ପ୍ଲସ୍
ପାୱାରଫୁଲ କ୍ଷମିନା ପାଇଁ

On the Occasion of Dasara, Hastashilpi presents
Opening Today
ହସ୍ତଶିଳ୍ପୀ
ସିଲ୍କ ଇଣ୍ଡିଆ™ 2018
10 Days Only
ପିଓର ସିଲ୍କ ଶାଢ଼ୀ ଏବଂ ସମଗ୍ର ଦେଶର ସିଲ୍କ ଉତ୍ପାଦଗୁଡିକର ପ୍ରଦର୍ଶନୀ ସହ ବିକ୍ରି
24th Aug. to 2nd Sept. 2018 | 10.30 am to 8.30 pm
ସ୍ଥାନ: ଦ ନ୍ୟୁ ମ୍ୟାରିଅନ
ଜନପଥ, ରାମ ମନ୍ଦିର ସାମ୍ନା, ଭୁବନେଶ୍ୱର
ଉତ୍ପାଦର ପ୍ରଦର୍ଶନ:
ଏବଂ ଆହୁରି ଅନେକ....
All Credit & Debit Cards Accepted | Contact : +91 - 85534 16929 / +91 - 89717 57606
(Registered with O/o D C (H), Ministry of Textiles, Govt. of India)
Organised by : hastashilpi

# କୋଚର ଦୂରେଇ ରହନ୍ତୁ

ଆଇସିଆଇସିଆଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଚନ୍ଦା କୋଚର ଆଇସିଆଇସିଆଇ ସିକ୍ୟୁରିଟିଜ୍ (ଆଇ-ସେକ୍) ବୋର୍ଡର ନିର୍ଦ୍ଦେଶକ ପଦରେ ପୁନଃ ଅବସ୍ଥାପିତ ହେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି। ଅଗଷ୍ଟ ୩୦ରେ ଆଇ-ସେକ୍ ବୋର୍ଡର ବାର୍ଷିକ ସାଧାରଣ ବୈଠକରେ ପ୍ରସ୍ତାବଟି ବିଚାର ପାଇଁ ଉପସ୍ଥାପନ କରାଯିବ। ଯଦି ତାହା ଅନୁମୋଦନ ଲାଭ କରେ, ତେବେ ସେ ବ୍ୟାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଶାଖାର ମଙ୍ଗୁଆଳ ଭାବେ ପ୍ରତ୍ୟାବର୍ତ୍ତନ କରିବେ। ଆଇ-ସେକ୍‌ର ଏକ ବିଜ୍ଞପ୍ତି ଅନୁସାରେ କୋଚର ଉକ୍ତ ପଦରୁ ଅବସର ନେବା ପରେ ନିଜକୁ ଯୋଗ୍ୟ ମନେକରି ପୁନର୍ନିଯୁକ୍ତି ପାଇଁ ପ୍ରସ୍ତାବ ଦେଇଛନ୍ତି। ଯଦି ସେ ଉକ୍ତ ପଦ ଲାଗି ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ଏକ ସାଧାରଣ ରିଜଲ୍ୟୁଶନ ମାଧ୍ୟମରେ ତାଙ୍କର ପୁନର୍ନିଯୁକ୍ତିକୁ ଅନୁମୋଦନ ଦିଆଯିବ। କୋଚରଙ୍କ ଏ ପ୍ରସ୍ତାବ ନୈତିକତା ଦୃଷ୍ଟିରୁ ଦେଶର ଆର୍ଥିକ ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କାମ କରୁଥିବା ବାବୁମାନଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ପ୍ରତିନିଧି ଉପଦେଷ୍ଟା ଫାର୍ମ 'ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ' କୋଚରଙ୍କ ସମ୍ଭାବ୍ୟ ପୁନର୍ନିଯୁକ୍ତିକୁ ବିରୋଧ କରିବା ଲାଗି ଶେୟାର୍‌ହୋଲ୍‌ଡରମାନଙ୍କୁ ପରାମର୍ଶ ଦେଇଛି। ଦେଶର ବୃହତ୍ତମ ଘରୋଇ ବ୍ୟାଙ୍କରେ କର୍ପୋରେଟ୍ ପ୍ରଶାସନିକ କାର୍ଯ୍ୟରେ ସେ ତ୍ରୁଟିବିଚ୍ୟୁତି କରିଥିବା ନେଇ ତାଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି।

ସେବି ସମେତ ଅନେକ ନିୟାମକ ସଂସ୍ଥା ପକ୍ଷରୁ ତାଙ୍କ ବିରୋଧରେ ତଦନ୍ତ କରାଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ନିଜେ ମଧ୍ୟ ତାଙ୍କ ବିରୋଧରେ ଭିଡିଓକନ୍ ଗ୍ରୁପ୍‌କୁ ଋଣ ପ୍ରଦାନରେ କରିଥିବା ଅନିୟମିତତା ନେଇ ଏକ ଆଭ୍ୟନ୍ତରୀଣ ତଦନ୍ତ ଜାରି ରଖିଛି। ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ବି.ଏନ୍. ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲ କୋଚରଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗର ଏକ ନିରପେକ୍ଷ ତଦନ୍ତ କରୁଛନ୍ତି। ସିବିଆଇ ମଧ୍ୟ କୋଚରଙ୍କ ସ୍ୱାମୀ ଦୀପକ କୋଚର ଏବଂ ଭିଡିଓକନ୍ ଗ୍ରୁପ୍ ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍‌ଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଉପରେ ଏକ ପ୍ରାରମ୍ଭିକ ତଦନ୍ତ ପଞ୍ଜୀକୃତ କରିଛି। ଅଭିଯୋଗ ଅନୁସାରେ, ଭିଡିଓକନ୍ ଆଇସିଆଇସିଆଇ ବ୍ୟାଙ୍କରୁ ଦୁଇଟି ପର୍ଯ୍ୟାୟରେ ୩,୨୫୦ କୋଟି ଓ ୬୬୦ କୋଟି ଟଙ୍କା ଋଣ ପାଇବାର ଛଅମାସ ପରେ ଧୂତ୍ ଦୀପକ କୋଚରଙ୍କ ଫାର୍ମକୁ ବହୁ କୋଟି ଟଙ୍କା ଦେଇଥିଲେ। ଅଭିଯୋଗ ଅନୁସାରେ ୨୦୧୨ରେ ଋଣ ପାଇଲା ପରେ ଦୀପକ କୋଚରଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍‌କୁ ଧୂତ୍ ୧୦ ପ୍ରତିଶତ ବିଦେଶୀ ଫଣ୍ଡିଙ୍ଗ୍ ଆକାରରେ ଦେବେ ବୋଲି ସର୍ତ୍ତ ରହିଥିଲା। ୨୦୦୮ରେ ଦୀପକ କୋଚର ଓ ଧୂତ୍ ନ୍ୟୁପାୱାର ରିନ୍ୟୁଏବ୍‌ଲସ୍ ନାମରେ ୫୦:୫୦ ଶେୟାର୍‌ରେ ଏକ ଯୁଗ୍ମ ଉଦ୍ୟୋଗ ଆରମ୍ଭ କରିଥିଲେ।

## ଆଜିର ଅର୍ଥନୀତି

କୋଚର ମଧ୍ୟ ଅନେକ ଆଇସିଆଇସିଆଇ ବ୍ୟାଙ୍କ ଗ୍ରୁପ୍ କମ୍ପାନୀ ଯଥା ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ, ଆଇସିଆଇସିଆଇ ଆସେଟ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ ଏବଂ ଆଇସିଆଇସିଆଇ ବ୍ୟାଙ୍କ କାନାଡ଼ାର ନିର୍ଦ୍ଦେଶକ ପଦରେ ରହିଛନ୍ତି। ମୂଳ ଫାର୍ମର ପରିଚାଳନା ନିର୍ଦ୍ଦେଶକ ଓ ସିଇଓଭାବେ ସେ ଆପେ ଆପେ ଏହିସବୁ ପଦବୀର ଅଧିକାରିଣୀ ହୋଇଥିଲେ। ବର୍ତ୍ତମାନ ତାଙ୍କର କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିବାରୁ ତାଙ୍କୁ ବାଧ୍ୟତାମୂଳକ ଭାବେ ଛୁଟି ଦିଆଯାଇଛି। ତେଣୁ ସେ ସ୍ୱେଚ୍ଛାକୃତ ଭାବେ ଉକ୍ତ ସମସ୍ତ ପଦବୀରୁ ଇସ୍ତଫା ଦେବା ଉଚିତ। କିନ୍ତୁ ତାହା ନ କରି ତାଙ୍କ ବିରୋଧରେ ତଦନ୍ତ ଚାଲିଥିବା ବେଳେ ସେ ଆଉ ଏକ ବୋର୍ଡ ପଦବୀରେ ପୁନର୍ନିଯୁକ୍ତି ଲାଗି ଆବେଦନ କରିବା ନିନ୍ଦନୀୟ ଓ ଅଧିକ ସନ୍ଦେହଜନକ। ୨୦୧୯ ମାର୍ଚ୍ଚ ମାସରେ କୋଚର ଅବସର ନେବାର ଅଛି।

ଯଦି କୋଚରଙ୍କୁ ଆଇ-ସେକ୍‌ରେ ନିଯୁକ୍ତି ଦିଆଯାଏ, ତେବେ ସଂସ୍ଥା ବଦନାମ ହେବା ସହିତ ସମଗ୍ର ଗ୍ରୁପ୍‌ର ସୁନାମରେ ଆଞ୍ଚ ଆସିବ। ବ୍ୟାଙ୍କ ମଧ୍ୟ ଏହାର ସୁନାମରେ ଆଞ୍ଚ ଆସିବା କାରଣ ଦର୍ଶାଇ କୋଚରଙ୍କୁ ବାଧ୍ୟତାମୂଳକ ଛୁଟି ଦେଇଥିବା ପ୍ରକାଶ କରିଥିଲା। ଏହି ପୃଷ୍ଠଭୂମିରେ କୋଚର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଆବେଦନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ। ଆଇ-ସେକ୍ ବୋର୍ଡ ମଧ୍ୟ ତରବର ହୋଇ ତାଙ୍କର ପୁନର୍ନିଯୁକ୍ତି ଲାଗି ଆଗ୍ରହ ପ୍ରକାଶ କରିବା ଦୁଃଖଦାୟକ। ତେବେ ତାଙ୍କ ବିରୋଧରେ ଆସିଥିବା ସାଂଘାତିକ ଅଭିଯୋଗଗୁଡ଼ିକ ମିଥ୍ୟା ବୋଲି ଯଦି ପ୍ରମାଣିତ ହୁଏ ଏବଂ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତା'ପରେ ତାଙ୍କର ପୁନର୍ନିଯୁକ୍ତି ଲାଗି କୌଣସି ବାଧା ରହିବ ନାହିଁ। ସେ ପର୍ଯ୍ୟନ୍ତ ସେ ଗ୍ରୁପ୍‌ଠାରୁ ଦୂରରେ ରହିବା ଉଚିତ।

### ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି ହୃଦ ଯାଏ ତାତି। (ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | | | | 6 | 7 | C | A | E | B | |
| | | | | 5 | | | | C | | | E | 7 | | |
| | 6 | 2 | 4 | | | 0 | 1 | | 3 | D | | | | |
| | | E | | | 1 | A | 5 | | | | 8 | | | |
| | | 9 | | C | 8 | | | D | 4 | | | | | |
| | 7 | 1 | 8 | 3 | E | 4 | 2 | | | | | | | |
| | 9 | D | | | | 6 | | | E | 8 | | | | |
| 0 | | | | | 9 | | 7 | E | | 1 | | | 5 | |
| | | | | | C | | | 3 | | | | 0 | | |
| | 4 | 8 | A | | 7 | | | 0 | B | 2 | D | | | |
| | 8 | 3 | | | | | | 1 | | B | 2 | | | |
| | D | | | | 4 | 7 | | | | | | | 0 | |
| | | 0 | 7 | | | D | | | 9 | | | 6 | 1 | |
| 4 | 2 | | 9 | | | | A | | | | | | | |
| | | | C | A | D | B | | | | 0 | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | 5 | D | 6 | 8 | C | E | 3 | 0 | 4 | A | B | 7 | 9 |
| 4 | 8 | 3 | 5 | A | 7 | 6 | 1 | 9 | B | 2 | C | D | E | 0 |
| 9 | 7 | B | 4 | E | 0 | 5 | A | D | 3 | 1 | 6 | C | 2 | 8 |
| E | C | A | 9 | 2 | 1 | 0 | B | 8 | D | 5 | 7 | 6 | 3 | 4 |
| 0 | D | 6 | C | B | 3 | 4 | 7 | 2 | 8 | E | 9 | A | 1 | 5 |
| B | 1 | C | 0 | 9 | 5 | 3 | 2 | 4 | A | 8 | D | 7 | 6 | E |
| 2 | 0 | 7 | B | D | 4 | A | 9 | C | E | 6 | 5 | 3 | 8 | 1 |
| 3 | E | 9 | A | 8 | C | 1 | 6 | 5 | 7 | B | 4 | 2 | 0 | D |
| A | 6 | 8 | 7 | 1 | E | B | D | 0 | 2 | 9 | 3 | 4 | 5 | C |
| D | 5 | 4 | 2 | 3 | 6 | E | 8 | 7 | C | 0 | 1 | 9 | B | A |
| C | 9 | D | 3 | 7 | B | 8 | 0 | E | 5 | A | 2 | 1 | 4 | 6 |
| 5 | A | 2 | 6 | 0 | 9 | 7 | 4 | B | 1 | D | E | 8 | C | 3 |
| 7 | 3 | 1 | 8 | 4 | D | 2 | 5 | 6 | 9 | C | 0 | E | A | B |
| 6 | B | 0 | E | C | A | D | 3 | 1 | 4 | 7 | 8 | 5 | 9 | 2 |
| 8 | 4 | E | 1 | 5 | 2 | 9 | C | A | 6 | 3 | B | 0 | D | 7 |

ଗତକାଲିର ଉତ୍ତର

# ପାକିସ୍ତାନର ଭବିଷ୍ୟତ - ଅନେକ ପ୍ରଶ୍ନବାଚୀ

**ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର, ଲେଖକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା କୂଟନୀତିଜ୍ଞ କୁଲଦୀପ ନାୟାରଙ୍କର ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ଅତୀତରେ ସେ ଧରିତ୍ରୀର ନିୟମିତ ଖବରଦାତା ଓ ସ୍ତମ୍ଭକାର ଥିଲେ। ପାଠକଙ୍କ ଅବଗତି ନିମନ୍ତେ ଧରିତ୍ରୀରେ ୨୩।୦୮।୧୯୮୮ ତାରିଖରେ ପ୍ରକାଶିତ ତାଙ୍କର ଏକ ଲେଖା ଏଠାରେ ପୁନରୁପସ୍ଥାପନ କରାଯାଉଛି।**

କୁଲଦୀପ ନାୟାର


ଧରିତ୍ରୀ
DHARITRI
ପାକିସ୍ତାନର ଭବିଷ୍ୟତ ? ଅନେକ ପ୍ରଶ୍ନବାଚୀ
(କୁଲଦୀପ ନାୟାରଙ୍କଠାରୁ)

ଜିଆଙ୍କ ଇଚ୍ଛା ମୁତାବକ ପାକିସ୍ତାନ କ'ଣ ଇସ୍‌ଲାମ ରାଷ୍ଟ୍ର ହେବ ? ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଦେଶରେ ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ସାଧାରଣ ନିର୍ବାଚନ ହେବ। ଯଦି ହେବ, ପୂର୍ବ ନିଷ୍ପତ୍ତିମତେ ନିର୍ଦ୍ଦଳୀୟ ଭିତ୍ତିରେ ହେବ ନା ନିଷ୍ପତ୍ତି ବଦଳିବ ?- ଏ କେତୋଟି ମୌଳିକ ପ୍ରଶ୍ନ ଜେନେରାଲ ଜିଆଙ୍କ ଆକସ୍ମିକ ମୃତ୍ୟୁ ପରେ ସମସ୍ତଙ୍କୁ ଆନ୍ଦୋଳିତ କରୁଛି।

ପାକିସ୍ତାନୀ ଜନସାଧାରଣ ଏବଂ ଜିଆଙ୍କ ମଧ୍ୟରେ ଗତ କିଛିବର୍ଷ ମଧ୍ୟରେ ସୁସମ୍ପର୍କ ରକ୍ଷା ହୋଇପାରି ନ ଥିଲେ ହେଁ ଜନସାଧାରଣ ଜାଣୁଥିଲେ ସେମାନେ କୌଣସି ବିକଳ୍ପ ଶାସନ ପଦ୍ଧତି ଓ ଶାସକ ଖୋଜି ପାଇବା ପର୍ଯ୍ୟନ୍ତ ଜିଆଙ୍କ ଶାସନ ଚାଲିବ ହିଁ ଚାଲିବ। ୧୧ ବର୍ଷ ତଳେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ନେତା ଜୁଲଫିକର ଅଲ୍ଲୀ ଭୁଟ୍ଟୋଙ୍କୁ ବହିଷ୍କାର କରି ଜେନେରାଲ ଜିଆ ସାମରିକ ଶାସନ ପ୍ରତିଷ୍ଠା କରିଥିଲେ। ତେବେ ସେ ପ୍ରଥମରୁ ହିଁ ଘୋଷଣା କରି ଆସୁଥିଲେ, ଦିନେନା ଦିନେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ କରାଇବେ। ପାକିସ୍ତାନୀ ଜନସାଧାରଣ ଜିଆଙ୍କ ଏହି ଘୋଷଣା କେତେଦୂର ସତ୍ୟ, ତାହା ବୁଝିପାରୁ ନ ଥିଲେ। କିନ୍ତୁ ଜିଆ ପ୍ରଥମେ ତାଙ୍କ ଦ୍ୱାରା ମନୋନୀତ ଏକ ପରିଷଦ ମଜଲିସ୍ ମୁସୱାରିଆତ୍‌କୁ ସୀମିତ କ୍ଷମତା ଅର୍ପଣ କରିବା ଓ ପରେ ନିର୍ଦ୍ଦଳୀୟ ଭିତ୍ତିରେ ଏକ ସାଧାରଣ ନିର୍ବାଚନ କରାଇ ଜାତୀୟ ଆସେମ୍ବ୍ଲି ଗଠନ କରାଇବା ପରେ ଲୋକଙ୍କ ଧାରଣା ହୋଇଥିଲା-କ୍ରମେ ନିଶ୍ଚୟ ସାମରିକ ଶାସନ ହାତରୁ ଲୋକପ୍ରତିନିଧିଙ୍କ ନିକଟକୁ ଶାସନ କ୍ଷମତା ଲେଉଟିଆସିବ। କିନ୍ତୁ ଜିଆଙ୍କ ଖେଳ ଭିନ୍ନ ପ୍ରକାର। ତାଙ୍କର ନୀତି ଥିଲା, ନିର୍ବାଚିତ ଲୋକ ପ୍ରତିନିଧିଙ୍କ ହାତରେ ଖୁବ୍ କମ୍ କ୍ଷମତା ନ୍ୟସ୍ତ କରିବା, ଯେଉଁଭଳି ସେ କହିଥିଲେ ମହମ୍ମଦ ଖାଁ ଜୁନେଜୋଙ୍କୁ ବହିଷ୍କାର କରିବା ପୂର୍ବରୁ। ଆସନ୍ତା ନଭେମ୍ବର ମାସରେ ଘୋଷିତ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ସେ ଏଭଳି କୌଶଳ ପ୍ରସ୍ତୁତ କରିଥିଲେ ଯେଭଳି ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି) ଭଳି ଦେଶର ଲୋକପ୍ରିୟ ରାଜନୈତିକ ଦଳକୁ ନିର୍ବାଚନ ଲଢ଼ିବାର ଏବଂ ଏହାର ନେତ୍ରୀ ବେନଜିର ଭୁଟ୍ଟୋଙ୍କୁ କ୍ଷମତାଠାରୁ ଦୂରରେ ରଖିବେ। ପୂର୍ବତନ ପ୍ରଧାନମନ୍ତ୍ରୀ ଜୁନେଜୋଙ୍କୁ ଅଲଗା ରଖି ପୀର ପାଗୋରାଙ୍କ ନେତୃତ୍ୱ ଅଧୀନରେ ପାକିସ୍ତାନ ମୁସଲିମ ଲିଗ୍‌କୁ ସଂଗଠିତ କରିବାରେ ସଫଳତା ଜିଆଙ୍କ ଏହି ଉଦ୍ୟମର ଅଂଶବିଶେଷ ଥିଲା।

ମନେହୁଏ, ଜେନେରାଲ ଜିଆ ନିର୍ବାଚନ କମିଶନଙ୍କ ସ୍ୱୀକୃତି ଲାଭ କରିଥିବା ରାଜନୈତିକ ଦଳଗୁଡିକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବା ସକାଶେ ଚିନ୍ତା କରୁଥିଲେ। ପାକିସ୍ତାନ ପିପୁଲ୍ସ ପାର୍ଟି ନିର୍ବାଚନ କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଦଳ ମଧ୍ୟରେ ଅନ୍ୟତମ।

ବର୍ତ୍ତମାନର କାମଚଳା ରାଷ୍ଟ୍ରପତି ଗୁଲାମ ଇଶାକ ଖାଁ ବିଭିନ୍ନ ଜାତିଆଣ ଗୋଷ୍ଠୀ କିମ୍ବା ହତାଶ ନେତାମାନଙ୍କୁ ଏକତ୍ରିତ କରି ରଖିପାରିବା ତ ଦୂରର କଥା, ପାକିସ୍ତାନରେ ତାଙ୍କ ନିଜ ଭିତ୍ତି ମଧ୍ୟ ସୁଦୃଢ଼ ନୁହେଁ। ଜାତୀୟ ଆସେମ୍ବ୍ଲିର ବାଚସ୍ପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଫଖର ଇମାମଙ୍କଠାରୁ ହାରିଯାଇଥିଲେ। ତେଣୁ ଇଶାକ ଖାଁ ଜେନେରାଲ ଜିଆଙ୍କ ଭଳି କିମ୍ବା ତାଙ୍କ ନୀତି ଅନୁସରଣ କରି କାର୍ଯ୍ୟ କରିପାରିବେ ନାହିଁ। ସାମରିକ ପ୍ରଶାସନ ପ୍ରକୃତ କ୍ଷମତା ଉପଭୋଗ କରୁଥିବା ବେଳେ ଲୋକଙ୍କ ମନରେ ଲୋକପ୍ରିୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା, ଉଜ୍ଜୀବିତ କରି ରଖିବା କ୍ଷମତା କେବଳ ଜିଆଙ୍କର ହିଁ ଥିଲା। ଶେରୱାନୀଠାରୁ ଖରିର କ୍ଷମତା ଥିଲା ବେଶି। ଏବେ ଏ ଦୁଇଟି ମଧ୍ୟରେ ଭାରସାମ୍ୟ ରଖିବା ଲୋକ ଆଉ କିଏ ଅଛି ?

ଜେନେରାଲ ଜିଆଙ୍କ ମୃତ୍ୟୁ ପରେ ପ୍ରଥମ କ୍ୟାବିନେଟ ବୈଠକରେ ତିନି ବାହିନୀର ମୁଖ୍ୟ ଉପସ୍ଥିତ ଥିଲେ। ଏଥିରୁ ଅନୁମାନ ହୁଏ ଭବିଷ୍ୟତରେ ପାକିସ୍ତାନରେ ଯେ କୌଣସି ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହେବ, ସାମରିକ ବାହିନୀର ମୁଖ୍ୟ ସେଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ତେବେ ଦେଶର ନୂତନ ସାମରିକ ମୁଖ୍ୟ ଯିଏ ହେବେ, ସେ କିଭଳି ଭାବେ କାର୍ଯ୍ୟ କରିବେ ସେଥିରୁ ପାକିସ୍ତାନର ଭବିଷ୍ୟତ ନିର୍ଭର କରିବ। ଏବେ ପାକିସ୍ତାନରେ ସାମରିକ ଆଇନ ପ୍ରବର୍ତ୍ତନର ସମ୍ଭାବନା ନାହିଁ। କିନ୍ତୁ ରାଜନୈତିକ ଦଳମାନେ ଯଦି ଜିଆଙ୍କ ସ୍ଥାନ ପୂରଣ କରିବାକୁ ଚେଷ୍ଟା କରନ୍ତି, ସାମରିକ ଆଇନ ଜାରି ଅବଶ୍ୟମ୍ଭାବୀ। ସାମରିକ ବାହିନୀ ବର୍ତ୍ତମାନ ଯେଉଁଭଳି ଲୋଭନୀୟ ପଦବୀମାନଙ୍କରେ ଅଛନ୍ତି ଓ କ୍ଷମତା ଉପଭୋଗ କରୁଛନ୍ତି ତାହା ସେମାନେ କେବେ ହେଲେ ହାତରୁ ଛାଡିବାକୁ ମନକରିବେ ନାହିଁ। ଅନ୍ତତଃ ସେମାନେ ଏଭଳି ଏକ ପରିସ୍ଥିତି ପାଇଁ ଅଦ୍ୟାବଧି ନିଜକୁ ପ୍ରସ୍ତୁତ କରିନାହାନ୍ତି। ସେମାନେ ଆଜକୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି କ୍ଷମତା ଉପଭୋଗ କରିଆସିଛନ୍ତି।

ଆମ ଦୂରଦର୍ଶନ ପୁଣିଥରେ ତା'ର ଦାୟିତ୍ୱ ତୁଲାଇବାରେ ପଛୁଆ ପଡିଗଲା। ଜେନେରାଲ ଜିଆଙ୍କ ମୃତ୍ୟୁ ଖବର ଖବରକାଗଜ ଏବଂ ସମ୍ବାଦ ସଂସ୍ଥା ଅଫିସରେ ରାତିପ୍ରାୟ ସାଢେ ଆଠଟା ବେଳେ ପହଞ୍ଚିଲା। ହିନ୍ଦୀ ବୁଲେଟିନ ରାତି ୯ଟାରେ ଶେଷ ହୁଏ। ଅଥଚ ଏଥିରେ ଜିଆଙ୍କ ସମ୍ପର୍କରେ ଧାଡିଏ ସୁଦ୍ଧା ରହିଲା ନାହିଁ।



ଡ. ସିଦ୍ଧାର୍ଥ କାନୁନ୍‌ଗୋ

# ନିଜେ ହିଁ ନିଜର ତୁଳନା

ଗଙ୍ଗାଧର ମେହେରଙ୍କୁ ରାଧାନାଥ ରାୟଙ୍କ ଯୁଗରେ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ସ୍ୱକୀୟ କାବ୍ୟଶୈଳୀ ଓ ବୈଶିଷ୍ଟ୍ୟ ଯୋଗୁ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। 'ଚିଲିକା' ଓ 'ମହାଯାତ୍ରା'କୁ ଛାଡ଼ିଦେଲେ ରାଧାନାଥଙ୍କର ପ୍ରାୟ ସମସ୍ତ କାବ୍ୟକବିତା ବିଦେଶୀ କଥାବସ୍ତୁର ପଟ୍ଟଭୂମିରେ ପର୍ଯ୍ୟବସିତ। କିନ୍ତୁ ତାଙ୍କ ବିଶେଷତ୍ୱ ଏହି ଯେ, ନିଜ ପ୍ରତିଭା ଦ୍ୱାରା ବିଦେଶୀ କଥାବସ୍ତୁକୁ ତାଙ୍କ କାବ୍ୟ କବିତାରେ ସେ ନୂତନ ରୂପ ଦେଇଛନ୍ତି।

ଗଙ୍ଗାଧରଙ୍କ 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ' ଓ 'କୀଚକ ବଧ' ଆଦି କାବ୍ୟରେ ଆମେ ଯଦିଓ ମଧ୍ୟଯୁଗୀୟ ସାହିତ୍ୟଶୈଳୀର ବାସ୍ନା ପାଇଥାଉ, କିନ୍ତୁ ଏହି କାବ୍ୟ କାରିଗର ଶବ୍ଦ ସଂଯୋଜନା, ଛାନ୍ଦ ଓ ଅଳଂକାରରେ ଅନେକ ପରିବର୍ତ୍ତନ ଆଣିବା ଦ୍ୱାରା ଏଥିରେ ଆଧୁନିକତାର ପ୍ରବାହ ଦେଖିବାକୁ ମିଳେ। ଯଥାର୍ଥରେ କହିବାକୁ ଗଲେ ଗଙ୍ଗାଧର ହେଉଛନ୍ତି ମଧ୍ୟଯୁଗ ଓ ଆଧୁନିକ ଯୁଗ ସାହିତ୍ୟର ଏକ ସଂଯୋଗକାରୀ ସେତୁ।

ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ପ୍ରଥମେ 'ରସ ରତ୍ନାକର' କାବ୍ୟ ରଚନା କରିଥିଲେ। ଆଦ୍ୟପ୍ରାନ୍ତ 'ର' ଅକ୍ଷର ନିୟମରେ ଏହା ରଚିତ। ଆଠ ଛାନ୍ଦ ବିଶିଷ୍ଟ ଏହି କାବ୍ୟରେ କବି ନାୟିକା ଉଷା ଓ ନାୟକ ଅନିରୁଦ୍ଧଙ୍କ ପ୍ରଣୟ କାହାଣୀ ବର୍ଣ୍ଣନା କରିଛନ୍ତି। ଏଥିରେ ସେପରି କିଛି ବିଶେଷତ୍ୱ ଥିବା ମନେହୁଏ ନାହିଁ।

ସାତଗୋଟି ଛାନ୍ଦରେ ରଚିତ 'କୀଚକ ବଧ' ସାତଗୋଟି ଚରିତ୍ରର ସମାହାର। ସେଥିରୁ ପୁରୁଷ ଚରିତ୍ର ସଂଖ୍ୟା ଚାରି ଏବଂ ସ୍ତ୍ରୀ ଚରିତ୍ର ତିନି। ପୁରୁଷ ଚରିତ୍ରଗୁଡ଼ିକ ହେଉଛନ୍ତି- ଭୀମ, ରାଜା ବିରାଟ, ଯୁଧିଷ୍ଠିର ଏବଂ କୀଚକ। ନାରୀ ଚରିତ୍ରମାନେ- ଦ୍ରୌପଦୀ, ବିରାଟ ରାଜାଙ୍କ ପତ୍ନୀ ସୁଦେଷ୍ଣା ଓ କୀଚକର ଦାସୀ ଚପଳା। ମହାଭାରତର ବିରାଟ ପର୍ବ ଅବଲମ୍ବନରେ ଏହା ରଚିତ ହୋଇଥିଲେ ମଧ୍ୟ ଏଥିରେ କବିଙ୍କ କବିତ୍ୱ ଓ ମୌଳିକତା ସ୍ପଷ୍ଟ ବାରିହୁଏ। ୧୯୦୨ ମସିହାରେ କବିଙ୍କ ଜ୍ୟେଷ୍ଠ ପୁତ୍ରର ମୃତ୍ୟୁ ହୁଏ। ଏହି ଶୋକାକୁଳ ପରିବେଶ ମଧ୍ୟରେ ସେ ଲେଖିଛନ୍ତି 'କୀଚକ ବଧ' କାବ୍ୟ। ଏହାର ବିଶେଷତ୍ୱ ହେଉଛି, କବି ଉଭୟ ଭଲ ଓ ମନ୍ଦ ଗୁଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଭଲ ଗୁଣର ହିଁ ସବୁବେଳେ ବିଜୟ ହୋଇଥାଏ ବୋଲି କହିଛନ୍ତି। 'କୀଚକ ବଧ' କାବ୍ୟର ମୁଖବନ୍ଧରେ କବିବର ରାଧାନାଥ ରାୟ ଲେଖିଛନ୍ତି- ''ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି। ଏହି ହେତୁ ତାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ରସପ୍ରଧାନ ହୁଏ।''

କେବଳ ସେତିକି ନୁହେଁ, ଭକ୍ତକବି ମଧୁସୂଦନ ଯେପରି ପ୍ରକୃତି ମଧ୍ୟରେ ଈଶ୍ୱରୀୟ ସତ୍ତା ଅନୁଭବ କରିଛନ୍ତି, ଗଙ୍ଗାଧରଙ୍କ ପ୍ରକୃତିରେ ସେହିପରି ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। କବି ନିଜକୁ ଅମୃତସିନ୍ଧୁର ବିନ୍ଦୁ ବୋଲି କହିଛନ୍ତି। 'ମଧୁମୟ' କବିତାରେ କବି ଲେଖିଛନ୍ତି- 'ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ / ମଧୁର ଝରଣ କରିବ ହରଣ ମୋ ପାପ ମରଣ ଭୟ' ଇତ୍ୟାଦି।

ଭକ୍ତି କବିତା 'ଅର୍ଘ୍ୟଥାଳି'ରେ କବି ଭଗବାନଙ୍କୁ ସିନ୍ଧୁ ସଙ୍ଗେ ତୁଳନା କରିବାକୁ ଦ୍ୱିଧାବୋଧ କରିଛନ୍ତି। ତାଙ୍କ ଭାଷାରେ- ''ବିଶ୍ୱ ଜୀବନ ହେ! ତୁମ୍ଭଙ୍କୁ କରୁଣା ସିନ୍ଧୁ / ବୋଲିବାକୁ ମନ ବଳୁନାହିଁ ଯେଣୁ / ସିନ୍ଧୁ ତବ କୃପାବିନ୍ଦୁ।'' ସିନ୍ଧୁ ଯାହାର କରୁଣାର ଅଣୁଟିଏ ମାତ୍ର, ସେହି ସିନ୍ଧୁକୁ କିପରି ଈଶ୍ୱରଙ୍କ ସହ ତୁଳନା କରାଯିବ! ପୁଣି କବି କହୁଛନ୍ତି ଏ ବିଶ୍ୱର ଯେ ସୃଷ୍ଟିକର୍ତ୍ତା, ତାଙ୍କୁ କ'ଣ ଦେଇ ପୂଜା କରାଯିବ ? କବିଙ୍କ ଭାଷାରେ ''ଯାହା ପରସାଦ ତାଙ୍କୁ ଅରପିଲେ ହେବ ସିନା ଅପରାଧ।''

'ତପସ୍ୱିନୀ' ଗଙ୍ଗାଧରଙ୍କ ସର୍ବଶ୍ରେଷ୍ଠ କୃତି। ଏଥିରେ ସେ ପ୍ରକୃତିକୁ ଜୀବନ୍ତ ଭାବେ ପ୍ରତିଭାତ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଗଙ୍ଗାଧରଙ୍କ ସୀତା ବିନୟୀ ଓ ସହନଶୀଳତାର ପ୍ରତୀକ। ତାଙ୍କ ପତିଭକ୍ତିର ତୁଳନା ନାହିଁ। ତାଙ୍କ ପ୍ରେମ ପବିତ୍ର ଓ ଶାଶ୍ୱତ। ଶ୍ରୀରାମଙ୍କ ଚରଣରେ ସେ ସମର୍ପିତା। ଭବଭୂତି, କାଳିଦାସ ଏବଂ ବାଲ୍ମୀକିଙ୍କଠାରୁ ମେହେରଙ୍କ ସୀତା ସ୍ୱତନ୍ତ୍ର ଏବଂ ସ୍ୱୟଂସମ୍ପୂର୍ଣ୍ଣା ; ରଘୁବଂଶର ସୀତା ରାମଚନ୍ଦ୍ର ତାଙ୍କୁ ଲୋକାପବାଦ ଭୟରେ ପରିତ୍ୟାଗ କରିଛନ୍ତି ବୋଲି କହିଥିବା ବେଳେ ତପସ୍ୱିନୀର ସୀତା ରାମଙ୍କୁ ଦୋଷାରୋପ ନ କରି ଅତ୍ୟନ୍ତ ବିନୟ ଭାବରେ କହିଛନ୍ତି- ''ମୁଁ ମରେ, ତୁମର ହେଉ କଳଙ୍କ ଭଞ୍ଜନ।''

'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତଙ୍କ ଦ୍ୱାରା ଶକୁନ୍ତଳା ପ୍ରତ୍ୟାଖ୍ୟାତ ହେଲା ପରେ କ୍ରୋଧଜର୍ଜରିତା ହୋଇଛନ୍ତି। କିନ୍ତୁ 'ପ୍ରଣୟବଲ୍ଲରୀ'ରେ ଶକୁନ୍ତଳା ପ୍ରଣୟମୁଗ୍ଧା ନାରୀ। ଏହାର କାରଣ ନିର୍ଦ୍ଦେଶ କରିବାକୁ ଯାଇ କବି କହିଛନ୍ତି- ପତିପତ୍ନୀର ପାରସ୍ପରିକ ବ୍ୟବହାରରେ କାହାର ହୃଦୟ ଭଗ୍ନ ହୋଇଗଲେ, ପ୍ରଣୟରେ ବିଷ ମିଶିଯାଏ। ଦୁଷ୍ମନ୍ତ ଯେଉଁ ବିଷ ଢାଳିଦେଇଥିଲେ, ତାହା ଶକୁନ୍ତଳାଙ୍କ ପ୍ରଣୟକୁମ୍ଭ ଭିତରେ ପଡ଼ି ନ ଥିଲା। ଗଙ୍ଗାଧରଙ୍କ କାବ୍ୟକବିତାରେ ବିଦେଶୀ କଥାବସ୍ତୁ ନକଲର ସ୍ଥାନ ନାହିଁ। ସୁତରାଂ ରାଧାନାଥଙ୍କ ସମକାଳୀନ ସାହିତ୍ୟ ଯୁଗରେ ଗଙ୍ଗାଧରଙ୍କ ତୁଳନା ନିଜେ ହିଁ ଗଙ୍ଗାଧର।

ଅତିରିକ୍ତ ଶାସନ ସଚିବ, ପୂର୍ତ୍ତ ବିଭାଗ,
ଓଡ଼ିଶା, ମୋ.: ୯୪୩୮୦୭୨୮୫୦

## ଏଇ ଭାରତରେ

ପିଲାମାନେ ଖେଳନା ଦେଖିଲେ ସେମାନଙ୍କ ଆନନ୍ଦ କହିଲେ ନ ସରେ। ଗୋଟିଏ ହାତରେ ନୁହେଁ, ଦୁଇ ହାତରେ ସେମାନେ ଖେଳନା ଧରି ଖେଳିବାକୁ ଭଲ ପାଆନ୍ତି। କିନ୍ତୁ ନିକଟରେ ପ୍ରଳୟଙ୍କରୀ ବନ୍ୟା କେରଳୀ ପିଲାଙ୍କ ସବୁ ଖେଳନା ଧୋଇନେଇଛି। ସେମାନେ ଏବେ କରିବେ କ'ଣ ? ସବୁବେଳେ ମନମାରି ବସୁଛନ୍ତି। ସେମାନଙ୍କ ହାତକୁ ଖେଳନା ବଢ଼ାଇଦେବା ପାଇଁ ନଗରୀଭିତ୍ତିକ ଏକ ଏନ୍‌ଜିଓ ଅଭିନବ ଅଭିଯାନ ଆରମ୍ଭ କରିଛି। ରିଲିଫ୍ କ୍ୟାମ୍ପର ପିଲାଙ୍କ ପାଇଁ 'ରାଇଟ୍ସ' ନାମକ ଏହି ସ୍ୱେଚ୍ଛାସେବୀ ସଂଗଠନ ଟଏ କାର୍, କ୍ରେୟନ୍, ଫୁଟବଲ୍, କ୍ରିକେଟ ବ୍ୟାଟ୍ ସମେତ ଗପବହି ସଂଗ୍ରହ କରୁଛି। ଅପ୍ରତ୍ୟାଶିତ ବନ୍ୟାରେ ଖେଳ ସାମଗ୍ରୀ ହରାଇଥିବା ପିଲାମାନେ ଏହାଦ୍ୱାରା କେତେକାଂଶରେ ଖୁସି ହୋଇପାରିବେ। ବୟସ୍କ ବ୍ୟକ୍ତିମାନେ ସର୍ବହରା ହୋଇପଡିଥିବା ବେଳେ ପିଲାଙ୍କ ପ୍ରତି ସେମାନଙ୍କର ଅଧିକ ଧ୍ୟାନ ରହୁନାହିଁ। ଏତିକିବେଳେ ପିଲାଙ୍କୁ ମନସ୍ତାତ୍ତ୍ୱିକ ସମର୍ଥନ ଯୋଗାଇ ଦେବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ରାଇଟ୍ସ ନିର୍ଦ୍ଦେଶକ ରାଧାଲକ୍ଷ୍ମୀ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କଠାରୁ ସଂଗ୍ରହ ବ୍ୟତୀତ କେତେକ କମ୍ପାନୀରୁ ଖେଳନା ଓ ଗପବହି ସଂଗ୍ରହ କରାଯାଉଛି। ସଂଗୃହୀତ କିଛି ଖେଳନା ଇତିମଧ୍ୟରେ ପିଲାମାନଙ୍କୁ ବଣ୍ଟାଯାଇ ସାରିଥିବା ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୯୩**

- ପୂର୍ବତନ ଯୁଗୋସ୍ଲାଭିଆର ମୁସଲମାନ ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ମୋଷ୍ଟାରକୁ ଜାତିସଂଘ ଆସନ୍ତା ବୁଧବାର ରିଲିଫ ସାମଗ୍ରୀ ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିବାର ସୂଚନା।
- ରାଜସ୍ଥାନର ଫତେପୁର ସହରରେ ବିଷାକ୍ତ ମଦ୍ୟପାନ କରି ୨୯ଜଣ ଲୋକଙ୍କ ମୃତ୍ୟୁ।
- ମେହେନ୍ତର ପ୍ରଥାର ଉଚ୍ଛେଦ ପାଇଁ ଅଣାଯାଇଥିବା ସଫାଇ କର୍ମଚାରୀ ବିଲ୍‌ଟି ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମିଥ୍ୟା ମକଦ୍ଦମା

ମହାଶୟ,

ଧରିତ୍ରୀ(୬।୮)ରେ ପ୍ରକାଶିତ ପେସାଦାର ମିଥ୍ୟା ମକଦ୍ଦମାକାରୀଙ୍କ ବିରୋଧରେ ଦଣ୍ଡ ଜରୁରୀ ଶୀର୍ଷକ ଖବରଟି ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ମିଥ୍ୟା ମକଦ୍ଦମାର ପେସାଦାରମାନଙ୍କ ଏତାଦୃଶ କର୍ମକୁ ଘୃଣ୍ୟ ଓ ଅମାନୁଷିକ ବୋଲି ବିଚାରପତି କହିଛନ୍ତି। ସାଧାରଣ ଜନତା ଛଟପଟ ହେଲେ ତାଙ୍କୁ ବଞ୍ଚାଇବାକୁ କେହି ନାହାନ୍ତି। ଆଇନ ତା' ବାଟରେ। ପୁଣି ଆଇନର ହାତ କୁଆଡ଼େ ବହୁତ ଲମ୍ବା। ମକଦ୍ଦମା ଦାୟର ହେଲାପରେ, ତାହା ସତ କି ମିଛ ନିର୍ଣ୍ଣୟ ହେଲେ ମକଦ୍ଦମା ଦାଉରୁ ଅନେକେ ରକ୍ଷା ପାଆନ୍ତେ। ପେସାଦାର ମିଥ୍ୟା ମକଦ୍ଦମାକାରୀମାନେ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଲେ ଆଉ ମକଦ୍ଦମା କରିବାକୁ ମନ ବଳାନ୍ତେ ନାହିଁ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

### ଲିଭ୍ ଇନ୍ ରିଲେଶନ୍‌ଶିପ୍

ସର୍ବୋଚ୍ଚ ନ୍ୟାୟାଳୟ ସାବାଳକ ଯୁବକ ଯୁବତୀ ସହମତିରେ ବସବାସ କରିପାରିବେ ବୋଲି ରାୟ ଦେଇଛନ୍ତି। ବିବାହ ନ କରି ଏପରି ବସବାସରେ ପିଲାଛୁଆ ହେଲେ ସେମାନେ ବାପାମା'ଙ୍କ ଉତ୍ତରାଧିକାରୀ ବିବେଚିତ ହୋଇ ସମ୍ପତ୍ତିରେ ଭାଗୀଦାର ହୋଇପାରିବେ। ଆମ ଦେଶରେ ଏହାକୁ ଗ୍ରହଣ କରିବା ଭଳି ସ୍ଥିତି ଆସିନାହିଁ। ସେପରି କେହି କଲେ ଲୋକନିନ୍ଦାର ପାତ୍ର ହୁଅନ୍ତି। ସିରିଏଲ, ସିନେମାରେ ପ୍ରେମ ଓ ଯୌନ ଆବେଦନକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ବ୍ୟଭିଚାର ଦିନକୁ ଦିନ ବଢ଼ିବାରେ ଲାଗିଛି।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବୌଦ୍ଧଧର୍ମ ହେଉଛି ଭୁଟାନକୁ ଭାରତର ସର୍ବଶ୍ରେଷ୍ଠ ଉପହାର । ଏହି ପ୍ରଚୀନ ଧର୍ମ ଦୁଇ ପଡ଼ୋଶୀ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଛି ।
- ଆଶି ଦୋର୍ଜୀ ୱାଙ୍ଗ୍‌ମୋ ୱାଙ୍ଗ୍‌ଚୁକ୍, ଭୁଟାନ ରାଜମାତା



## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

**ଶିମ୍‌ଲା,୨୩।୮(ପି.ଟି.)**-ହିମାଚଳପ୍ରଦେଶର କୁଲ୍ଲୁ ଜିଲାରେ ଗୁରୁବାର ଏକ କାର୍ ଦୁର୍ଘଟଣାରେ ୧୧ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ପାଞ୍ଚ ମହିଳା, ତିନି ପୁରୁଷ ଏବଂ ତିନି ପିଲା ଅଛନ୍ତି। ରହ୍ନି ନୁଲ୍ଲା ଅନ୍ତର୍ଗତ ମନାଲି-ଲେହ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଥିବା କୁଲ୍ଲୁ ଏସ୍‌ପି ଶାଳିନୀ ଅଗ୍ନିହୋତ୍ରୀ କହିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଲୋକେ ଚାମ୍ବା ଜିଲା ଅନ୍ତର୍ଗତ ପାଙ୍ଗିର ବାସିନ୍ଦା। ସେମାନେ ମନାଲିରୁ ପାଙ୍ଗି ଅଭିମୁଖେ ଏକ କାର୍‌ରେ ଯାଉଥିବାବେଳେ ରୋହତାଙ୍ଗ୍ ପାସ୍ ନିକଟରେ ଦୁର୍ଘଟଣା ଘଟିଥିଲା। ଏହି ଘଟଣାକୁ ନେଇ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇଦେବାକୁ ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଏଆଇସିସିରେ ୯ ନୂଆ ସମ୍ପାଦକ

**ନୂଆଦିଲ୍ଲୀ,୨୩।୮(ପି.ଟି.)**-କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଗୁରୁବାର ଗୁଜରାଟର ଓବିସି ନେତା ଅଳ୍ପେଶ ଠାକୁରଙ୍କ ସମେତ ୯ ଜଣଙ୍କୁ ଏଆଇସିସିର ନୂଆ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଉତ୍ତରପ୍ରଦେଶର ରାଏବରେଲି ସଦର ବିଧାୟିକା ଅଦିତି ସିଂଙ୍କୁ ଅଖିଳ ଭାରତ ମହିଳା କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ଦେଇଛନ୍ତି। ନବନିଯୁକ୍ତ ଏଆଇସିସି ସମ୍ପାଦକଙ୍କ ମଧ୍ୟରେ ଅଛନ୍ତି ବିଧାୟକ ଶକିଲ ଅହମ୍ମଦ ଖାନ୍। ଅଳ୍ପେଶଙ୍କୁ ବିହାର, ଶକିଲଙ୍କୁ ଜମ୍ମୁ-କଶ୍ମୀର ଓ ରାଜେଶ ଧାମନିଙ୍କୁ ଉତ୍ତରାଖଣ୍ଡ ଦାୟିତ୍ୱ ଦିଆଯାଇଛି। ସେହିପରି ବି.ପି. ସିଂ, ମହମ୍ମଦ ଜୱାଇଦ୍ ଓ ଶରତ ରାଉତଙ୍କୁ ପଶ୍ଚିମବଙ୍ଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଲ୍ଲା ଭମ୍ଶୀ ଚାନ୍ଦ ରେଡ୍ଡୀ ଏବଂ ବି.ଏମ୍. ସନ୍ଦୀପଙ୍କୁ ମହାରାଷ୍ଟ୍ରର ଏଆଇସିସି ସମ୍ପାଦକ କରାଯାଇଛି। ଦୀପକ ରାଠୋଡ୍ ଓ ରାଜପାଲ୍ ବିଷ୍ଟଙ୍କୁ ମିଜୋରାମ୍ ସ୍କ୍ରିନିଙ୍ଗ୍ କମିଟି ସଦସ୍ୟ ଭାବେ ନିଯୁକ୍ତ କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ ଅଶୋକ ଗେହଲଟ୍ ସୂଚନା ଦେଇଛନ୍ତି।

# ଏକ ନିର୍ବାଚନର ସମ୍ଭାବନା ନାହିଁ

## ସ୍ପଷ୍ଟ କଲେ ସିଇସି

**ଔରଙ୍ଗାବାଦ, ୨୩।୮(ପି.ଟି.)**

ଖୁବ୍‌ଶୀଘ୍ର ଲୋକ ସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ଏକସଙ୍ଗେ ହେବ ବୋଲି କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ଏନେଇ ରାଜନୈତିକ କାଦୁଅଫିଙ୍ଗା ମଧ୍ୟ ଚାଲିଛି। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍। ଏକକାଳୀନ ନିର୍ବାଚନ ହେବାର ଆଦୌ ସମ୍ଭାବନା ନାହିଁ ବୋଲି ଗୁରୁବାର ସେ ସ୍ପଷ୍ଟ କରିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ କରିବା ଲାଗି ସ୍ୱତନ୍ତ୍ର ଆଇନଗତ ବିଧିବ୍ୟବସ୍ଥା ହେବା ଜରୁରୀ ବୋଲି ରାୱତ୍ ପ୍ରକାଶ କରିଛନ୍ତି।



ଓ.ପି. ରାୱତ୍

ଆଗକୁ ଆସୁଛି ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଏବଂ ମିଜୋରାମ ବିଧାନସଭା ନିର୍ବାଚନ। ମିଜୋରାମ୍ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ୧୫ରେ ଶେଷ ହେଉଥିବାବେଳେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭାର କାର୍ଯ୍ୟକାଳ ଯଥାକ୍ରମେ ୨୦୧୯ ଜାନୁୟାରୀ ୫, ୭ ଏବଂ ୨୦ରେ ପୂରିବ। ତେଣୁ ଚଳିତବର୍ଷ ଶେଷଭାଗ ଆଡ଼କୁ ଏହି ଚାରି ରାଜ୍ୟର ନିର୍ବାଚନ ହେବାର ଅଛି। କିନ୍ତୁ ଏହାକୁ ଘୁଞ୍ଚାଇଦେଇ ୨୦୧୯ ଏପ୍ରିଲରୁ ମେ ମଧ୍ୟରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସହିତ ଏକାଠି ନିର୍ବାଚନ କରାଯିବ ବୋଲି କିଛି ସପ୍ତାହ ହେଲା ଶୁଣିବାକୁ ମିଳୁଛି। ଏ ପ୍ରସଙ୍ଗରେ ଖୋଲା ବିତର୍କ କରିବାକୁ ନିକଟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ବିଭିନ୍ନ ପକ୍ଷକୁ ଆହ୍ୱାନ ଦେଇଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏକ ନିର୍ବାଚନ ହେଉ ବୋଲି ଚାହୁଁଥିବା ଦଳ ପ୍ରକାଶ କରିସାରିଛି। ଭାଜପାର ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ସମାଲୋଚନା କରୁଛନ୍ତି। ଏହି କ୍ରମରେ ଔରଙ୍ଗାବାଦରେ ଏକ ବୈଠକବେଳେ ମୁଖ୍ୟ ନିର୍ବାଚନ କମିଶନର ନିଜ ମତ ସ୍ପଷ୍ଟ କରିଛନ୍ତି। ଏକକାଳୀନ ନିର୍ବାଚନକୁ ବର୍ତ୍ତମାନ ପରିସ୍ଥିତିରେ ବାସ୍ତବ ରୂପ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ବିରାଟ ପରିବର୍ତ୍ତନ ପାଇଁ ଆଇନ ପ୍ରଣୟନ ହେବା ନିହାତି ଆବଶ୍ୟକ। ଆଇନ ଆଣିବା ଲାଗି ଅତିକମ୍‌ରେ ବର୍ଷେ ସମୟ ଲୋଡ଼ା। ସାମ୍ବିଧାନିକ ବ୍ୟବସ୍ଥାରେ ସଂଶୋଧନ ଆଣିବା ଲାଗି ସ୍ୱତନ୍ତ୍ର ବିଧେୟକ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଯାଇ ନିର୍ବାଚନ କମିଶନ ଆଗେଇପାରିବେ ବୋଲି ରାୱତ୍ କହିଛନ୍ତି।

ସିଇସି ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନର ୧୪ ମାସ ପୂର୍ବରୁ ନିର୍ବାଚନ କମିଶନ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି। ଉଣେଇଶ ନିର୍ବାଚନକୁ ଆଉ କିଛି ମାସ ବାକି ରହିଲା। ଏତିକିବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପୂର୍ଣ୍ଣ ଅସମ୍ଭବ। ତା'ଛଡ଼ା ନିର୍ବାଚନ କମିଶନ ମାନବ ସମ୍ବଳ ଅଭାବରେ ଚାଲିଛି ବୋଲି ସେ କହିଛନ୍ତି। କମିଶନ୍‌ରେ ମାତ୍ର ୪୦୦ କର୍ମଚାରୀ ଅଛନ୍ତି। କିନ୍ତୁ ନିର୍ବାଚନ ସମୟରେ ଦେଶବ୍ୟାପୀ ୧.୧୧ କୋଟି ଲୋକଙ୍କୁ ଭୋଟିଂ କାର୍ଯ୍ୟରେ ନିୟୋଜିତ କରାଯାଏ। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ ତ୍ରୁଟି ପରିଲକ୍ଷିତ ହେଉଥିବାରୁ ଏ ସମ୍ପର୍କରେ ସିଇସିଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଛନ୍ତି, ଦେଶର ଅଧିକାଂଶ ଭାଗରେ ଲୋକେ ଇଭିଏମ୍ ବ୍ୟବସ୍ଥା ସମ୍ପର୍କରେ ଅବଗତ ନାହାନ୍ତି। ମାତ୍ର ୦.୫ରୁ ୦.୬ ପ୍ରତିଶତ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳୁଛି। ଏହା କୌଣସି ଚିନ୍ତାଜନକ ବିଷୟ ନୁହେଁ।

# ବାଗ୍‌ଦାଦୀ ଜୀବିତ

## ଆସିଲା ନୂଆ ଅଡିଓ

**କାଏରୋ/ୱାଶିଂଟନ୍,୨୩।୮(ପି.ଟି.)**

ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର ଅଲ୍-ବାଗ୍‌ଦାଦୀଙ୍କ ମୃତ୍ୟୁ ହୋଇ ନାହିଁ। ସେ ଏବେ ବି ଜୀବିତ ଅଛନ୍ତି। ତାଙ୍କର ଏକ ନୂଆ ଅଡିଓ ପ୍ରସାର କରିଛି ଆଇଏସ୍। ଇରାକ୍ ଓ ସିରିଆରେ ବ୍ୟାପକ କ୍ଷତି ସହିବା ସତ୍ତ୍ୱେ ଧୈର୍ଯ୍ୟ ଧରିବା ଲାଗି ସେ ଆଇଏସ୍ ଆତଙ୍କବାଦୀମାନଙ୍କୁ ବାର୍ତ୍ତା ଦେଇଛନ୍ତି। ମୁସଲମାନମାନେ ଜେହାଦ ପ୍ରସାର କରନ୍ତୁ ବୋଲି ବାଗ୍‌ଦାଦି କହିଛନ୍ତି।



ଗତବର୍ଷ ମେ'ରେ ସିରିଆର ରାକ୍କା ସହର ଉପକଣ୍ଠସ୍ଥ ଆଇଏସ୍ ଶିବିରଗୁଡ଼ିକ ଉପରେ ଆକାଶମାର୍ଗରୁ ଆକ୍ରମଣ କରି ଉଡ଼ାଇଦେଇଥିଲା ରୁଷିଆ। ସେଠାରେ ଲୁଚିଥିବା ବାଗ୍‌ଦାଦି (ପ୍ରକୃତ ନାମ ଇବ୍ରାହିମ୍ ଅୱାଦ ଇବ୍ରାହିମ୍ ଅଲ୍-ବଦ୍ରି) ଏହି ଆକ୍ରମଣରେ ପ୍ରାଣ ହରାଇଥିବା ରିପୋର୍ଟ ମିଳିଥିଲା। କିନ୍ତୁ ସେ ଜୀବିତ ଥିବା ଆଇଏସ୍ ସଙ୍ଗଠନ ଦାବି କରିଆସୁଛି ଏବଂ ଅନେକ ଅଡିଓ ରିଲିଜ୍ କରି ତାହା ବାଗ୍‌ଦାଦିଙ୍କ ବାର୍ତ୍ତା ବୋଲି ଦର୍ଶାଉଛି। ଏପରିସ୍ଥଳେ ବାଗ୍‌ଦାଦିଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିବାବେଳେ ଆଇଏସ୍‌ର ମିଡିଆ ଶାଖା ଅଲ୍-ଫୁର୍କାନ୍‌ରେ ବୁଧବାର ଚାଞ୍ଚଲ୍ୟ ଖେଳାଇବା ଭଳି ତଥ୍ୟ ପ୍ରସାର ହୋଇଥିଲା। ବାଗ୍‌ଦାଦିଙ୍କ ୫୫ ମିନିଟ୍ ବିଶିଷ୍ଟ ଅଡିଓ ରେକର୍ଡିଂ ରିଲିଜ୍ କରାଯାଇଥିଲା। ସେଥିରେ ସେ ଆତଙ୍କବାଦୀଙ୍କୁ ଖଲିଫା ଶାସନ ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ରେକର୍ଡିଂରେ ଯେଉଁ ବ୍ୟକ୍ତିଙ୍କ ସ୍ୱର ଶୁଣିବାକୁ ମିଳୁଛି, ତାହା ବାଗ୍‌ଦାଦିଙ୍କ କଥା କି ନା ସ୍ପଷ୍ଟ ଜଣାପଡୁନାହିଁ। ତେବେ ଆଇଏସ୍ ପରାଜିତ ହୋଇଥିବା ବ୍ୟକ୍ତିଜଣକ ସ୍ୱୀକାର କରିଛନ୍ତି। ଭୟ ଓ ଭୋକରେ କାଳାତିପାତ କରୁଥିବା ତାଙ୍କ ଅନୁଗାମୀଙ୍କ ପରୀକ୍ଷା ନେଉଛନ୍ତି ଆଲ୍ଲା। କିନ୍ତୁ ସମସ୍ତେ ଧୈର୍ଯ୍ୟ ନ ହରାନ୍ତୁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୪ ଜୁଲାଇରେ ବାଗ୍‌ଦାଦିଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଇରାକ୍‌ର ମୋସୁଲ ସହରରେ ଥିବା ଗ୍ରେଟ୍ ମସ୍କରୁ ସେ ଖଲିଫା ଶାସନ ପ୍ରତିଷ୍ଠ କରିବେ ବୋଲି ଘୋଷଣା କରିଥିଲେ। ୨୦୧୭ ସେପ୍ଟେମ୍ବରରେ ବାଗ୍‌ଦାଦିଙ୍କ ଶେଷ ଅଡିଓ ରିଲିଜ୍ କରାଯାଇଥିଲା।

ବାଗ୍‌ଦାଦିଙ୍କ ସଦ୍ୟ ଅଡିଓ ରେକର୍ଡିଂ ବିଷୟରେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି ଆମେରିକାର ସେଣ୍ଟ୍ରାଲ କମାଣ୍ଡ ମୁଖପାତ୍ର କ୍ୟାପ୍‌ଟେନ୍ ୱିଲିୟମ୍ ଅର୍ବାନ୍ କହିଛନ୍ତି। ଇରାକ୍ ଓ ଯୁଦ୍ଧଗ୍ରସ୍ତ ସିରିଆରେ ଏବେ ମଧ୍ୟ ୨୦,୦୦୦ରୁ ୩୦,୦୦୦ ଆଇଏସ୍ ଆତଙ୍କବାଦୀ ସକ୍ରିୟ ଥିବା ଗତ ସପ୍ତାହରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସିରିଆର ଦେର୍ ଅଲ-ଜୌର୍ ପ୍ରଦେଶ ଏବେ ମଧ୍ୟ ଆଇଏସ୍ କବ୍‌ଜାରେ ରହିଛି।

# ରାହୁଲଙ୍କ ଆଇଏସ୍ ମନ୍ତବ୍ୟକୁ ନେଇ ଝଡ଼

**ନୂଆଦିଲ୍ଲୀ,୨୩।୮(ପି.ଟି.)**

ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ରାହୁଲ ଆତଙ୍କବାଦକୁ ସମର୍ଥନ କରି ଭାରତକୁ ଅପମାନିତ କରିଥିବାରୁ ସେ କ୍ଷମାମାଗନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।

ଜର୍ମାନୀ ଗସ୍ତରେ ଥିବା ରାହୁଲ ବୁଧବାର ହାମ୍‌ବର୍ଗର ବୁସେରିୟସ୍ ସମର ସ୍କୁଲରେ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କୁ ବିକାଶରୁ ବାଦ୍ ଦେଇଛନ୍ତି। ଏହା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଲୋକଙ୍କୁ ମୁଖ୍ୟ ଧାରାରୁ ବାଦ୍ ଦେବା ଏକ ବିପଜ୍ଜନକ କଥା। ଜନସାଧାରଣଙ୍କୁ ବିକାଶର ଚିତ୍ର ନ ଦେଖାଇଲେ ସେମାନଙ୍କ ମୁଣ୍ଡରେ ଅନ୍ୟ କେହି ଭିନ୍ନ ବିଷୟ ପୂରାଇବେ। ଏହାଦ୍ୱାରା ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନ ଜନ୍ମ ନେଇପାରେ ବୋଲି ରାହୁଲ କହିଥିଲେ। ଏହାକୁ ନେଇ ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ରାହୁଲ ବିଦେଶ ମାଟିରେ ମୋଦି ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ମିଛ କହିଛନ୍ତି। ଏହାସହ ଆଇଏସ୍ ଭଳି ଆତଙ୍କବାଦୀ ସଙ୍ଗଠନର ଯଥାର୍ଥତା ପ୍ରତିପାଦିତ କରିବାକୁ ସେ ଉଦ୍ୟମ କରିଛନ୍ତି। ଏଥିରୁ ବଡ଼ ଭୟଙ୍କର ଓ ଚିନ୍ତାଜନକ ବିଷୟ କିଛି ନାହିଁ। ଏଥିଯୋଗୁ ବିଶ୍ୱ ଦରବାରରେ ଭାରତ ଅପମାନିତ ହୋଇଛି। ରାହୁଲ ଦେଶବାସୀଙ୍କୁ କ୍ଷମାମାଗିବା ଉଚିତ ବୋଲି ସମ୍ବିତ୍ ଦାବି କରିଛନ୍ତି।



ନୂଆଦିଲ୍ଲୀସ୍ଥିତ ସାଉଥ୍ ବ୍ଲକ୍‌ରେ ଗୁରୁବାର ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ତାଙ୍କ ଚାଇନା ପ୍ରତିପକ୍ଷ ଜେନେରାଲ ୱି ଫେଙ୍ଘେଙ୍କୁ ସ୍ୱାଗତ କରୁଛନ୍ତି।

# କେରଳ ବିପନ୍ନଙ୍କୁ ଦାନ କଲେ ୪ ବର୍ଷର ଝିଅ

**କୋଲ୍‌କାତା, ୨୩।୮(ପି.ଟି.)**

କୋଲ୍‌କାତାର ଜଣେ ୪ ବର୍ଷର ଝିଅ କେରଳ ରିଲିଫ୍ ଫଣ୍ଡକୁ ଦାନ କରିଛନ୍ତି। ଏହି ବଦାନ୍ୟତା ଦେଖାଇଥିବା ବାଳିକାଙ୍କ ନାମ ଅପରାଜିତା ଶାହ। ଯାଦପୁରନିବାସୀ ଅପରାଜିତା ଜନ୍ମଦିନରେ ପାଇଥିବା ଉପହାରରୁ ୧୪,୮୦୦ ଟଙ୍କା ସଞ୍ଚୟ କରି ରଖିଥିଲେ। ଏଥିରେ ସେ ସିଡୀ ପ୍ଲେୟର କିଛି ନୃତ୍ୟ ଶିକ୍ଷା କରିଥାଆନ୍ତେ। କିନ୍ତୁ ଟିଭିରେ କେରଳ ବନ୍ୟାର ଦୃଶ୍ୟ ଦେଖି ତାଙ୍କ ମନ ଆନ୍ଦୋଳିତ ହୋଇଥିଲା। ନିଜଆଡ଼ୁ କିଛି ସାହାଯ୍ୟ କରିବାକୁ ସେ ଆଗେଇ ଆସିଲେ ଏବଂ ମାବାପାଙ୍କୁ ମନର କଥା କହିଲେ। ଏହାପରେ ଅପରାଜିତା ସବୁତକ ଟଙ୍କାକୁ ନେଇ ସିପିଏମ୍ ନେତା ବିମାନ ବୋଷଙ୍କୁ ହସ୍ତାନ୍ତର କରିଛନ୍ତି।

## ଫୁର୍‌ସତ

### ଇତିହାସର ଆଇନାରେ

**ଅଗଷ୍ଟ ୨୪ର ପ୍ରମୁଖ ଘଟଣା**

### ଇଂଲିଶ୍ ଚ୍ୟାନେଲ୍ ଅତିକ୍ରମ କଲେ ମାଥ୍ୟୁ ୱେବ୍

୧୮୭୫ ଅଗଷ୍ଟ ୨୪ରେ ବ୍ରିଟେନ୍‌ର ସର୍ପଶାୟାର ନିବାସୀ ମାଥ୍ୟୁ ୱେବ୍ ପ୍ରଥମ ବ୍ୟକ୍ତି ଭାବେ ଇଂଲିଶ୍ ଚ୍ୟାନେଲ୍ ପହଁରି ରେକର୍ଡ ସୃଷ୍ଟି କରିଥିଲେ। ଏଥିପାଇଁ ସେ କୌଣସି କୃତ୍ରିମ ଉପକରଣ ସହାୟତା ନେଇ ନ ଥିଲେ। ଇଂଲଣ୍ଡର ଡୋଭରଠାରୁ ଫ୍ରାନ୍ସର କାଲାଇ ପର୍ଯ୍ୟନ୍ତ ସେ ପହଁରିଥିଲେ। ଏଥିପାଇଁ ତାଙ୍କୁ ୨୨ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ୧୮୪୮ରେ ସେ ଜନ୍ମିତ ମାଥ୍ୟୁ ୧୫ ବର୍ଷ ବୟସରେ ଆଇରନ୍ ବ୍ରିଜ୍ ନିକଟରେ ବୁଡ଼ିଯାଉଥିବା ତାଙ୍କର ସାନଭାଇ ଟମାସ୍‌ଙ୍କୁ ଉଦ୍ଧାର କରିଥିଲେ। ୧୮୭୩ରେ ସେ ଷ୍ଟିମ୍ ଜାହାଜ ଇମେରାଲ୍‌ଡର କ୍ୟାପ୍‌ଟେନ୍ ଭାବେ କାର୍ଯ୍ୟ କରିଥିଲେ।

### ସୁରଟ୍‌ରେ ପହଞ୍ଚିଲେ ପ୍ରଥମ ବ୍ରିଟିଶ୍ ପ୍ରତିନିଧି

୧୬୦୮ ଅଗଷ୍ଟ ୨୪ରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ପ୍ରଥମ ପ୍ରତିନିଧି ପଶ୍ଚିମ ଭାରତୀୟ ରାଜ୍ୟ ଗୁଜରାଟର ସୁରଟ୍‌ରେ ପହଞ୍ଚିଥିଲେ। ବ୍ୟବସାୟ କରିବା ଉଦ୍ଦେଶ୍ୟରେ ସେ ଏଠାରେ ପହଞ୍ଚିଥିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀ ଥିଲା ଏକ ଯୁଗ୍ମ ବ୍ରିଟିଶ୍ ଷ୍ଟକ୍ କମ୍ପାନୀ। ଇଷ୍ଟ ଇଣ୍ଡିଜ୍ (ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆ)ରେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଏହା ୧୬୦୦ ମସିହାରେ ପ୍ରତିଷ୍ଠିତ। ପ୍ରାଥମିକ ଭାବେ ଏହି କମ୍ପାନୀ ଭାରତ ଉପମହାଦେଶ, ଉତ୍ତର-ପଶ୍ଚିମ ଫ୍ରଣ୍ଟିୟର୍ ପ୍ରଦେଶ ଏବଂ ବେଲୁଚିସ୍ତାନରେ ବ୍ୟବସାୟ ଆରମ୍ଭ କରିଥିଲା। ଏହି କମ୍ପାନୀ ପ୍ରଥମେ ରେଶମ, ଇଣ୍ଡିଗୋ ଡାଇ, ସୂତା, ଚା ଏବଂ ଅଫିମ ବ୍ୟବସାୟ ଆରମ୍ଭ କରିଥିଲା। ଏହା ହେଉଛି ସର୍ବପୁରାତନ ୟୁରୋପୀୟ ଇଷ୍ଟ ଇଣ୍ଡିଆ କମ୍ପାନୀ। ୧୬୦୦ ମସିହାରେ ମହାରାଣୀ ଏଲିଜାବେଥ୍ ଏହାକୁ ରୟାଲ୍ ଚାର୍ଟର୍ ପ୍ରଦାନ କରିଥିଲେ।

# ଜାତିସଂଘରେ ପ୍ଲାଷ୍ଟିକ୍-ନିରୋଧୀ ସଂଗୀତ

**ମୁମ୍ବାଇ:**

'ଟିକ୍ ଟିକ୍ ପ୍ଲାଷ୍ଟିକ୍ ଟିକ୍ ନା ପାଏ ରେ' ଭଳି ଏକ ସଂଗୀତ ଭିତ୍ତିକ ଭିଡିଓ ନ୍ୟୁୟର୍କସ୍ଥିତ ଜାତିସଂଘ କାର୍ଯ୍ୟାଳୟରେ ପ୍ରଦର୍ଶିତ ହୋଇଛି। ପ୍ରସିଦ୍ଧ ଗୀତିକାର ସ୍ୱାନନ୍ଦ କିର୍‌କିରେ ଗୀତ ରଚନା କରିଥିବା ବେଳେ ଏହାକୁ ସଂଗୀତ ରୂପ ଦେଇଛନ୍ତି ଶାନ୍। ଜାତିସଂଘର ପ୍ଲାଷ୍ଟିକ୍ ନିରୋଧୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଏହାକୁ ପରଦାରେ ପ୍ରଦର୍ଶନ କରାଯାଇଛି।

ମୁମ୍ବାଇର ଏକ ସ୍ୱେଚ୍ଛାସେବୀ ସଂଗଠନ ଭାମ୍‌ଲା ଫାଉଣ୍ଡେଶନ୍ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଥିଲା। ଏହି ସମବେତ ସଂଗୀତରେ ବହୁ କଳାକାର ସ୍ୱର ଦେଇଛନ୍ତି। ଏହାକୁ ଜାତିସଂଘରେ ଅଗଷ୍ଟ ୪ରେ ପ୍ରଦର୍ଶିତ କରାଯାଇଥିଲା। ଜାତିସଂଘ ପକ୍ଷରୁ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା 'ବିଟ୍ ଦି ପଲ୍ୟୁଶନ୍' ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତ ସଂଗୀତ ଭିତ୍ତିକ ଭିଡିଓ ବେଶ୍ ମହତ୍ତ୍ୱ ରଖେ ଏବଂ ପ୍ଲାଷ୍ଟିକ ପ୍ରଦୂଷଣ ମାତ୍ରା ହ୍ରାସ କରିବାରେ ଏହା ସଚେତନତା ସୃଷ୍ଟି କରିପାରିବ ବୋଲି ଏନଜିଓ ମୁଖ୍ୟ ଆସିଫ୍ ଭାମ୍‌ଲା ପ୍ରକାଶ କରିଛନ୍ତି।

# ପ୍ରଦୂଷଣରୁ ଭାରତୀୟଙ୍କ ଆୟୁଷ କମୁଛି

**ହ୍ୟୁଷ୍ଟନ୍:** ବାୟୁ ପ୍ରଦୂଷଣ ଯୋଗୁ ଭାରତୀୟଙ୍କ ହାରାହାରି ଆୟୁଷ ଦେଢ଼ବର୍ଷ ହ୍ରାସ ପାଉଛି। ଅପେକ୍ଷାକୃତ ବିଶୁଦ୍ଧ ବାୟୁ ବିଶ୍ୱରେ ମାନବ ଆୟୁଷ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦିତ ବାୟୁ ଗୁଣବତ୍ତା ମାର୍ଗଦର୍ଶିକା ଅନୁସାରେ ପ୍ରତି ଘନମିଟର ବାୟୁରେ ୧୦ ମାଇକ୍ରୋଗ୍ରାମ ପିଏମ୍ (ପାର୍ଟିକୁଲେଟ୍ ମ୍ୟାଟର) ରହିଲେ ବିଶ୍ୱରେ ଲୋକଙ୍କ ହାରାହାରି ଆୟୁଷ ୦.୫୯ ବର୍ଷ ବୃଦ୍ଧିପାଇବ। ଭାରତ, ପାକିସ୍ତାନ, ବାଂଲାଦେଶ ଏବଂ ଚାଇନାରେ ଲୋକଙ୍କ ଆୟୁଷ ୦.୮ରୁ ୧.୪ ମଧ୍ୟରେ ହ୍ରାସ ପାଇଛି। ବିଶ୍ୱରେ ଲୋକଙ୍କ ଆୟୁଷ ଉପରେ ବାୟୁ ପ୍ରଦୂଷଣ କିପରି ପ୍ରଭାବ ପକାଏ ତାହା ଆକଳନ କରିବା ପାଇଁ ପ୍ରଥମ କରି ଏକ ଅଧ୍ୟୟନ କରାଯାଇଥିଲା। ଆମେରିକାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ୟୁନିଭର୍ସିଟିର ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି, ବାହାର ବାୟୁରେ ଥିବା ପାର୍ଟିକୁଲେଟ୍ ମ୍ୟାଟର ୨.୫ ମାଇକ୍ରନ୍‌ଠାରୁ ଅପେକ୍ଷାକୃତ କ୍ଷୁଦ୍ର। ଏତେ କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପଶିଯାଇପାରେ। ଏହି କଣିକା ପ୍ରଶ୍ୱାସ ବାୟୁରେ ଶରୀର ମଧ୍ୟକୁ ପ୍ରବେଶ କରି ହୃଦ୍‌ଘାତ, ହୃଦ୍‌ରୋଗ, ଶ୍ୱାସରୋଗ ଏବଂ କ୍ୟାନସର ଆଶଙ୍କା ବୃଦ୍ଧି କରାଇଥାଏ।



ପିଏମ୍ ୨.୫ (ବାୟୁରେ ଥିବା କଣିକାର ବ୍ୟାସ ୨.୫ ମାଇକ୍ରୋମିଟର)କୁ ଅତି କ୍ଷୁଦ୍ର କଣିକାଯୁକ୍ତ ପ୍ରଦୂଷିତ ବାୟୁ କୁହାଯାଏ। ପ୍ରଦୂଷଣଯୁକ୍ତ ବାୟୁ ପାୱାର ପ୍ଲାଣ୍ଟ, କାର୍, ଟ୍ରକ୍ ଏବଂ ଶିଳ୍ପ କାରଖାନାରୁ ନିର୍ଗତ ହୋଇଥାଏ। ତେବେ ଏହି ମାତ୍ରାର ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବାଂଲାଦେଶ ଲୋକଙ୍କ ହାରାହାରି ଆୟୁଷ ୧.୮୭ ବର୍ଷ ହ୍ରାସ ପାଉଥିବା ବେଳେ, ଇଜିପ୍ଟ (୧.୮୫ ବର୍ଷ), ପାକିସ୍ତାନ (୧.୫୬ ବର୍ଷ), ସୌଦିଆରବ (୧.୪୮ ବର୍ଷ), ନାଇଜେରିଆ (୧.୨୮ ବର୍ଷ) ଏବଂ ଚାଇନା ଲୋକଙ୍କ ହାରାହାରି ବୟସ ୧.୨୫ ବର୍ଷ ହ୍ରାସ ପାଇଛି। ତେବେ ଭାରତୀୟଙ୍କ ଆୟୁଷ ୧.୫୩ ବର୍ଷ ହ୍ରାସ ପାଇଥିବା ଉକ୍ତ ଅଧ୍ୟୟନରେ କୁହାଯାଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅନେକ ଅଞ୍ଚଳରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଥରେ କିମ୍ବା ଦୁଇଥର ବର୍ଷା ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୪.୩ |
| ଚାନ୍ଦବାଲି | ୩୩.୬ | ୨୫.୪ |
| କଟକ | ୩୨.୨ | ୨୫.୦ |
| ପାରାଦ୍ୱୀପ | ୩୨.୯ | ୨୭.୪ |
| ଭୁବନେଶ୍ୱର | ୩୩.୫ | ୨୬.୩ |
| ଗୋପାଳପୁର | ୩୩.୫ | ୨୭.୭ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୧.୭ | ୨୩.୬ |
| ବାରିପଦା | ୩୨.୪ | ୨୬.୨ |
| ଝାରସୁଗୁଡ଼ା | ୩୧.୨ | ୨୫.୦ |
| କେନ୍ଦୁଝର | ୨୯.୩ | ୨୩.୧ |
| ସମ୍ବଲପୁର | ୩୧.୫ | ୨୨.୯ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୦.୮ | ୨୧.୨ |
| ତାଳଚେର | ୩୨.୮ | ୨୫.୫ |
| ଭବାନୀପାଟଣା | ୨୮.୪ | ୨୪.୪ |
| ବଲାଙ୍ଗୀର | ୨୯.୮ | ୨୪.୫ |
| କୋରାପୁଟ | ୨୪.୦ | ୨୦.୬ |
| ଫୁଲବାଣୀ | --- | ୨୧.୫ |
| ଟିଟିଲାଗଡ଼ | ୨୯.୦ | ୨୨.୦ |
| ମାଲକାନଗିରି | ୨୯.୦ | ୨୪.୦ |
| ସୋନପୁର | ୩୧.୮ | ୨୩.୪ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | ୩୧.୮ | ୨୫.୬ |

ଡିଗ୍ରୀ ସେଲ୍‌ସିୟସ୍

# ଅକ୍ଷୟ, ସଲମାନ୍ ଅଧିକ ଆୟକାରୀ

**ନ୍ୟୁୟର୍କ:**

ବିଶ୍ୱରେ ସବୁଠୁ ଅଧିକ ପ୍ରାପ୍ୟ ପାଉଥିବା ପ୍ରଥମ ୧୦ ଅଭିନେତାଙ୍କ ମଧ୍ୟରେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଏବଂ ସଲମାନ୍ ଖାନ୍ ସ୍ଥାନ ପାଇଛନ୍ତି। ଫୋର୍ବସ ମାଗାଜିନ୍‌ର 'ୱାର୍ଲ୍ଡ୍ସ ହାୟେଷ୍ଟ ପେଡ ଆକ୍ଟର୍ସ-୨୦୧୮' ତାଲିକାର ଶୀର୍ଷରେ ରହିଛନ୍ତି ହଲିଉଡ ଅଭିନେତା ଜର୍ଜ କ୍ଲୁନି।

ସାମାଜିକ ସଚେତନତା ସୃଷ୍ଟି କଲାଭଳି ଫିଲ୍ମ 'ଟଏଲେଟ୍: ଏକ ପ୍ରେମ୍ କଥା' ଏବଂ 'ପ୍ୟାଡ୍‌ମ୍ୟାନ୍'ରେ ଅଭିନୟ କରି ଅକ୍ଷୟ ବେଶ୍ ସୁପରିଚିତ। ଜୁନ୍ ୧, ୨୦୧୭ରୁ ଜୁନ୍ ୧, ୨୦୧୮ ମଧ୍ୟରେ ଫିଲ୍ମ ଅଭିନେତାଙ୍କ ଆୟ ଆକଳନ କରାଯାଇ ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ୪୦ ନିୟୁତ ଆମେରିକୀୟ ଡଲାର ଆୟ କରି ଉକ୍ତ ତାଲିକାର ସପ୍ତମ ସ୍ଥାନରେ ଅକ୍ଷୟ କୁମାର ରହିଛନ୍ତି। ସେହିଭଳି ସଲମାନ୍ 'ଟାଇଗର ଜିନ୍ଦା ହୈ'ରେ ଅଭିନୟ କରି ଏହି ତାଲିକାର ନବମ ସ୍ଥାନରେ ରହିଛନ୍ତି। ସେ ୩୮.୫ ନିୟୁତ ଆମେରିକୀୟ ଡଲାର ଆୟ କରିଛନ୍ତି। ୫୭ ବର୍ଷ ବୟସ୍କ କ୍ଲୁନି ୨୩୯ ନିୟୁତ ଆମେରିକୀୟ ଡଲାର ଆୟ କରି ତାଲିକାର ଶୀର୍ଷରେ ରହିଛନ୍ତି। ଉଭୟ ପରଦାରେ ଏବଂ ପରଦା ବାହାରେ ବର୍ଷକ ମଧ୍ୟରେ ଅର୍ଜିତ ଆୟକୁ ଏଥିପାଇଁ ବିଚାରକୁ ନିଆଯାଇଥିଲା। 'ଦି ରକ୍'ରେ ଅଭିନୟ କରିଥିବା ଡାଓନେ ୧୨୪ ନିୟୁତ ଡଲାର ଆୟ କରି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରବର୍ଟ ଡାଓନେ ଜୁନିୟର (୮୧ ନିୟୁତ ଡଲାର) ତୃତୀୟ ସ୍ଥାନ ଏବଂ ତାଙ୍କ ସହ ଅଭିନେତା କ୍ରିସ୍ ହେମ୍‌ସୱର୍ଥ (୬୪.୫ ନିୟୁତ ଡଲାର) ଚତୁର୍ଥ ସ୍ଥାନରେ ରହିଛନ୍ତି।





**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୩।୮(ବ୍ୟୁରୋ)
ସମଲେଶ୍ୱରୀ ଯୁବକ ସଂଘର ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ପଞ୍ଚାନନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମଲେଶ୍ୱରୀ ମଣ୍ଡପଠାରେ ବୈଠକ ହୋଇଥିଲା। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ନୂଆଁଖାଇ ଭେଟ୍‌ଘାଟ ବିଷୟରେ ଆଲୋଚନା ହୋଇଥିଲା। ଚଳିତବର୍ଷ ନୂଆଁଖାଇ ଶୀର୍ଷକ ସ୍ମରଣୀକା ଉନ୍ମୋଚିତ ହେବ। ଏଥିରେ କବିତା, ସଂସ୍କୃତି ଓ ପରମ୍ପରାଭିତ୍ତିକ ଲେଖା ସ୍ଥାନିତ କରାଯିବ ବୋଲି ଡ. ଶ୍ୟାମସୁନ୍ଦର ଧର ସୂଚନା ଦେଇଥିଲେ। ସେହିପରି ଭେଟଘାଟ ଉତ୍ସବରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୋନୁ ପ୍ରସାଦ ସୋନାର ଓ ଅରୁଣ ଅଜାଡିୱାଲ, କଣ୍ଠ ଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ସମ୍ପାଦକ ଶଙ୍କର ପ୍ରସାଦ ମହାକୁର ସ୍ୱାଗତ ଭାଷଣ, ସଂଘ ସଭାପତି ପବିତ୍ର ଦେଓ ଧନ୍ୟବାଦ ଦେଇଥିଲେ।



### ମନ୍ଦିରରେ ଶ୍ରାବଣ ମହୋତ୍ସବ

ବାମରା,୨୩।୮(ସ୍ୱ.ପ୍ର.)
ଶ୍ରାବଣ ମାସରେ ୪ ସପ୍ତାହ ଧରି ବାମରା ବ୍ଲକ କେଶେଇବାହାଲସ୍ଥିତ ଶ୍ରୀଶ୍ରୀ ବାବା ବିଶ୍ୱନାଥ ମନ୍ଦିରରେ ଶ୍ରାବଣ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଦିନ ପାରମ୍ପରିକ ରୀତିନୀତି ଅନୁସାରେ ଭଗବାନ ମହାଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ମଧ୍ୟରାତ୍ରିରୁ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତମାନେ ଜଳାଭିଷେକ ପାଇଁ ଦୂରଦୂରାନ୍ତରୁ ଆସି ମନ୍ଦିରରେ ଭିଡ଼ ଜମାଉଥିଲେ। ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରୁଥିଲେ। ସମ୍ବଲପୁର, ଝାରସୁଗଡ଼ା, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼ ଏବଂ ଛତିଶଗଡ ଅଞ୍ଚଳରୁ ପ୍ରତିଦିନ ପୂଜାରେ ସାମିଲ୍ ହେବାକୁ ଶୈବଭକ୍ତମାନେ ଆସୁଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ପଣ୍ଡିତ ଅଲେଖ କୁମାର ପତିଙ୍କ ତତ୍ତ୍ୱାବଧାନରେ ରୁଦ୍ରାଭିଷେକ କରାଯାଉଥିଲା। ସାଲେଗ୍ରାମ ପାଣିଗ୍ରାହୀ, ଦୁଃଖୀଶ୍ୟାମ ଦାଶ, ସଞ୍ଜୀବ ପୁରୋହିତ, ବିଭୂତି ଭୂଷଣ ପତି, ଉମାକାନ୍ତ ଦାଶ, ପଦ୍ମଚରଣ ସାହୁ, ରତନ କମାର, ସୁବାନନ୍ଦ ପଶାୟତ, ଗୋପାଲ ଶର୍ମା, କରଣ ଶର୍ମା, ସନ୍ତୋଷ ଖଣ୍ଡେଲୱାଲ, ସନ୍ତୋଷ ପଟେଲ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ନଭୋଗର ବ୍ୟବସ୍ଥା କରାଯାଉଥିଲା। ଗୁରୁବାର କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକ, ସୁନୀଲ ସାହୁ ଓ ଧର୍ମ ସନ୍ତୋଷିନୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଦିନ ୫ ଶହରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ ହେଉଥିବା ବେଳେ ଆସନ୍ତା ପୂର୍ଣ୍ଣିମା ତିଥିରେ ପୂର୍ଣ୍ଣାହୂତିର ସହିତ ପୂଜାକାର୍ଯ୍ୟ ଉଦ୍‌ଯାପିତ ହେବ।

# ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ବର୍ଜନ ନିଷ୍ପତ୍ତି

## ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେ ଜନପ୍ରତିନିଧି

ସମ୍ବଲପୁର,୨୩।୮(ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକରେ ୨୫ ତାରିଖରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ହେବ। ଏଥିପାଇଁ ଧନକଉଡ଼ା ହାଇସ୍କୁଲ ପଡ଼ିଆରେ ପ୍ରସ୍ତୁତି ଚାଲିଛି। କିନ୍ତୁ ବ୍ଲକ ଅଧୀନ ପଞ୍ଚାୟତ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାଙ୍କୁ ଅଣଦେଖା କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି। ଏଣୁ ଏହି କାର୍ଯ୍ୟକ୍ରମକୁ ଜନପ୍ରତିନିଧିମାନେ ବର୍ଜନ କରିବାକୁ ନିଷ୍ପତ୍ତି କରିଛନ୍ତି। ଏ ନେଇ ଗୁରୁବାର ସନ୍ଧ୍ୟାରେ ଧନକଉଡ଼ା ବ୍ଲକ ସରପଞ୍ଚ ସଂଘ, ଧନକଉଡ଼ା ଜିଲାପରିଷଦ ସଭ୍ୟା ଓ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି। ସେଥିରେ ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରଶାନ୍ତ ବାରିକ, ଜିଲା ସରପଞ୍ଚ ସଂଘ ସଭାପତି ସୁଶୀଲ କୁମାର ବାବୁ, ଧନକଉଡ଼ା ଜୋନ-୨ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ଜୋନ-୧ ସଭ୍ୟା ସରସ୍ୱତୀ ମିର୍ଦ୍ଧା, କୋର୍ଡଲା ସରପଞ୍ଚ ବି. ବଡ଼ିଆ, ସନ୍ତୋଷିନୀ ବାଗ, ଉଦୟ ମିର୍ଦ୍ଧା, କନକ ସାହୁ, ହେମନ୍ତ ଭୁଏ, ସାବିତ୍ରୀ ରଥ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁଷମା ସାହୁ, ସମିତି ସଭ୍ୟ ଦୁର୍ଯୋଧନ କିସାନ, ସସ୍ମିତା ବିଶ୍ୱାଳ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

ସୂଚନାଯୋଗ୍ୟ ଯେ, ଗତ ବୁଧବାର ଧନକଉଡ଼ା ବ୍ଲକ ଅନ୍ତର୍ଗତ ସରପଞ୍ଚଙ୍କ ଜରୁରୀକାଳୀନ ବୈଠକ ହୋଇଥିଲା। ଏଥିରେ ଆମ ଗାଁ ଆମ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପଞ୍ଚାୟତର ବିକାଶକୁ ନେଇ ପ୍ରସ୍ତୁତି ହୋଇଛି। ଅଥଚ, ପଞ୍ଚାୟତର ମୁଖ୍ୟ ସରପଞ୍ଚମାନଙ୍କୁ ଅଣଦେଖା କରାଯାଇଛି। ସେଥିପାଇଁ କାର୍ଯ୍ୟକ୍ରମକୁ ବର୍ଜନ କରିବା ନେଇ ବୈଠକରେ ସ୍ଥିର କରାଯାଇଥିଲା। ଏ ସମ୍ପର୍କରେ ସରପଞ୍ଚ ସଂଘ ସଭାପତି ପ୍ରଶାନ୍ତ ବାରିକ କହିଛନ୍ତି, ଏହା ନାମକୁ ମାତ୍ର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ। ବିଜେଡି ଦଳର କର୍ମୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଜାଣିଶୁଣି ଅନ୍ୟ ରାଜନୈତିକ ଦଳର ସରପଞ୍ଚ, ୱାର୍ଡ ମେମ୍ବରମାନଙ୍କୁ ଅଣଦେଖା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆମେ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ସ୍ଥିର କରିଛୁ। ଗୁରୁବାର ସକାଳେ ଧନକଉଡ଼ା ବ୍ଲକ ଜିଲା ପରିଷଦ ସଭ୍ୟା, ପଞ୍ଚାୟତ ସମିତି, ସଭ୍ୟାସଭ୍ୟଙ୍କ ଜରୁରୀକାଳୀନ ବୈଠକରେ ମଧ୍ୟ ଏହା ଉପରେ ସହମତି ପ୍ରକାଶ ପାଇଛି।



ଗୁରୁବାର ସମ୍ବଲପୁର ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଧନକଉଡା ବ୍ଲକର ନିର୍ବାଚିତ ଜନପ୍ରତିନିଧିମାନେ ଯାଉଛନ୍ତି ।

# ବୁର୍ଲାରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ବୁର୍ଲା,୨୩।୮(ଡି.ଏନ.ଏ.)

ସମ୍ପ୍ରତି ଶ୍ରାବଣ ମାସର ଢ଼ୁହାକୁ ଢ଼ୁହା ବର୍ଷାରେ ସହର ତଥା ଗ୍ରାମାଞ୍ଚଳର ପରିମଳ ବେହାଲ୍ ହୋଇପଡ଼ିଛି। ବର୍ଷା ପାଣିରେ ନାଳ, ନର୍ଦ୍ଦମା ପୂରି ଉଠିଛି। ଅଳିଆ, ଆବର୍ଜନାମୟ ହୋଇପଡ଼ିଛି ରାସ୍ତାଘାଟ, ଗ୍ରାମର ହାଟବଜାର। ଏଣୁ ମଶାଙ୍କ ବଂଶବୃଦ୍ଧି ସହ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ, ସାଧାରଣତଃ ବର୍ଷାଦିନେ ଡାଇରିଆରେ ଲୋକେ ଆକ୍ରାନ୍ତ ହୋଇଥାନ୍ତି। ଏଣୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମ୍ବଲପୁର ଆନୁକୂଲ୍ୟରେ ବୁର୍ଲା ସହରରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜନ ସ୍ୱାସ୍ଥ୍ୟ ମ୍ୟାନେଜର ମାନସ ରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏହି କାର୍ଯ୍ୟକ୍ରମରେ ପାଣି ଫୁଟାଇ ପିଇବା, ନଳକୂପ ପାଣି ବ୍ୟବହାର କରିବା, ପିଇବା ପାଣିରେ ହେଲୋଜିନ ବଟିକା ପକାଇବା ଦିଗରେ ସ୍ଲୋଗାନ ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏଏନଏମ ସନ୍ତୋଷିନୀ ବେହେରା, ଆଶାକର୍ମୀ ନମିତା ବାରିକଙ୍କ ସମେତ ବିଭିନ୍ନ ମହିଳା ସଙ୍ଗଠନର ଯମୁନା ଶିକ୍କା, ସୀତା ତାଣ୍ଡି, ବେଦି ଗୁପ୍ତା, ପଦ୍ମା ସୁନା, ସନ୍ତୋଷିନୀ ବାଦୀ, ପ୍ରଜାପତି ସୁନା, ସଞ୍ଜୁ ବେହେରା, ରଶ୍ମିତା ଜଗତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା କାର୍ଯ୍ୟକ୍ରମରେ ସାମିଲ ଥିଲେ ।



ସଚେତନତା ଶୋଭାଯାତ୍ରାରେ ସାମିଲ୍ ମହିଳା।

# ଚାକିରି ପାଇଁ ୨ ଜମିହରାଙ୍କ ଆମରଣ ଅନଶନ




ଭୂଷଣ କାରଖାନା ଫାଟକ ଆଗରେ ଅନଶନରେ ବସିଥିବା ସୁମିତ ନାଏକ ଓ ପ୍ରିୟଙ୍କା ନାଥ।

ରେଙ୍ଗାଲି,୨୩।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲୋକୋଇ ସ୍ଥିତ ଭୂଷଣ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଦୁଇ ଜମିହରାଙ୍କୁ ଚାକିରି ନ ମିଳିବାରୁ ଆମରଣ ଅନଶନରେ ବସିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଠେଲକୋଲୋଇ ଠାରେ ଭୂଷଣ କାରଖାନା ବିସ୍ଥାପନ ସମୟରେ ଜମିହରାମାନଙ୍କୁ ଚାକିରି ଦେବାକୁ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଜମିହାର ପରିବାରର ସୁମିତ ନାଏକ ଏବଂ ପ୍ରିୟଙ୍କା ନାଥଙ୍କୁ ଚାକିରି ମିଳି ପାରିନାହିଁ। ଉଭୟ ଗୁରୁବାର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ କମ୍ପାନୀ ଅଧିକାରୀଙ୍କୁ ପଚାରିବାରେ ଭୂଷଣ କାରଖାନାକୁ ନ୍ୟାସନାଲ ଲ ଟ୍ରିବ୍ୟୁନାଲ ଅଧୀନ କରାଯାଇଛି। ଏକ ରିଜଓଲ୍ୟୁସନ ମାଧ୍ୟମରେ କମ୍ପାନୀର ମ୍ୟାନେଜମେଣ୍ଟକୁ ସସ୍‌ପେଣ୍ଡ କରାଯାଇଛି । ଏଣୁ ବର୍ତ୍ତମାନ କିଛି କରାଯାଇପାରୁନାହିଁ। ଆଗାମୀ ଦିନରେ ଚାକିରି ଯୋଗାଇ ଦିଆଯିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଏମ୍‌ୟୁ ଆୟୋଜିତ ବକ୍ତୃତା ମାଳା
  ସ୍ଥାନ- ଅଧ୍ୟାପନ ପ୍ରକୋଷ୍ଠ-୧
  ସମୟ- ଅପରାହ୍ନ ୪ଟା
- ସ୍ୱୀକାର ଆୟୋଜିତ ସଞ୍ଚାରରେ ଶାସ୍ତ୍ରୀୟ ଶୀର୍ଷକ କର୍ମଶାଳା
  ସ୍ଥାନ- ଗୋପାଳଜୀ ମଠ
  ସମୟ- ପୂର୍ବାହ୍ନ ୧୦ଟା
- ସଞ୍ଚାର କାର୍ଯ୍ୟକ୍ରମ
  ସ୍ଥାନ- ଝାଡୁଆପଡା ବଡଦୁଆର୍
  ସମୟ- ସନ୍ଧ୍ୟା ୬ଟା

### ପ୍ରଦର୍ଶନ କଳା ବିଭାଗରେ ଶୋକସଭା

ସମ୍ବଲପୁର,୨୩।୮(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗରେ ସିନେ ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଉପଦେଷ୍ଟା ପ୍ରଫେସର ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସଂଯୋଜକ ପ୍ରଫେସର ଅଜୟ କୁମାର ବେହେରା, ଅଧ୍ୟାପକ ଅରବିନ୍ଦ ପଣ୍ଡା, ଅଧ୍ୟାପକ ସୁପ୍ରିତୀ ମିଶ୍ର ଓ ମମତା ସାହୁ ଯୋଗଦେଇ ଦେବୁ ବୋଷଙ୍କ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଆ ସିନେମାରେ ସ୍ୱର୍ଗତ ବୋଷଙ୍କ ଅଭିନୟ, କଳା ପ୍ରଦର୍ଶନ ଓ ତାଙ୍କର ଅବଦାନ ଉପରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ।

## କେନ୍ଦୁପତ୍ର ବୋଝେଇ ଟ୍ରକ, ମାର୍ସାଲ ଜବତ

# ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଜବତ, ୧୦ ଗିରଫ

ରେଢ଼ାଖୋଲ,୨୩।୮(ଡି.ଏନ.ଏ.)

ରେଢ଼ାଖୋଲ ପୋଲିସ ଗୁରୁବାର ସନ୍ଧ୍ୟାରେ କେନ୍ଦୁପତ୍ର ଚୋରା ଚାଲାଣ କରୁଥିବା ଏକ ଟ୍ରକ ଓ ମାର୍ସାଲ ସହ ଏହି ୨ ଗାଡ଼ିକୁ ପାଇଲଟିଂ କରୁଥିବା ମାରୁତି ସୁଇଫ୍ଟ କାରକୁ ଜବତ କରିଛି। ଏହି ଘଟଣାରେ ଚୋରାଚାଲାଣକାରୀଙ୍କ ସମେତ ୧୦ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ କାରରେ ଥିବା ମାଲିକ ତଥା ଡ୍ରାଇଭର ସମ୍ବଲପୁର ଗୋବିନ୍ଦଟୋଲାର ଅଶୋକ ପଟ୍ଟନାୟକ (୫୯), ସୋନୁ ଓରଫ ସରଥ ପ୍ରଧାନ (୫୦) ସୁନାପାଲିର ଶେଖ ଅଲ୍ଲିଖାନ (୫୫), ମହମ୍ମଦ ଗ୍ୟାସୁଦ୍ଦିନ(୪୦), ଚେରୁଆପଡ଼ାର ସୁରଜିତ ସିଂ (୬୫), ତ୍ରିବଣପୁର ଗ୍ରାମର କେନ୍ଦୁପତ୍ର ବୋଝେଇ କରୁଥିବା ଶ୍ରମିକ ସୁରେଶ ମାଝି (୪୨), ପଙ୍କଜ ବେହେରା (୪୩), ସେନାପତି ଭୋଇ, (୪୩), ଭରତାପୁରର ସୁଶୀଲ ପ୍ରଧାନ (୩୦) ଓ ତେନ୍ତେଲାଖୋଲର ଚରଣ ବେହେରା (୨୪)। ଏ ନେଇ ରେଢ଼ାଖୋଲ ଥାନାରେ କେସ ନଂ୧୪୮ ଦଫା ୩୭୯,୪୧୧ ଓ ୧୪ କେଏଲ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଡିଏସପି ହାଡିବନ୍ଧୁ ସ୍ୱାଇଁ କହିଛନ୍ତି। ଜବତ କେନ୍ଦୁପତ୍ର ୪୫ କ୍ୱିଣ୍ଟାଲ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କଦଳିଗଡ଼ ପଞ୍ଚାୟତର ଆମ୍ବଝରି ଗ୍ରାମରୁ ଏକ ଟ୍ରକରେ ଚୋରାଚାଲାଣ ଉଦ୍ଦେଶ୍ୟରେ କେନ୍ଦୁପତ୍ର ବୋଝେଇ ହେଉଥିବା ସୂଚନା ପାଇ ସଦଳବଳ ଚଢ଼ାଉ କରିଥିଲେ। ଜବତ ଟ୍ରକ (ନଂ ଓଡି ୧୫ଡି ୭୨୨୪), ମାର୍ସାଲ (ନଂ ଓଆର ୦୨ଟି ୮୭୨୭ ଓ ପାଇଲଟିଂ ଗାଡ଼ି (ନଂ. ଓଆର ୧୫ଏମ ୨୮୨୯ ବୋଲି ପୋଲିସ କହିଛି।







ଜବତ ଟ୍ରକ, ମାର୍ସାଲ ।

# ମାରଣାତ୍ମକ ଆକ୍ରମଣ : ଅଭିଯୁକ୍ତ କୋର୍ଟ ଚାଲାଣ

ସମ୍ବଲପୁର,୨୩।୮(ବ୍ୟୁରୋ)

ସମ୍ବଲପୁର ମହାନଗର ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ମାରଣାତ୍ମକ ଆକ୍ରମଣ ଅଭିଯୋଗରେ ଗୁରୁବାର ଗିରଫ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି । ସେ ହେଲେ ବୁର୍ଲା ୱାନଆର୍ କଲୋନୀ ବାସୀନ୍ଦା ଲକ୍ଷୀକାନ୍ତ କଲେଜ(୨୯) ଓରଫ୍ ବାବୁଲୁ । ଏନେଇ ବୁର୍ଲା ଥାନାରେ କେସ ନଂ. ୩୧୩/୧୮ରେ ମାମଲା ରୁଜୁ ହୋଇଛି । ୨୯୪/୩୦୭ ଆଇପି ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ୨୨ ତାରିଖ ସାଢ଼େ ୩ଟା ସମୟରେ ଦୁଯେର୍‌ୟାଧନ ପଞ୍ଚବିହାର ୱାନଆର୍ କଲୋନୀ ସ୍ଥିତ ନିଜ ଘରେ ବସିଥିଲେ । ଏହି ସମୟରେ ଲକ୍ଷ୍ମୀକାନ୍ତ ଆସି ତାଙ୍କୁ ଗାଲିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆଘାତ ଦେଇଥିଲେ । ଫଳରେ ଦୁଯେର୍‌ୟାଧନଙ୍କ ନାକ, ଡାହାଣ ହାତ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଥିଲା । ରକ୍ତାକ୍ତ ଭାବେ ତାଙ୍କୁ ଭୀମସାରରେ ଭର୍ତ୍ତି କରାଯାଇଛି ।

# ବନ୍ଦ ହେଲା ରେଙ୍ଗାଲି ସହାୟତା ଆଶ୍ରମ



କେଉଁଟଡିହିସ୍ଥିତ ସହାୟତା ଆଶ୍ରମ।

ରେଙ୍ଗାଲି,୨୩।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି କେଉଁଟଡ଼ିହିସ୍ଥିତ ସହାୟତା ଆଶ୍ରମ ସମ୍ବଲପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଛି। ଗୁରୁବାର ସମ୍ବଲପୁର ଉପଜିଲାପାଳ ପ୍ରଦୀପ ସାହୁ, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ, ତହସିଲଦାର ଦିଲୀପ ପ୍ରଧାନ, ରେଙ୍ଗାଲି ଥାନା ଅଧିକାରୀ ରଜନୀକାନ୍ତ ସାମଲଙ୍କ ଉପସ୍ଥିତ ରହି ସହାୟତା ଆଶ୍ରମକୁ ବନ୍ଦ କରିବା ସହ ଏଠାରେ ରହୁଥିବା ୨୮ ଅନାଥ ଅନ୍ତେବାସୀଙ୍କୁ ସ୍ଥାନାନ୍ତରିତ କରିଥିଲେ।

ସୂଚନାଯୋଗ୍ୟ, ଗତ ୧୩।୮।୨୦୧୮ତାରିଖ ଦିନ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ଆକସ୍ମିକ ପରିଦର୍ଶନରେ ଆସି ସହାୟତା ଆଶ୍ରମ ପଞ୍ଜିକୃତ ହୋଇ ନ ଥିବା ଓ କାଗଜପତ୍ର ଠିକ୍ ନଥିବା ଜାଣିବାକୁ ପାଇଥିଲେ। ଏ ନେଇ ଡିସିପିଓଙ୍କୁ ତଦନ୍ତ କରି ଆଶ୍ରମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସହାୟତା ଆଶ୍ରମରେ ରହିଆସୁଥିବା ୧୭ଜଣଙ୍କୁ ମାନେଶ୍ୱରସ୍ଥିତ ରୁକ୍ମିଣୀ ଲାଠ୍ ବାଲ୍ ନିକେତନ ଏବଂ ୧୧ ଝିଅଙ୍କୁ ଧନକଉଡ଼ାସ୍ଥିତ ବାଳିକା ଆଶ୍ରମକୁ ସ୍ଥାନାନ୍ତର କରାଯାଇଛି। ଏହି ସମୟରେ ଆଶ୍ରମର ପରିଚାଳକ ଶଶିଭୀଷଣ ସାହୁ ଉପସ୍ଥିତ ନ ଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରକ, ଡ୍ରାଇଭର ମୃତ

ରେଢାଖୋଲ,୨୩।୮
(ସ୍ୱ.ପ୍ର./ଡି.ଏନ୍.ଏ.)

ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥ ଚାରମାଳ ଥାନା ଅନ୍ତର୍ଗତ ମୋଚିବାହାଲ ଘାଟି ବୁଲାଣି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। କୁକୁଡା ଦାନା ବୋଝେଇ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଶୁକ୍ରବାର ସକାଳେ ରେଢାଖୋଲ ଦମକଳ ବାହିନୀ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ ସଦଳବଳ ଦୁର୍ଘଟଣାସ୍ଥଳକୁ ଗସ୍ତ କରି ଗ୍ୟାସ କଟର ମାଧ୍ୟମରେ ଗାଡ଼ି ତଳେ ଚାପି ହୋଇ ରହିଥିବା ଟ୍ରକ ଡ୍ରାଇଭରଙ୍କୁ ମୃତ ଓ ହେଲ୍ପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛନ୍ତି। ମୃତ ଟ୍ରକ ଚାଳକଙ୍କ ପରିଚୟ ମିଳିଛି। ସେ ହେଲେ ଚାରମାଳ ଥାନା ରେଢାଖୋଲ ଏନଏସି ଅନ୍ତର୍ଗତ ବର୍ଷକିଆ ଗ୍ରାମର ସୁମନ୍ତ ମିର୍ଦ୍ଧା(୨୮)। ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଆହତ ହେଲ୍ପର ଅନୁଗୋଳ ଜିଲା ଜରପଡ଼ାର ଟିଲୁ ସାହୁ(୨୦)ଙ୍କୁ ପ୍ରଥମେ ଚାରମାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୀର ସୁରେନ୍ଦ୍ରସାଏ ଡାକ୍ତରଖାନା ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୂଚନାନୁଯାୟୀ, ଓଡି୨୧ଏଚ ୩୪୧୫ ନମ୍ବର ବିଶିଷ୍ଟ ୧୪ଚକିଆ ଟ୍ରକ ବରଗଡ଼ରୁ କୁକୁଡା ଦାନା ବୋଝେଇ କରି ୫୫ ନମ୍ବର ଜାତୀୟ ରାଜପଥ ଦେଇ କଟକ ଅଭିମୁଖେ ଆସୁଥିଲା। ଏ ନେଇ ଚାରମାଳ ଥାନାରେ ଏକ ମାମଲା (ନଂ.୧୦୮/୧୮) ରୁଜୁ ହୋଇଛି।



ରାସ୍ତା ତଳକୁ ଓଲଟି ପଡ଼ିଥିବା ଦୁର୍ଘଟଣାଗ୍ରସ୍ତ ଟ୍ରକ।



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

## ସଂକ୍ଷେପରେ

### କଣ୍ଢେଲ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବାରକୋଟ,୨୩।୮ (ଡି.ଏନ.ଏ.)-** ଦେବଗଡ଼ ଜିଲା କଣ୍ଢେଲ ଶିଶୁମନ୍ଦିରଠାରେ ଜ୍ଞାନ ବିଜ୍ଞାନ ମେଳା ପ୍ରଧାନ ଆଚାର୍ଯ୍ୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ରଞ୍ଜନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିର ନିମ୍ନବର୍ଗ, ଶିଶୁବର୍ଗ ଓ ବାଳବର୍ଗର ମୋଟ ୮୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ବିଚାରକ ଭାବେ କଣ୍ଢେଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ସାହୁ, ବାଳିକା ଉଚ୍ଚ ବିଦ୍ୟାଳୟ ବଳମର ପ୍ରଧାନ ଶିକ୍ଷକ କନ୍ତାରୁ ଚରଣ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା ସମିତି ସଭାପତି ଈଶ୍ୱର ଚନ୍ଦ୍ର ପ୍ରଧାନ, ସମ୍ପାଦକ ତୁଳସୀ ପ୍ରସାଦ ବିଶ୍ୱାଳ, କୋଷାଧ୍ୟକ୍ଷ ଲିଙ୍ଗରାଜ ବେହେରା, ପୂର୍ବତନ ସମ୍ପାଦକ ହରପ୍ରସାଦ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ସହଯୋଗ କରିଥିଲେ। ଶେଷରେ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଝୁଲଣ ଯାତ୍ରା ସମାପନ

**ପଦ୍ମପୁର, ୨୩।୮ (ଡି.ଏନ.ଏ): ପଦ୍ମପୁର** ବୁବୁଡା ଗ୍ରାମରେ ଝୁଲଣ ଯାତ୍ରା ବୁଧବାର ସମାପନ ହୋଇଛି । ଏହି ଅବସରରେ ଆୟୋଜିତ ରାଧାକୃଷ୍ଣଙ୍କ ରଥଟଣାରେ ଅନେକ ମହିଳା ପୁରୁଷ ସାମିଲ ହୋଇଥିଲେ । ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବିରେନ ଦାଶ, ପରମେଶ୍ୱର ଦାଶ, କଇଁରୁ ବୁଡେକ, ପ୍ରଫୁଲ୍ଲ ବୁଡେକ, ପୁଞ୍ଜି ବରିହା, ସୁରେନ୍ଦ୍ର ମେହେରେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

**ଦେବଗଡ଼,୨୩।୮ (ସ୍ୱ.ପ୍ର.)-** ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ଡଆଁରା ପଞ୍ଚାୟତରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ବିଧାୟକ ନିତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଅତିଥିବୃନ୍ଦ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ। ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାସିନୀ ସାହୁ, ଉପାଧ୍ୟକ୍ଷ ହରମୋହନ ପାଣି, ସ୍ଥାନୀୟ ସରପଞ୍ଚ ହରିହର ସାହୁ, ଭାଜପା ଜିଲା ସଭାପତି ଅରୁଣ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀଧର ସାହୁ ପରିଚାଳନା କରିଥିଲେ।

### ଝିଲିମିଣ୍ଡାରେ ଶ୍ରାବଣ ରୁଦ୍ରପୂଜା

**ଜାମଟିକ୍ରା, ୨୩।୮ (ଡି.ଏନ.ଏ):** ଆର୍ଟ ଅଫ୍ ଲିଭିଙ୍ଗ ତରଫରୁ ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ପବିତ୍ର ଶ୍ରାବଣ ରୁଦ୍ରପୂଜା ସ୍ୱାମିଜୀ ବ୍ରହ୍ମଜିତ ମହାରାଜଙ୍କ ଅଧ୍ୟକ୍ଷତାରେ ଗୁରୁବାର ପାଳିତ ହୋଇଛି । ଭେଡେନ ପାହାଡଶ୍ରୀଗିଡା, ଅପାମରା ବରଗଡ ପ୍ରଭୃତି ଅଞ୍ଚଳରୁ ଭକ୍ତମାନେ ଆସି ପୂଜାରେ ଅଂଶଗ୍ରହଣ କରିଥିଲେ। ଜୟଲାଲ ମେହେର, ଗିରିଧାରି ମେହେର, ସୁବାଷ ମେହେର, ଗୋପାଳ ମେହେର, ସଞ୍ଚୀ ପ୍ରଧାନ, ବବିତା ମହାପାତ୍ର, ଆହ୍ଲାଦିନୀ ମେହେର ଓ ଜୟନ୍ତୀ ମେହେର ସଂକଳ୍ପରେ ବସିଥିଲେ। ଭରତ ପ୍ରଧାନ ଓ କୃଷ୍ଣ ପଧାନ ରୁଦ୍ରପୂଜା ପରିଚାଳନା କରିଥିଲେ ।

### ପାୱାର ଟିଲର ଋଣ ନାଁରେ ଚାଷୀଙ୍କୁ ଠକେଇ

**ଅତାବିରା, ୨୩।୮ (ଡି.ଏନ.ଏ.):** ପାୱାରଟିଲର ଋଣ କରାଇ ଦେବା ନାଁରେ ଚାଷୀଙ୍କୁ ଠକେଇ କରାଯାଇଥିବା ନେଇ ଗୁରୁବାର ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡିରେ ଜଣେ ଚାଷୀ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଫାଣ୍ଡି ପୋଲିସ ଗୋଡଭଗା ଅଞ୍ଚଳର ଜଣେ ତଥାକଥିତ ଏଜେଣ୍ଟଙ୍କୁ ଥାନାରେ ପଚରାଉଚରା କରି ଛାଡି ଦେଇଥବବା ଜଣାପଡିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ବେହେରାଙ୍କୁ ପଚରାଯିବାରୁ ସମ୍ପୃକ୍ତ ଚାଷୀ ଓ ଏଜେଣ୍ଟଙ୍କ ମଧ୍ୟରେ ସମାଧାନ ହୋଇଯାଇଥିବା କହିଥିଲେ ।

# ଜୋର୍ ଧରିଛି ଦସ୍ତଖତ ଅଭିଯାନ

**ବରଗଡ଼ରେ କ୍ୟାନସର ହସ୍‌ପିଟାଲ ପ୍ରସଙ୍ଗ**

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ଜିଲାରେ ରାଜ୍ୟର ସର୍ବାଧିକ ଲୋକେ କ୍ୟାନସର ଆକ୍ରାନ୍ତ ହେଉଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଭାଲେଣି ସୃଷ୍ଟି ହୋଇଛି । କ୍ୟାନସର ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଏଠାରେ ନ ଥିବାରୁ ଏହି ରୋଗୀଙ୍କ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଫଳରେ ବରଗଡ଼ରେ ଏକ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ସବୁ ମହଲରେ ଦିନକୁ ଦିନ ଦାବି ଜୋର ଧରିଛି । ଜିଲାର ବିଭିନ୍ନ ସଙ୍ଗଠନ, ସାମାଜିକ ଅନୁଷ୍ଠାନ, ଘରୋଇ ଡାକ୍ତରଖାନା, ପାଥୋ କ୍ଲିନିକଠାରୁ ଆରମ୍ଭ କରି ସ୍କୁଲ, କଲେଜର ଛାତ୍ରୀଛାତ୍ର ମଧ୍ୟ କ୍ୟାନସର ହସପିଟାଲ ଦାବି ଅଭିଯାନକୁ ଓହ୍ଲାଇ ସାରିଛନ୍ତି । ଏହି ଦାବି ନେଇ ଗୁରୁବାର ବରଗଡ଼ ସହରର ଭଟଲି ରୋଡ ଛକସ୍ଥିତ ଏକ ଘରୋଇ ନର୍ସିଂହୋମ ପରିସରରେ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ପଦ୍ମଶ୍ରୀ ହଳଧର ନାଗ ସାମିଲ ହୋଇଥିଲେ। ସ୍ଥାନୀୟ ସାଇକୃପା ନର୍ସିଂହୋମ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦସ୍ତଖତ ଅଭିଯାନରେ ସାମିଲ ହେବା ପାଇଁ ପଦ୍ମଶ୍ରୀ ହଳଧର ନିଜ ଗାଁ ଘେଁସରୁ ଏଠାକୁ ଆସିଥିଲେ । ନିଜେ ଦସ୍ତଖତ ଦେଇ କ୍ୟାନସର ହସପିଟାଲ ଦାବିକୁ ସେ ସମର୍ଥନ ଜଣାଇଥିଲେ । ବରଗଡ଼ରେ କ୍ୟାନସର ହସ୍‌ପିଟାଲ ହେଲେ ଉଭୟ ବରଗଡ଼ ଓ ଛତିଶଗଡ଼ ରାଜ୍ୟର ଲୋକେ ଉପକୃତ ହେବେ ଏବଂ ଏଠାରେ କ୍ୟାନସର ମୃତକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହାସହିତ ବରଗଡ଼ ସହର ତଥା ସହର ବାହାରର ଶତାଧିକ ଲୋକ ଏଥିରେ ସାମିଲ ହୋଇ ଦସ୍ତଖତ ଦେଇଥିଲେ । ଡା. ପ୍ୟାରୀଲାଲ ତ୍ରିପାଠୀ, ଡା. ସୁବଳ କର, ଯୁବ ଆଇନଜୀବୀ ଲିପ୍‌ସିତ ମିଶ୍ର, ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଇକୃପା ନର୍ସିଂହୋମର ଡା. ସସ୍ମିତା ଦାଶ ତ୍ରିପାଠୀ, ଡା. ରାଜେଶ ତ୍ରିପାଠୀ ଏବଂ ବଦାନ୍ୟବନ୍ଧୁର ମୁଖ୍ୟ ସୁବ୍ରତ ବିର୍ଡ଼ିଆ ଉକ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ପଦ୍ମଶ୍ରୀ ହଳଧର ନାଗ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଦସ୍ତଖତ ଦେଉଛନ୍ତି ।

# ବାରକୋଟ ପ୍ରାଥମିକ ଶିକ୍ଷକ ସଂଘର ଶପଥ ପାଠ

**ବାରକୋଟ,୨୩।୮ (ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଶପଥ ପାଠ ଉତ୍ସବ ବିଜୟନଗରସ୍ଥିତ ତାରିଣୀ ମନ୍ଦିରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରହ୍ଲାଦ ପ୍ରଧାନଙ୍କ ସହ ସଂଘର ସମସ୍ତ ଉପସଭାପତି, ସହ ସମ୍ପାଦକ, ସଂଗଠନ ସମ୍ପାଦକ, କୋଷାଧ୍ୟକ୍ଷ, ଅଡିଟର, ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ । ପଦ ଓ ଗୋପନୀୟତାର ଶପଥ ପାଠ ପରେ ଆଗାମୀ ଦିନରେ ବାରକୋଟ ବ୍ଲକର ଗୁଣାତ୍ମକ ଶିକ୍ଷା ସହ ଶିକ୍ଷକ ସମାଜର ଉନ୍ନତି ପାଇଁ ସଂଘ କାର୍ଯ୍ୟ କରିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ।

ଦେବଗଡ଼ ଗଣେଶ ପୂଜା

# ଜିଲାପାଳଙ୍କ ସହଯୋଗ ଲୋଡ଼ିଲେ କମିଟି କର୍ମକର୍ତ୍ତା

**ଦେବଗଡ଼,୨୩।୮ (ସ୍ୱ.ପ୍ର.)**

ଦେବଗଡ଼ ଗଣେଶ ମେଳା କିଭଳି ସୂଚାରୁ ରୂପେ ସମ୍ପନ୍ନ ହେବା ସହ ବିଭିନ୍ନ ସମସ୍ୟାର ସମାଧାନ ନେଇ କମିଟି କର୍ମକର୍ତ୍ତା ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଭେଟି ଗୁରୁବାର ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ କମିଟି ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ କମିଟି ପରାମର୍ଶଦାତା ତଥା ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ନିରଞ୍ଜନ ଦ୍ୱିବେଦୀ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ଲକ୍ଷ୍ମଣ କୁମାର ପ୍ରଧାନ, ଇସମାଇଲ ହେଣେଜ୍, ଟିକେଶ୍ୱର ଗୁରୁ, ସୁଶାନ୍ତ ନନ୍ଦ, ମନୋଜ ମହାପାତ୍ର, ପିଣ୍ଟୁ ଦ୍ୱିବେଦୀ, ମେଡିଆ ସେଲ୍‌ର ମୋତିଲାଲ ଶର୍ମା, ପିଲୁ ରାଜେଶ ଅମାନ୍ତ, ପ୍ରିତମ ବେହେରା ପ୍ରମୁଖ କର୍ମକର୍ତ୍ତା ଜିଲାପାଳଙ୍କ ସହ ଆଗାମୀ ସେପ୍ଟେମ୍ବର ୧୩ରୁ ୨୩ ପର୍ଯ୍ୟନ୍ତ ହେବାକୁ ଥିବା ପୂଜା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରି ସହଯୋଗ କାମନା କରିଥିଲେ। ଜିଲାପାଳ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।



ଦେବଗଡ଼ ଗଣେଶ ପୂଜା କମିଟି କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଦେବଗଡ଼,୨୩।୮ (ସ୍ୱ.ପ୍ର.)**

ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାପାଳ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନ, ୪ର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠି ବିନିଯୋଗ, ଆମ ଗାଁ ଆମ ବିକାଶ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଅଙ୍ଗନୱାଡ଼ିକେନ୍ଦ୍ର ନିର୍ମାଣ ଏବଂ ନୂତନ ଭାବେ ଗଠିତ ପଞ୍ଚାୟତଗୁଡ଼ିକର କାର୍ଯ୍ୟାଳୟ ଗୃହ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ସାମଲ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ଏବଂ ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ବକେୟା ଥିବା ୪୭୧୯ ଘର ନିର୍ମାଣ କାର୍ଯ୍ୟ ଡିସେମ୍ବର ମାସ ଶେଷ ସୁଦ୍ଧା ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବୃକ୍ଷରୋପଣ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସବୁଦିନିଆ ରାସ୍ତା ନ ଥିବା ଗ୍ରାମକୁ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ନିର୍ମାଣ, ପ୍ରତ୍ୟେକ ପଞ୍ଚାୟତରେ ଖେଳପଡ଼ିଆ ଏବଂ ନଳକୂପ ଖନନ ଆଦି ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନ ଓ ୪ର୍ଥ ରାଜ୍ୟ ଅର୍ଥ କମିଶନରୁ ମିଳିଥିବା ପାଣ୍ଠିର ବିନିଯୋଗ କରି ସେପ୍ଟେମ୍ବର ମାସ ସୁଦ୍ଧା ସୌରଚାଳିତ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ଅସମ୍ପୂର୍ଣ୍ଣ ଥିବା ଅଙ୍ଗନ୍ୱାଡ଼ି କେନ୍ଦ୍ରଗୁଡ଼ିକର ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ କରି ସିଡିପିଓଙ୍କୁ ହସ୍ତାନ୍ତର କରିବାକୁ ବିଡିଓଙ୍କୁ କହିଥିଲେ। ଆମ ଗାଆଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ନୂତନ ଭାବେ ଗଠିତ ୧୦ ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କହିଥିଲେ। ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲାପାଳ ଆସନ୍ତା ଅକ୍ଟୋବର ୨ ତାରିଖରୁ କାର୍ଯ୍ୟକାରୀ ହେବାକୁଥିବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟା ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ସରକାରଙ୍କ ନିର୍ଦ୍ଦିଷ୍ଟ ମାପଦଣ୍ଡ ଓ ସମୟସୀମା ମଧ୍ୟରେ ହିତାଧିକାରୀ ଚୟନ ଉପରେ କହିବା ସହ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ନ ପଡନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୂନମ କାନ୍ତ ଏକ୍କା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ନିହାର ରଞ୍ଜନ ଦାଶ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ଏମ୍‌ଆଇଏସ୍) ଗଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବୃନ୍ଦ ଯୋଗଦେଇଥିଲେ।

# ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘ ଗଠିତ

**ଅମ୍ବାଭୋନା, ୨୩।୮ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକରେ ମିଳିତ ଶିକ୍ଷକ ସଂଘ ଗଠିତ ହୋଇଛି । ଭୁକ୍ତା ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦୁର୍ଯ୍ୟୋଧନ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବୈଷ୍ଣବ ଚରଣ ଭୋଇ ଶିକ୍ଷକମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ କରିଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ରାଜକୁମାର ବଘେଲ ସଭାପତି, ରୋହିତ କୁମାର ଭୋଇ ଉପ ସଭାପତି, ମିଳନ କୁମାର ପଟେଲ ସମ୍ପାଦକ, ବିନତା ସାହୁ ଯୁଗ୍ମ ସମ୍ପାଦକ ଏବଂ ସୁନୀଲ କୁମାର ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।

# ଗାଁ ରାସ୍ତା ସଫେଇ

**ଜାମଟିକ୍ରା, ୨୩।୮ (ଡି.ଏନ.ଏ.)**

ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲିପାଲି ୧୧ ନମ୍ବର ୱାର୍ଡ ମାତାଡେରାର ମାଁ ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୁରୁବାର ମାତା ଡେରାପଡାଠାରୁ ରେଙ୍ଗାଲି କ୍ୟାମ୍ପ କେନାଲ ଛକ ପର୍ଯ୍ୟନ୍ତ ରାସ୍ତା ସଫେଇ କରିଛନ୍ତି। ଏଥିରେ ଅନୁସୟା ବିଶ୍ୱାଳ, ବିଶାଖା ପଟେଲ, ସବିତା ପଟେଲ, ପଦ୍ମା ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

# କୃତୀ ଛାତ୍ରୀଛାତ୍ର ସମ୍ମାନିତ

**ଅତାବିରା, ୨୩।୮ (ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ କଲେଜ, ହାଇସ୍କୁଲ, ଜ୍ଞାନୋଦୟ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଗୁରୁବାର ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ପରିସରରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। କାଦୋବାହାଲ କଲେଜର କଳା, ବାଣିଜ୍ୟ, ଭୋକେସନାଲ ପାଠ୍ୟକ୍ରମରେ ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେର, କୁମାରୀ ପୂଜା କରୁଣା, ଅରୁଣ କୁମାର ନାଏକଙ୍କୁ କମଳିନୀ ମେମୋରିଆଲ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଭରତ କିଶୋର ପତିଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରାଣନାଥ ତ୍ରିପାଠୀ ମୁଖ୍ୟଅତିଥି ଓ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ପଞ୍ଚାୟତ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମନୀଷା ସାହୁଙ୍କୁ ଅନୁସୟା ମେମୋରିଆଲ ସମ୍ମାନରେ ସମ୍ମାନିତ କରିଥିଲେ । ଭକ୍ତି ସଙ୍ଗୀତ ଗାନ କରିଥିବା ସିନିୟର ବିଭାଗ ଆକାଂକ୍ଷା ମିଶ୍ର ଓ ଜୁନିୟର ବିଭାଗ ଆଲିଶା ମେହେରଙ୍କୁ ସମ୍ମାନିତ କରାଯାଇଥିଲା ।

ଦେବଗଡ଼ କଲେଜରେ ଦୁର୍ନୀତି ଅଭିଯୋଗ ଘଟଣା

# ଅର୍ଥ ତୋସରପାତ ଅଭିଯୋଗକୁ ଖଣ୍ଡନ କଲେ ପୂର୍ବତନ ଅଧ୍ୟକ୍ଷ

**ଦେବଗଡ଼,୨୩।୮ (ସ୍ୱ.ପ୍ର.)**

ଦେବଗଡ଼ କଲେଜରେ ମିଥ୍ୟା ଭାଉଚର କରି ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ କରିଥିଲେ କଲେଜ ପରିଚାଳନା କମିଟି ସଭାପତି ସୁଧୀର କପରଦାର। ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି କଲେଜର ପୂର୍ବତନ ଅଧ୍ୟକ୍ଷ ସୁକାନ୍ତି ଗଡତିଆ। ସ୍ଥାନୀୟ ଲିଟିଲ କନଫେରେନ୍ସ ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ନାକ୍ କମିଟିର ରହିବା, ଖାଇବା, ଗସ୍ତଖର୍ଚ୍ଚ ଏବଂ ଅନ୍ୟାନ୍ୟ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ତାଙ୍କ କହିବାନୁସାରେ ବାଙ୍ଗାଲୋରରୁ ଆସିଥିବା ନାକ୍ କମିଟି ପ୍ରତିନିଧିଙ୍କ ଯାତାୟାତ ଓ ରହଣି ପାଇଁ ମୋଟ ୧ଲକ୍ଷ ୨୨ହଜାର ୮୬୯ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୧୬ ଅଗଷ୍ଟ ୨୭ରେ ପରିଚାଳନା କମିଟିର ପୂର୍ବତନ ସଭାପତି ସଞ୍ଜୀବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ୧୫ଟି ପ୍ରସ୍ତାବ ଆଗତ ହୋଇ ପାସ୍ ହୋଇଥିଲା। ସେହିପରି ୨୦୧୬ ଜୁଲାଇ ୪ ତାରିଖରେ ପରିଚାଳନା କମିଟିର ଏକ ସଭାର ନିଷ୍ପତ୍ତିକ୍ରମେ କଲେଜ କ୍ୟାଣ୍ଟିନ୍ ନିର୍ମାଣ, କଲେଜ ବିଲ୍ଡିଂର ନବୀକରଣ ଏବଂ ବଏଜ୍ କମନ ରୁମର ମରାମତି ପାଇଁ ନିଷ୍ପତ୍ତି ନେଇଥିଲେ। ସେତେବେଳର କମିଟି ସଭାପତି ସଞ୍ଜୀବ ପ୍ରଧାନ ତାଙ୍କ ସମ୍ପର୍କୀୟଙ୍କୁ ନିର୍ମାଣ କାର୍ଯ୍ୟ କରିବାପାଇଁ ୱାର୍କ ଅର୍ଡର ଦେଇଥିଲେ। ଜୁଲାଇ ଶେଷ ସପ୍ତାହ ସୁଦ୍ଧା ଅର୍ଥାତ ନାକ୍ କମିଟି ଆସିବା ପୂର୍ବରୁ କାମ ସମ୍ପୂର୍ଣ୍ଣ ହୋଇଥିଲା । ତେଣୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବର୍ତ୍ତମାନର ସଭାପତି କପରଦାର ଦେଇଥିବା ତଥ୍ୟର ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ସେ ଆହ୍ୱାନ କରିଛନ୍ତି ।

## ଫଟୋରେ ଖବର





ଅତାବିରା ଏନଏସି ମାତାଡେରାର ମହିଳାମାନେ ଗାଁ ରାସ୍ତା ସଫା କରୁଛନ୍ତି (ବାମ) । ପଦ୍ମପୁର ବ୍ଲକ ଦର୍ଲଗୁଡା ଗ୍ରାମରେ ଇନ୍ଦ୍ରପୂଜା ଚାଲିଛି ।

# ଛାତ୍ରୀଛାତ୍ର ଏକେସାଏର୍ ଗାଏବେ ଗଙ୍ଗାଧର ଗୀତ୍

**ବରଗଡ଼ ଅଫିସ୍,୨୩।୮**

ଆଏବାର ରଏବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ଅନୁଷ୍ଠିତ୍ ହେବା। ଇଥିର୍‌ଲାଗି ସଜ୍‌ବାଜ୍ ଆରମ୍ ହେଇଯାଇଛେ। ଇଥର ଇ ସମାରୋହକେ ଗୁଟେ ଭିନେ ଢ଼ଂଗେ ପାଳନ୍ କର୍‌ବାର ଯୋଜ୍‌ନା କରିଛେ ବରଗଡ଼ ଜିଲା ଶିକ୍ଷା ବିଭାଗ୍। ଜୟନ୍ତୀ ସମାରୋହ ଦିବସ୍‌ରେ ଜିଲାର ସବୁ ପ୍ରାଥମିକ୍ ସ୍କୁଲର ଛାତ୍ରୀଛାତ୍ର ଗୁଟେ ଦିନ୍ ଏକେସାଏର୍ କବି ଗଙ୍ଗାଧରଙ୍କର ରଚିତ୍ ଗୀତ୍ ଗାଏବେ ବଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସୂଚ୍‌ନା ଦେଇଛନ୍। ସେ ସୂଚ୍‌ନା ଦେଇ କହିଛନ୍ ଯେ, କବି ଗଙ୍ଗାଧରଙ୍କର ୪ଟା ଗୀତ୍‌କେ ସଂଗୀତ୍ ରୂପ୍ ଦିଆଯାଇଛେ। ସଂଗୀତ୍ ନିର୍‌ଦେଶକ ନବ ମହନ୍ତଙ୍କର ନିର୍‌ଦେଶନାରେ ଛାତ୍ରୀଛାତ୍ର ଇ ଗୀତ୍‌ମାନ୍ ଗାଇଛନ୍। ବରଗଡ଼ ସହରର ଗୁଟେ ଷ୍ଟୁଡିଓରେ ଇ ଗୀତ୍‌ମାନ୍ ରେକର୍ଡିଂ ହେଇଛେ। ଜିଲାର ସବୁ ସରକାରୀ ସ୍କୁଲର ପର୍‌ଥମରୁ ଦଶମ୍ ତକ୍ ପଢୁଥିବାର ଅଢ଼େ ଲକ୍ଷ ଛାତ୍ରୀଛାତ୍ର ଏକେସାଏର୍ ଗଙ୍ଗାଧର ସଂଗୀତ୍ ପରିବେଷନ୍ କରି ବରଗଡ଼ ମାଏଟ୍‌ର କବିକୁଁ ଶ୍ରଦ୍ଧାଞ୍ଜଳି ଅର୍‌ପନ କର୍‌ବେ। ଗୁରୁବାର ତକ୍ ଗୀତ୍‌ମାନ୍ ଜିଲାର ସବୁ ସ୍କୁଲ୍‌କେ ପଠାଯିବା। ସ୍କୁଲ୍‌ମାନ୍‌କର ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଦେଖ୍‌ରେଖ୍‌ରେ ଛାତ୍ରୀଛାତ୍ର ଗୀତ୍‌ମାନ୍ ଅଭିଆସ୍ କର୍‌ବେ। ଇ ଗୀତ୍‌ମାନ୍ ସ୍କୁଲ୍‌ମାନ୍‌କେ ପାର୍‌ଥନା ହିସାବେ ଗାଏବାର ଲାଗି ବି ଚେଷ୍‌ଟା କରାଯାଉଛେ। ବଛର୍ ଜାକ ଗଙ୍ଗାଧର ସାହିତିଅ ଉପ୍‌ରେ ଛାତ୍ରୀଛାତ୍ର ଯେନ୍‌ଥେଇ ଗିଆଁନ୍ ପାଇ ପାର୍‌ବେ, ସେଥିର୍‌ଲାଗି ଭିନେ ଭିନେ ପର୍‌ତିଯୋଗିତା ଆୟୋଜନ କରାଯାଉଛେ ବଲି ଜିଲା ଶିକ୍ଷା ଅଧିକାରୀ ଯୋଶୀ ସୂଚ୍‌ନା ଦେଇଛନ୍।



ଗଙ୍ଗାଧର ଜୟନ୍ତୀ ପ୍ରସ୍ତୁତି ବଇଠକ୍‌ରେ ଜିଲା ଶିକ୍ଷା ଅଧିକାରୀ ଆର୍ ଉନିଆମାନେ।



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### କଳା ପରିଷଦରେ ଶୋକସଭା

ସମ୍ବଲପୁର,୨୩।୮(ବ୍ୟୁରୋ) : ଚଳଚ୍ଚିତ୍ର ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଗୁରୁବାର ସମ୍ବଲପୁର କଳା ପରିଷଦଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସାଧାରଣ ସମ୍ପାଦକ ସୁଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ଡ. ବିଜୟ କୁମାର ପ୍ରଧାନ, ଯୁଗ୍ମସମ୍ପାଦକ ସୂର୍ଯ୍ୟପ୍ରକାଶ ଗୁରୁ, ରଣଜିତ କୁମାର ନାଗ, କୃପାସିନ୍ଧୁ ଗୁରୁ, ଭାଗବତ ପ୍ରସାଦ ନନ୍ଦ, ମନୋରଞ୍ଜନ ପାଢ଼ୀ, ବାପୁଜୀ ପଟ୍ଟନାୟକ, ସୁଧୀର ପୂଜାରୀ, ଅକ୍ଷୟ ପ୍ରଧାନ, ଚକ୍ରଧର ମିଶ୍ର, ସରୋଜ ଦାଶ, ରମଣୀରଞ୍ଜନ ପଣ୍ଡା, ସନ୍ତୋଷ ସୁନା, ତ୍ରିଲୋଚନ ତ୍ରିପାଠୀ, କାର୍ତ୍ତିକେଶ୍ୱର ପ୍ରଧାନ, ଲାଲ ଅନଙ୍ଗ ସାଏଦେଓ, କପେଳେନ୍ଦ୍ର ସାହୁ, ଡ. କ୍ରିଷ୍ଣା ପଟେଲ, ଅପର୍ଣ୍ଣା ପାଢ଼ୀ ପ୍ରମୁଖ ଯୋଗଦେଇ ଦେବୁ ବୋଷଙ୍କ ସ୍ମୃତିଚାରଣ କରିଥିଲେ । ଏଥିସହ ସମ୍ବଲପୁର ସହ ଦେବୁଙ୍କ ସମ୍ପର୍କ ବିଷୟରେ ସଭ୍ୟମାନେ ସୂଚନା ଦେଇଥିଲେ ।

# ସେପ୍ଟେମ୍ବର ୧୧ରେ ଛାତ୍ର ଅଧିକାର ରାଲି

ସମ୍ବଲପୁର,୨୩।୮(ବ୍ୟୁରୋ)

ରାଜ୍ୟରେ ଉଚ୍ଚ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ବିବିଧ ସମସ୍ୟା ଦେଖାଦେଇଛି । ମୁଖ୍ୟତଃ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ସେହିପରି ଭିତ୍ତିଭୂମିର ଅଭାବ, ଲାଇବ୍ରେରୀରେ ପୁସ୍ତକ ଗଚ୍ଛିତ ରହୁନାହିଁ। ଏଥିସହ କ୍ୟାମ୍ପସ୍‌ରେ ଛାତ୍ରୀମାନେ ଅସୁରକ୍ଷିତ ମଣୁଛନ୍ତି। ଶାସକ ଦଳର ଗୁଣ୍ଡାରାଜ ବଢ଼ିବାରେ ଲାଗିଛି। ଯଦ୍ୱାରା ପାଠ ପଢ଼ାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିରୋଧରେ ସେପ୍ଟେମ୍ବର ୧୧ ତାରିଖରେ ଭୁବନେଶ୍ୱର ପିଏମଜି ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଗୁରୁବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଜାତୀୟ ବିଶ୍ୱବିଦ୍ୟାଳୟ ଆବାହକ ରୋହିନ ରାୟ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ଏହି ଛାତ୍ର ଅଧିକାର ରାଲିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ କଲେଜର ଛାତ୍ରୀଛାତ୍ର ସାମିଲ ହେବେ। ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସମ୍ପାଦକ ଅଭିଳାଷ ପଣ୍ଡା, ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ, ଯୁଗ୍ମ ସମ୍ପାଦକ ସମୀର ରାଉତ ଓ ସ୍ୱାଗତ ଘଡେଇ, ସମ୍ବଲପୁର ବିଭାଗ ସଂଯୋଜକ ଚନ୍ଦ୍ରଶେଖର ପାତ୍ର, ସମ୍ବଲପୁର ଜିଲା ଆବାହକ ରାଜକୁମାର ମେହେର, ରାଜ୍ୟ ବିଶ୍ୱବିଦ୍ୟାଳୟ ଆବାହକ ତଥା ରାଲିର ସଂଯୋଜକ ବୁଦ୍ଧଦେବ ବାଗ, ଓମ ପ୍ରିୟଦର୍ଶୀ ଛୋଟରାୟ, ବଲାଙ୍ଗୀର ଜିଲା ଆବାହକ ଦେବାଶୀଷ ଶତପଥି, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ରିତେଶ ରଞ୍ଜନ ମେହେର ଆନ୍ଦୋଳନ ବିଷୟରେ ସୂଚନା ଦେଇଥିଲେ । ପୂର୍ବାହ୍ନରେ ଛାତ୍ର ଅଧିକାର ଶୀର୍ଷକ ପଶ୍ଚିମ ଓଡ଼ିଶାସ୍ତରୀୟ କର୍ମଶାଳା ହୋଇଥିଲା। ଏଥିରେ ୧୦ ଜିଲାର ଛାତ୍ର ପ୍ରତିନିଧି ଓ କର୍ମକର୍ତ୍ତା ସାମିଲ ଥିଲେ।




ଗୁରୁବାର ସମ୍ବଲପୁରରେ ଜାତୀୟ ବିଶ୍ୱବିଦ୍ୟାଳୟ ଆବାହକ ରୋହିନ ରାୟ ଛାତ୍ର ଅଧିକାର ରାଲି ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

### ରାସ୍ତାରେ ପାଇଥିବା ମନିପର୍ସ ହସ୍ତାନ୍ତର

ସମ୍ବଲପୁର,୨୩।୮ ୧(ବ୍ୟୁରୋ)

ସମ୍ବଲପୁର ପୁରୁଣା ବସ୍‌ଷ୍ଟାଣ୍ଡ ରାସ୍ତାରେ ଗତ ରାତି ସାଢ଼େ ୧୦ଟାରେ କଳା ରଙ୍ଗର ପର୍ସ ଟିଏ ପଡିଥିଲା । ଏହି ବାଟରେ ଯାଉଥିବା ଜିଲା ଶିଶୁ ସୁରକ୍ଷା କଲ୍ୟାଣ ସମିତି ସଭ୍ୟ ସୂର୍ଯ୍ୟ ପାଣିଗ୍ରାହୀ ପାଇଥିଲେ । ଏହାପରେ ସେ ପର୍ସ ଟିକୁ ଟାଉନ ଥାନା ଅଧିକାରୀଙ୍କୁ ନେଇ ଦେଖାଇଥିଲେ । ପର୍ସ ଭିତରେ ଫୋନ ନମ୍ବର ନଥିବାରୁ ଯୋଗାଯୋଗ କରିବାରେ ଅସୁବିଧା ହୋଇଥିଲା । ଏହାପରେ ବହୁ କଷ୍ଟରେ ପର୍ସରୁ ଫୋନ ନମ୍ବର ବାହାର କରାଯାଇଥିଲା । ଏହାପରେ ପର୍ସଟି ଟାଉନ ଥାନା ଅନ୍ତର୍ଗତ ବିଜୁ କଲେତଙ୍କ ବୋଲି ଜଣାପଡିଥିଲା । ଗୁରୁବାର ପୂର୍ବାହ୍ନରେ ସୂର୍ଯ୍ୟ କୁମ୍ଭାରପଡା ସ୍ଥିତ ବିଜୁଙ୍କ ବାସଭବନକୁ ଯାଇ ପର୍ସକୁ ହସ୍ତାନ୍ତର କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ପର୍ସ ଭିତରେ ୩ଟି ଏଟିଏମ କାର୍ଡ, ନଗଦ ୪ଶହ ଟଙ୍କା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା ।

# ଭାଜପା ମହିଳା ମୋର୍ଚ୍ଚାର ସାତ ଶୀତଳ କାର୍ଯ୍ୟକ୍ରମ



ଗୁରୁବାର ସମ୍ବଲପୁର ଧନକଉଡା ସ୍ୱଧାର ଗୃହରେ ଭାଜପା ମହିଳା ମୋର୍ଚ୍ଚାର ସାତ ଶୀତଳ କାର୍ଯ୍ୟକ୍ରମରେ ନୀରବ ପ୍ରାର୍ଥନା ।

ସମ୍ବଲପୁର,୨୩।୮(ବ୍ୟୁରୋ)

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଗୁରୁବାର ସାତ ଶୀତଳ କାର୍ଯ୍ୟକ୍ରମ ଧନକଉଡ଼ାସ୍ଥିତ ସ୍ୱଧାର ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଅନ୍ତେବାସୀମାନେ ପୁଷ୍ପ ଅର୍ପଣ କରିଥିଲେ। ଏହାପରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ଭାଜପା ସମ୍ପାଦିକା ସଲିଳା ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ରାଜ୍ୟ ସମ୍ପାଦିକା ସବିତା ନନ୍ଦ, ଜିଲା ସଭାପତି ରାମଚନ୍ଦ୍ର

#### ସାମିଲ ହେଲେ ସ୍ୱଧାର ଅନ୍ତେବାସୀ

ମେହେର, ସାଧାରଣ ସମ୍ପାଦକ ଦାମଦୋର କର, ଯୁବ ମୋର୍ଚ୍ଚା ସଭାପତି ରିକନ୍ ପଟ୍ଟନାୟକ, ପ୍ରଭୁଦତ୍ତ ପଣ୍ଡା, ପ୍ରଣତି ଦାସ, ସୋରଜିନୀ ବନଛୋର, ଭବାନୀ ଦୁସର, ଅମୁଲ୍ୟା ସାହୁ, ହରିପ୍ରିୟା ସିଂ, ମୈଥିଳି ବାଗ, କାଜଳ ଚକ୍ରବର୍ତ୍ତୀ, କ୍ଷୀରାବ୍ଧି ରଣା, ଅନିତା ଓରାମ, ଗୋପେଶ୍ୱରୀ ଦାସ, ପ୍ରମିଳା ମଟାରୀ, ବେଟି ବଚାଓ ବେଟି ପଢ଼ାଓ ସଂଯୋଜିକା ମୁନମୁନ ସୌଦାଗର, ଗୋଲ୍ଡି ଗିରଧର ସାମିଲ ହୋଇଥିଲେ ।

### ହୀରାକୁଦ ଡ୍ୟାମ ଜଳସ୍ତର ୬୨୧. ୧୭ ଫୁଟ

ସମ୍ବଲପୁର,୨୩।୮(ବ୍ୟୁରୋ)

ହୀରାକୁଦ ଡ୍ୟାମର ଜଳସ୍ତର ଗୁରୁବାର ରାତି ୯ଟା ସୁଦ୍ଧା ୬୨୧.୧୭ ଫୁଟ ରହିଛି । ଉପରମୁଣ୍ଡରେ ବର୍ଷା ପରିମାଣ ବୃଦ୍ଧି ହୋଇଛି । ତେଣୁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧,୧୭, ୬୭୨ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ବାମ ପାର୍ଶ୍ୱ ୧ଟି ଓ ଡାହାଣ ପାର୍ଶ୍ୱର ୧ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି । ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୨ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟେରୀ, ପାୱାର ଚ୍ୟାନାଲ ମାଧ୍ୟମରେ ୪୫,୭୭୧ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୭.୧ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଧନକଉଡାରେ ୧.୩, ବାମରାରେ ୦.୮, ରେଢ଼ାଖୋଲ ୨.୦, ଜମନକିରାରେ ୧.୬, କୁଚିଣ୍ଡାରେ ୧.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । କିନ୍ତୁ ଜିଲାର ରେଙ୍ଗାଲି, ଝୁଝୁମୁରା, ମାନେଶ୍ୱର, ନାକଟିଦେଉଳ ବ୍ଲକ ଅଞ୍ଚଳରେ ବର୍ଷା ହୋଇନଥିବା ରେକର୍ଡ କରାଯାଇଛି । ଡ୍ୟାମର ଉପମୁଣ୍ଡରେ ୦୦.୫୭ ଓ ତଳ ମୁଣ୍ଡରେ ୦୧.୨୧ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ବାଦଲ ପାଗ ଲାଗି ରହିଥିବର ବୁର୍ଲା ସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି।

# ବଜାଜ୍ ପାୱାର ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଗୁରୁବାର ସମ୍ବଲପୁର ମାଁ ସମଲେଶ୍ୱରୀ ଅଟୋମୋବାଇଲ ପରିସରରେ ନଟବର୍ କୁମାର ବାଙ୍କା ବଜାଜ ପାୱାର ଚ୍ୟାଲେଞ୍ଜ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି ।

ସମ୍ବଲପୁର,୨୩।୮(ବ୍ୟୁରୋ)

ବଜାଜ ପାୱାର ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଗୁରୁବାର ବିର୍ସାମୁଣ୍ଡା ଛକ ନିକଟ ମା' ସମଲେଶ୍ୱରୀ ଅଟୋମୋବାଇଲ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ଏରିଆ ମ୍ୟାନେଜର ଅନନ୍ତ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ମା' ସମଲେଶ୍ୱରୀ ଅଟୋମୋବାଇଲ ସତ୍ତ୍ୱାଧିକାରୀ ନଟବର କୁମାର ବାଙ୍କା ମୁଖ୍ୟ ଅତିଥି ଓ ଗୌରବ ବାଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବଜାଜ କମ୍ପାନୀର ତିନିଚକିଆ ଯାନ ବ୍ୟବହାର କରୁଥିବା ଗ୍ରାହକ କିପରି ଅଧିକ ରୋଜଗାର କରିପାରିବେ, ସମୟର ସଦୁପଯୋଗ ହୋଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଚ୍ୟାଲେଞ୍ଜ କାର୍ଯ୍ୟକ୍ରମରେ ଭାଗନେଇ ଶ୍ରେଷ୍ଠତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୫ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨ଶହ ଟଙ୍କାର ତେଲ ସମେତ ସର୍ଭିସିଂ ନିଶୁଳ୍କ କରାଯାଇଥିଲା। ଶୁକ୍ରବାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଅନ୍ୟମାନଙ୍କ ମଧ୍ୟରେ ବଜାଜ କମ୍ପାନୀର ସର୍ଭିସ ମ୍ୟାନେଜର ମନୋଜ ସାହୁ, ସିଜିଏମ ସୁଶାନ୍ତ ମିଶ୍ର କର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଦିନରେ ୭ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଅନ୍ତର୍ଜାତୀୟ କ୍ରୀତଦାସ ଉଚ୍ଛେଦ ଦିବସ






ଗୁରୁବାର ସମ୍ବଲପୁର ଆଇନ କଲେଜରେ ପ୍ରଫେସର ଶ୍ରୀବନ୍ତ ଦାଶ ବକ୍ତବ୍ୟ ଦେଉଛନ୍ତି (ବାମ) । କଲେଜରେ ଆୟୋଜିତ ଅନ୍ତର୍ଜାତୀୟ କ୍ରୀତଦାସ ଉଚ୍ଛେଦ ଦିବସରେ ଭାଗନେଇଥିବା ଛାତ୍ରୀଛାତ୍ର ।

ସମ୍ବଲପୁର,୨୩।୮(ବ୍ୟୁରୋ)

ଭାରତ ୭୨ତମ ସ୍ୱାଧୀନତା ଦିବସ ପାଳନ କରି ସାରିଛି। କିନ୍ତୁ କ୍ରୀତଦାସ ପ୍ରଥା ଉଚ୍ଛେଦ ହୋଇନାହିଁ। ହେଲେ ଏହାର ସ୍ୱରୂପରେ ପରିବର୍ତ୍ତନ ହୋଇଛି। ଶିଶୁ ଶ୍ରମିକ, ଦାଦନ ଶ୍ରମିକ, ସଂପ୍ରତି ଦେଶରେ ଦେଖା ଦେଇଛି। ଦେଶରେ ବନ୍ଧକ ଶ୍ରମିକ ଆଇନ ୧୯୭୬ ଥିଲେ ମଧ୍ୟ କ୍ରୀତଦାସ ପ୍ରଥା ଉଚ୍ଛେଦ ହୋଇପାରିନାହିଁ। ଏହା ଦେଶରେ ଜୀବିତ ଅଛି। ଏଣୁ ଆଇନ ଛାତ୍ରୀଛାତ୍ରମାନେ ସମୟ ସହ ତାଳ ଦେଇ କ୍ରୀତଦାସ ପ୍ରଥା ଉଚ୍ଛେଦ କରିବା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ। ଗୁରୁବାର ସମ୍ବଲପୁର ଲଜପତ ରାୟ ଆଇନ କଲେଜ ସମ୍ମିଳନୀ କଲେଜରେ ଆୟୋଜିତ ଅନ୍ତର୍ଜାତୀୟ କ୍ରୀତଦାସ ଉଚ୍ଛେଦ ଦିବସରେ ବକ୍ତା ଓ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ଭାଗୀରଥୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ କୁମାର ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ଓ ଡ. ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ପୁରୁଣା କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଶିକ୍ଷାବିତମାନେ ଉପସ୍ଥିତ ଥିଲେ।

### ଚିକିତ୍ସାଧୀନ ସିଆରପିଏଫ ଯବାନ ମୃତ

ବୁର୍ଲା,୨୩।୮(ଡି.ଏନ.ଏ.)

ସମ୍ବଲପୁର ସିଆରପିଏଫର ଜଣେ ଯବାନ ରକ୍ତ ବାନ୍ତି କରି ବୁର୍ଲା ଭୀମସାର ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କର ମୃତ୍ୟୁ ଘଟିଛି। ମୃତ ଯବାନଜଣକ ରାକେଶ ସିଂ (୪୯) ବୋଲି ଜଣାପଡ଼ିଛି। ମେଡିକାଲ ଫାଣ୍ଡି ପୋଲିସ ଖବର ପାଇ ମୃତଦେହକୁ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୭୧୦/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ରାକେଶଙ୍କର ଘର ଉତ୍ତରପ୍ରଦେଶ ଆହ୍ଲାବାଦ ଲାଲପୁର ଥାନା ଅଧୀନ ଗୋହ୍ଲେୟା ଗ୍ରାମରେ। ସେ ବୁଧବାର ପୂର୍ବାହ୍ନ ୧୧ଟାରେ ହଠାତ୍ ରକ୍ତବାନ୍ତ କରି ଗୁରୁତର ହୋଇପଡ଼ିଥିଲେ। ବୁର୍ଲା ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଗୁରୁବାର ପୂର୍ବାହ୍ନ ୯.୧୫ ମିନିଟରେ ସେ ମୃତ ହୋଇଥିଲେ। ଶବ ବ୍ୟବଚ୍ଛେଦ ପରେ ସିଆରପିଏଫ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

### ନଭେମ୍ବର ୨୫ରୁ ନାଟ୍ୟୋତ୍ସବ

– କଖଗ ପ୍ରୟୋଗଶାଳାରେ ଅମୃତମୟ ସଙ୍ଗୀତ ଶୁଭାରମ୍ଭ

ସମ୍ବଲପୁର,୨୩।୮(ବ୍ୟୁରୋ)

ଧନୁପାଲି କଖଗ ପ୍ରୟୋଗଶାଳାଠାରେ ଗୁରୁବାର ରାତିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତା ଅମୃତମୟ ସଙ୍ଗୀତ ଶୁଭାରମ୍ଭ ହୋଇଛି। ସେହିପରି ଛାୟା କ୍ରିଏସନ୍ ୟୁ-ଟ୍ୟୁବ ଏବଂ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଛି। ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ନାଟ୍ୟ ଅଭିନେତା ତଥା ଶିକ୍ଷାବିତ ଡ. ଦିଲୀପ କୁମାର ପଣ୍ଡା ଓ ଡ. ଦ୍ୱାରିକାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧରଙ୍କ ଲୋକଗୀତ ରେକର୍ଡିଂ କରାଯାଇଥିଲା। କଖଗ ବରିଷ୍ଠ ଅଭିନେତା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇ କହିଥିଲେ ଯେ, ଆସନ୍ତା ନଭେମ୍ବର ୨୫ରୁ ୨୭ ତାରିଖ ତିନି ଦିନ ଧରି ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ନାଟ୍ୟୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଞ୍ଚସ୍ଥ ହେବାକୁ ଥିବା ନାଟକ ପାଇଁ ଅଭିନେତା, ଅଭିନେତ୍ରୀ ଓ କଳାକାରମାନେ ଅନୁରୂପ ଭାବେ ପ୍ରସ୍ତୁତ ଅଛନ୍ତି। କଖଗ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ କହିଥିଲେ ଯେ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀକୁ ଦୃଷ୍ଟିରେ ରଖି ଅମୃତମୟ ସଙ୍ଗୀତର ପରିକଳ୍ପନା କରାଯାଇଛି। ଏଥିରେ ବରିଷ୍ଠ କଣ୍ଠଶିଳ୍ପୀ ସୁବାଷ ତ୍ରିପାଠୀ କଣ୍ଠଦାନ କରିଥିଲେ। ମମତା ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ସିନେଜଗତର ବରିଷ୍ଠ ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି

ସମ୍ବଲପୁର, ୨୩।୮ (ବ୍ୟୁରୋ)



ଗୁରୁବାର ସମ୍ବଲପୁର ଭାଜପା ପ୍ରତିନିଧିମାନେ ମୃତ ଚାଷୀଙ୍କ ପରିବାରଙ୍କ ସହ ଆଲୋଚନା କରୁଛନ୍ତି ।

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ଗ୍ରାମ ପଞ୍ଚାୟତ ଖୁଲିଆ ଗ୍ରାମର ମୃତ ଚାଷୀ ଲଳିତ ବାରିକଙ୍କ ପରିବାରଙ୍କୁ ଗୁରୁବାର ଭାଜପା ପ୍ରତିନିଧି ଦଳ ଭେଟି ସମବେଦନା ଜଣାଇଛନ୍ତି। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି ଚାଷୀମାନଙ୍କ ସୁରକ୍ଷା ଓ ଚାଷୀ ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଅଥଚ ରାଜ୍ୟ ସରକାରଙ୍କ ଅବହେଳା ଓ ନିଷ୍କ୍ରିୟତା ଯୋଗୁଁ ଚାଷୀମାନେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ଯଦ୍ୱାରା ରାଜ୍ୟରେ ଚାଷୀ ଆତ୍ମହତ୍ୟା ଦେଖାଦେଉଥିବା ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାଉରୀ ନାୟକଙ୍କ ନେତୃତ୍ୱରେ ଜିଲାପରିଷଦ ଅଧ୍ୟକ୍ଷ ରାଧାଶ୍ୟାମ ବାରିକ, ଭାଜପା ମଣ୍ଡଳ ସଭାପତି ସଞ୍ଜୀବ ବାରିକ, ବ୍ଲକ ଅଧ୍ୟକ୍ଷା ସୁରେସିନୀ ଓରାମ, ନରେନ୍ଦ୍ର ମିଶ୍ର, ରମେଶ ପ୍ରଧାନ, ମୁରାରୀ ସାହୁ, ଶୈଳେନ୍ଦ୍ରୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ନାଳ ପାଣିରୁ ମୃତଦେହ ଉଦ୍ଧାର

ବାମରା,୨୩।୮(ସ୍ୱ.ପ୍ର.)

■୧୮ ଘଣ୍ଟା ଧରି ନାଳ ମଧ୍ୟରେ ପଡ଼ି ରହିଥିଲା ମୃତଦେହ

■ସାମ୍ବାଦିକ ବନ୍ଧୁ ଉଦ୍ଧାର କଲେ

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ଖଡିଆପଡ଼ାଠାରେ ବୁଧବାର ରାତିରେ ନାଳ ପାଣିରେ ବୁଡ଼ିଯାଇ ଜଣେ ମୃତ ହୋଇଥିଲେ। ଏହାକୁ ୧୮ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ସାହିପଡ଼ିଶା ସମେତ ଜାତିବନ୍ଧୁ ଲୋକେ ମୃତକଙ୍କୁ ଦେଖିବାକୁ ମଧ୍ୟ ପହଞ୍ଚି ନଥିଲେ। ଶେଷରେ ସେଠାକୁ ଖବର ସଂଗ୍ରହ ପାଇଁ ଯାଇଥିବା ୩ ଗଣମାଧ୍ୟମ ପ୍ରତିନିଧି ଉକ୍ତ ନାଳ ମଧ୍ୟରୁ ମୃତଦେହକୁ ଉଦ୍ଧାର କରିଥିଲେ।

ବିବରଣୀ ଅନୁସାରେ ବାମରା ବ୍ଲକ ବାବୁ ନିକ୍ତିମାଲ ପଞ୍ଚାୟତ ଜୁରାବାହାଲ ଗ୍ରାମର ସ୍ୱର୍ଗତ ରୂପେଶ ଧୁରୁଆଙ୍କ ପୁଅ ସନାତନ (୪୫) ନିଜ ସ୍ତ୍ରୀ ଓ ୨ ପୁଅଝିଅଙ୍କୁ ନେଇ ଗାଁରେ ରହୁଥିଲେ । ଦିନ ମଜୁରିଆ କାମ କରି ପରିବାର ଚଳାଉଥିଲେ। ସେ ପ୍ରତି ସନ୍ଧ୍ୟାରେ ମଦ ପିଇ ଗ୍ରାମବାସୀଙ୍କ ସହ ଝଗଡ଼ା କରୁଥିଲେ। ଗାଁରେ ବାରମ୍ବାର ଏହିଭଳି କାର୍ଯ୍ୟକଳାପ ଦେଖି ଗାଁ ଲୋକେ ତାଙ୍କୁ ଗାଁରୁ ତଡ଼ି ଦେଇଥିଲେ। ଏଥିପାଇଁ ସନାତନ ନିଜ ସ୍ତ୍ରୀ ପ୍ରଭାଙ୍କ ସହିତ କେଶାଇବାହାଲ (ଖଡିଆପଡ଼ା)ରେ ଗତ ୪ବର୍ଷ ହେବ ଜଣେ ସମ୍ପର୍କୀୟଙ୍କ ଘରେ ରହି ଆସୁଥିଲେ । ଗତ ବୁଧବାର ରାତି ପ୍ରାୟ ୯ଟାରେ ଖିଆପିଆ ସାରି ଶୌଚ ପାଇଁ ଯାଉଛି କହି ଘରୁ ଏକୁଟିଆ ବାହାରିଥିଲେ। ହେଲେ ଆଉ ଫେରିନଥିଲେ। ଗୁରୁବାର ସକାଳେ ସ୍ୱାମୀ ନିକଟସ୍ଥ ନାଳରେ ବୁଡି ମରି ପଡ଼ିଥିବା ଖବର ପାଇଥିଲେ। ଏ ନେଇ ମହୁପାଲି ପୁଲିସ ସକାଳୁ ୮ଟାରୁ ଘଟଣାସ୍ଥଳ ପହଞ୍ଚିଥିଲା। କିନ୍ତୁ ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା। ପୁଲିସ ପକ୍ଷରୁ ସବଇନ୍ସପେକ୍ଟର ଏସ.ସରାଫ ,ଏ.ଏସ.ଆଇ. ବି.ଖାଲକୋ ଏବଂ ଅନ୍ୟ ଷ୍ଟାଫମାନେ ପହଞ୍ଚିଥିଲେ ହେଁ ସ୍ଥାନୀୟ ପଡ଼ାବାସୀ କେହି ହେଲେ ପାଣିରୁ ମୃତଦେହକୁ ଉଦ୍ଧାର କରିବାକୁ ଆଗେଇ ଆସି ନଥିଲେ। ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ସନ୍ତୋଷ ଶୁକ୍ଳା, ଶ୍ୟାମ ସୁନ୍ଦର ଦାସ ଓ ରାଜା ଖାନ ତିନିହେଁ ମିଶି ଗ୍ରାମବାସୀମାନଙ୍କୁ ଏ ନେଇ ବୁଝାସୁଝା କରିଥିଲେ। ହେଲେ ଅନ୍ୟ ଜାତିର ମୃତଦେହକୁ ଛୁଇଁଲେ ଆମକୁ ଜାତିରୁ ବହିଷ୍କାର କରି ଦେବେ କହିଥିଲେ। ଶେଷରେ ବାଧ୍ୟ ହୋଇ ନାଳ ପାଣିରେ ଭାସୁଥିବା ମୃତଦେହକୁ ତିନି ସାମ୍ବାଦିକ ବାହାରକୁ ଆଣିଥିଲେ। ପରେ ମୃତଦେହକୁ ଶବ ବାହାକ ଜିପରେ ଲଦିଥିଲେ । ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୯/୧୮) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ଅଲଗା ରହୁଥିବା ମୃତକଙ୍କ ପୁଅ ଚନ୍ଦନ ଧୁରୁଆ ପରେ ଗାଁକୁ ଆସିଥିଲେ। ଏଥିରେ କେଶେଇବାହାଲର ସୀର ନାଏକ, ସିଦ୍ଧେଶ୍ୱର ପଣ୍ଡା ଓ ପବନ ଖଣ୍ଡେଲୱାଲ ସହଯୋଗ କରିଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ଏଭଳି ମାନବିକତା ଓ ସହଯୋଗକୁ ପୁଲିସ ବିଭାଗ ଓ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

## ସଂକ୍ଷେପରେ

### ଜୟୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

ଭୁବନେଶ୍ୱର, ୨୩।୮(ବ୍ୟୁରୋ): ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି। ଚିକିତ୍ସା ପରେ ସେ ଧୀରେଧୀରେ ସୁସ୍ଥ ହେଉଥିବା ଡାକ୍ତର କହିଛନ୍ତି। ହୃଦ୍‌ରୋଗଜନିତ ସମସ୍ୟା ଥିବାରୁ ତୁରନ୍ତ ତାଙ୍କର ଆଞ୍ଜିଓପ୍ଲାଷ୍ଟି ସର୍ଜରୀ କରାଯାଇଛି। ସର୍ଜରୀ ପରେ ଏବେ ସେ ଠିକ୍ ଥିବା ଏବଂ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ପରିବାର ପକ୍ଷରୁ କୁହାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ହୋଇପଡିଥିବା ଜୟୀଙ୍କୁ ବୁଧବାର ସକାଳୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏହି ଭେଟେରାନ୍ କଳାକାରଙ୍କ ଅସୁସ୍ଥ ଖବର ଜଣାପଡିବା ପରେ ବିଭିନ୍ନ ମହଲରେ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା।

# ଓଡ଼ିଶା ହେବ ଦକ୍ଷିଣ-ପୂର୍ବ ଏସିଆର ବିନିର୍ମାଣ ପେଣ୍ଠସ୍ଥଳୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

**୨୯୦୧ କୋଟି ଟଙ୍କାର ନିବେଶ**
- ତୃତୀୟ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ
- ଜାପାନ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର କଣ୍ଟ୍ରି ପାର୍ଟନର
- ସୃଷ୍ଟି ହେବ ୩୦୯୧ ନିଯୁକ୍ତି ସୁଯୋଗ

ଓଡ଼ିଶା ପୂର୍ବ ଭାରତର ବିନିର୍ମାଣ (ମାନୁଫାକଚରିଙ୍ଗ୍) ପେଣ୍ଠସ୍ଥଳୀ। କିଛି ଦିନ ମଧ୍ୟରେ ଏହା ସମଗ୍ର ଦକ୍ଷିଣ-ପୂର୍ବ ଏସିଆର ବିନିର୍ମାଣ ପେଣ୍ଠସ୍ଥଳୀ ଭାବେ ପରିଗଣିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସଚିବାଳୟରେ ଗୁରୁବାର ତୃତୀୟ ଗ୍ରାଉଣ୍ଡ ବ୍ରେକିଂ ତଥା ଉଦ୍‌ଘାଟନୀ ଉତ୍ସବ ଅବସରରେ ଏହିକଥା କହିଛନ୍ତି। ସେହିପରି ଚଳିତ ବର୍ଷ ଶେଷ ଆଡକୁ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଜାପାନ କଣ୍ଟ୍ରି ପାର୍ଟନର ହେବ ବୋଲି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ୧୦ଟି ଅଲଗା ଅଲଗା କ୍ଷେତ୍ରର ୧୫ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ୨,୯୦୧ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ପ୍ରାୟ ୩୦୯୧ କର୍ମନିଯୁକ୍ତି ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଥ୍ରି-ଟି ମନ୍ତ୍ର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରଶାସନରେ ସ୍ୱଚ୍ଛତା, ବୈଷୟିକ ପ୍ରଯୁକ୍ତି ଏବଂ ଟିମ୍ ୱାର୍କ ସଫଳତା ଆଣିବ। ୨୦୧୬ ମସିହାରେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଦ୍ୱାରା ରାଜ୍ୟକୁ ଦୁଇ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ଆସିପାରିଛି। ସେଥିମଧ୍ୟରୁ ବିଭିନ୍ନ ପ୍ରକଳ୍ପ ତଥା ନିବେଶର ୬୫ ପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆଗାମୀ ଦିନରେ ଜାପାନ ସହ ରାଜ୍ୟର ବାଣିଜ୍ୟିକ ସମ୍ପର୍କ ସୁଦୃଢ ହେବ ବୋଲି ରାଜ୍ୟ ପ୍ରଶାସନ ଆଶା କରୁଛି। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ଏବଂ ରାଜ୍ୟରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରୁଥିବା ସମସ୍ତ ବିଭାଗକୁ ଧନ୍ୟବାଦ ଦେଇଥିଲେ।

ଗଞ୍ଜାମସ୍ଥିତ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଏବଂ ବଲାଙ୍ଗୀରସ୍ଥିତ ଜ୍ୟୋତି ସୋଲାର ସଲ୍ୟୁଶନ୍‌ର ମଧ୍ୟ ଶୁଭାରମ୍ଭ ହୋଇଛି। ରାଜଗାଙ୍ଗପୁରରେ ଓସିଏଲ୍ ଇଣ୍ଡିଆ ଦ୍ୱାରା ସିମେଣ୍ଟ ଶିଳ୍ପ, ପାରାଦୀପରେ ଘରୋଇ ରେଲୱେ ସିଡିଂ, ଆରାଧନା ପ୍ଲାଷ୍ଟିକ୍ ଓ ଟାଇଡାଲ ଟ୍ରେଡିଙ୍ଗ୍ , ଯାଜପୁର ଜିଲା କଳିଙ୍ଗ ନଗରରେ ସିମେଣ୍ଟ ଗ୍ରାଇଣ୍ଡିଂ ଶିଳ୍ପ, ଖୋର୍ଦ୍ଧା ଜିଲା ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ କପ୍ ବିନିର୍ମାଣ ଶିଳ୍ପ, ଚମ୍ପାଝରରେ ଆଲୁମିନିୟମ୍ ଓୟାର ଡ୍ରଇଙ୍ଗ୍ , ଜୟମଙ୍ଗଳଠାରେ ଶ୍ରୀମଲାନି ଫୋମ୍ ଶିଳ୍ପର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟ ଆରମ୍ଭ କରାଯାଇଛି। ସେହିପରି ବାଲେଶ୍ୱରରେ ସୁଗୁଣା ଫୁଡ୍ସ, ରାମଦାସପୁରରେ ଏମ୍.କେ ପ୍ଲାଷ୍ଟ, କଳିଙ୍ଗ ନଗରରେ ସୌଜର ଏଣ୍ଟରପ୍ରାଇସ୍, ଇନ୍‌ଫୋସିଟି ପରିସରରେ ୱେଭରୱାର୍ଡ ଇଞ୍ଜିନିୟରିଂର ମଧ୍ୟ ଗ୍ରାଉଣ୍ଡ ବ୍ରେକିଂ ଉତ୍ସବ ଅନୁଷ୍ଠିତ ହୋଇଛି। ଉପରୋକ୍ତ ପ୍ରକଳ୍ପଗୁଡିକ ବାଦ୍ ଦେଇ ଖୋର୍ଦ୍ଧାରେ ଉତ୍କଳ ସ୍ପେଶିଆଲିଟି ଏବଂ ହିନ୍ଦୁସ୍ଥାନ ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

■ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ

# ହଜାରେ ଟଙ୍କା ଦେଇ ପୁଅକୁ ନେଇଗଲେ

କେନ୍ଦୁଝରଁ, ୨୩।୮(ସ୍ୱ.ପ୍ର.)



କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହୋଇଥିବା ଶିଶୁପୁତ୍ରଙ୍କୁ ଗୁରୁବାର ସ୍ଥାନୀୟ ପୁରୁଣା ସହରର ଜଣେ ମହିଳାଙ୍କୁ ଏକ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଶିଶୁ ସୁରକ୍ଷା କମିଟି ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶିଶୁ ୱାର୍ଡର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଥିଲା। ଚିକିତ୍ସାଳୟର ଜଣେ କର୍ମଚାରୀଙ୍କ ମରାମର୍ଶରେ ଶିଶୁଙ୍କୁ ବିକ୍ରି କରିଥିବା ଚର୍ଚ୍ଚା ହେଉଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତର ଜଣେ ଜୁଆଙ୍ଗ ମହିଳା ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ବୁଧବାର ଡାକ୍ତରଖାନାରୁ ମା'ଙ୍କ ସହ ଶିଶୁପୁତ୍ର କୁଆଡେ ଚାଲି ଯାଇଥିଲେ। ପରେ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ସହାୟତାରେ ପୁରୁଣା ସହରରେ ରହୁଥିବା ଜଣେ ମହିଳା ଟଙ୍କା ଦେଇ ଶିଶୁଙ୍କୁ କିଣିଥିଲେ। ଟଙ୍କା ଲୋଭରେ ଏଭଳି ଘଟଣା ଘଟିଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅଭାବ ଅନଟନ ଯୋଗୁଁ ଜିଲାର ପୁରାତନ ଜନଜାତି ଜୁଆଙ୍ଗ ଶିଶୁଙ୍କୁ ବିକ୍ରି କରିବା ଭଳି ଅଭିଯୋଗ ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି।

ଏ ନେଇ ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ଖବର ପାଇବା ପରେ ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁ କିଣାବିକା ଘଟଣାରେ ଅର୍ଥ କାରବାର ହୋଇଛି। କିଣାବିକା ହୋଇ ନ ଥିବା ଶିଶୁଙ୍କୁ ରଖିଥିବା ମହିଳା ଜଣଙ୍କ କହୁଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଏ ନେଇ ତଦନ୍ତ ପାଇଁ ଥାନାରେ ରିପୋର୍ଟ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜନ୍ମ ଦେଇଥିବା ଜୁଆଙ୍ଗ ମହିଳା ଅଭିଯୋଗ କରିଛନ୍ତି ଯେ, ଏକ ଶାଢି ଓ ୧ ହଜାର ଟଙ୍କା ଦେଇ ଶିଶୁଙ୍କୁ ନେଇ ଭଣ୍ଡେଇ ଦେଲେ। ପରେ ଟଙ୍କା ଫେରାଇ ନିଜ ଶିଶୁଙ୍କୁ ନେବାକୁ ପାଇଁ ସେ କହିଥିଲେ। ଅନ୍ୟପଟେ ଶିଶୁଙ୍କୁ ରଖିଥିବା ମହିଳାଙ୍କୁ ପଚାରିବାରୁ ପିଲାଟିକୁ ରଖିବାକୁ ତାର ମା' ଅନିଚ୍ଛା ପ୍ରକାଶ କରିଥିଲେ। ଚିକିତ୍ସାଳୟର ଜଣେ ଦିଦି କହିବାରୁ ନିଃସନ୍ତାନ ଥିବାରୁ ରଖିଦେଇଥିଲି ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ପଚାରିବାରୁ ଏହାର ତଦନ୍ତ ଶିଶୁ ସୁରକ୍ଷା କମିଟି କରୁଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଶିଶୁ ମଙ୍ଗଳ କମିଟି କିପରି ଜାଣିପାରିଲା ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି। ଟଙ୍କା ଲୋଭରେ ଏଭଳି ଆଗରୁ ବହୁ ଶିଶୁଙ୍କୁ ଚିକିତ୍ସାଳୟର କେତେଜଣ ଦିଦି ନେଇ ବିକ୍ରି କରିଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ରାଜଭବନ କାର୍ଯ୍ୟାଳୟ: ପ୍ରମୁଖ ଶାସନ ସଚିବ ନିଯୁକ୍ତିରେ ବ୍ୟତିକ୍ରମ

■ ପୂର୍ବ ନିୟମକୁ ଅଣଦେଖା ନେଇ ଆଲୋଚନା

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ରାଜ୍ୟ ଶାସନର ସାମ୍ବିଧାନିକ ମୁଖ୍ୟ ରାଜ୍ୟପାଳ। ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଦପ୍ତର ରହିଛି। ସେଠାରେ ଉଚ୍ଚ ଅଫିସରଙ୍କ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟା ମଧ୍ୟ ରହିଛି। ହେଲେ ବର୍ତ୍ତମାନ ରାଜ୍ୟପାଳ ଥିବା ଗଣେଶୀ ଲାଲ୍‌ଙ୍କ ପ୍ରମୁଖ ଶାସନ ସଚିବ ନିଯୁକ୍ତି ବେଳେ ଏଥିରେ ବ୍ୟତିକ୍ରମ ହୋଇଥିବା ଜଣାପଡ଼ିଛି। ସାଧାରଣ ପ୍ରଶାସନ (ଜିଏ) ବିଭାଗ ନିୟମ ଅନୁଯାୟୀ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏବଂ ବ୍ୟକ୍ତିଗତ ସଚିବ ପଦବୀରେ ନିଯୁକ୍ତି ଦିଆଯିବା ପୂର୍ବରୁ ଏକାଧିକ ଅଫିସରଙ୍କ ସମ୍ପର୍କରେ ତର୍ଜମା କରାଯାଇଥାଏ। ଉଦାହରଣ ସ୍ୱରୂପ- ଗତ ବର୍ଷ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ପି.କେ. ରଥ (ଆଇଏଏସ୍)ଙ୍କ କାର୍ଯ୍ୟକାଳ ୨୦୧୭ ମାର୍ଚ୍ଚ ୩୧ରେ ସରିଥିଲା। ତାଙ୍କ ପଦରେ ନୂତନ ନିଯୁକ୍ତି ପାଇଁ ଏକାଧିକ ବରିଷ୍ଠ ଅଧିକାରୀଙ୍କ ନାମ ରାଜ୍ୟପାଳଙ୍କ ଦପ୍ତରକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ- ରବୀନ୍ଦ୍ର କୁମାର ମିଶ୍ର, ଜି.ଜି ଦେବତା ଏବଂ ଲକ୍ଷ୍ମୀଧର ମହାନ୍ତି। ଏ ସମସ୍ତଙ୍କ ନାମ ତାଲିକା ସେ ସମୟରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ହେଲେ ସେଠାରେ ପୂର୍ବରୁ କାର୍ଯ୍ୟରତ ହିମାଂଶୁ ଶେଖର ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା। ରାଜଭବନର ଜଣେ ଅବସରପ୍ରାପ୍ତ ଅଧିକାରୀ କୁହନ୍ତି ଯେ, ସେ ସମୟରେ ରାଜ୍ୟପାଳଙ୍କ ଘରୋଇ କଣ୍ଟ୍ରୋଲର ରୂପେ ନିଯୁକ୍ତି ପାଇଁ ୩ ଜଣ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କ ନାମ ସୁପାରିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୌତମ ଚୌଧୁରୀଙ୍କୁ ରାଜ୍ୟପାଳ ମନୋନୀତ କରିବା ସହ ନିଯୁକ୍ତି ମଧ୍ୟ ଦେଇଥିଲେ। ଉପରୋକ୍ତ ପ୍ରକ୍ରିୟା ଏକ ପ୍ରଶାସନିକ ପରମ୍ପରା। ଚଳିତ ବର୍ଷ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଭାବେ ମଧୁସୂଦନ ପାଢ଼ୀଙ୍କୁ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ସି.ଜେ. ବେଣୁଗୋପାଳ ଏହି ଦାୟିତ୍ୱ ତୁଲାଉଥିଲେ। ମଧୁସୂଦନଙ୍କ ନିଯୁକ୍ତି ସିଧାସଳଖ ହୋଇଥିବା ଜଣାପଡ଼ିଛି। ହେଲେ ଏଥର ପ୍ରମୁଖ ଶାସନ ସଚିବ ନିଯୁକ୍ତି କ୍ଷେତ୍ରରେ ଉପରୋକ୍ତ ପ୍ରଥାକୁ ସରକାର ଭୁଲିଗଲେ। ସରକାର ବେଣୁଗୋପାଳଙ୍କୁ ବଦଳାଇବା ସମ୍ପର୍କରେ ରାଜ୍ୟପାଳଙ୍କ ପରାମର୍ଶ ପୂର୍ବ ପରମ୍ପରା ଅନୁଯାୟୀ ନେଇ ନ ଥିଲେ। ଅନୁରୂପ ଭାବେ ପାଢ଼ୀଙ୍କ ନୂତନ ନିଯୁକ୍ତି ନେଇ ଆଗୁଆ ସୂଚନା ମଧ୍ୟ ଦେଇ ନ ଥିଲେ। ଏପରି କି ରାଜ୍ୟପାଳଙ୍କ ଦପ୍ତର ମଧ୍ୟ ରାଜ୍ୟପାଳଙ୍କୁ ସୂଚିତ କରି ନ ଥିବା ବିଶେଷ ସୂତ୍ରରୁ ପ୍ରକାଶ। ରାଜ୍ୟପାଳଙ୍କ ପୂର୍ବ ଅନୁମତି ନ ନେଇ ବା ତାଙ୍କ ସହ ବିଚାରବିମର୍ଶ ନ କରି ରାଜଭବନରେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ଶ୍ରୀନିବାସ ଉଦ୍‌ଗାତା ପାଇବେ ଗଙ୍ଗାଧର ସାରସ୍ୱତ ସମ୍ମାନ

ବଲାଙ୍ଗୀର ଅଫିସ, ୨୩।୮

ଓଡିଆ ଓ ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି, ସାହିତ୍ୟିକ ଓ ଅନୁବାଦକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନ-୨୦୧୮ ପ୍ରଦାନ କରାଯିବ । କବିଙ୍କ ଜନ୍ମଭୂମି ବରପାଲିସ୍ଥିତ ଗଙ୍ଗାଧର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଗଙ୍ଗାଧର ଜୟନ୍ତୀ ଅବସରରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଥାଏ । ଚଳିତବର୍ଷ ଡ ଉଦ୍‌ଗାତାଙ୍କୁ ଏଥିସକାଶେ ମନୋନୀତ କରାଯାଇଛି । ଡ ଉଦ୍‌ଗାତା ଗଙ୍ଗାଧର ସାହିତ୍ୟର ଜଣେ ବିଦଗ୍ଧ ପଣ୍ଡିତ । ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ପରିଷଦ ତରଫରୁ କୁହାଯାଇଛି । ସେହିପରି ଚଳିତବର୍ଷର ଗଙ୍ଗାଧର ପ୍ରତିଭା ସମ୍ମାନ ସାହିତ୍ୟିକା ଡ ରଞ୍ଜନା ସାହୁ (ବାରିକ)ଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଡ ସାହୁ ମୈଥିଳୀ ଶରଣ ଗୁପ୍ତ ଓ ଗଙ୍ଗାଧର ମେହେର ସାହିତ୍ୟରେ ଇତିବୃତ୍ତାତ୍ମକତା: ଏକ ତୁଳନାତ୍ମକ ଅଧ୍ୟୟନ ବିଷୟ ନିବନ୍ଧ ରଚନା କରି ଡକ୍ଟରେଟ୍ ଉପାଧି ପାଇଥିବାରୁ ତାଙ୍କ ଗଙ୍ଗାଧର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ଆସନ୍ତା ୨୬ତାରିଖ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଦିନ କବିତୀର୍ଥ ବରପାଲିସ୍ଥିତ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ଡ ଉଦ୍‌ଗାତା ଓ ଡ ସାହୁଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଗଙ୍ଗାଧର ସାହିତ୍ୟ ପରିଷଦ ସମ୍ପାଦକ ଡ ଶୁକ୍ରମୁନି ମେହେର ସୂଚନା ପ୍ରଦାନ କରିଛନ୍ତି ।

**ଡ. ରଞ୍ଜନା ସାହୁଙ୍କୁ ପ୍ରତିଭା ସମ୍ମାନ**



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ।



ଡ. ରଞ୍ଜନା ସାହୁ (ବାରିକ) ।

■ ନରସିଂହପୁରରେ ବାଘ ଆତଙ୍କ

# ଅଳ୍ପକେ ବର୍ତ୍ତିଲେ ମଇଁଷି ଜଗୁଆଳ

ନରସିଂହପୁର ୨୩। ୮(ସ୍ୱ.ପ୍ର.)

ନରସିଂହପୁର ବ୍ଲକର ଜିଲିଣ୍ଡା ପ୍ରଗଣା ଅଞ୍ଚଳକୁ ଲାଗିରହିଥିବା ସାତକୋଶିଆ ଅଭୟାରଣ୍ୟରେ ବାଘ ଆତଙ୍କ ଯୋଗୁ ନରସିଂହପୁରବାସୀ ଭୟଭୀତ ହୋଇପଡିଛନ୍ତି। ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଲିଣ୍ଡା ରେଞ୍ଜ ଅନ୍ତର୍ଗତ ଜଙ୍ଗଲରୁ ଗୁରୁବାର ଜଣେ ବ୍ୟକ୍ତି ବାଘ ମୁହଁରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ରେଗେଡା ଗ୍ରାମର ମଇଁଷି ଜଗୁଆଳ ଅଖିଳ ବେହେରା (୫୦)। ଅଖିଳ ଜିଲିଣ୍ଡା ରେଞ୍ଜର ବାଙ୍କଧର ଗ୍ରାମ ନିକଟ ଜଙ୍ଗଲରେ ମଇଁଷି ଗୋଠ କରିଛନ୍ତି। ସେ ସକାଳ ପ୍ରାୟ ୭ଟା ବେଳେ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏକ ବାଘ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଏହି ସମୟରେ ଅଖିଳ ଧରିଥିବା କୁରାଢିରେ ବାଘକୁ ପ୍ରତିଆକ୍ରମଣ କରିଥିଲେ। କୁରାଢି ଚୋଟ ବାଘ ଦେହରେ ବାଜିବାରୁ ସେ କିଛି ଦୂରକୁ ଘୁଞ୍ଚି ଯାଇଥିଲା । ଅଖିଳ ସାହସ ଜୁଟାଇ କୌଶଳ କ୍ରମେ ଜଙ୍ଗଲରୁ ବାହାରକୁ ଚାଲିଆସିଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଅନୁଗୋଳ ଓ ଜିଲିଣ୍ଡା ବନ୍ୟପ୍ରାଣୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ବାଘର ଗତିବିଧି ଲକ୍ଷ୍ୟ କରିବା ପାଇଁ କର୍ମଚାରୀ ମୁତୟନ କରାଯାଇଛି ବୋଲି ଜିଲିଣ୍ଡା ବନ୍ୟପ୍ରାଣୀ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବଢିବ ଏସ୍‌ସିବି ପ୍ରସୂତି ବିଭାଗ ଆଇସିୟୁ ବେଡ୍

■ ଲେବର ରୁମ୍ ସୁଦୃଢୀକରଣ ପାଇଁ ଆସିଲା ୫୨ ଲକ୍ଷ

କଟକ ଅଫିସ, ୨୩।୮

ଏସ୍‌ସିବି ମେଡିକାଲ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗର ଆଇସିୟୁ ବେଡ୍ ୬ରୁ ୧୨କୁ ବୃଦ୍ଧି ପାଇବ। ସେହିପରି ଲେବର ରୁମ୍ ସୁଦୃଢୀକରଣ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପକ୍ଷରୁ ୫୨ ଲକ୍ଷ ଟଙ୍କା ଆସିଛି। ଏଥିରେ ମନିଟର, ଭେଣ୍ଟିଲେଟର, ସ୍ୟାଡୋଲେସ୍ ଲାଇଟ୍, ସିଲିଂ ମାଉଣ୍ଟେଡ୍ ଲାଇଟ୍, ଓଟି ଲାଇଟ୍ ଆଦି କିଣାଯାଇଥିବାବେଳେ ଅନ୍ୟାନ୍ୟ କାର୍ଯ୍ୟ ଚାଲିଛି। ମୁଖ୍ୟତଃ ମାତୃ ମୃତ୍ୟୁହାର ରୋକିବା ପାଇଁ ଏହିସବୁ ବ୍ୟବସ୍ଥା କରାଯାଉଥିବା ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ସୂଚନା ଦେଇଛନ୍ତି। ୨୪୦ ବେଡ୍ ବିଶିଷ୍ଟ ଏସ୍‌ସିବି ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗକୁ ମାସିକ ୨୦୦୦ରୁ ଅଧିକ ରୋଗୀ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ୭୦୦ରୁ ୯୦୦ ମହିଳା କେବଳ ପ୍ରସବ ନିମନ୍ତେ ଭର୍ତ୍ତି ହେଉଛନ୍ତି। ଅନ୍ୟପକ୍ଷରେ ଏଠାରେ ମାସକୁ ୧୦ରୁ ଅଧିକ ମହିଳାଙ୍କ ପ୍ରସବକାଳୀନ ମୃତ୍ୟୁ ଘଟୁଛି। ଗତ ଜାନୁୟାରୀରୁ ଜୁନ ମଧ୍ୟରେ ଏହି ବିଭାଗରେ ୪୭ ଜଣ ମହିଳାଙ୍କ ପ୍ରସବକାଳୀନ ମୃତ୍ୟୁ ଘଟିଥିବା ତଥ୍ୟ କହୁଛି। ୨୦୧୬ ଜାନୁୟାରୀରୁ ଜୁନ ମଧ୍ୟରେ ମେଡିକାଲରେ ୬୬ ଜଣ ମହିଳାଙ୍କର ମୃତ୍ୟୁ ଘଟିଥିଲା। ତେବେ କାର୍ଯ୍ୟରତ ଡାକ୍ତର ଓ ନର୍ସଙ୍କ ଅବହେଳା କାରଣରୁ ଅନେକ ସମୟରେ ପ୍ରସୂତୀଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପରିଚାଳନାଗତ ଓ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ପ୍ରସୂତୀଙ୍କ ମୃତ୍ୟୁ ଘଟୁଥିବା ମଧ୍ୟ କୁହାଯାଉଛି। ଏପରିସ୍ଥଳେ ଆଇସିୟୁ ବେଡ୍ ବୃଦ୍ଧି ଓ ଲେବର ରୁମ୍ ସୁଦୃଢ଼ୀକରଣର ଆବଶ୍ୟକତା ରହିଥିଲା।

### କେରଳରୁ ଫେରିଲେ ୧୨୨ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

କେରଳ ବନ୍ୟାଞ୍ଚଳରେ ଉଦ୍ଧାର କାର୍ଯ୍ୟ ଶେଷ କରି ୧୨୨ ଅଗ୍ନିଶମ କର୍ମଚାରୀ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଗୁରୁବାର ଓଡିଶା ଫେରିଛନ୍ତି। ଏମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ଅଛନ୍ତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଆଉ ୧୨୩ ଜଣ ଅଗ୍ନିଶମ କର୍ମଚାରୀ ଫେରିବେ। ଗୁରୁବାର ରାତି ପ୍ରାୟ ୭ଟା ୩୦ରେ ଅଗ୍ନିଶମ କର୍ମଚାରୀମାନେ ବିମାନବନ୍ଦରରେ ପହଞ୍ଚିଥିଲେ। ସେମାନଙ୍କୁ ଅଗ୍ନିଶମ ଆଇଜି ରାଜେଶ କୁମାର, ମୁଖ୍ୟ ଅଗ୍ନିଶମ ଅଧିକାରୀ ବି.ବି. ଦାଶ, କେନ୍ଦ୍ରାଞ୍ଚଳ ଫାୟାର ଅଫିସର ଭାବଗ୍ରାହୀ ଘଡାଇ ଓ ଡେପୁଟି ଫାୟାର ଅଧିକାରୀ ରମେଶ ମାଝି ପ୍ରମୁଖ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। କେରଳରେ ଓଡିଶା ଅଗ୍ନିଶମ କର୍ମଚାରୀ ଯେଉଁଭଳି କାର୍ଯ୍ୟ କଲେ ତାହାକୁ କେରଳ ସରକାରଙ୍କ ସମେତ ରାଜ୍ୟବାସୀ ପ୍ରଶଂସା କରିଛନ୍ତି। ଓଡିଶାରୁ ଯାଇଥିବା ଅଗ୍ନିଶମ କର୍ମଚାରୀ ପ୍ରାୟ ୫ହଜାର ବନ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର କରିଥିଲେ। ଏହାସହ ଏକାଧିକ ଗଛ କାଟି ରାସ୍ତା ସଫା କରିବା ସହ କ୍ଷତିଗ୍ରସ୍ତମାନଙ୍କୁ ରିଲିଫ ବଣ୍ଟନ କରିବା ଏବଂ ଲୋକଙ୍କୁ ହସ୍ପିଟାଲ ପଠାଇବା କାର୍ଯ୍ୟ କରିଥିଲେ। ଅଗ୍ନିଶମ ଡିଜି ବି. କେ. ଶର୍ମା ଟୁଇଟ୍ କରି କହିଛନ୍ତି, ସ୍ୱତନ୍ତ୍ର ବିମାନ ଯୋଗେ ଫେରିଥିବା ଏହି ଟିମ୍‌କୁ ସେ ଧନ୍ୟବାଦ ଦେବା ସହ ସ୍ୱାଗତ କରୁଛନ୍ତି।

# ଧାନ ନେଇ ମିଲର ଛୁ

ସୋନପୁର,୨୩।୮(ନି.ପ୍ର.)

ଭରସାରେ ମିଲରକୁ ଧାନ ଦେଇଥିଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଓ ବେହେରାମାଲ ପଞ୍ଚାୟତର ଚାଷୀ। ବର୍ଷାକୁ ଦେଖି ପାଚିଲା ଧାନ ଓଦା ହୋଇଯିବା ଭୟରେ ଚାଷୀମାନେ ତରତର ହୋଇ ଆଉ ଆସୁନାହାନ୍ତି। ଠକାମିର ଶିକାର ହୋଇଥିବା ଚାଷୀ ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର କିଛି ଲାଭ ହୋଇନି। ଗୁରୁବାର ପୁଣି ସୋନପୁର ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ।

ଚାଷୀ ନିଜର ଉତ୍ପାଦିତ ବଳକା ଧାନକୁ ପ୍ୟାକ୍ସ ମାଧ୍ୟମରେ ସରକାରଙ୍କୁ ବିକ୍ରି କରିବା କଥା। ହେଲେ ଧାନ ଅମଳ

**ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ**
- ନେଇଥିବା ଧାନର ପରିମାଣ ୩୨୦୦କୁଇଣ୍ଟାଲ
- ଟଙ୍କା ନ ପାଇ ଚାଷୀ ବାରଦୁଆର
- ଧାନବିକ୍ରି ଟଙ୍କା ପାଇବା ଦିଗରେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି



ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ଡୁଙ୍ଗୁରିପାଲି ବ୍ଲକ ପିପିଲିପାଲିସ୍ଥିତ ଇନ୍ଦୁରେଖା ରାଇସ୍ ମିଲର୍ସଙ୍କୁ ରବି ଧାନ ଦେଇଥିଲେ। ମିଲର୍ସ କିନ୍ତୁ ଚାଷୀଙ୍କୁ ଠକିଦେଲେ। ୩୨୦୦କୁଇଣ୍ଟାଲ ଧାନ ମିଲିଂ କରି ବାହାରେ ବିକ୍ରିକଲେ, କିନ୍ତୁ ଚାଷୀଙ୍କୁ ଟଙ୍କା ଦେଲେନି। ୪୮ଜଣ ଚାଷୀ ଧାନ ବିକ୍ରି ଟଙ୍କା ପାଇବା ପାଇଁ ସମ୍ବଲପୁରସ୍ଥିତ ମିଲରଙ୍କ ଘର ଓ ମିଲ୍‌କୁ ଧାଇଁଧାଇଁ ନୟାନ୍ତ। ମିଲର୍ସ କିନ୍ତୁ ଧରାଛୁଆଁ ଦେଉନାହାନ୍ତି। ମିଲ୍‌କୁ ସମୟରେ ଗତ ମେ ଓ ଜୁନ୍ ମାସରେ ଇନ୍ଦୁରେଖା ରାଇସ୍ ମିଲର ମାଲିକ ସମଲେଇଚୁଆଁ ଓ ବେହେରାମାଲ ପଞ୍ଚାୟତର ଅଇଁଳାସାରି, ସମଲେଇଚୁଆଁ, ପିପିଲିପାଲି, ତିତେରକୁନ ଓ ସାଲେପାଲି ଗ୍ରାମକୁ ଯାଇ ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ମିଲ୍‌କୁ ନେଇ ଆସିଥିଲେ। ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳିଲେ କାଗଜପତ୍ର କରାଯିବ ନଚେତ୍ ନଗଦ ଟଙ୍କା ଚାଷୀଙ୍କୁ ଦେବେ ବୋଲି ମିଲର୍ସ ପ୍ରତିଶ୍ରୁତି ଦେଇଥିଲେ। ଗତ ଖରିଫରେ ଏହି ରାଇସ୍ ମିଲ୍ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲା। କିନ୍ତୁ ଧାର୍ଯ୍ୟ ସମୟରେ ୧୦୦ପ୍ରତିଶତ ଚାଉଳ ପ୍ରଦାନ କରି ନଥିବାରୁ ଗତ ରବିରେ ଏହି ମିଲ୍‌କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇନି। ଅନ୍ୟପକ୍ଷେ ଏହି ମିଲ୍ ଚଞ୍ଚକତା କରି ଚାଷୀଙ୍କଠାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଧାନ ଠକି ନେଇଥିବା ଅଭିଯୋଗ ହୋଇଛି। ଗତ ୧୩ତାରିଖରେ ଡୁଙ୍ଗୁରିପାଲି ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ସମୟରେ ଚାଷୀମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଯୋଗାଣ ବିଭାଗ ସମ୍ପୃକ୍ତ ମିଲର୍ସଙ୍କୁ ନୋଟିସ ଜାରି କରିଛି। ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଏଯାଏଁ ମିଳିନି। ଗୁରୁବାର ଏହି ଚାଷୀମାନେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ମହାପାତ୍ର, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ମେଣ୍ଡଲି ଓ ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ରପ୍ରସାଦ ମହଲାଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲେ। ଚାଷୀଙ୍କ ଦୁଃଖ ସମୟରେ ପ୍ରଶାସନ ସହାୟତା କରିବାକୁ ଅନୁରୋଧ କରିଥିଲେ। ଚାଷୀ କିଭଳି ଧାନ ବିକ୍ରି ଟଙ୍କା ପାଇବେ ସେ ଦିଗରେ ଯୋଗାଣ ବିଭାଗ ମିଲର୍ସଙ୍କ ସହିତ ଯୋଗାଯୋଗରେ ଅଛି। ପ୍ରଶାସନ ଏ ଦିଗରେ ଯଥାସାଧ୍ୟ ଉଦ୍ୟମ କରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସହକାରୀ ଜିଲା ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି କୁହନ୍ତି ମେ ୧୧ ତାରିଖଠାରୁ ଜିଲାରେ ରବି ଧାନ କିଣା ଆରମ୍ଭ ହୋଇଥିଲା। ଚାଷୀ ପ୍ୟାକ୍ସରେ ଧାନ ବିକ୍ରି ନ କରି ସିଧାସଳଖ ମିଲ୍‌କୁ ଧାନ ଦେଇଛନ୍ତି। ଏହି ମିଲ୍ ଧାନ ସଂଗ୍ରହରେ ସାମିଲ ହୋଇନି। ତଥାପି ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ କିଭଳି ଟଙ୍କା ପାଇ ପାରିବେ ଆମେ ଉଦ୍ୟମ କରୁଛୁ। ଚାଷୀ ଶିବ ପଧାନ, ଅମରେଶ ପଧାନ, ବୃନ୍ଦାବନ ତରିଆ, ହେମରାଜ ପଧାନ, ପ୍ରଶାନ୍ତ ଖମାରୀ, ସୌରଭ ପଧାନ, ଶୁକଦେବ ନାଏକ, ଚନ୍ଦ୍ରଭାନୁ ପଧାନ, ପିଅନ ପଧାନ, ଅରବିନ୍ଦ ସାହୁ ଓ ସୁବଳ ପଧାନ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସିଥିଲେ।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଶରତ ରାଉତ ହେଲେ ଏଆଇସିସି ସମ୍ପାଦକ

ଭୁବନେଶ୍ୱର, ୨୩।୮(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶରତ ରାଉତଙ୍କୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସମ୍ପାଦକ ଭାବେ ଗୁରୁବାର ନିଯୁକ୍ତ କରିଛନ୍ତି। ଶରତଙ୍କୁ ଏଆଇସିସି ପକ୍ଷରୁ ପଶ୍ଚିମବଙ୍ଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଶରତଙ୍କ ବ୍ୟତୀତ ଦେଶର ଅନ୍ୟ ସାତ ଜଣ ନେତାଙ୍କୁ ମଧ ଦଳରେ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି।

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ: ୮ ଗିରଫ

ତିହିଡ଼ି,୨୩।୮(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ମୁସଲିମ ବସ୍ତିରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପକ୍ଷରୁ ଏ ସମ୍ପର୍କରେ ତିହିଡ଼ି ଥାନାରେ ପାଲଟା ଅଭିଯୋଗ କରାଯାଇଛି। ପୋଲିସ ୨ଟି ପୃଥକ ମକଦ୍ଦମା (ନଂ ୨୮୨/୧୮ ଓ ୨୮୩/୧୮) ରୁଜୁ କରି ଉଭୟପକ୍ଷର ୮ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ମୁନା ସାହା, ରାଜୁ ସାହା, ମିଥୁନ ସାହା, ସୋନୁ ସାହା, ତାନା ସାହା, ସଲିମ ବିବି, ମାମୁନି ବେଗମ ଓ ରାଜ ସାହା। ବୁଧବାର ଅପରାହ୍ନରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ସୋନୁ ଓ ମିଥୁନ ଆହତ ହୋଇଥିଲେ। ଆହତ ବ୍ୟକ୍ତି ଦ୍ୱୟଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ତଦନ୍ତ ପରେ ମୁହଁ ଖୋଲିଲେ ଅତିରିକ୍ତ ସଚିବ

# ରେଭେନ୍ସାରେ ମହାଦୁର୍ନୀତି

କଟକ ଅଫିସ,୨୩।୮

- ବିନା ଟେଣ୍ଡରରେ କିଣାଯାଇଛି କମ୍ପ୍ୟୁଟର
- ଠିକା ଅଧ୍ୟାପକଙ୍କୁ ମନଇଚ୍ଛା ପାହ୍ୟା ପ୍ରଦାନ
- ବେଆଇନ ଭାବେ ହୋଇଛି ଏକାଧିକ ନିଯୁକ୍ତି

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହୋଇଛି ମହାଦୁର୍ନୀତି। ଶିକ୍ଷା ଉପକରଣଠାରୁ ଆରମ୍ଭ କରି ପ୍ରଫେସର ନିଯୁକ୍ତି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅନିୟମିତତା କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି ଅଧ୍ୟକ୍ଷ ତଥା ବିଭାଗୀୟ ଅତିରିକ୍ତ ସଚିବ ପ୍ରଶାନ୍ତ କୁମାର ଦାସ ଗୁରୁବାର ଏ ସଂକ୍ରାନ୍ତରେ ମୁହଁ ଖୋଲିବା ପରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଛି। ତେବେ ତଦନ୍ତ ରିପୋର୍ଟକୁ ଶୀଘ୍ର ରାଜ୍ୟପାଳଙ୍କ ନିକଟରେ ଦାଖଲ କରିବେ ବୋଲି ସେ କହିଛନ୍ତି। ଅତିରିକ୍ତ ସଚିବଙ୍କ ଏହି ବିସ୍ଫୋରକ ବୟାନ ପରେ ଶିକ୍ଷାୟତନରେ ଦୁର୍ନୀତିକୁ ନେଇ ବିତର୍କ ଆରମ୍ଭ ହୋଇଛି। ଏଥିରେ ସମ୍ପୃକ୍ତ ଅଧିକାରୀମାନେ ଫସିବେ ନା ଖସିବେ ତାହାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଦୀର୍ଘ ସାଢ଼େ ୭ ଘଣ୍ଟା ଧରି ଅତିରିକ୍ତ ସଚିବ ଦାସ ଓ ଅନ୍ୟଜଣେ ଅଧିକାରୀ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ତଦନ୍ତବେଳେ ରେଭେନ୍ସାରେ ବିନା ଟେଣ୍ଡରରେ ୯୫ଲକ୍ଷ ଟଙ୍କାର କମ୍ପ୍ୟୁଟର କିଣାଯାଇଥିବା ଜଣାପଡ଼ିଛି। ୨୦୧୪-୧୫ ଶିକ୍ଷାବର୍ଷରେ କର୍ତ୍ତୃପକ୍ଷ ଏହି ବେନିୟମ କାର୍ଯ୍ୟ କରିଛନ୍ତି। ଏହାଛଡ଼ା ୨୦୧୫-୧୬ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନମୁଖୀ ଭାବେ ଠିକା ଅଧ୍ୟାପକମାନଙ୍କୁ ରିଡର ପାହ୍ୟା ପ୍ରଦାନ କରିଥିଲେ। ତଦନ୍ତ ବେଳେ ଏହା ପଦାକୁ ଆସିଛି। ୨୦୧୭-୧୮ ଶିକ୍ଷା ବର୍ଷରେ ମଧ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟଏକ ଗୁରୁତର ବେନିୟମ କାର୍ଯ୍ୟ ହୋଇଥିଲା। ବିନା ବିଜ୍ଞପ୍ତିରେ ବିଭିନ୍ନ ବିଭାଗଗୁଡ଼ିକରେ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଥିଲା। ସେହିଭଳି କୁଳପତିଙ୍କ ଯାତାୟାତ ନିମନ୍ତେ ମାସିକ ୪୦ହଜାର ଟଙ୍କା ଖର୍ଚ୍ଚ ହେଉଛି ବୋଲି ତଦନ୍ତରୁ ଜଣାପଡ଼ିଛି। ଏମିତି ମାତ୍ର କେତୋଟି ଦୁର୍ନୀତି ପ୍ରସଙ୍ଗରେ ଅତିରିକ୍ତ ସଚିବ ଦାସ ମୁହଁ ଖୋଲିଥିବାବେଳେ ଅନ୍ୟ ସମସ୍ତ ଅନିୟମିତତା ଶୀଘ୍ର ଜଣାପଡ଼ିବ ବୋଲି ସେ କହିଛନ୍ତି।

ରେଭେନ୍ସା ଦୁର୍ନୀତି ନେଇ ରାଜ୍ୟପାଳଙ୍କୁ ଅଭିଯୋଗ କରିଥିବା ସୂଚନା ଅଧିକାର କର୍ମୀ ଡ. ନୃସିଂହ ଚନ୍ଦ୍ର ଷଡ଼ଙ୍ଗୀ କୁହନ୍ତି, ରେଭେନ୍ସାକୁ ପୈତୃକ ସମ୍ପତ୍ତି ଭାବେ ବ୍ୟବହାର କରାଯାଉଛି। ତଦନ୍ତ ହୋଇ ନ ଥିଲେ କର୍ତ୍ତୃପକ୍ଷ ଗୋଟିଏ ପରେ ଗୋଟିଏ ବେନିୟମ କାର୍ଯ୍ୟ କରିଥାନ୍ତେ। ସେ ଅଭିଯୋଗ କରିଥିଲେ ଯେ, କ୍ୟାରିୟର ଆଡଭାନ୍ସମେଣ୍ଟ ସ୍କିମ୍ (ସିଏଏସ୍) ଜରିଆରେ ବିଶ୍ୱବିଦ୍ୟାଳୟର ୧୦ଜଣ ସହଯୋଗୀ ପ୍ରଫେସରଙ୍କୁ ପ୍ରଫେସର ପଦୋନ୍ନତି ମିଳିଛି। ୨୦୧୭ ଜୁନ୍ ୨୪ରୁ ଜୁଲାଇ ୨୨ ମଧ୍ୟରେ ହୋଇଥିବା ଏହି ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟର ସମ୍ବିଧାନ ସଂଶୋଧନ ନିୟମ-୧୯୯୦କୁ ଉଲ୍ଲଙ୍ଘନ କରାଯାଇଛି। ସାକ୍ଷାତକାର ପ୍ରକ୍ରିୟାରେ ୩ଜଣ ବିଷୟ ବିଶାରଦ ପରିବର୍ତ୍ତେ ୨ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାର ତଦନ୍ତ କରିବାକୁ ସେ ରାଜ୍ୟପାଳଙ୍କୁ ନିବେଦନ କରିଥିଲେ।

ଏ ସମ୍ପର୍କରେ କୁଳସଚିବ ଅଗସ୍ତି କୁହନ୍ତି, ତଦନ୍ତବେଳେ ଯେଉଁ ତଥ୍ୟ ମଗାଯାଇଥିଲା ତାହା ପ୍ରଦାନ କରାଯାଇଛି। କେଉଁ କ୍ଷେତ୍ରରେ ଅନିୟମିତତା ହୋଇଛି ସେ ନେଇ ତଦନ୍ତ କମିଟି ଆମ ପାଖକୁ କୌଣସି ରିପୋର୍ଟ ପଠାଇ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ଗାଡ଼ି ଚାଳନା ଶିଖାଇବାକୁ ଆସି ଜୀବନ ଗଲା

ରାସଗୋବିନ୍ଦପୁର,୨୩।୮

ଗାଡି ଚାଳନା ଶିକ୍ଷା ଦେବା କାଳ ହେଲା। ନୂତନ ଭାବେ ଗାଡି ଚଳାଉଥିବା ଜଣେ ଯୁବକ ଭୁଲବଶତଃ ଗାଡି ନେଇ ନିଜ ପ୍ରଶିକ୍ଷକଙ୍କ ଉପରେ ଚଢ଼ାଇ ଦେବାରୁ ତାଙ୍କ ମୃତ୍ୟୁ ହୋଇଛି। ଏପରି ଦୁଃଖଦ ଘଟଣା ଗୁରୁବାର ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରେ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଦରଡ଼ା ଗ୍ରାମର ଭଗବାନ ସାହୁ (୫୫)।

ମୟୂରଭଞ୍ଜ ଜିଲା ସିଂଲା ଥାନା ଅନ୍ତର୍ଗତ ଗୁହାଲଡ଼ିହା ଗ୍ରାମର ଶମ୍ଭୁନାଥ ଜେନା (୩୮) ଗାଡି ଚାଳନା ଶିଖିବା ପାଇଁ ଏକ ବୋଲରୋ ନେଇ ଗୁରୁବାର ଅପରାହ୍ନରେ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ତାଙ୍କୁ ଗାଡ଼ି ଡ୍ରାଇଭିଂ ଶିଖାଇବା ପାଇଁ ଭଗବାନ ସାହୁ ଆସି ପହଞ୍ଚିଥିଲେ। ଶମ୍ଭୁନାଥଙ୍କୁ ତାଲିମ ପ୍ରଦାନ ପରେ ଭଗବାନ ଏୟାରଷ୍ଟ୍ରିପ ଚଟାଣରେ ବସିଥିଲେ। ମାତ୍ର ଉକ୍ତ ସମୟରେ ଗାଡି ଏକୁଟିଆ ଚଳାଉଥିବା ଶମ୍ଭୁନାଥ ନିୟନ୍ତ୍ରଣ ହରାଇ ଅଚାନକ ତାଙ୍କ ଉପରେ ଗାଡି ଚଢ଼ାଇ ଦେଇଥିଲେ।

### କିଛି ତଥ୍ୟ

୨୦୧୬-୧୭ ଆର୍ଥିକ ବର୍ଷରେ ଘରୋଇ ବଜାରରେ ୨୦.୩ ନିୟୁତ ଟନ ଚିନି ଉତ୍ପାଦନ ହୋଇଥିବା ବେଳେ ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୩୨ ନିୟୁତ ଟନ ଛୁଇଁବ ବୋଲି ଆକଳନ କରାଯାଇଛି। ଏହି ସମୟରେ ଚାହିଦା ୨୫ ନିୟୁତ ଟନ୍ ରହିଛି। – **ସରକାରଙ୍କ ପ୍ରଦତ୍ତ ତଥ୍ୟ**

## ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପୁରସ୍କୃତ

ଅନୁଗୋଳ ଅଫିସ, ୨୩।୮

ଅନୁଗୋଳର ଶିକ୍ଷାବିତ୍ ତଥା ସାମାଜିକକର୍ମୀ ମହେଶ ଚନ୍ଦ୍ର ଧଳଙ୍କୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଦ୍ୱାଦଶ ବିଶ୍ୱ ଶିକ୍ଷା ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ବୈଷୟିକ ଶିକ୍ଷା କ୍ଷେତ୍ରରେ ନୂତନତା ତଥା ଅଭିନବ ଉପାୟରେ ଶିକ୍ଷା ପ୍ରଦାନର ଉତ୍କର୍ଷକୁ ବିଚାର କରି ଧଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଶିକ୍ଷାବିତ୍ ଧଳ ଜମି ଅଧିଗ୍ରହଣରେ କ୍ଷତିଗ୍ରସ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ୨୦୦୯ରେ ଅନୁଗୋଳଠାରେ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପ୍ରତିଷ୍ଠା କରିଥିଲେ। ଆଦର୍ଶ ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଧଳଙ୍କୁ ମିଳିଥିବା ଏହି ପୁରସ୍କାରକୁ ଅନୁଷ୍ଠାନର ତାଲିମ ଏବଂ ନିଯୁକ୍ତି ନିର୍ଦ୍ଦେଶକ ଡକ୍ଟର ଧରଣୀ ଧର ନାଥ ଅତିଥି ଏଆଇସିଟି ନିର୍ଦ୍ଦେଶକ ଡ. ଏମ୍.ଏସ୍. ମାନା ଏବଂ ଦୁବାଇସ୍ଥିତ କମିଟି ଫର୍‌ହାପିନେସ୍ ନିର୍ଦ୍ଦେଶକ ରାଲଫ୍ ବ୍ରେନରଙ୍କଠାରୁ ଗ୍ରହଣ କରିଥିଲେ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAA-JAJ-0004-2017/25398 R&DM, Dated : 10.07.2018

No.-XXIV-47: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ମାଧପୁର(୨ୟ ଅତିରିକ୍ତ), ଥାନା- ସୁକିନ୍ଦା ନଂ.-୧୦୩, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳି ଜଳସେଚନ ପ୍ରକଳ୍ପର ମାଧପୁର ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୩୧୧ ତା. ୧୫।୦୨।୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ମାଧପୁର(୨ୟ ଅତିରିକ୍ତ)**, ଥାନା- ସୁକିନ୍ଦା ନଂ-୧୦୩, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.balasore.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳି ବାମ କେନାଲ ପ୍ରଣାଳୀ, ସୁକିନ୍ଦା ଏବଂ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ସୁକିନ୍ଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମାଧପୁର (୨ୟ ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର. ୧୦.୩୬ | ଏକର ୧.୫୬ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୧୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ଯାଜପୁର ତହସିଲ : ସୁକିନ୍ଦା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୧.୦୭.୨୦୧୭ ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

ଜମି ଅନୁସୂଚୀ
ମାଧପୁର ମାଇନର, କମଳାଦେଇପୁର ମାଇନର, କମଳାଦେଇପୁର ସବ୍-ମାଇନର
ଗ୍ରାମର ନାମ: ମାଧପୁର (ଦ୍ୱିତୀୟ ଅତିରିକ୍ତ)
ଥାନାର ନାମ: ସୁକିନ୍ଦା ନଂ.: ୧୦୩ ତହସିଲ: ସୁକିନ୍ଦା
ଜିଲ୍ଲା: ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ.:

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୪୩ | ୧୧୦୫ | ୦.୮୩ | ୦.୮୦ | ଚନ୍ଦ୍ରମଣି ପାତ୍ର, ପିତା- ଦିଗାମ୍ବର ପାତ୍ର ଓଗେର | |
| ୨ | ୩୮୯ | ୩୬୨ | ୧.୩୯ | ୦.୧୧ | ମାଣିକ ମୁଣ୍ଡା, ପିତା- ବୀରସିଂ ମୁଣ୍ଡା | |
| ୩ | | ୧୩୨ | ୨.୦୪ | ୦.୦୫ | ମାଣିକ ମୁଣ୍ଡା, ପିତା- ବୀରସିଂ ମୁଣ୍ଡା | |
| ୪ | | ୩୭୦ | ୧.୧୫ | ୦.୦୨ | ମାଣିକ ମୁଣ୍ଡା, ପିତା- ବୀରସିଂ ମୁଣ୍ଡା | |
| ୫ | ୫୦୮ | ୧୪୩୧ | ୪.୯୫ | ୦.୪୦ | ଶ୍ୟାମସୁନ୍ଦର ମହାପାତ୍ର, ପିତା- ଭଗବାନ ମହାପାତ୍ର ଓଗେର | |
| ୬ | ୩୮୯ | ୩୭୦ | ୧.୧୫ | ୦.୧୮ | ମାଣିକ ମୁଣ୍ଡା, ପିତା- ଦିଗାମ୍ବର ମୁଣ୍ଡା ଓଗେର | ବସ୍ତିଯୋଗ୍ୟ ବଦଳି |
| | | | ମୋଟ | ୧.୫୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୫(ପାଞ୍ଚ), ମୋଟ ଅଧିଗୃହୀତ ଜମି: ୧.୫୬ ଏକର 24001/14/0238/1819



## ପୂର୍ବ ତଟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. 06/ET/SBP/ENGG/2018-19, ତା: 14.08.2018

**(1) ଇ-ଟେଣ୍ଡର ସଂ. 18-eT-DENC-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ଼-ବରଗଡ଼ ରୋଡ଼ ସେକ୍ସନରେ ବିଭିନ୍ନ ଷ୍ଟାନଗୁଡ଼ିକ ଠାରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹87,47,275.74, EMD (ଟଙ୍କାରେ) :₹1,74,950/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।

**(2) ଇ-ଟେଣ୍ଡର ସଂ. 19-eT-DENC-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା (Ex) ଠାରୁ ବରଗଡ଼ ରୋଡ଼(In) ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 4.761 Tkm ନିମନ୍ତେ TSR(P) ଏବଂ କି.ମି.551/7 ଠାରୁ କି.ମି.585/9 ପର୍ଯ୍ୟନ୍ତ ପୋଲ ନଂ.53 ଏବଂ 53A, 62, 76, 116, 137 ତଥା କର୍ଭ ନଂ.26 ରେ 2.9 Tr.km ନିମନ୍ତେ TRR(P)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹83,81,335.64, EMD (ଟଙ୍କାରେ) :₹1,67,630/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ।

**(3) ଇ-ଟେଣ୍ଡର ସଂ. 20-eT-DENC-SBP-18**
କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଂଜିନିୟର (P.Way)/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର(In)-ବରଗଡ଼ ରୋଡ଼(In)ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,14,05,552.22, EMD (ଟଙ୍କାରେ):₹2,07,030/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(4) ଇ-ଟେଣ୍ଡର ସଂ. 21-eT-DENC-SBP-18**
କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଂଜିନିୟର (P.Way)/ରେଙ୍ଗାଲି ଅଧୀନସ୍ଥ ଝାରସୁଗୁଡ଼ା (Ex)-ସମ୍ବଲପୁର(Ex) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,28,85,144.44, EMD (ଟଙ୍କାରେ):₹2,14,430/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(5) ଇ-ଟେଣ୍ଡର ସଂ. 16-eT-SDENE-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ଼(Ex)-ବଲାଙ୍ଗୀର(In) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,11,21,193.76, EMD (ଟଙ୍କାରେ):₹2,05,610/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(6) ଇ-ଟେଣ୍ଡର ସଂ. 17-eT-SDENE-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ସ୍ଥିତ ସିନିୟର ସେକ୍ସନ ଇଂଜିନିୟର(P.Way)/ ସଇଁତଳା ପରିସୀମା ଅଧୀନସ୍ଥ ବଲାଙ୍ଗୀର(Ex)-ଟିଟିଲାଗଡ଼(Ex) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹95,37,263.97, EMD (ଟଙ୍କାରେ) : ₹1,90,750/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(7) ଇ-ଟେଣ୍ଡର ସଂ. 18-eT-SDENE-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / ରେଢ଼ାଖୋଲ ପରିସୀମା ଅଧୀନସ୍ଥ ସମ୍ବଲପୁର(Ex) - ବାମୁର (Ex) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,08,45,355/-, EMD (ଟଙ୍କାରେ) :₹2,04,230/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(8) ଇ-ଟେଣ୍ଡର ସଂ. 19-eT-SDENE-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଅନଗୁଳ ପରିସୀମା ଅଧୀନସ୍ଥ ବାମୁର(In) - ଅନଗୁଳ (Ex)ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹97,33,702.01, EMD (ଟଙ୍କାରେ) : ₹1,94,680/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 30.09.2019।

**(9) ଇ-ଟେଣ୍ଡର ସଂ. 17-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନ ମଧ୍ୟରେ କେସିଙ୍ଗା, କାଣ୍ଟେଲ ରୋଡ଼, ନର୍ଲା ରୋଡ଼, ରୁପ୍ରା ରୋଡ଼, ମୁନିଗୁଡ଼ା, ଲାଞ୍ଜିଗଡ଼ ରୋଡ଼ ଷ୍ଟେସନଗୁଡ଼ିକ ଠାରେ କଲୋନୀ ସଡ଼କଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,06,23,220.81, EMD (ଟଙ୍କାରେ):₹2,03,120/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।

**(10) ଇ-ଟେଣ୍ଡର ସଂ. 18-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର/ମୁନିଗୁଡ଼ା ପରିସୀମା ଅଧୀନରେ ବିବିଧ P.Way କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹74,32,073.14, EMD (ଟଙ୍କାରେ) : ₹1,48,650/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(11) ଇ-ଟେଣ୍ଡର ସଂ. 19-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନ ମଧ୍ୟରେ ପ୍ଲାଟଫର୍ମ ପୃଷ୍ଠତଳ, ପ୍ଲାଟଫର୍ମ ସେଲ୍ଟର ଗଟର, ମିନି ପ୍ଲାଟଫର୍ମ ସେଲ୍ଟର ରୁଫ୍, ୱାଟର ଟ୍ୟାପ୍ ପେଡେଷ୍ଟାଲ, ପ୍ରତୀକ୍ଷା ହଲ୍, ପ୍ଲାଟଫର୍ମ ସୀମାରେ ଥିବା ପାଥୱେ, ଭଙ୍ଗା ପେଲ୍ ଫେନ୍ସିଙ୍ଗ(Pale Fencing), ଷ୍ଟେସନ ନାମ ଫଳକ ଏବଂ ଅନ୍ୟ ଯାତ୍ରୀ ସୁବିଧା ବିଲ୍ଡିଙ୍ଗ୍, ସର୍ଭିସ୍ ବିଲ୍ଡିଙ୍ଗ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹99,22,616.18, EMD (ଟଙ୍କାରେ) : ₹1,98,460/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।

**(12) ଇ-ଟେଣ୍ଡର ସଂ. 20-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନ ମଧ୍ୟରେ ପାଣି ଗଳୁଥିବା ଛାତ, କ୍ଷତିଗ୍ରସ୍ତ ଚଟାଣ, ୱାଟର ଲିକେଜ୍ (Water Leakages), କ୍ଷୟଶୀଳ କବାଟ ଏବଂ ଝରକା, କଲୋନୀ ଡ୍ରେନ୍, ସ୍ୱରେଜ ପ୍ରଣାଳୀ, ଜଳ ଯୋଗାଣ ପାଇପ୍ ଲାଇନ୍‌ର ମରାମତି ଏବଂ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକରେ ଅନ୍ୟ ବିବିଧ ମରାମତି କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,02,95,497.87, EMD (ଟଙ୍କାରେ):₹2,51,480/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 10,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(13) ଇ-ଟେଣ୍ଡର ସଂ. 21-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଥେରୁବାଲି ସେକ୍ସନରେ SEJ ର ରିକଣ୍ଡିସନିଙ୍ଗ୍ ଏବଂ ବିଭିନ୍ନ ୟାର୍ଡ଼ଗୁଡ଼ିକରେ ଟର୍ଣ୍ଣଆଉଟ୍‌ଗୁଡ଼ିକର କ୍ଷତିଗ୍ରସ୍ତ ଟଙ୍ଗ୍ ରେଲ୍, କ୍ରସିଙ୍ଗ୍, ସ୍ଲାଇଡ୍ ଚେୟାର ଇତ୍ୟାଦିଗୁଡ଼ିକର ରିକଣ୍ଡିସନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,15,42,057.17, EMD (ଟଙ୍କାରେ):₹2,07,720/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ)ମାସ।

**(14) ଇ-ଟେଣ୍ଡର ସଂ. 22-eT-DENW-SBP-18**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଲାଖୋଲି(Ex)-ରହେନବଟା(In) ସେକ୍ସନ ମଧ୍ୟରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹85,83,536.08, EMD (ଟଙ୍କାରେ) : ₹1,71,680/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(15) ଇ-ଟେଣ୍ଡର ସଂ. 23-eT-DENW-SBP-18**
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ରହେନବଟା (Ex)-ଥେରୁବାଲି(In) ଏବଂ ଲାଞ୍ଜିଗଡ଼-ଜୁନାଗଡ଼ ସେକ୍ସନ ମଧ୍ୟରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹94,30,308.39, EMD (ଟଙ୍କାରେ) : ₹1,88,610/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(16) ଇ-ଟେଣ୍ଡର ସଂ. 24-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲାଖୋଲି(Ex)-ଖରିଆର ରୋଡ଼(Ex)ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,17,83,211.40, EMD (ଟଙ୍କାରେ):₹2,08,920/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(17) ଇ-ଟେଣ୍ଡର ସଂ. 25-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଖରିଆର ରୋଡ଼(In)-ରହେନବଟା(In) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,24,51,277.94, EMD (ଟଙ୍କାରେ):₹2,12,260/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(18) ଇ-ଟେଣ୍ଡର ସଂ. 26-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଲାଞ୍ଜିଗଡ଼ ରୋଡ଼ (Ex)ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,20,02,253/-, EMD (ଟଙ୍କାରେ) : ₹2,10,020/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(19) ଇ-ଟେଣ୍ଡର ସଂ. 27-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଆମ୍ଭୋଦଳା ପରିସୀମା ଅଧୀନସ୍ଥ ଲାଞ୍ଜିଗଡ଼ ରୋଡ଼ (In)-ମୁନିଗୁଡ଼ା (Ex)ଏବଂ ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹72,06,197.25, EMD (ଟଙ୍କାରେ) : ₹1,44,130/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(20) ଇ-ଟେଣ୍ଡର ସଂ. 28-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ମୁନିଗୁଡ଼ା(In)-ଥେରୁବାଲି(In) ମଧ୍ୟସ୍ଥ ସେକ୍ସନରେ 30.09.2019 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹60,19,701.07, EMD (ଟଙ୍କାରେ) : ₹1,20,400/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**(21) ଇ-ଟେଣ୍ଡର ସଂ. 29-eT-DENW-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼-ଜୁନାଗଡ଼ ସେକ୍ସନରେ ଜଗୁଆଳୀ ବିହୀନ ଲେଭେଲ କ୍ରସିଙ୍ଗ୍ ନଂ.LJ-8 ପରିବର୍ତ୍ତେ କମ୍ ମୂଲ୍ୟର ରୋଡ଼ ଓଭର ବ୍ରିଜ୍ (ROB)ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,34,89,640.20, EMD (ଟଙ୍କାରେ):₹2,67,450/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 10,000/-, କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ)ମାସ।

**(22) ଇ-ଟେଣ୍ଡର ସଂ. 03-eT-BRIDGE-SBP-18**
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଥେରୁବାଲି ସେକ୍ସନରେ ଗର୍ଡର ପୋଲ ନଂ.242, 254, 257, 325, 385DN, 428UP, 428DN ଏବଂ 540UP କୁ ଉଚ୍ଚସ୍ତରକୁ ଉଠାଇବା ଏବଂ ଟିଟିଲାଗଡ଼-କେସିଙ୍ଗା ସେକ୍ସନ ମଧ୍ୟରେ କି.ମି. 213/20-214/28 ଠାରେ ପୋଲ ନଂ.343 DN(20x30.5m PSC) ର PSC ଗର୍ଡ଼ରରେ ପ୍ରୋଟେକ୍ଟିଭ କୋଟିଙ୍ଗ/ପାଣିପାଗ ରୋଧକ କୋଟିଙ୍ଗ(Anti Weathering Coating)ର ପ୍ରୟୋଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹58,07,891.86, EMD (ଟଙ୍କାରେ) : ₹1,16,160/-, ଟେଣ୍ଡର ନଥିପତ୍ର ମୂଲ୍ୟ(ଟଙ୍କାରେ) : ₹ 5,000/-, କାର୍ଯ୍ୟ ଶେଷ ହେବା ଅବଧି : 10(ଦଶ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.09.2018 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-328/J/18-19



## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE GENERAL MANAGER (ELECT.)
E.H.T.(O&M) DIVISION, JAJPUR ROAD
P.O.- SOBRA, DIST.- JAJPUR, PIN: 755019 (ODISHA)
Phone/Fax No.: 06726 - 220218, E-mail: ehtm.div.jjp@optcl.co.in
CIN: U40102OR2004SGC007553

### TENDER CALL NOTICE No.-02 / 18-19

Sealed tenders are invited by the undersigned from registered order suppliers / manufacturers / their authorized dealers for "Electrical wiring of Quarter No. 3R3 proposed for the Office of the D.G.M.(Ele), E&MR Division, OPTCL, Jajpur Road in TTS Colony, Sobra" under EHT(O&M) Division, Jajpur Road. Cost of tender paper is Rs.2240/-, EMD @ 1% of the tendered value. Sale of tender documents is from **Dt.25.08.2018** to **Dt.01.09.2018** (during office hours). Last date of submission of tender is **Dt.03.09.2018** upto **01.00 PM**. Date of opening of tender is **Dt.03.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the website only.

**Sd./- General Manager (Elect), EHT(O&M) Division, Jajpur Road**



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, PHULBANI

No. 2309 / RWDP, Dated the 9.8.2018

### Government of Odisha e-Procurement Notice

Bid Identification No. Online Tender/03/EERWD PHULBANI/2018-19
No. 601-O:-

1. Name of the work : Building Works (6 Nos.)
2. Estimated cost : Rs. 25.50 lakhs to Rs.36.88 lakhs
3. Period of Completion : 6 (Six) Calendar months.
4. Date & Time of availability of Bid documents in the Portal : From 25.08.2018. at 10.00 AM to 03.09.2018 upto 5.00 PM
5. Last Date/Time for receipt of Bids in the Portal : 03.09.2018 up to 5.00 PM
6. Name and address of the Officer Inviting Bid : Executive Engineer, Rural Works Division, Phulbani

Further details can be seen from the e-procurement portal website https://tenders.ori.nic.in/nicgep/app

*Executive Engineer*
*Rural Works Division*
*Phulbani*

25077/11/0008/1819



## OFFICE OF THE REGULATED MARKET COMMITTEE, BARGARH

No. 659 Date: 23.08.2018

### CORRIGENDUM

In continuation to corrigendum No.609 dtd.09.08.2018 in-connection with TCN No.600/RMC. Dated 07.08.2018, It is for information of all concerned that the bid document with tender reference No. RMC-BGH 3/2017-18 for the work i.e. Construction of Covershed, 2 Nos. of godown, repair & renovation of Kalapani Market Yard will be available for submission from 24.08.18 to 10.09.18 in the web portal i.e. tenderorissa.gov.in. Further details can be seen in the said web portal.

By order of Chairman
**Sd./- Secretary,**
**Regulated Market Committee, Bargarh**



## OFFICE OF THE REGULATED MARKET COMMITTEE, BARGARH

### QUOTATION CALL NOTICE

**No. 661 / Date . 23.8.2018**

Sealed quotations in plain paper are invited by the undersigned from the intending local Firms / Suppliers for supply of C.C. TV camera with accessories to RMC, Bargarh for installation and commissioning in different Market Yards under R.M.C., Bargarh. The quotation should be reached the office of the Regulated Market Committee, Bargarh, At- Goru Market, Bargarh, Dist. Bargarh ( Odisha ) on or before 10.09.2018 up to 12.00 Noon and will be opened on the same day at 4.00 P.M in presence of the quotationers or their authorised agents. The quotations received beyond the schedule date and time will not be taken into consideration.

**Specification**
1. Internal Protocol Camera 4 ( four ) nos.
2. 8 Channel N.V.R. Box 1 ( one ) no.
3. 8 Terabile Harddisk 1 ( one ) no.
4. Dell / L.G. make 19 inch Monitor 1( one ) no.
5. Camera Service Wire
6. Inverter 500 Watt ( Microtech make ).
7. JIO Hotspot.
8. Router
9. 2 U Rack
10. Installation charges.

**Term & conditions**
1. The price item wise should be quoted in both figure and words.
2. The firm should enclose the valid PAN and GSTIN etc alongwith Quotation.
3. One envelope for one Quotation.
4. The envelope containing Quotation should be addressed to Secretary, RMC, Bargarh, At- Goru Market, Ward No.14, Bargarh, P.S. Town P.S., Dist. Bargarh, PIN 768028 and sent through Speed Post only.

The authority reserves the right to reject or accept any or all quotation without assigning any reason thereof.

**Sd/- Secretary,**
**Regulated Market Committee, Bargarh**



## THE ODISHA MINING CORPORATION LIMITED
OMC ODISHA
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

### EXPRESSION OF INTEREST

No. 03/OMC/CIVIL/2018

**No. CAD-755:-** The OMC Ltd., a Gold Category State PSU of Odisha, intends to renovate the electrical installations of its Corporate Office at Bhubaneswar by engaging one reputed Electrical Consultant having similar type of experience.

Interested consultant or consulting firm having experience in similar type of work may participate in the EXPRESSION OF INTEREST. The EOI document comprising, scope of work, terms of conditions and other shall be available at OMC website www.omcltd.in. The EOI shall be received by the undersigned up to 07.09.2018. The same shall be opened on 10.09.2018 at 11.00 AM.

The EOI can also be submitted through speed post / registered post but the authority shall not be responsible for any postal delay or non-receipt of EOI within that period.

The OMC Ltd., reserves the right to reject any or all EOIs without assigning any reason thereof.

***General Manager (Civil)***

30005/11/0069/1819



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ରବୀନ୍ଦ୍ର



@ ଶୁଭଶ୍ରୀ



@ ସୁନିଲ



@ ଅନୁପ



@ ବିଶ୍ୱଭୂଷଣ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଉଡାନ୍ ସ୍କିମ୍‌ରେ ୮ ଦେଶକୁ ଉଡ଼ିବ ବିମାନ

ନୂଆଦିଲ୍ଲୀ, ୨୩।୮

କେନ୍ଦ୍ର ସରକାର ଉଡାନ୍ ଯୋଜନାକୁ ସଂପ୍ରସାରିତ କରିଛନ୍ତି। ଫଳରେ ଆସାମର ଗୁଆହାଟୀ ଏବଂ ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରୁ ୮ଟି ଅନ୍ତର୍ଜାତୀୟ ରୁଟ୍‌କୁ ବିମାନ ଚଳାଚଳ କରିବ। ସରକାରୀ ସୂତ୍ରରୁ ଏହି ଖବର ମିଳିଛି।

ସୂଚନା ଅନୁସାରେ ଗୁଆହାଟୀରୁ ଢାକା, କାଠମାଣ୍ଡୁ, ୟେଙ୍ଗୁନ, କ୍ୱାଲାଲାମପୁର, ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ସୁବିଧା ପାଇଁ ସରକାର ରୁଟ୍ ଚିହ୍ନଟ କରିଛନ୍ତି। ସେହିପରି ବିଜୟୱାଡା ଠାରୁ ସିଙ୍ଗାପୁର ଓ ଦୁବାଇ ଯାତ୍ରା ପାଇଁ ମଧ୍ୟ ରୁଟ୍ ସ୍ଥିର କରାଯାଇଛି। ଉଡାନ୍ ଯୋଜନା ଅନ୍ତର୍ଗତ ଅନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଖୁବ ଶୀଘ୍ର ନୀତି ନିର୍ଦ୍ଧାରଣ ହେବ ଏବଂ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

**ଚିହ୍ନଟ ସ୍ଥାନ**



- ଗୁଆହାଟୀରୁ ଢାକା
- ଗୁଆହାଟୀରୁ କାଠମାଣ୍ଡୁ
- ଗୁଆହାଟୀରୁ ୟାଙ୍ଗୋନ
- ଗୁଆହାଟୀରୁ କ୍ୱାଲାଲାମପୁର
- ଗୁଆହାଟୀରୁ ସିଙ୍ଗାପୁର
- ଗୁଆହାଟୀରୁ ବ୍ୟାଙ୍କକ୍
- ବିଜୟୱାଡାରୁ ସିଙ୍ଗାପୁର
- ବିଜୟୱାଡାରୁ ଦୁବାଇ

ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଟୁଇଟ୍ କରି କହିଛନ୍ତି, ଭାରତର ବିଭିନ୍ନ ରାଜ୍ୟରୁ ପଡୋଶୀ ରାଷ୍ଟ୍ରକୁ ବିମାନ ସେବା ସଂପ୍ରସାରଣ କରିବା ହେଉଛି ଉଡାନ୍(ଅନ୍ତର୍ଜତୀୟ) ଯୋଜନାର ପ୍ରମୁଖ ଲକ୍ଷ୍ୟ। ଏହି ଯୋଜନା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଗ୍ରାହକଙ୍କୁ ପ୍ରତି ଟିକେଟ୍‌ରେ ଯେଉଁ ରିହାତି ମିଳିବ ସେ ବାବଦ ଏକ କର୍ପସ୍ ପାଣ୍ଠି ଗଠନ ପାଇଁ ପ୍ରସ୍ତାବ ରହିଛି।

## କର୍କଟରେ ପୀଡ଼ିତ ଯାତ୍ରା ଅଭିନେତା ଦାମ ପଣ୍ଡା

# ଚିକିତ୍ସାରେ ବାଧକ ସାଜିଛି ଅର୍ଥ

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ଓଡ଼ିଆ ଯାତ୍ରା ଜଗତର ମେଗାଷ୍ଟାର ତଥା ଚର୍ଚ୍ଚିତ ଖଳନାୟକ ଓ ଚରିତ୍ର ଅଭିନେତା ଦାମ ପଣ୍ଡା ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଫୁସ୍‌ଫୁସ୍ କର୍କଟରେ ପୀଡ଼ିତ ହୋଇ ସେ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥତା ଯୋଗୁ କିଛିଦିନ ତଳେ କଟକ ଏସ୍‌ସିବିରେ ଭର୍ତ୍ତି ହୋଇଥିବା ପଣ୍ଡାଙ୍କୁ ଫୁସ୍‌ଫୁସ୍‌ରେ କ୍ୟାନସର ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେଠାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପଣ୍ଡା ଏବେ କର୍କଟର ଦ୍ୱିତୀୟ ଷ୍ଟେଜ୍‌ରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି। ଉନ୍ନତମାନର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଏତେ ଟଙ୍କା ଯୋଗାଡ଼ କରିବା ପରିବାର ପାଇଁ ମଧ୍ୟ ସମସ୍ୟା ପାଲଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ଦିଆଯାଇନାହିଁ। ତୁରନ୍ତ ସଂସ୍କୃତି ବିଭାଗ କଳାକାର ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



ଦାମ ପଣ୍ଡା

ବାଲେଶ୍ୱର ଜିଲା ଶ୍ରୀରାମପୁର ପଞ୍ଚାୟତ କଣ୍ଟାବଣିଆ ଗାଁରେ ଜନ୍ମିତ ଦାମ ପଣ୍ଡା ୧୯୭୭ ମସିହାରେ ଯାତ୍ରା ଦୁନିଆକୁ ପ୍ରବେଶ କରିଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଏହି କଳାକାର ଦୀର୍ଘ ୪୦ବର୍ଷ ଧରି ଯାତ୍ରାଜଗତ ସହ ଜଡ଼ିତ ରହିଛନ୍ତି। ଗତ କିଛିବର୍ଷ ହେଲା ସେ 'ଯାତ୍ରା ସଚ୍ଚିଦାନନ୍ଦମ୍'ରେ ଖଳନାୟକ ଓ ଚରିତ୍ର ଅଭିନେତା ଭାବେ ଅଭିନୟ କରୁଥିଲେ। ଯାତ୍ରା 'ମହାଭାରତର ଅର୍ଜୁନ ରାନୀ'ରେ ଶକୁନି ଚରିତ୍ର ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେହିଭଳି ତାଙ୍କର 'ସୁରସାର୍‌ଙ୍କ ସାନଝିଅ' ଯାତ୍ରା ଚହଳ ସୃଷ୍ଟି କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣକୁ ପୂଜା,**
**ଅବିଗୁଣ ହେଲେ ବାଇଦ ବଜା ।**

ଗୁଣବାନ୍ ପ୍ରତିଭାବାନ ବ୍ୟକ୍ତି ସମାଜରେ ଉଚ୍ଚପ୍ରଶଂସା ଲାଭ କରିବାକୁ ସମର୍ଥ ହୋଇଥାନ୍ତି। ସେହିପରି ସେମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କର ମଧ୍ୟ ଯଥେଷ୍ଟ ସମ୍ମାନବୋଧ ରହିଥାଏ। ପରନ୍ତୁ, ଯାହାର ଗୁଣଗ୍ରାମ ଭଲ ହୋଇ ନ ଥାଏ ସେ କେବଳ ନିନ୍ଦା ଅପବାଦ ମୁଣ୍ଡାଇବା ସହ ତିରସ୍କାର ପାଇବା ସାର ହୋଇଥାଏ। ମନ୍ଦଗୁଣ ଯୋଗୁ ଶୀଘ୍ର ଦୁର୍ନାମ ବ୍ୟାପିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଟିକିଆ ପୁଅ ଖେଳେ ନାହିଁ,**
**ଖଣ୍ଡିକିଆ କାଠ ଜଳେ ନାହିଁ ।**

ସାଧାରଣତଃ ଛୋଟ ଛୋଟ ପିଲାମାନେ ନିଜ ବୟସର ପିଲାଙ୍କ ସହ ଖେଳକୁଦ କରିବାକୁ ଅଧିକ ପସନ୍ଦ କରିଥାନ୍ତି। ତେବେ ଯେଉଁ ଘରେ କେବଳ ଗୋଟିଏ ସନ୍ତାନ ରହିଥାଏ ସେ ଖେଳିବା ଲାଗି ଉପଯୁକ୍ତ ସାଥୀଟିଏ ପାଇପାରି ନ ଥାଏ। ସେହିପରି ଖଣ୍ଡିକିଆ ବା ଗୋଟିକିଆ କାଠରେ ସହଜରେ ନିଆଁ ଧରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051
OHPC
Phones: 06861-232581 (O)/232641 (R), Fax: 06861-232541
Email: unit.head_balimela@yahoo.com

No. BHEP/T-148 (Vol-II) / 4486 Dtd.21.08.18

**2nd Corrigendum Notice to Tender Call Notice No.BHEP: T-148 (Vol-II) / 3764 Group-B) Dated.12.07.2018**

Sub.: Repairing of Line concentrators (08 Nos.) of Unit-7 & 8 of BHEP, Balimela

No.CAD-754: The last date of this office Tender Call Notice No._BHEP: T-148 (Vol-II) / 3764 dtd.12.07.2018 for repairing of Line concentrators (08 Nos.) of Unit-7 & 8 of BHEP, Balimela is extended as follows.

Last date of sale of tender paper : **13.00 hrs. of 06.09.2018**
Last date of receipt of tender : **16.00 hrs. of 06.09.2018**
Date of opening of tender paper : **16.30 hrs. of 06.09.2018**

All other terms and conditions of the above TCN remains unaltered.
• For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.

04019/11/0065/1819 **Sd./- SR. GENERAL MANAGER (EL)**


## କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ଭୁବନେଶ୍ୱର,୨୩।୮ (ବ୍ୟୁରୋ)

କେରଳ ବନ୍ୟା ପୀଡିତଙ୍କ ସହାୟତା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ବା ଉତ୍କଳିକା ପକ୍ଷରୁ ୧ ଲକ୍ଷ ଟଙ୍କା, ଓଡିଶା ସମବାୟ ଟସର ଓ ସିଲ୍କ ଫେଡେରେଶନ (ସେରିଫେଡ) ପକ୍ଷରୁ ୧ ଲକ୍ଷ ଏବଂ ଭୁବନେଶ୍ୱର ଫର୍ଚୁନ ସ୍ପିରିଟ ଲିମିଟେଡ ପକ୍ଷରୁ ୧ ଲକ୍ଷ ଟଙ୍କା ଦିଆଯାଇଛି। ଏହି ସବୁ ସଂସ୍ଥାର କର୍ମକର୍ତ୍ତାମାନେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ରିଲିଫ ପାଣ୍ଠି ପାଇଁ ଚେକ୍ ପ୍ରଦାନ କରିଥିଲେ।


# OFFICE OF THE MUNICIPAL COUNCIL, PHULBANI

## SHORT TENDER CALL NOTICE

**No. 4002/Mpty.Plb.** **Dated 23.08.2018**

Sealed tenders are ivited from Register Contractors of State PWD, PH and Municipal Contractor for execution of the following works. The tender paper can be had from the office of Phulbani Municipality in working day from **24.08.2018** to **10.09.2018** on payment of cost as mentioned against each work.

| Sl. No. | Name of the work | Estimated cost in Rs. | Place sale of tender paper | Tender paper cost in Rs. | EMD to be deposited in Rs. | Class of contractor | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CC road at Bapujipalli from Rina Sethi house towards Rabin Nayak house, Ward No.1 | 1,70,000.00 | Cashier, Phulbani Municipality | 600.00 | 1,700.00 | D & C & Municipality | 30 days |
| 2 | Construction of CC road in front of Shaktidayani Mandir, Ward No.1 | 1,49,000.00 | Ditto | 600.00 | 1,490.00 | Ditto | 30 days |
| 3 | Improvement of road in front of Siba Mandir, Ward No.1 | 1,82,000.00 | Ditto | 600.00 | 1,820.00 | Ditto | 30 days |
| 4 | Construction of CC road at Damigaon Harijan Sahi, Ward No.2 | 1,23,000.00 | Ditto | 600.00 | 1.230.00 | Ditto | 30 days |
| 5 | Construction of CC road at Damigaon from Parbati Kanhar house towards river, Ward No.2 | 1,08,000.00 | Ditto | 600.00 | 1,080.00 | Ditto | 30 days |
| 6 | Construction of CC road at Mallick Sahi, Ward No.2 | 1,36,000.00 | Ditto | 600.00 | 1,360.00 | Ditto | 30 days |
| 7 | Construction of plat form and CC road at Dakapala School sahi near Burial Ground, Ward No.2 | 1,33,000.00 | Ditto | 600.00 | 1,330.00 | Ditto | 30 days |
| 8 | Construction of pump house chamber and road at back side of AJO High School, Phulbani, Ward No.3 | 1,25,000.00 | Ditto | 600.00 | 1,250.00 | Ditto | 30 days |
| 9 | Improvement of road from Urmila Behera house towards Suresan Nayak house at Mundia Sahi, Ward No.3 | 1,27,000.00 | Ditto | 600.00 | 1,270.00 | Ditto | 30 days |
| 10 | Improvement of road at Mundia Sahi from Rama Digal house towards Trinath Mandir, Ward No.3 | 1,65,000.00 | Ditto | 600.00 | 1,650.00 | Ditto | 30 days |
| 11 | Construction of road at Munida Sahi from Park road towards Antaryami Digal house, Ward No.3 | 1,05,000.00 | Ditto | 600.00 | 1,050.00 | Ditto | 30 days |
| 12 | Improvement of road at Nadikhandi Sahi in front of Gelu Panda house and in front of Hari Behera house, Ward No.3 | 1,03,000.00 | Ditto | 600.00 | 1,030.00 | Ditto | 30 days |
| 13 | Improvement of road at Pragati Marga, Phulbani sahi, Ward No.4 | 1,50,000.00 | Ditto | 600.00 | 1,500.00 | Ditto | 30 days |
| 14 | Construction of road from Prasanta Kara house towards Santanu Pattnaik house, Ward No.4 | 1,92,000.00 | Ditto | 600.00 | 1,920.00 | Ditto | 30 days |
| 15 | Improvement of road at Dhipa Sahi 2nd Lane, Ward No.4 | 1,59,000.00 | Ditto | 600.00 | 1,590.00 | Ditto | 30 days |
| 16 | Construction of Drain at Masterpada from Tiki Satpathy house towards Ganesh Behera house, Ward No.5 | 1,47,000.00 | Ditto | 600.00 | 1,470.00 | Ditto | 30 days |
| 17 | Construction of Drain at Masterpada from Balaram Pradhan house towards Tiki Satpathy house, Ward No.5 | 1,55,000.00 | Ditto | 600.00 | 1,550.00 | Ditto | 30 days |
| 18 | Construction of Drain and improvement of road near Rabi Dash house and Dasarathi Behera house at Masterpada, Ward No.5 | 1,98,000.00 | Ditto | 600.00 | 1.980.00 | Ditto | 30 days |
| 19 | Construction of CC road near Akura Prdhan house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 20 | Construction of CC road from Biswarathi Pradhan house towards Babuli Pattajoshi house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 21 | Construction of CC road from Saroj Kumar Mishara house towards Babuli Pattajoshi house at Suna Mishra Gali, Ward No.6 | 1,71,000.00 | Ditto | 600/.00 | 1,710.00 | Ditto | 30 days |
| 22 | Improvement of road near Ujjala Pattnaik house at Amalapada, Ward No.7 | 1,45,000.00 | Ditto | 600.00 | 1,450.00 | Ditto | 30 days |
| 23 | Construction of road from Brahman Devi Mandir towards Circular road at Amalapada, Ward No.7 | 1,86,000.00 | Ditto | 600.00 | 1,860.00 | Ditto | 30 days |
| 24 | Improvement of road from Prakash Tea house towards Debendra Nayak house at Amalapada, Ward No.7 | 1,74,000.00 | Ditto | 600.00 | 1,740.00 | Ditto | 30 days |
| 25 | Construction of road near Gass Godown at Narayani Sahi, Ward No.8 | 1,69,000.00 | Ditto | 600.00 | 1,690.00 | Ditto | 30 days |
| 26 | Construction of road from Samanta Babu house towards Rao Babu house at Prakruti Bihar, Ward No.8 | 1,42,000.00 | Ditto | 600.00 | 1,420.00 | Ditto | 30 days |
| 27 | Improvement of road from Prakruti Bihar towards main road, Ward No.8 | 1,90,000.00 | Ditto | 600.00 | 1,900.00 | Ditto | 30 days |
| 28 | Construction of road from Behera Service Centre towards Dharmendra house, Ward No.9 | 1,95,000.00 | Ditto | 600.00 | 1,950.00 | Ditto | 30 days |
| 29 | Improvement of road from Dash Babu house towards Bikram Behera house at Jiringipada, Ward No.9 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 30 | Improvement of road at Penjisahi, Ward No.9 | 1,48,000.00 | Ditto | 600.00 | 1,480.00 | Ditto | 30 days |
| 31 | Construction of Drain at Baikumpa, Ward No.10 | 1,69,000.00 | Ditto | 600.00 | 1.690.00 | Ditto | 30 days |
| 32 | Construction of road at Kumbharpada near Anganwadi Centre, Ward No.10 | 1,78,000.00 | Ditto | 600.00 | 1,780.00 | Ditto | 30 days |
| 33 | Improvement of road at Baikhole, Ward No.10 | 1,54,000.00 | Ditto | 600.00 | 1,540.00 | Ditto | 30 days |
| 34 | Construction of road from Arjuna Sethi house towards Pramila Maharana house at Jiringipada, Ward No.11 | 1,60,000.00 | Ditto | 600.00 | 1,600.00 | Ditto | 30 days |
| 35 | Improvement of road at Chandan Nagar, Ward No.11 | 1,72,000.00 | Ditto | 600.00 | 1,720.00 | Ditto | 30 days |
| 36 | Construction of road from Udayanath Sahu house towards Laxman Das house at Dhadhibaman Sahi, Ward No.11 | 1,68,000.00 | Ditto | 600.00 | 1,680.00 | Ditto | 30 days |
| 37 | Improvement of road at Brahman sahi in front of Chidananda Play School, Ward No.12 | 1,99,000.00 | Ditto | 600.00 | 1,990.00 | Ditto | 30 days |
| 38 | Improvement of road from Circular road towars main road in front of DFO Office, Phulbani, Ward No.12 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 39 | Improvement of road in front of ADM Res. Ward No.12 | 1,44,000.00 | Ditto | 600.00 | 1,440.00 | Ditto | 30 days |
| 40 | Improvement of road from Circular road towards Sameer Beher house at Kendupadar, Ward No.13 | 1,96,000.00 | Ditto | 600.00 | 1,960.00 | Ditto | 30 days |
| 41 | Construction of CC road at Kendupadar from Suman Behera house towards Ugresan Behera house, Ward No.13 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 42 | Construction of CC road at Kendupadar from Malaya Behera house towards Jogendra Behera house, Ward No.13 | 1,46,000.00 | Ditto | 600.00 | 1,460.00 | Ditto | 30 days |
| 43 | Construction of road at Salunki Sahi from Manahar Kanhar house towards Chakradhar Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 44 | Construction of road at Salunki Sahi near Pabitra Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 45 | Construction of drain and road from Salunki sahi towards river | 1,97,000.00 | Ditto | 600.00 | 1,970.00 | Ditto | 30 days |
| 46 | Construction of Guard Wall at Right side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |
| 47 | Construction of Gurad Wall at Left side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |

1. Last date of sale of tender paper which can be hard from Cashier in Phulbani Municipality up to **5.00 PM** on **10.09.2018** on payment of cost.
2. Time and date of receipt of Tender Paper in Phulbani Municipality up to **1.00 PM on 11.09.2018**.
3. Time and date of opening of tenders in Phulbani Municipality in presence of all Tenderers or their representative at **3.00 PM** on **11.09.2018.**
4. EMD an amount equal to 1% of total quoted value M.R./in shape of DD of any nationalized Bank in favour of Executive Officer, Phulbani Municipality payable at Phulbani/ Money Receipt will be deposited along with tender.
5. Xerox copy to valid and up-to-date ITCC/Pan Card and VAT Clearance Certificate in (VAT-612) to be furnished along with tender.
6. Tender received without EMD will be liable for rejection.
7. Tender received after due date and time will be rejected.
8. If any dates (i.e. last date of sale of tender paper, last date of submission and opening of tender etc.) will declared as Government holiday then the next working date shall considered for sale of tender paper and submission of tenders respectively at the same time and venue.
9. Authority reserves right to reject any or all tenders without assigning any reason thereof.

**Sd./- Executive Officer,**
**Phulbani Municipality**

# ନୂଆ ରଣଜୀ ଫର୍ମାଟ



ନିର୍ମଳ କୁମାର ମିଶ୍ର

ବିସିସିଆଇ ସିଓଏ (କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଶନ୍), ଟେକ୍ନିକାଲ୍ ଆଣ୍ଡ ଫିକ୍ସଚର କମିଟି ଗତ ମେ ୭ ତାରିଖରେ ମୁମ୍ବାଇଠାରେ ଏବଂ ଜୁନ୍ ୨୨ ତାରିଖରେ କୋଲକାତାଠାରେ ବସି ଆଗାମୀ ସିଜନ୍ ପାଇଁ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛି। ଲୋଧା କମିଟି ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏନଏଡିପି (ନ୍ୟୁ ଏରିଆ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ)କୁ କାର୍ଯ୍ୟକାରୀ କରିବାକୁ ଯାଇ ନର୍ଥ ଇଷ୍ଟ ରାଜ୍ୟଗୁଡ଼ିକରୁ ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ ଏବଂ ଉତ୍ତରାଖଣ୍ଡ ସହିତ ପୂର୍ବରୁ ରଣଜୀ ମାନ୍ୟତା ପାଇଥିବା ବିହାରକୁ ରଣଜୀ ଟ୍ରଫିରେ ପୁନଃ ପ୍ରବେଶ କରାଯାଇଛି। ତେଣୁ ଏଥର ଏହି ୯ଟି ରାଜ୍ୟ ରଣଜୀ ଟ୍ରଫି ଖେଳିବା ନିଶ୍ଚିତ ହୋଇଛି। ତେଣୁ ମୋଟ ଅଂଶ ଗ୍ରହଣକାରୀ ଦଳ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି।

ନୂତନ ଫର୍ମାଟରେ ଏଥର ଖେଳାଯିବ ବିସିସିଆଇର ଏହି ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟ। ଏହି ଘୋଷଣା ପରେ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଲୋଧା କିମିଟିର ପ୍ରତିବନ୍ଧକ ସତ୍ତ୍ୱେ ବିଭିନ୍ନ ରାଜ୍ୟ ଆସୋସିଏଶନ ଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ତେବେ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଏକମାସରୁ କମ୍ ସମୟ ରହିଥିବାରୁ ଏହାର କାର୍ଯ୍ୟକାରିତାକୁ ନେଇ ସିଓଏ ଆଶଙ୍କା ପ୍ରକାଶ କରିଛି। ୨୦୧୭-୧୮ ସିଜନ୍ ରଣଜୀ ଫର୍ମାଟରେ ମୋଟ ୨୮ଟି ଟିମ୍ ଭାଗ ନେଇଥିବା ବେଳେ ୯୧ଟି ମ୍ୟାଚ ଖେଳାଯାଇଥିଲା। ମାତ୍ର ଚଳିତ ସିଜନ୍‌ରେ ୩୭ଟି ଟିମ୍ ଭାଗ ନେବା ଫଳରେ ୧୬୦ଟି ମ୍ୟାଚ ଖେଳାଯିବ।



ଫଳରେ ବିସିସିଆଇକୁ ଅଧିକ ଅର୍ଥ ଏବଂ ପଡ଼ିଆର ଆବଶ୍ୟକ ପଡିବ। ଉତ୍ତମ ଟେକ୍ନୋଲୋଜି ଉପଲବ୍ଧ ଥିବା ପଡ଼ିଆରେ ମ୍ୟାଚ କରିବାକୁ ହେବ। ୮୫ତମ ସଂସ୍କରଣରେ ସର୍ବାଧିକ ସଂଖ୍ୟକ ୨୦୧୭ଟି ମ୍ୟାଚ ଉଭୟ ପୁରୁଷ ଏବଂ ମହିଳା ବିଭାଗର ବିଭିନ୍ନ ଫର୍ମାଟରେ ଖେଳାଯିବ। ଯାହାକି ବିସିସିଆଇ ପାଇଁ ଏକ ସର୍ବକାଳୀନ ରେକର୍ଡ ଅଟେ। ୪ଟି ମୁଖ୍ୟ ଟୁର୍ନାମେଣ୍ଟ ମଧ୍ୟରୁ ଦୁଲିପ୍ ଟ୍ରଫି ଅଗଷ୍ଟ ୧୭ ତାରିଖରୁ ଆରମ୍ଭ ହୋଇ ଯାଇଥିବାବେଳେ ବିଜୟ ହଜାରେ ଟ୍ରଫି ସେପ୍ଟେମ୍ବର ୧୯ରୁ ଆରମ୍ଭ ହୋଇ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବ। ଦେଓଧର ଟ୍ରଫି ଅକ୍ଟୋବର ୨୩ରୁ ୨୭ (୪ଟି ଏକଦିବସୀୟ ମ୍ୟାଚ), ରଣଜୀ ଟ୍ରଫି ନଭେମ୍ବର ୧ରୁ ଆରମ୍ଭ ହୋଇ ଫେବୃୟାରୀ ୬ ପର୍ଯ୍ୟନ୍ତ ଚାଲିବ। ସେହିପରି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଆଇପିଏଲ ଖେଳାଳି ନିଲାମ ପରେ ଫେବୃୟାରୀ ୨୧ତାରିଖରୁ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ରଣଜୀ ଟ୍ରଫିରେ ୪ଟି ଗ୍ରୁପ ରହିଛି। ଗ୍ରୁପ-ଏ (୯ଟି ଦଳ), ଗ୍ରୁପ-ବି (୯ଟି ଦଳ), ଗ୍ରୁପ-ସି (୧୦ ଦଳ) ଏବଂ ପ୍ଲେଟ ଗ୍ରୁପରେ ସମସ୍ତ ନୂତନ ଦଳ (୯ଟି) ସ୍ଥାନ ପାଇଛନ୍ତି। ଗ୍ରୁପ -ଏ ଏବଂ ଗ୍ରୁପ-ବି ରୁ ଶ୍ରେଷ୍ଠ ୫ଟି ଦଳ, ଗ୍ରୁପ୍-ସିରୁ ଶ୍ରେଷ୍ଠ ୨ଟି ଦଳ ଏବଂ ପ୍ଲେଟ ଗ୍ରୁପରୁ ଶ୍ରେଷ୍ଠ ଗୋଟିଏ ଦଳ ନକ୍ ଆଉଟ ପର୍ଯ୍ୟାୟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଗତବର୍ଷର ରଣଜୀ ଟ୍ରଫି ଫଳାଫଳ ଆଧାରରେ ଏଲିଟ୍ ଗ୍ରୁପ୍-ଏ ଏବଂ ଗ୍ରୁପ-ବିରେ ଶ୍ରେଷ୍ଠ ୧୮ଟି ଦଳ ସ୍ଥାନ ପାଇଥିବା ବେଳେ ଗ୍ରୁପ-ସି ରେ ଅନ୍ୟ ୧୦ଟି ଦଳ ସେମାନଙ୍କର ସଫଳତାର ରେକର୍ଡ ଅନୁସାରେ ସ୍ଥାନ ପାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ଲେଟ ଗ୍ରୁପର ଶ୍ରେଷ୍ଠ ଦଳ ଆସନ୍ତା ବର୍ଷ ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇବ। ସେହିପରି ଗ୍ରୁପ୍-ଏ ଏବଂ ଗ୍ରୁପ୍-ବିର ଟେବୁଲ ଶେଷରେ ଥିବା ଦୁଇଟି ଦଳ ଆସନ୍ତା ବର୍ଷ ଗ୍ରୁପ-ସିକୁ ଯିବେ। ବିଜୟ ହଜାରେ ଟ୍ରଫି ମଧ୍ୟ ରଣଜୀ ଫର୍ମାଟରେ ଅନୁଷ୍ଠିତ ହେବ।

ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦ ମ୍ୟାଚ ଗୁଡିକ ୫ଟି ଗ୍ରୁପରେ ଖେଳାଯିବ। ଗ୍ରୁପ-ଏ ଏବଂ ଗ୍ରୁପ-ବିରେ ୮ଟି ଲେଖାଏ ଦଳ ରହିଥିବା ବେଳେ ଗ୍ରୁପ୍-ସି, ଡି ଏବଂ ଇ ରେ ୭ଟି ଲେଖାଏଁ ଦଳ ରହିବେ। ପୂର୍ବବର୍ଷର ସଫଳତା ଆଧାରରେ ଏବଂ ର୍ୟାଙ୍କିଙ୍ଗ ସହିତ ଦଳ ଗୁଡିକ ୫ଟି ଗ୍ରୁପରେ ସ୍ଥାନ ପାଇବେ। ରଣଜୀ ଟ୍ରଫିରେ ଲିଗ୍ ମ୍ୟାଚ ଗୁଡ଼ିକ ଘରୋଇ ଏବଂ ବାହାର ପରିବେଶରେ ହେବାର ସମ୍ଭାବନା ଥିବାବେଳେ ନକ୍ ଆଉଟ୍ ମ୍ୟାଚ ଗୁଡିକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ।

ନୂଆ ଫର୍ମାଟ ଅନୁସାରେ ଓଡ଼ିଶା ରଣଜୀ ଦଳ ପୁନର୍ବାର ଏଲିଟ୍ ଗ୍ରୁପ-ସିରେ ସ୍ଥାନ ପାଇଛି। ଗତ ବର୍ଷ ଗ୍ରୁପ-ସିରେ ସ୍ଥାନ ପାଇଥିବା ଟିମ୍ ଓଡ଼ିଶା ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଦଳ ୨ଟି ମ୍ୟାଚ ହାରିଥିଲା ଏବଂ ୪ଟି ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଥିଲା। ମଧ୍ୟ ପ୍ରଦେଶ ଏବଂ ମୁମ୍ବାଇ ଏହି ଗ୍ରୁପରୁ ନକ୍ ଆଉଟ୍ ପର୍ଯ୍ୟାୟକୁ ଯାଇଥିଲେ। ନ୍ୟୁ ଏରିଆ ଡେଭଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ନୂତନ ଭାବରେ ରଣଜୀ ଫର୍ମାଟରେ ସାମିଲ ହୋଇଥିବା ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଆସୋସିଏସନ୍‌ଗୁଡିକ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଥିବା ବେଳେ ଏହି ରାଜ୍ୟର ଯୁବ ଖେଳାଳିମାନେ ଫର୍ମାଟକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।

## ରଣଜୀ ଗ୍ରୁପିଂ

- **ଏଲିଟ୍ ଗ୍ରୁପ୍ 'ଏ':** ବରୋଦା, ଛତିଶଗଡ଼, ଗୁଜରାଟ, କର୍ନାଟକ, ମହାରାଷ୍ଟ୍ର, ବମ୍ବେ, ରେଳବାଇ, ସୌରାଷ୍ଟ୍ର, ବିଦର୍ଭ।
- **ଏଲିଟ ଗ୍ରୁପ୍ 'ବି':** ଦିଲ୍ଲୀ, ବେଙ୍ଗଲ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହାଇଦ୍ରାବାଦ୍, ହିମାଚଳପ୍ରଦେଶ, ତାମିଲନାଡୁ।
- **ଏଲିଟ୍ ଗ୍ରୁପ୍ 'ସି':** ଓଡ଼ିଶା, ଆସାମ, ଗୋଆ, ହରିୟାଣା, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, ସର୍ଭିସେସ୍, ରାଜସ୍ଥାନ, ତ୍ରିପୁରା, ଉତ୍ତରପ୍ରଦେଶ।
- **ପ୍ଲେଟ ଗ୍ରୁପ୍:** ବିହାର, ଅରୁଣାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ, ଉତ୍ତରାଖଣ୍ଡ ।

## କପି

ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ
ଟିମ୍ ଟ୍ୟୁଟରରେ ଝଡ଼
ଟିମ୍ ମେମ୍ବରଙ୍କ ଫଟୋରେ ବିରାଟ
ଅନୁଷ୍କା ଘରଣୀ ବଡ଼
ବଡ଼ ମୁଖେ ନାହିଁ ବାଡ଼
ନୈଶ୍ୟ ଭୋଜି କହି ବିସିସିଆଇଟା
କହେ କଥା ଭାଇ ଛାଡ଼।
ଜାପାନ ପରିକା ଶ୍ରୀଲଙ୍କା କ୍ରିକେଟ
ଅଡିଏନ୍ସ କଥା ଧର
ସାଉଥ୍ ଆଫ୍ରିକା-ଶ୍ରୀଲଙ୍କା ମ୍ୟାଚ
ଚାଲୁଥିଲା ରବିବାର
ଲଙ୍କା ହାରିଗଲା ଧୀର
ହାର ଗ୍ଲାନି ଭୁଲି ଦର୍ଶକ ପଡ଼ିଆ
ସଫା କରି ପପୁଲାର।
ତେର ବର୍ଷ ବୟସରେ ସିନିୟର
କ୍ରିକେଟ ଦଳରେ ଖେଳି
ଆୟର୍ଲାଣ୍ଡର ଏଲିନା ହକିରେ
ଏବେ ପୁଣି ବାହୁବଳି
ଭଲକର କପି କାଳି
ମନ୍ଦ କପିକଲେ ଅଧାରେ ଜୀବନ
ନଉକାଟା ଯାଏ ଟଳି।

-ସୁବାସ ଚନ୍ଦ୍ର ପ୍ରଧାନ

# ବଲ୍ ବ୍ୟାଡ଼ମିଣ୍ଟନର ନୂଆ ପ୍ରତିଭା
# ଆଶୁତୋଷ



କମ୍ ଲୋକପ୍ରିୟ ହୋଇଥିଲେ ମଧ୍ୟ ବଲ୍ ବ୍ୟାଡମିଣ୍ଟନ କ୍ରୀଡ଼ାରେ ବିଶ୍ୱର ଅନେକ ଦେଶ ସକ୍ରିୟ ଅଛନ୍ତି। କ୍ରିକେଟ୍ ପାଗଳ ଭାରତରେ ବଲ୍‌ବ୍ୟାଡମିଣ୍ଟନ୍ ନିଜ ଉପସ୍ଥିତି ଏବଂ ପରିଚୟ ପାଇଁ ସଂଘର୍ଷ କରୁଛି । ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶାରେ ମଧ୍ୟ ସ୍ଥିତି ସମାନ । ତେବେ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବ ସତ୍ତ୍ୱେ ବହୁ ଖେଳାଳି ଏହି କ୍ରୀଡ଼ାକୁ ଆପଣାଇଛନ୍ତି । ପ୍ରବଳ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ହିଁ ଏମାନଙ୍କ ପୁଞ୍ଜି। ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଏପରି ଜଣେ ଖେଳାଳି ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ନିଜ ଅଞ୍ଚଳରେ ସୁନା ପୁଅ ଭାବେ ପରିଚିତ ଆଶୁତୋଷ। କାରଣ ହେଲା, ବ୍ରହ୍ମପୁର ଭଳି ଏକ ସହରରୁ ଯାଇ ସେ ଭାରତୀୟ ଦଳରେ ସାମିଲ୍ ହୋଇପାରିଛନ୍ତି। ମାର୍ଚ୍ଚ ୧୭ରୁ ୧୯ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ହୋଇଥିଲା ଟେଷ୍ଟ ସିରିଜ୍। ଭାରତ ସହ ଏହି ସିରିଜ୍‌ରେ ଖେଳିଥିଲେ ଇଣ୍ଡୋନେସିଆ ଏବଂ ମାଲେସିଆ । ବିଶ୍ୱସ୍ତରୀୟ ଏହି ପ୍ରତିଯୋଗିତାରେ ଭାରତକୁ ମିଳିଛି ସ୍ୱର୍ଣ୍ଣ ପଦକ । ଆଉ ଏକ ସ୍ୱର୍ଣ୍ଣ ବିଜୟୀ ଦଳରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଆଶୁତୋଷ ।

ବଲ୍ ବ୍ୟାଡମିଣ୍ଟନ ଦୁନିଆକୁ ଆଶୁତୋଷଙ୍କ ଆଗମନ ମଧ୍ୟ ଅକସ୍ମାତ। ବ୍ରହ୍ମପୁରର ଅଗ୍ରଣୀ କ୍ଲବ, ଆଲ୍‌ଫା ସ୍ପୋର୍ଟିଂ ପାଇଁ କ୍ରିକେଟ ଖେଳୁଥିଲେ ଆଶୁତୋଷ । ୨୦୧୫ ମସିହାର କଥା। ସେହି ସମୟରେ ଖଲିକୋଟ କଲେଜ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବଲ୍ ବ୍ୟାଡ଼ମିଣ୍ଟନ୍ ପ୍ରତିଯୋଗିତା ଚାଲିଥାଏ। ଏକଦା କ୍ରିକେଟରେ କ୍ୟାରିୟର୍ କରିବାକୁ ଲକ୍ଷ୍ୟ ରଖିଥିବା ଆଶୁତୋଷ ହଠାତ୍ ବଲ୍ ବ୍ୟାଡମିଣ୍ଟନ୍ ପ୍ରତି ଆକର୍ଷିତ ହେବାରେ ଲାଗିଲେ । ପୂର୍ବରୁ ଏହି ଖେଳ ବିଷୟରେ ବିଶେଷ ଜ୍ଞାନ ନ ଥିଲେ ମଧ୍ୟ ଖେଳିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ। ଜଣାଶୁଣା କୋଚ ସଞ୍ଜୟ ବିଷୋୟୀ ଏବଂ ସୁନିତା ପଣ୍ଡାଙ୍କ ଅଧୀନରେ ପ୍ରଶିକ୍ଷଣ ନେଲେ। କ୍ରିକେଟ ବ୍ୟାଟ ଛାଡ଼ି ହାତରେ ଧରିଲେ ର୍ୟାକେଟ୍ । ଉଭୟଙ୍କଠାରୁ ବଲ୍ ବ୍ୟାଡମିଣ୍ଟନ ଟେକ୍‌ନିକ୍ ଶିଖିଲେ। ଏହା ପରଠୁ ଆଉ ଆଶୁତୋଷ ପଛକୁ ଫେରି ଚାହିଁନାହାନ୍ତି। ଧୀରେ ଧୀରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଗୁଡ଼ିକରେ ଭାଗନେଲେ । ୨୦୧୬ମସିହା ଜୁନ୍ ୧୦ତାରିଖରେ ଜଗତସିଂହପୁରଠାରେ ଆୟୋଜିତ ହୋଇଥିଲା ୨୩ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍। ପ୍ରଥମ ଟୁର୍ନାମେଣ୍ଟରେ ସେ ପ୍ରଭାବି ପ୍ରଦର୍ଶନ କରିଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୧୧ତାରିଖରେ ଜୟପୁରଠାରେ ଅନୁଷ୍ଠିତ ୨୪ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ଗଞ୍ଜାମ ତରଫରୁ ଖେଳିଥିଲେ । ଏହା ପରେ ଗୋଟିଏପରେ ଗୋଟିଏ ପାହାଚ ଚଢ଼ି ଆଗକୁ ବଢ଼ିଥିଲେ ଆଶୁତୋଷ । ୨୦୧୭ଜୁନ୍ ୮ରେ ୨୪ତମ ରାଜ୍ୟ ଜୁନିୟର୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍, ୨୦୧୭ ଡିସେମ୍ବର ୧ ତାରିଖରେ କଟକଠାରେ ଅନୁଷ୍ଠିତ ୨୫ତମ ସିନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଖେଳିବାକୁ ସେ ସୁଯୋଗ ପାଇଥିଲେ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଆଶୁତୋଷଙ୍କ ପ୍ରଭାବୀ ପ୍ରଦର୍ଶନ ରାଜ୍ୟ ଚୟନକର୍ତାଙ୍କୁ ପ୍ରଭାବିତ କରିଥିଲା । ଫଳରେ ଖୁବ୍ ଶୀଘ୍ର ତାଙ୍କୁ ଓଡ଼ିଶା ଦଳରେ ସ୍ଥାନ ମିଳିଥିଲା । ୨୦୧୭ଜୁନ ୨୭ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସିନିୟର ଆନ୍ତଃଜୋନ୍ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନ୍‌ଶିପ୍‌ରେ ସେ ଓଡ଼ିଶା ତରଫରୁ ଖେଳିବାକୁ ସୁଯୋଗ ପାଇଥିଲେ। ଏହା ପରେ ସେହି ବର୍ଷ ଡିସେମ୍ବର ୪ରେ ୬୩ତମ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଖେଳିଥିଲେ। ଏହି ଚାମ୍ପିୟନ୍‌ଶିପ୍‌ରେ ତାଙ୍କ ପ୍ରଦର୍ଶନରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏଣୁ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଥିଲା । ଭାରତ ତରଫରୁ ସେ ଏବେ ମାଲେସିଆ ଏବଂ ଇଣ୍ଡୋନେସିଆ ବିରୋଧରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଖେଳି ସଫଳତା ହାସଲ କରିଛନ୍ତି ।

ବ୍ରହ୍ମପୁର ସହର ପାଣିଗ୍ରାହୀପେଣ୍ଠ ବ୍ରଜରାଜନଗର ଚତୁର୍ଥ ଲେନ୍ ନିବାସୀ ଲକ୍ଷ୍ମୀ କୁମାରୀ ରଥ ଓ ପ୍ରଶାନ୍ତ କୁମାର ରଥଙ୍କ ପୁଅ ଆଶୁତୋଷ । ବାପା ପ୍ରଶାନ୍ତ ଜଣେ ପୋଲିସ ଅଧିକାରୀ । ବଲ୍‌ବ୍ୟାଡମିଣ୍ଟନ୍‌ରେ କ୍ୟାରିୟର୍ ଗଢ଼ିବାକୁ ସ୍ୱପ୍ନ ଥିବା କୁହନ୍ତି ଆଶୁତୋଷ । ସଂପ୍ରତି ସେ ଏକ ଘରୋଇ କଲେଜରେ ବିସିଏ ପ୍ରଥମ ବର୍ଷର ଛାତ୍ର । ପାଠ ସହ ଖେଳକୁ ସେ ସମାନ ଗୁରୁତ୍ୱ ଦିଅନ୍ତି ବୋଲି କହିଛନ୍ତି । ରାଜ୍ୟ ବାହାରେ ସେ ଅନେକ ଟୁର୍ନାମେଣ୍ଟରେ ଭାଗନେଇଛନ୍ତି। ଓଡ଼ିଶା ଅପେକ୍ଷା ଅନ୍ୟ ରାଜ୍ୟଗୁଡ଼ିକରେ ବଲ୍‌ବ୍ୟାଡମିଣ୍ଟନ ପ୍ରତି ବହୁତ ପ୍ରୋତ୍ସାହନ ରହିଛି। ଓଡ଼ିଶାରେ ଭଲ କୋଚ ନ ଥିବା ଯୋଗୁ ଭଲ ଖେଳାଳି ବାହାରି ପାରୁନାହାନ୍ତି। ଖଲିକୋଟ କଲେଜ ଷ୍ଟାଡିୟମ୍‌ରେ କେତେକ ଖେଳାଳି ଏବଂ କୋଚ ସୁନୀତା ପଣ୍ଡା ଏବଂ ସଞ୍ଜୟ ବିଷୋୟୀଙ୍କ ଉଦ୍ୟମରେ ମାଟିରେ ଏକ କୋର୍ଟ ନିର୍ମାଣ କରାଯାଇଛି । ସେଥିରେ ସେମାନେ ଖେଳୁଛନ୍ତି। ଅର୍ଥାଭାବ ରହିଛି । ଯଦି ସରକାର ଏକ ସ୍ୱତନ୍ତ୍ର କୋର୍ଟ ନିର୍ମାଣ ସହ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବେ, ତେବେ ବ୍ରହ୍ମପୁରରୁ ମଧ୍ୟ ବହୁ ଖେଳାଳି ବାହାରିପାରିବେ ବୋଲି କହିଛନ୍ତି ଆଶୁତୋଷ ।

> ବଲ୍ ବ୍ୟାଡମିଣ୍ଟନ୍‌କୁ କ୍ୟାରିୟର କରି ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିବା ଖେଳାଳି ଜଣକ ହେଲେ ବ୍ରହ୍ମପୁରର ଆଶୁତୋଷ ରଥ । ଭାରତୀୟ ଦଳରେ ସାମିଲ ହୋଇ ସ୍ୱର୍ଣ୍ଣ ପଦକ ପାଇଥିବାରୁ କେବଳ ନିଜ ଅଞ୍ଚଳ ପାଇଁ ନୁହେଁ ସମଗ୍ର ରାଜ୍ୟର ସୁନା ପୁଅ ପାଲଟିଯାଇଛନ୍ତି ଏହି ବଲ ବ୍ୟାଡ୍‌ମିଣ୍ଟନ ପ୍ରତିଭା ।

-ଆଶୀର୍ବାଦ ରାଉତ, ବ୍ରହ୍ମପୁର

ହକି ବିଶ୍ୱକପ

# ସଜେଇ ହେଉଛି କଳିଙ୍ଗ

ଜାକର୍ତ୍ତା/ପାଲେମବାଙ୍ଗ ଏସିଆନ ଗେମ୍ସରେ ଭାରତୀୟ ହକି ଦଳ ରେକର୍ଡ ସୃଷ୍ଟି ସହ ଦମ୍‌ଦାର ପ୍ରଦର୍ଶନ ବଜାୟ ରଖିଥିବାବେଳେ ବିଶ୍ୱକପ ମହାକୁମ୍ଭ ପାଇଁ ସଜେଇ ହେଉଛି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏହି ମେଗା ଇଭେଣ୍ଟ। ଭାଗନେବେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ। ତାରକା ଖେଳାଳିଙ୍କ ଉପସ୍ଥିତିରେ ଦେଖିବାକୁ ମିଳିବ ହକି ରୋମାଞ୍ଚ। ଏଥିପାଇଁ କେବଳ ଓଡ଼ିଶା କାହିଁକି ସମଗ୍ର ବିଶ୍ୱ କ୍ରୀଡ଼ାପ୍ରେମୀଙ୍କ ନଜର ଏବେ କଳିଙ୍ଗ ଷ୍ଟାଡିୟମ ଆଡ଼କୁ ଆକର୍ଷିତ ହେବାକୁ ଲାଗିଛି। ଏସିଆନ ଗେମ୍ସ କପ୍ ପରେ ଏହି ଆକର୍ଷଣ ଆହୁରି ବଢ଼ିବ। କାରଣ ଜାକର୍ତ୍ତାରେ ଭାରତ ପ୍ରଥମ ମ୍ୟାଚରେ ଇଣ୍ଡୋନେସିଆକୁ ୧୭-୦ ଏବଂ ଦ୍ୱିତୀୟ ମ୍ୟାଚରେ ହଂକଂ ଚାଇନାକୁ ୨୬-୦ ଗୋଲରେ ହରାଇ ୮୬ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ଏସିଆଡ୍‌ରେ ଯଦି ଭାରତ ଚାମ୍ପିୟନ ହୁଏ ତେବେ ବିଶ୍ୱକପ ପ୍ରତି ଦର୍ଶକଙ୍କ ଆକର୍ଷଣ ଯେ ଦ୍ୱିଗୁଣିତ ହେବ ଏଥିରେ ଦ୍ୱିମତ ନାହିଁ।

### ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ବିଶ୍ୱକପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ହକି ଗ୍ୟାଲେରିର ସମ୍ପ୍ରସାରଣ ଏବଂ ଷ୍ଟାଡିୟମ ନବୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ଦୃଷ୍ଟିରୁ ଅନ୍ତର୍ଜାତୀୟ ହକି ଫେଡେରେଶନ ଏବଂ ହକି ଇଣ୍ଡିଆର ପରାମର୍ଶକ୍ରମେ ହକି ଷ୍ଟାଡିୟମକୁ ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ଜନସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଷ୍ଟାଡିୟମ ମଧ୍ୟକୁ ପ୍ରବେଶରେ କଟକଣା ଲାଗିଛି। ''ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମ ବାହାର କାର୍ଯ୍ୟ ପାଖାପାଖି ଆଉ ଏକ ସପ୍ତାହ ମଧ୍ୟରେ ଶେଷ ହୋଇଯିବ। ଭିତର ରଙ୍ଗ, ସାଜସଜ୍ଜା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସପ୍ତାହେ/ଦୁଇ ସପ୍ତାହ ମଧ୍ୟରେ ସରିବ। ତେଣୁ ଆହତ ସମସ୍ୟା ଏବଂ ଅନ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖା ଯାଇ ଏଫଆଇଏଚ୍ ଓ ହକି ଇଣ୍ଡିଆ ପ୍ରତିନିଧିଙ୍କ ପରାମର୍ଶ କ୍ରମେ ଷ୍ଟାଡିୟମକୁ ବନ୍ଦ ରଖା ଯାଇଛି'' ବୋଲି ଷ୍ଟାଡିୟମ ଇନ୍‌ଚାର୍ଜ ବାରିଜ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ନର୍ଥ, ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡରେ ସିଟ୍ ସ୍ଥାପନ ହୋଇ ସାରିଛି। ଭିଆଇପି ଗ୍ୟାଲେରି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମର ପ୍ରବେଶ ଦ୍ୱାରକୁ ମଧ୍ୟ ସଜା ଯାଉଛି। ଷ୍ଟାଡିୟମ ନିକଟରେ ୨ଟି ଫୁଟ୍ ଓଭରବ୍ରିଜ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ''ଟୁର୍ନାମେଣ୍ଟ ସମୟରେ ସୁରକ୍ଷା ବ୍ୟବସ୍ଥା ପାଇଁ ୭୦-୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ପ୍ରତ୍ୟେକ ଦଳ ପାଇଁ (ସୁରକ୍ଷା ଅଧିକାରୀ) ପିଏସ୍‌ଓ ଓ ପ୍ରୋଟୋକଲ୍ ଅଫିସର ନିଯୁକ୍ତ କରାଯିବ'' ବୋଲି ପୋଲିସ୍ କମିଶନର ସତ୍ୟଜିତ୍ ମହାନ୍ତି ପ୍ରକାଶ କରିଛନ୍ତି।

### ଉତ୍ସାହ ବଢ଼ିଛି

ବିଶ୍ୱକପ୍‌କୁ ହକିପ୍ରେମୀମାନେ ଯେପରି ସୁବିଧାରେ ଉପଭୋଗ କରିପାରିବେ ତାହାକୁ ଦୃଷ୍ଟିରେ ରଖାଯାଇ ଅନ୍‌ଲାଇନ୍ ଟିକେଟ ବିକ୍ରି ବହୁ ଦିନ ପୂର୍ବରୁ ଆରମ୍ଭ ହୋଇଛି। ଏଥିପ୍ରତି ମଧ୍ୟ ଦର୍ଶକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ଉଦ୍‌ଘାଟନୀ ଦିବସ ପାଇଁ ଅନ୍‌ଲାଇନ୍‌ରେ ଉପଲବ୍ଧଥିବା ନର୍ଥ, ସାଉଥ୍ ଓ ଇଷ୍ଟ ଷ୍ଟାଣ୍ଡର ସମସ୍ତ ଟିକେଟ ବିକ୍ରି ହୋଇଯିବା ଏହାର ଜ୍ୱଳନ୍ତ ଉଦାହରଣ। ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକମାନେ ସ୍ମରଣୀୟ ଅନୁଭୂତି ନେଇ ଫେରିବେ। ଏଥିପାଇଁ ଆୟୋଜକ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କେବଳ ଷ୍ଟାଡିୟମର ଚତୁଃପାର୍ଶ୍ୱ ନୁହେଁ ସମଗ୍ର ସହରର ସୌନ୍ଦର୍ଯ୍ୟୀକରଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ହକି ବିଶ୍ୱକପ ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଆହୁରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

### ଅବଗଣନା ଆରମ୍ଭ

ହକି ବିଶ୍ୱକପର ୧୦୦ ଦିନିଆ ଅବଗଣନା ଗତ ୨୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଜାକର୍ତ୍ତାରେ ଥିବା ହକି ଖେଳାଳିମାନେ 'ଆଉ ୧୦୦ ଦିନ ରହିଲା, ଆଗାମୀ ନଭେମ୍ବରରେ ଭାରତରେ ଦେଖାହେବ, ଭୁବନେଶ୍ୱର ଚାଲ, ଭାରତ ଆପଣମାନଙ୍କୁ ଅପେକ୍ଷା କରିଛି''ଆଦି ଲେଖାଥିବା ପ୍ଲାକାର୍ଡ ଧରି ହକି ବିଶ୍ୱକପ ଦେଖିବାକୁ କ୍ରୀଡ଼ାପ୍ରେମୀଙ୍କୁ ଆହ୍ୱାନ କରିଛନ୍ତି। ବିଶ୍ୱକପ ପୂର୍ବରୁ ଏଠାରେ ଭାରତୀୟ ଦଳର ୨ ପର୍ଯ୍ୟାୟ ବିଶିଷ୍ଟ କ୍ୟାମ୍ପ ହେବ। ପ୍ରଥମ କ୍ୟାମ୍ପ ସେପ୍ଟେମ୍ବର ୧୬ରୁ ଅକ୍ଟୋବର ୧୪ ଏବଂ ଦ୍ୱିତୀୟ କ୍ୟାମ୍ପ ନଭେମ୍ବର ୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟିକେଟ ନ ପାଇ ଷ୍ଟାଡିୟମ ଭିତରକୁ ଯାଇ ପାରୁ ନ ଥିବା ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଭୁବନେଶ୍ୱରର ୪ଟି ସ୍ଥାନ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଜନତା ମଇଦାନ, ଆଦିବାସୀ ପଡ଼ିଆ ଓ ବରମୁଣ୍ଡା ପଡ଼ିଆରେ ବଡ଼ ଏଲଇଡି ସ୍କ୍ରିନ ଲଗାଯିବାର ଯୋଜନା ରହିଛି ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି।

### ଫ୍ୟାନ ଜୋନ

ହକି ବିଶ୍ୱକପ ଦେଖିବାକୁ ଆସୁଥିବା ଦର୍ଶକଙ୍କ ପାଇଁ ଭଲ ଖବର ହେଲା ଯେ ଏଥର ପ୍ରଥମଥରପାଇଁ ଫ୍ୟାନ ଜୋନ୍ ରହିବ। ଫଳରେ ଟିକେଟଧାରୀ ଦର୍ଶକମାନେ ଗେଟ୍ ନମ୍ବର-୩ ନିକଟରେ ଫ୍ୟାନ ଜୋନ୍‌ରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ସହ କଥା ହେବାର ସୁଯୋଗ ପାଇବେ। ଏଥିରେ ଫୁଡ୍ କୋର୍ଟ ଏବଂ ମ୍ୟୁଜିକ୍ ପ୍ରଭୃତି ଉପଲବ୍ଧ ହେବ।

### ଗ୍ରୁପ 'ସି'ରେ ଭାରତ

ମେଗା ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ୧୬ ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଆୟୋଜକ ଭାରତ ଗ୍ରୁପ'ସି'ରେ ବେଲ୍‌ଜିୟମ, କାନାଡ଼ା ଓ ଦକ୍ଷିଣ ଆଫ୍ରିକା ସହିତ ସ୍ଥାନ ପାଇଛି। ଗ୍ରୁପ 'ଏ'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ, ଗ୍ରୁପ 'ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା ଏବଂ ଗ୍ରୁପ 'ଡି'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ମାଲେସିଆ ଓ ପାକିସ୍ତାନ ସ୍ଥାନ ପାଇଛି। ଲିଗ୍ ପର୍ଯ୍ୟାୟରେ ମୋଟ ୩୬ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପର ଶୀର୍ଷସ୍ଥାନୀୟ ୪ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ମ୍ୟାଚ ମାଧ୍ୟମରେ କ୍ୱାର୍ଟର ଫାଇନାଲର ଅବଶିଷ୍ଟ ୪ଟି ସ୍ଥାନ ଦଖଲ କରିବେ।



ନବନିର୍ମିତ କଳିଙ୍ଗ ଷ୍ଟାଡିୟମର ହକି କମ୍ପ୍ଲେକ୍ସ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.11 (30) | 38,336.76 (51.01) | 11,582.75 (11.85) | 30,620.00 (₹30) | 37,800.00 (₹300) |

“ ସରକାର ମେସେଜିଂ ଆପ୍‌ଗୁଡ଼ିକ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିବା ସପକ୍ଷରେ ନାହାନ୍ତି, ମାତ୍ର ଏହାର ଅପବ୍ୟବହାର ରୋକିବା ଉପରେ ଗୁରୁତ୍ୱ ଦେଉଛନ୍ତି।
–ଅରୁଣା ସୁନ୍ଦର ରାଜନ, ଟେଲିକମ୍ ସଚିବ



“ ଟଙ୍କା ମୂଲ୍ୟ ହ୍ରାସଜନିତ ପ୍ରଭାବକୁ ନେଇ ବେଶି ଚିନ୍ତା କରିବାର ଆବଶ୍ୟକତା ନାହିଁ।
–ସଞ୍ଜୀବ ସାନ୍ୟାଲ, ପ୍ରମୁଖ ଅର୍ଥନୈତିକ ପରାମର୍ଶଦାତା, ଅର୍ଥ ମନ୍ତ୍ରଣାଳୟ



## ସଂକ୍ଷେପରେ

### ୫ଜି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ ଲାଗି ସୁପାରିସ

**ନୂଆଦିଲ୍ଲୀ, ୨୩-୮ (ପି.ଟି.)** ଦେଶରେ ୫ଜି ଆରମ୍ଭ କରିବା ଲାଗି ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଗଠନ ହୋଇଥିବା ଷ୍ଟିଅରିଂ କମିଟି ପରବର୍ତ୍ତୀ ଜେନେରେସନର ୱାରଲେସ ସର୍ଭିସ ଯୋଗାଣ ଲାଗି ଅତିରିକ୍ତ ସ୍ପେକ୍ଟ୍ରମ ଆବଣ୍ଟନ କରିବାକୁ ସୁପାରିସ କରିଛନ୍ତି। ଏଥିପାଇଁ ଚଳିତବର୍ଷ ପ୍ରଥମ କିସ୍ତି ରେଡିଓୱେଭ ଆବଣ୍ଟନ ନେଇ ଘୋଷଣା କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସରକାରଙ୍କୁ କରାଯାଇଥିବା ସୁପାରିସରେ କୁହାଯାଇଛି। କେନ୍ଦ୍ର ସରକାର ଦେଶରେ ନୂଆ ସ୍ପେକ୍ଟ୍ରମ ପଲିସି ଜରିଆରେ ଟେଲିକମ ସେକ୍ଟରକୁ ଆଗେଇନେବାକୁ ଯାଉଥିବା ବେଳେ କମିଟି ପକ୍ଷରୁ ଗୁରୁବାର ଦାଖଲ କରାଯାଇଥିବା ରିପୋର୍ଟରେ ବହୁ ସୁପାରିସ କରାଯାଇଛି। ୫ଜି ଯୋଗୁ ଦେଶର ଅର୍ଥନୀତି ଉପରେ ୧ ଟ୍ରିଲିୟନ ଡଲାର ପ୍ରଭାବ ପଡିବାକୁ ଯାଉଛି ବୋଲି ରିପୋର୍ଟରେ କୁହାଯାଇଛି।

### ୟୁ.କେ. ବର୍ମା ଆସୋଚାମ୍ ମହାସଚିବ

**ନୂଆଦିଲ୍ଲୀ, ୨୩-୮ (ପି.ଟି):** ଶିଳ୍ପ ସଂଘ ଦି ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ)ର ନୂଆ ମହାସଚିବ ଭାବେ ଉଦୟ୍ କୁମାର ବର୍ମା ଗୁରୁବାର ଯୋଗ ଦେଇଛନ୍ତି। ବର୍ମା ଜଣେ ଅବସରପ୍ରାପ୍ତ ପ୍ରଶାସକ ଥିବାବେଳେ ବର୍ତ୍ତମାନର ମହାସଚିବ ଡି.ଏସ୍ ରାୱତଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ରାୱତ ଆସୋଚାମର ମହାସଚିବ ପଦବୀରେ ଦୀର୍ଘ ୧୪ ବର୍ଷ କାର୍ଯ୍ୟ କରିବା ପରେ ଉକ୍ତ ପଦବୀ ଛାଡ଼ିଥିବା ସଂଘ ଏକ ଇସ୍ତାହାରରେ ପ୍ରକାଶ କରିଛି। ଅପରପକ୍ଷରେ ବର୍ମା ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିବା ସହ ୨୦୧୩ ଜୁନ ୩୦ରେ ଅବସର ଗ୍ରହଣ କରିଥିଲେ। ଉଭୟ୍ କେନ୍ଦ୍ର ତଥା ରାଜ୍ୟ ସ୍ତରରେ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ରହିଛି। ପୂର୍ବତନ ମହାସଚିବ ରାୱତ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସରକାର ଏବଂ କମ୍ପାନୀଗୁଡ଼ିକ ମଧ୍ୟରେ ଉତ୍ତମ ସମ୍ବନ୍ଧ ରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଉଭୟ୍ ଘରୋଇ ତଥା ବିଶ୍ୱ ସ୍ତରର ନେଟ୍‌ୱର୍କରେ ଆସୋଚାମକୁ ପ୍ରତିନିଧିତ୍ୱ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ବୋଲି ସଂଘର ସଭାପତି ସନ୍ଦୀପ ଜଜୋଡିଆ କହିଛନ୍ତି। ବର୍ମାଙ୍କର ଅଭିଜ୍ଞତା ଆସୋଚାମ ପାଇଁ ବିଶେଷ ଭାବେ ଲାଭକାରୀ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଅଭିବୃଦ୍ଧି ୭.୫% ରହିବ: ମୁଡିସ୍



**ନୂଆଦିଲ୍ଲୀ, ୨୩-୮:** ଭାରତର ଆର୍ଥିକ ଅଭିବୃଦ୍ଧି ହାର ଚଳିତ ବର୍ଷ ଓ ୨୦୧୯ରେ ୭.୫% ରହିବ ବୋଲି ବିଶ୍ୱ ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଏହାର ରିପୋର୍ଟରେ ଅନୁମାନ କରାଯାଇଛି। ମୁଡିସ୍ ଇନଭେଷ୍ଟର ସର୍ଭିସ ରିପୋର୍ଟରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଭାରତ ପାଇଁ ଚ୍ୟାଲେଞ୍ଜ ହୋଇଥିଲେ ହେଁ ଏହା ଏହି ବାହ୍ୟ ଚାପକୁ ସହଜରେ ସାମ୍ନା କରିପାରିବ। ଆର୍ଥିକ ବର୍ଷ ୨୦୧୮-୧୯ରେ ବିଶ୍ୱର ଆର୍ଥିକ ଦୃଶ୍ୟପଟ ଉପରେ ଏଜେନ୍ସି ରିପୋର୍ଟରେ କୁହାଯାଇଛି ଯେ, ଗତ କିଛି ମାସ ହେଲା ଇନ୍ଧନ ଦାମରେ ଅହେତୁକ ବୃଦ୍ଧି ଯୋଗୁ ପ୍ରାୟ ସବୁ ଦେଶର ମୁଦ୍ରା ଅସ୍ଥିର ହୋଇଛି। ତେବେ ଜି-୨୦ର ବହୁ ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ମଜଭୁତ ରହିବାର ସମ୍ଭାବନା ରହିଛି। ୨୦୧୮ ଲାଗି ଜି-୨୦ ଦେଶର ଅଭିବୃଦ୍ଧି ହାର ୩.୩ ପ୍ରତିଶତ ଓ ୨୦୧୯ରେ ୩.୧ ପ୍ରତିଶତ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଭାରତର ଅର୍ଥନୀତି ଅଭିବୃଦ୍ଧି ଉଭୟ୍ ୨୦୧୮ ଓ ୨୦୧୯ ଲାଗି ୭.୫% ରହିବ ବୋଲି ସ୍ପଷ୍ଟ କରାଯାଇଛି। ଉଲ୍ଲେଖଥାଉକି, ଏଥିପୂର୍ବରୁ ମୁଡିସ୍ ୨୦୧୮ ଲାଗି ଏହାର ରିପୋର୍ଟରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୭.୫%ରୁ ୭.୩%କୁ ହ୍ରାସ ପାଇବ ବୋଲି ଅନୁମାନ କରିଥିଲା। କିନ୍ତୁ ମୁଡିସ୍‌ର ଅନୁମାନକୁ ଭୁଲ୍ ପ୍ରମାଣିତ କରି ଦେଶର ଆର୍ଥିକ ବିକାଶ ହାର ପ୍ରଥମ କ୍ୱାର୍ଟରରେ ୭.୭% ରହିଛି।

# ଲାଞ୍ଜିଗଡ଼ ୟୁନିଟ୍ କ୍ଷମତା ବଢ଼ାଇବ ବେଦାନ୍ତ

**ନୂଆଦିଲ୍ଲୀ, ୨୩-୮ (ପି.ଟି.)**

- ବାର୍ଷିକ ୬ ନିୟୁତ ଟନକୁ ବଢ଼ିବ
- ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ ହେବ କାର୍ଯ୍ୟ
- ନିୟମଗିରି ବାଦ୍ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ଉପରେ ଗୁରୁତ୍ୱ
- ସମ୍ପ୍ରସାରଣ ନେଇ ସ୍ପଷ୍ଟ କଲେ ବେଦାନ୍ତ ସିଇଓ



ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଲିମିଟେଡ୍ ଓଡ଼ିଶାର କଳାହାଣ୍ଡି ଜିଲାସ୍ଥିତ ଲାଞ୍ଜିଗଡରେ ଥିବା ଏହାର ରିଫାଇନେରି କ୍ଷମତାକୁ ବଢ଼ାଇବ। ୨୦୨୧ ସୁଦ୍ଧା ଉକ୍ତ ୟୁନିଟର କ୍ଷମତା ବାର୍ଷିକ ୬ ନିୟୁତ ଟନ୍‌କୁ ବୃଦ୍ଧି କରିବା ଲାଗି କମ୍ପାନୀ ଯୋଜନା ରଖିଛି। ନିୟମଗିରିରୁ ବକ୍ସାଇଟ ପାଇବା ଆଶା ଏକ ପକ୍ଷେ ବିଫଳ ହେବା ଯୋଗୁ କମ୍ପାନୀ ବିକଳ୍ପ ବକ୍ସାଇଟ ବ୍ୟବସ୍ଥା ସପକ୍ଷରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୟୁନିଟ୍‌ର ସମ୍ପ୍ରସାରଣ ଆବଶ୍ୟକତା ପୂରଣ ଲାଗି ବକ୍ସାଇଟର ପର୍ଯ୍ୟାପ୍ତ ବିକଳ୍ପ ରହିଛି। ନିୟମଗିରି ପର୍ବତରେ ରହିଥିବା ଗୁଣବତ୍ତା ବକ୍ସାଇଟ ବାଦ୍ ବିକଳ୍ପ ଆଧାରରେ ଏଭଳି ଯୋଜନା ହାତକୁ ନିଆଯିବ ବୋଲି କମ୍ପାନୀର ଆଲୁମିନା ଏବଂ ପାୱାର ବିଜନେସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଅଜୟ କୁମାର ଦୀକ୍ଷିତ ଗୁରୁବାର ସୂଚନା ଦେଇଛନ୍ତି।

ଲାଞ୍ଜିଗଡରେ ରହିଥିବା କମ୍ପାନୀର ୟୁନିଟ୍‌ରୁ ଗତବର୍ଷ ବାର୍ଷିକ ୧.୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହୋଇଥିଲା। ୟୁନିଟ୍‌ର ବର୍ତ୍ତମାନର ବାର୍ଷିକ କ୍ଷମତା ୨ ନିୟୁତ ଟନ୍ ରହିଛି। ଉକ୍ତ ୟୁନିଟ୍ ଲାଗି କମ୍ପାନୀ ଘରୋଇ ବଜାରର ବିଭିନ୍ନ ଖଣିରୁ ୨.୫ରୁ ୩ ନିୟୁତ ଟନ୍ ବକ୍ସାଇଟ ବର୍ତ୍ତମାନ ଆମଦାନୀ କରୁଛି। ୟୁନିଟ୍‌ର ସମ୍ପ୍ରସାରଣ ହେଲେ ବାର୍ଷିକ ମୋଟ୍ ୧୮ ନିୟୁତ ଟନ୍ ବକ୍ସାଇଟ ଆବଶ୍ୟକ ହେବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ନିୟମଗିରିରୁ କମ୍ପାନୀ ବକ୍ସାଇଟ ଲାଭକରିବାର ଯୋଜନା ରହିଥିଲା। ରାଜ୍ୟ ସରକାରଙ୍କ ଖଣି ନିଗମ ପକ୍ଷରୁ କମ୍ପାନୀକୁ ବକ୍ସାଇଟ ଯୋଗାଣ ହେବାର ଯୋଜନା ଧାର୍ଯ୍ୟ ହୋଇଥିଲା। ମାତ୍ର ଉକ୍ତ ଖଣି ଖନନକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ ହେବା ଯୋଗୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୧୩ରେ ଉକ୍ତ ଯୋଜନା ଉପରେ ନିଷେଧାଦେଶ ଜାରି କରିଥିଲେ।

ଘରୋଇ ବଜାରର ବକ୍ସାଇଟ ଆଧାରରେ ଏହି ସମ୍ପ୍ରସାରଣ ହେବ। ଘରୋଇ ବଜାରରେ ବିଡ଼ିଂ ତଥା ଲିଙ୍କେଜ କମ୍ପାନୀକୁ ମିଳିବା ନେଇ ଆଶାବାଦୀ ରହିଛୁ ବୋଲି ଦୀକ୍ଷିତ ସୂଚନା ଦେଇଛନ୍ତି। ନୂଆ ବକ୍ସାଇଟ ଖଣି ନିଲାମରେ ବେଦାନ୍ତ ଭାଗନେବ ବୋଲି ସେ ସ୍ପଷ୍ଟ କରିଛନ୍ତି। କମ୍ପାନୀ ବର୍ତ୍ତମାନ ବ୍ରାଜିଲ ଏବଂ ଗୁଏନାରୁ ବକ୍ସାଇଟ ଆମଦାନୀ କରୁଥିବା ବେଳେ ଏହା ଆନ୍ଧ୍ର ପ୍ରଦେଶର ବନ୍ଦରକୁ ଆସୁଛି। ସେଠାରୁ ଲାଞ୍ଜିଗଡକୁ ୨୭୫ କିମି ଟ୍ରେନ ଯୋଗେ ବକ୍ସାଇଟ ଆସୁଛି। ସମ୍ପ୍ରସାରଣ ଲାଗି କମ୍ପାନୀ ପରିବେଶ ସହ ଅନ୍ୟାନ୍ୟ ମଞ୍ଜୁରୀ ଲାଭ କରିଛି। ଏଥି ଲାଗି ନୂଆ ଜମିର ଆବଶ୍ୟକତା ନାହିଁ। ସମ୍ପ୍ରସାରଣ କାର୍ଯ୍ୟ ୨୦୨୧ ସୁଦ୍ଧା ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

■ ଭାରତର ନିର୍ଦ୍ଦେଶକୁ ମାନିବନି ହ୍ୱାଟ୍ସଆପ୍

# ସଫ୍ଟୱେର ତିଆରି କରିବାକୁ ଅରାଜି




**ନୂଆଦିଲ୍ଲୀ, ୨୩-୮**

ହ୍ୱାଟ୍ସଆପ୍ ନିଜ ପ୍ଲାଟଫର୍ମରେ ସୂଚନାର ମୂଳ ଉତ୍ସ ଜାଣିବା ଲାଗି ସଫ୍ଟୱେୟାର ତିଆରି କରିବ ନାହିଁ। ଏସଂକ୍ରାନ୍ତରେ ଭାରତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କମ୍ପାନୀ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ହ୍ୱାଟ୍ସଆପରେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା ପ୍ରଚାର ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ଭିଡ ଦ୍ୱାରା ହିଂସାକାଣ୍ଡ ବ୍ୟାପୁଛି ବୋଲି ଭାରତ ଅଭିଯୋଗ କରିଛି। ଏହାକୁ ରୋକିବା ଲାଗି କମ୍ପାନୀ ଏଭଳି ସୂଚନାର ମୂଳ ଉତ୍ସ ଖୋଜି ବାହାର କରିବା ଉଦ୍ଦେଶ୍ୟରେ ସଫ୍ଟୱେୟାର ବିକଶିତ କରୁ ବୋଲି ଭାରତ ପକ୍ଷରୁ ଏହାକୁ ଦୁଇଥର ନିର୍ଦ୍ଦେଶ ଦିଆଯାଇଥିଲା।

କମ୍ପାନୀର ନିଷ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରି ହ୍ୱାଟ୍ସଆପ୍ ମୁଖପାତ୍ର କହିଛନ୍ତି ଯେ, ଡାକ୍ତର, ବ୍ୟାଙ୍କ, ପରିବାରବର୍ଗ ଭଳି ସାଧାରଣ ଲୋକେ ସମ୍ବେଦନଶୀଳ ସୂଚନାର ଆଦାନପ୍ରଦାନ ଲାଗି ହ୍ୱାଟ୍ସଆପ୍ ଉପରେ ନିର୍ଭରଶୀଳ। ଏଭଳି ସଫ୍ଟୱେର ବିକଶିତ କରିବା ଦ୍ୱାରା ଏଣ୍ଡ୍ ଟୁ ଏଣ୍ଡ୍ ଏନକ୍ରିପସନ ଉପରେ ଏହାର ପ୍ରଭାବ ପଡିବ। ଏହାଦ୍ୱାରା ସୋସିଆଲ ମିଡିଆର ଦୁରୁପଯୋଗ ସମ୍ଭାବନା ଆହୁରି ବଢ଼ିଯିବ। ଅପରପକ୍ଷରେ କମ୍ପାନୀ ଭାରତରେ ସମସ୍ତ ପକ୍ଷଙ୍କ ସହ ମିଶି ମିଥ୍ୟା ସୂଚନା ପ୍ରଦାନରୁ ଦୂରେଇ ରହିବା ନେଇ ସମସ୍ତଙ୍କୁ ପ୍ରବର୍ତ୍ତାଇବ। ସୂଚନାଥାଉକି, ହ୍ୱାଟ୍ସଆପ ପ୍ରମୁଖ କ୍ରିସ ଡାନିଏଲ୍ସ ନିକଟରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଭେଟିଥିଲେ। ଦେଶରେ ହ୍ୱାଟ୍ସଆପ୍‌ର ଏକ ସ୍ଥାନୀୟ କର୍ପୋରେଟ ଅଫିସ ସ୍ଥାପନ କରିବାକୁ କମ୍ପାନୀକୁ କୁହାଯାଇଛି ବୋଲି ବୈଠକ ପରେ ଶ୍ରୀ ପ୍ରସାଦ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ। ତେବେ ଡାନିଏଲ୍ସ ଏସଂକ୍ରାନ୍ତରେ କୌଣସି ମତାମତ ଦେଇ ନଥିଲେ। କେନ୍ଦ୍ର ସରକାର ହ୍ୱାଟ୍ସଆପ୍, ଫେସବୁକ ଓ ଟ୍ୱିଟର ଭଳି ସୋସିଆଲ ମିଡିଆ ମାଧ୍ୟମରେ ମିଥ୍ୟା ସୂଚନା ପ୍ରଚାରକୁ ରୋକିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛନ୍ତି।

# ‘ଟ୍ରେନ୍ ୧୮’ର ପରୀକ୍ଷାମୂଳକ ଶୁଭାରମ୍ଭ ହେବ

**ନୂଆଦିଲ୍ଲୀ, ୨୩-୮**

**କ’ଣ ରହିଛି ସୁବିଧା**

- ସ୍ୱୟଂଚାଳିତ ଡୋର, ଅତ୍ୟାଧୁନିକ ଫୁଟ୍ ଷ୍ଟେପ୍
- ଅନ୍‌ବୋର୍ଡ ୱାଇଫାଇ, ଇନଫୋଟେନମେଣ୍ଟ
- ଜିପିଏସ୍ ସୂଚନା ସେବା
- ମଡ୍ୟୁଲାର ଟଏଲେଟ୍, ବାୟୋ ଭାକ୍ୟୁମ୍ ସିଷ୍ଟମ୍
- ଉନ୍ନତ ସିଟ୍, ଏଲଇଡି ଲାଇଟ
- ଦିବ୍ୟାଙ୍ଗଙ୍କ ସୁବିଧା ମୁତାବକ ଟଏଲେଟ୍




ରେଲୱେ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ସ୍ୱଳ୍ପ ଦ୍ରୁତଗାମୀ ‘ଟ୍ରେନ୍ ୧୮’ ସେପ୍ଟେମ୍ବର ପହିଲାରୁ ପରିକ୍ଷାମୂଳକ ଭାବେ ଗଡିବ। ଏ ନେଇ ରେଲୱେର ଜଣେ ବରିଷ୍ଠ ଅଧିକାରି ଗୁରୁବାର ସୂଚନା ଦେଇଛନ୍ତି। ସେପ୍ଟେମ୍ବରରେ ଏହି ଟ୍ରେନର ପରୀକ୍ଷାମୂଳକ ଶୁଭାରମ୍ଭ ନେଇ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଅଧିକାରୀ ଜଣଙ୍କ କହିଛନ୍ତି। ପରୀକ୍ଷଣ ପରେ ଯାଇ ଏହାର ଚଳାଚଳ ନେଇ ନିଷ୍ପତ୍ତି ହେବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେର ଟେକ୍ନିକାଲ ଆଡଭାଇଜର ଭାବେ କାର୍ଯ୍ୟ କରୁଥିବା ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ (ଆର୍‌ଡିଏସଓ) ଏହାର ପରୀକ୍ଷଣ କରିବା ସହ ବୈଧତା ନେଇ ରିପୋର୍ଟ ଦେବ।

ଏହାକୁ ପୂର୍ବରୁ ଜୁଲାଇରେ ଆଣିବା ଲାଗି ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରେ ଉକ୍ତ ଟ୍ରେନକୁ ପ୍ରସ୍ତୁତ କରାଯାଇଛି। ଏହାର ଘଣ୍ଟାପ୍ରତି ବେଗ ୧୬୦ କିମି ରହିବ। ନୂଆ ଟ୍ରେନ ଶୁଭାରମ୍ଭ ହେଲେ ଶତାବ୍ଦୀ ଏକ୍ସପ୍ରେସ ସ୍ଥାନରେ ଏହା ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏଭଳି ୬ ଟ୍ରେନ ପ୍ରସ୍ତୁତି ଯୋଜନା ରହିଛି। ନୂଆ ଟ୍ରେନରେ ପରିବର୍ଦ୍ଧିତ ଯାତ୍ରୀ ସୁବିଧା ରହିବ।

■ ବିମୁଦ୍ରୀକରଣକୁ ୨୧ ମାସ

# ଏଟିଏମ୍ ରିକାଲିବ୍ରେଶନ ସାରିନି ଏସ୍‌ବିଆଇ

**ନୂଆଦିଲ୍ଲୀ, ୨୩-୮ (ପି.ଟି)**




- ୧୮ ହଜାର ଏଟିଏମ୍‌ରେ ଆସୁନି ନୂଆ ନୋଟ୍
- ରିକାଲିବ୍ରେଶନରେ ସାରିଛି ୨୨.୫ କୋଟି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ମୋଟ୍ ଅଟୋମେଟେଡ୍ ଟେଲର ମେଶିନ (ଏଟିଏମ୍) ମଧ୍ୟରୁ ଆଉ ୧୮,୧୩୫ର ରିକାଲିବ୍ରେଶନ କରିବ। ବିମୁଦ୍ରୀକରଣର ୨୧ ମାସ ପରେ ମଧ୍ୟରେ ବ୍ୟାଙ୍କ ଏହି ଏଟିଏମ୍‌ଗୁଡ଼ିକର ରିକାଲିବ୍ରେଶନ କରିନ ଥିବା ସୂଚନା ଅଧିକାର ଦ୍ୱାରା ମଗାଯାଇଥିବା ତଥ୍ୟରୁ ଏହା ଜଣା ପଡିଛି। ରିକାଲିବ୍ରେଶନ ଏକ ଧାରା ହୋଇଥିବା ବେଳେ ଏଟିଏମ୍‌ରେ ଟଙ୍କା ଧରି ରଖୁଥିବା କ୍ୟାସେଟ୍‌ଗୁଡ଼ିକୁ ପରିବର୍ତ୍ତନ କରାଯାଇଥାଏ। ଏହା ନୋଟର ଆକାର ଅନୁସାରେ ହୋଇଥାଏ ବୋଲି ଜଣା ଯାଇଛି। ମଧ୍ୟପ୍ରଦେଶ ସୂଚନା ଅଧିକାର କର୍ମୀ ଚନ୍ଦ୍ର ଶେଖର ଗୌଡ ଏଟିଏମ୍ ରିକାଲିବ୍ରେଶନ ନେଇ ଏସ୍‌ବିଆଇର ଉତ୍ତର ଲୋଡିଥିଲେ। ସୂଚନା ଯୋଗ୍ୟ ବିମୁଦ୍ରୀକରଣ ପରେ ବଜାରରକୁ ଆସିଥିବା ୨୦୦୦, ୫୦୦ ସମେତ ଅନ୍ୟ ନୋଟଗୁଡ଼ିକ ଲାଗି ଏଟିଏମ୍ ରିକାଲିବ୍ରେଶନର ଆବଶ୍ୟକତା ରହିଥିଲା। ମୋଟ୍ ୫୯,୫୫୧ ଏଟିଏମ୍ ମଧ୍ୟରୁ ୪୧,୩୮୬ ରିକାଲିବ୍ରେଶନ ହୋଇଥିବା ବ୍ୟାଙ୍କ ସୂଚନା ଦେଇଛି। ଏଥି ଲାଗି ୨୨.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହା କହିଛି। ଏପରି ସ୍ଥିତିରେ ୧୮,୧୩୫ ଏଟିଏମ୍‌ରେ ନୂଆ ନୋଟ୍ ଆସୁ ନ ଥିବା ବ୍ୟାଙ୍କ ସୂଚନା ଦେଇଛି।

# କାର୍ଯ୍ୟରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଜେଟ୍‌ଲୀ

**ନୂଆଦିଲ୍ଲୀ, ୨୩-୮ (ପି.ଟି)**

କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦୀର୍ଘଦିନ ପରେ ଗୁରୁବାର ପୁଣି ଥରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। କିଡ୍‌ନୀ ପ୍ରତ୍ୟାରୋପଣ ଚିକିତ୍ସା ଯୋଗୁ ସେ ଦୀର୍ଘଦିନ ହେବ ଅଫିସ ଆସୁ ନ ଥିଲେ। ତାଙ୍କ ସ୍ଥାନରେ ଅନ୍ତରୀଣ ଅର୍ଥମନ୍ତ୍ରୀ ଭାବେ ପୀୟୂଷ ଗୋଏଲ କାର୍ଯ୍ୟଭାର ତୁଲାଉଥିଲେ। ଦୀର୍ଘ ୧୦୦ ଦିନ ପରେ ଜେଟ୍‌ଲୀ ପୁଣିଥରେ ଅଫିସରେ ଯୋଗ ଦେଇଥିବା ବେଳେ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟିଛନ୍ତି। ମେ ୧୪ରେ ଜେଟ୍‌ଲୀଙ୍କର ଅପରେଶନ ହୋଇଥିବା ବେଳେ ଏହାର ଦେଢ ମାସ ଆଗରୁ ସେ ଅଫିସ ଆସିବା ବନ୍ଦ କରି ଦେଇଥିଲେ। ଗୁରୁବାର ଜେଟଲୀ ନର୍ଥ ବ୍ଲକସ୍ଥିତ କାର୍ଯ୍ୟାଳୟରେ ଦିନ ୧୧ଟାରେ ତାଙ୍କର ବ୍ୟକ୍ତିଗତ ଷ୍ଟାଫଙ୍କ ସହ ନଜର ଆସିଥିଲେ। କାର୍ଯ୍ୟରେ ଆରମ୍ଭ ଲାଗି ଡାକ୍ତର ତାଙ୍କୁ ଅନୁମତି ଦେବା ପରେ ସେ ଅଫିସରେ ଯୋଗ ଦେଇଥିବା ଜଣେ ଅଧିକାରୀ କହିଛନ୍ତି। ଏହି ଅବସରରେ ସେ ଅର୍ଥ ସଚିବ ହସମୁଖ ଆଧିଆଙ୍କ ସମେତ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି), କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ (ସିବିଆଇସି)ର ଉଚ୍ଚ ପଦାଧିକାରୀଙ୍କୁ ଭେଟିଛନ୍ତି।

■ ଭିଡିଓକନ୍ ଋଣ ମାମଲା

# ଅଢ଼େଇ ମାସରେ ଚନ୍ଦାଙ୍କ ଭାଗ୍ୟ ନିର୍ଦ୍ଧାରଣ

**ନୂଆଦିଲ୍ଲୀ, ୨୩-୮**



ଚନ୍ଦା କୋଚର

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପକୁ ଦିଆଯାଇଥିବା ଋଣରେ ଏହାର ଏମ୍‌ଡି ତଥା ସିଇଓ ଚନ୍ଦା କୋଚରଙ୍କ ହାତ ରହିଥିବା ନେଇ ଯାଞ୍ଚ କରୁଥିବା ଜଷ୍ଟିସ ବି.ଏନ. ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ଆସନ୍ତା ଅଢ଼େଇ ମାସ ମଧ୍ୟରେ ଆସିଯିବ। ଏହି ରିପୋର୍ଟ ମିଳିବା ପରେ ହିଁ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବ୍ୟାଙ୍କ ଅଧ୍ୟକ୍ଷ ଜି.ସି. ଚତୁର୍ବେଦୀ ଗୁରୁବାର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରୁ ଅବସର ନେବାକୁ ଯାଉଥିବା ଚନ୍ଦା ପୁନର୍ବାର ତାଙ୍କୁ ବୋର୍ଡରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଛନ୍ତି।

ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଚତୁର୍ବେଦୀ କହିଛନ୍ତି ଯେ, ଶ୍ରୀକ୍ରିଷ୍ଣା କମିଟି ରିପୋର୍ଟକୁ ବ୍ୟାଙ୍କ ଅପେକ୍ଷା କରିଛି। ଏହା ଆସନ୍ତା ୨ରୁ ଅଢ଼େଇ ମାସ ମଧ୍ୟରେ ମିଳିଯିବ। ଏହାପରେ ବ୍ୟାଙ୍କ ଚନ୍ଦାଙ୍କ ସମ୍ପର୍କରେ ନିଷ୍ପତ୍ତି ନେବ। ସେହିପରି ଭିଡିଓକନ ଗ୍ରୁପକୁ ଋଣ ଦେବା ମାମଲାରେ ଶ୍ରୀକ୍ରିଷ୍ଣା କମିଟିର ରିପୋର୍ଟ ମିଳିବା ପରେ ହିଁ ଷ୍ଟକ ମାର୍କେଟ ନିୟନ୍ତ୍ରକ ସେବି ପକ୍ଷରୁ ଦିଆଯାଇଥିବା ନୋଟିସର ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡର ସଦସ୍ୟ ଥିବା ଚନ୍ଦା ପୁନର୍ବାର ବୋର୍ଡର ସଦସ୍ୟ ପଦରେ ନିଯୁକ୍ତ ହେବାକୁ ଆଗ୍ରହୀ ଥିବା ବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ୨୦୧୭-୧୮ ବାର୍ଷିକ ସାଧାରଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉକି, ଆଇସିଆଇସିଆଇ ସିକ୍ୟୁରିଟିଜ ବୋର୍ଡରେ ୮ ଜଣ ସଦସ୍ୟ ରହିଛନ୍ତି। ତନ୍ମଧ୍ୟରେ ୪ ଜଣ ସ୍ୱାଧୀନ ସଦସ୍ୟ ଅଛନ୍ତି। ଦୁଇ ଜଣ ନନ୍-ଏକଜିକ୍ୟୁଟିଭ ଡାଇରେକ୍ଟରଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ମନୋନୀତ କରାଯାଏ। ଯେଉଁଦିନ ଆଇସିଆଇସିଆଇ ସିକ୍ୟୁରିଟିଜର ବାର୍ଷିକ ସାଧାରଣ ବୈଠକ ବସିବ ସେହିଦିନ ଚନ୍ଦାଙ୍କ ବୋର୍ଡରେ କାର୍ଯ୍ୟକାଳ ଶେଷ ହେବ।

RDA

ROURKELA DEVELOPMENT AUTHORITY
UDIT NAGAR, ROURKELA- 769012

Advertisement No. 3689 /RDA, XI-79/2018 Dated : 23.08.2018

APPOINTMENT OF PLANNING ASSISTANT AND AMIN IN ROURKELA DEVELOPMENT AUTHORITY ON CONTRACTUAL BASIS

1. Applications are invited in the prescribed format from the eligible candidates for contractual appointment to the post of Planning Asistant and Amin in Rourkela Development Authority, Rourkela having requisite qualification noted against each from the recognized institution of the Odisha Council of Technical Education & Vocational Training and +2 Pass with survey training respectively.

| Sl. No. | Name of the Post | No. of Post | Educational Qualification | Monthly remun-eration | Minimum / Maximum age limit | Tenure of contract |
|---|---|---|---|---|---|---|
| 1 | Planning Assistant | 01 | Diploma in Resource Management Environmental Studies, Planning Forestry or Diploma in Architecture or related field and some experience in a planning office or the equivalent combination of training and experience | Negotiable | Not less than 21 years or more than 35 years | 1 year (extendable based on perfor-mance) |
| 2 | Amin | 03 | +2 Pass with survey training and some experience in field survey over revenue land for 3 years. | Negotiable | Not less than 21 years or more than 35 years | 1 year (extendable based on perfor-mance) |

2. The application in prescribed format (Annexure-A) along with two recent passport size photographs duly signed in full on the front side, proof of residence, self certified copies of educational qualifications with mark sheets of HSC examination and above character certificate from a Gazetted Officer and copies of work experience must be sent by Registered post / Speed Post/ Courier so as to reach the Secretary, RDA, Rourkela, Uditnagar, Rourkela - 769012, District - Sundargarh on or before 29.09.2018.
3. Any application received beyond the stipulated date, incomplete in any respect or in violation of any condition is liable for rejection.
4. The particulars indicating the required qualifications, terms and conditions, application form, last date of submission of application etc. can be down loaded from the website of Rourkela Development Authority http://rda-rourkela.in

Sd./- Secretary, Rourkela Development Authority

idco Your power to grow ISO 9001 & 14001 CORPORATION
ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. Civil/EST- 32 / 2018 -19 / 17391 Dt. 20.08.2018

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, delivery, installation, testing and commissioning of 13 Passenger Panoramic machine room less Elevator for Tech Tower, Bhubaneswar.

| Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|
| | | | | From | To |
| 1 | 2 | 3 | 4 | 5 | 6 |
| CGM (Civil), IDCO, IDCO Towers, Janpath, Bhubaneswar | Bid ID. No. Civil - EST-32/ 2018-19 | 04 (Four) Calendar Months | Rs.1,48,93,220.00 | 18.00 Hours of 28.08.2018 | 17.00 Hours of 12.09.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
Chief General Manager (Civil), I/C
IDCO, Bhubaneswar

## ସଂକ୍ଷେପରେ

### ବାସ୍କେଟ ବଲ: ଭାରତୀୟ ମହିଳା ଆଉଟ୍

ଜାକର୍ତ୍ତା, ୨୩।୮(ପି.ଟି.)- ଏସିଆନ୍ ଗେମ୍ସ ବାସ୍କେଟ ବଲ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ କ୍ରମାଗତ ଚତୁର୍ଥ ପରାଜୟ ବରଣ କରିଛି। ଏଥି ସହିତ ଏସିଆନ ଗେମ୍ସରୁ ମହିଳା ଦଳ ବିଦାୟ ନେଇଛି। ଅନ୍ତିମ ଗ୍ରୁପ୍ ଏ ମ୍ୟାଚରେ ଭାରତ ଆୟୋଜକ ଇଣ୍ଡୋନେସିଆଠାରୁ ୬୬-୬୯ରେ ପରାସ୍ତ ହୋଇଛି। ଏହା ପୂର୍ବରୁ ଭାରତ କାଜାଖସ୍ତାନଠାରୁ ୬୧- ୭୯, ତାଇପେଠାରୁ ୬୧-୮୪ ଓ ମିଳିତ କୋରିଆ ଦଳଠାରୁ ୫୪-୧୦୪ରେ ପରାସ୍ତ ହୋଇଥିଲା। ଭାରତ ଗ୍ରୁପ୍‌ରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଥିବା ବେଳେ ତାଇପେ ଶୀର୍ଷରେ ରହିଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

### ଗୋଆ ରଣଜୀ ଦଳରେ ଆଝାରଙ୍କ ପୁଅ

ପଣଜୀ,୨୩।୮: ଆଗାମୀ ରଣଜୀ ସିଜନ ଲାଗି ଘୋଷିତ ସାମ୍ଭବ୍ୟ ଗୋଆ ଦଳରେ ସ୍ଥାନ ପାଇଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ପୁଅ ମହମ୍ମଦ ଆସୁଦ୍ଦିନ। ନିଜ ସମୟରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଥିବା ଆଝାରୁଦ୍ଦିନ ଏବେ ଗୋଆ ଦଳର ମେଣ୍ଟର ଦାୟିତ୍ୱରେ ଅଛନ୍ତି। କିନ୍ତୁ ଗୋଆ କ୍ରିକେଟ ଆସୋସିଏଶନ (ଜିସିଏ) ପକ୍ଷରୁ ଏ ନେଇ କୌଣସି ଘୋଷଣା କରାଯାଇନାହିଁ। ନିକଟରେ ପୂର୍ବତନ ଅଧିନାୟକ କହିଥିଲେ, ଗୋଆ କ୍ରିକେଟକୁ ସାହାଯ୍ୟ କରିବା ଲାଗି ସେ କିଛି ବି କରିପାରିବେ। ତେବେ ସେ ରାଜ୍ୟ ଦଳକୁ ପରାମର୍ଶ ଦେବେ ବୋଲି ସ୍ପଷ୍ଟ ହୋଉଛି। "ଆଝାରୁଦ୍ଦିନ ଦଳୀୟ ପରାମର୍ଶ ଦାୟିତ୍ୱ ତୁଲାଇବା ଲାଗି ରାଜି ହୋଇଯାଇଛନ୍ତି। କିନ୍ତୁ ଏ ନେଇ ଜିସିଏ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ" ବୋଲି ଜିସିଏର ଜଣେ କର୍ମକର୍ତ୍ତା କହିଛନ୍ତି। ଆଝାରୁଦ୍ଦିନଙ୍କ ୨୮ ବର୍ଷୀୟ ପୁଅ ଗତ ମଙ୍ଗଳବାର ବସିସିଆଇ ପକ୍ଷରୁ ଜିସିଏ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଆଣ୍ଟି କରପଶନ ସେମିନାରରେ ଯୋଗ ଦେଇଥିଲେ। ଆଉ ଏବେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ସେ ଏପର୍ଯ୍ୟନ୍ତ ରଣଜୀ ପଦାର୍ପଣ କରି ନ ଥିଲେ ମଧ୍ୟ ହାଇଦ୍ରାବାଦ ଘରୋଇ ଲିଗ୍‌ରେ ଖେଳୁଛନ୍ତି। ସେ ରାଜନୀତି ଯୋଗୁ କ୍ରିକେଟକୁ ପ୍ରାଧାନ୍ୟ ଦେଇନାହାନ୍ତି। କିନ୍ତୁ ତାଙ୍କ ନିକଟରେ ଦକ୍ଷତା ଅଛି।

### ଏଏଫ୍‌ସି କପ୍ ସେମିରେ ହାରିଲା ବେଙ୍ଗାଲୁରୁ ଏଫ୍‌ସି

ବେଙ୍ଗାଲୁରୁ, ୨୩।୮(ପି.ଟି.)- ଚଳିତ ଏଏଫ୍‌ସି କପ୍ ଇଣ୍ଟର ଜୋନ ପ୍ରତିଯୋଗିତାରେ ବେଙ୍ଗାଲୁରୁ ଏଫ୍‌ସି ଦଳ ଲଢୁଆ ପ୍ରଦର୍ଶନ କରିବା ସତ୍ତ୍ୱେ ସେମିଫାଇନାଲରେ ପରାଜିତ ହୋଇଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୨-୩ ଗୋଲ୍‌ରେ ତୁର୍କମେନିସ୍ତାନ କ୍ଲବ ଆଲଟ୍ୟାନ ଆସ୍ୟାର ଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ତୁର୍କମେନିସ୍ତାନ କ୍ଲବ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ମାତ୍ର ସେମାନେ ସ୍କୋର କରି ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୱାହ୍ୟତ ଓରାଜସାହେଡୋ ୪୬ତମ ଗୋଲ ଦେଇ ଭ୍ରମଣକାରୀ ଦଳକୁ ୩-୦ ଗୋଲର ଅଗ୍ରଣୀ ଆଣି ଦେଇଥିଲେ। ଏହାପରେ ରାହୁଲ ଭେକେ (୬୩ତମ) ଓ ଇରିକ ପାର୍ଟାଲୁ (୮୮ତମ) ସ୍କୋର କରି ଆଲଟ୍ୟାନ ଆସ୍ୟା କ୍ଲବର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ।

# ୧୫ ବର୍ଷୀୟ ଶୁଟର୍ ଶାର୍ଦ୍ଦୁଳଙ୍କୁ ରୌପ୍ୟ

**ପାଲେମବାଙ୍ଗ, ୨୩।୮(ପି.ଟି.)**

ଏସିଆନ୍ ଗେମ୍ସରେ ଭାରତକୁ ଶୁଟିଂରେ ଆଉ ଏକ ରୌପ୍ୟ ପଦକ ମିଳିଛି। ୧୬ ବର୍ଷୀୟ ସୌରଭ ଚୌଧୁରୀ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିବା ପରେ ଆଉ ଜଣେ ସ୍ୱଳ୍ପ ବୟସ୍କ ଶୁଟର ଦେଶ ପାଇଁ ପଦକ ଜିତିଛନ୍ତି। ଗୁରୁବାର ପଞ୍ଚମ ଦିବସରେ ଭାରତର ୧୫ ବର୍ଷୀୟ ଶାର୍ଦ୍ଦୁଳ ବିହାନ ପୁରୁଷ ଡବଲ ଟ୍ରାପ୍ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍ତରପ୍ରଦେଶର ମିରଟ ସହରର ଶାର୍ଦ୍ଦୁଳ ଫାଇନାଲରେ ୭୩ ଶୁଟ୍ କରିଥିଲେ। ଫାଇନାଲକୁ ଯିବା ପୂର୍ବରୁ ସେ ଯୋଗ୍ୟତାପର୍ଯ୍ୟାୟରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଶୀର୍ଷ ସ୍ଥାନରେ ରହିଥିଲେ।

ତେବେ ଏହି ଇଭେଣ୍ଟରେ ଦକ୍ଷିଣ କୋରିଆର ୩୪ ବର୍ଷୀୟ ହ୍ୟୁନଉ ଶିନ୍ ସ୍ୱର୍ଣ୍ଣ ଓ କାତାରର ୪୨ ବର୍ଷୀୟ ଶୁଟର ହମାଦ ଅଲି ଅଲ ମାରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ସାଧାରଣ ଶଟ୍‌ଗନ୍ ଇଭେଣ୍ଟରେ ବୟସ୍କ ଶୁଟର ପ୍ରାଧାନ୍ୟବିସ୍ତାର କରିଥିବା ଲକ୍ଷ୍ୟ କରାଯାଏ। କିନ୍ତୁ ଗୁରୁବାର ଏପରି ହୋଇ ନ ଥିଲା। ୨୦୦୩ରେ ଜନ୍ମଗ୍ରହଣ କରିଥିବା ଶାର୍ଦ୍ଦୁଳ ଏବେ ମିରଟର ମୋଦିପୁରମ୍ ସ୍ଥିତ ଦୟାବତୀ ମୋଦି ଏକାଡେମୀରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଅଭିଜ୍ଞ ତଥା ବୟସ୍କ ଶୁଟରଙ୍କ ଉପସ୍ଥିତି ତାଙ୍କୁ ଆଦୌ ବିଚଳିତ କରି ନ ଥିଲା। ବ୍ରୋଞ୍ଜ ପଦକ ଜିତିଥିବା ହମାଦ ବୟସରେ ତାଙ୍କଠାରୁ ୩ ଗୁଣା ହେବେ। ଶାର୍ଦ୍ଦୁଳଙ୍କ ରୌପ୍ୟ ସହ ଭାରତ ଜାକାବାରିଙ୍ଗ୍ ଶୁଟିଂ ରେଞ୍ଜ୍‌ରେ ମୋଟ ଉପରେ ଅଷ୍ଟମ ପଦକ ହାସଲ କରିଛି।

ଏବେ ଭାରତୀୟ ଶୁଟରମାନେ ଅଳ୍ପ ବୟସରେ ବଡ଼ ବଡ଼ ଇଭେଣ୍ଟରେ ପଦକ ଜିତିବାର ଅଭ୍ୟାସ ଆରମ୍ଭ କଲେଣି। ଏହାପୂର୍ବରୁ ୧୫ ବର୍ଷରେ ଅନିଶ ଭାନୱାଲା ଓ ୧୬ ବର୍ଷରେ ମନୁ ଭାକର ଗତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୪ ବର୍ଷ ତଳେ ଶାର୍ଦ୍ଦୁଳ ଶୁଟିଂକୁ ଗୁରୁତ୍ୱର ସହ ଗ୍ରହଣ କରି କ୍ୟାରିୟର ଆରମ୍ଭ କରିଥିଲେ। ସେ ଶାମଲିରେ ରହୁଥିବା କୋଚ୍ ଅନୱର ସୁଲତାନଙ୍କ ତତ୍ତ୍ୱାବଧାନରେ ଶୁଟିଂ ଶିକ୍ଷା କରିବା ଆରମ୍ଭ କରିଥିଲେ। ଶାର୍ଦ୍ଦୁଳଙ୍କ ଏହି ସଫଳତାରେ କୋଚ୍ ଅନୱର ବେଶ୍ ଖୁସି ଜାହିର କରିଛନ୍ତି। ଏବେ ଟ୍ରାପ୍ ଇଭେଣ୍ଟ ପାଇଁ ତାଙ୍କୁ ପ୍ରସ୍ତୁତ କରାଇବି ବୋଲି ସେ କହିଛନ୍ତି। ଶାର୍ଦ୍ଦୁଳଙ୍କ ପାଖରେ ଅସାଧାରଣ ପ୍ରତିଭା ରହିଛି ଓ ଆଗକୁ ସେ ଆହୁରି ସଫଳ ହେବେ ବୋଲି ସୁଲତାନ ଆଶା ପ୍ରକାଶ କରିଛନ୍ତି। ସମୟ ଅଭାବ ସତ୍ତ୍ୱେ ପାଠପଢା ଓ ଶୁଟିଂରେ ସେ ସନ୍ତୁଳନ ରକ୍ଷା କରି ମାତ୍ର ୧୫ ବର୍ଷ ବୟସରେ ଏସିଆନ ଗେମ୍ସ ରୌପ ପଦକ ହାସଲ କରିବା ଏକ ବଡ଼ ସଫଳତା ବୋଲି ଶାର୍ଦ୍ଦୁଳଙ୍କ ଦାଦା ମନୋଜ କହିଛନ୍ତି। ପୂର୍ବରୁ ମୁଁ ନର୍ଥ ଜୋନ୍ ମିଟ୍‌ରେ ଏକ ପଦକ ହାସଲ କରିଥିଲି ବୋଲି ଶାର୍ଦ୍ଦୁଳ କହିଛନ୍ତି।



ରୌପ୍ୟପଦକ ସହ ଯୁବ ଶୁଟର ଶାର୍ଦ୍ଦୁଳ ବିହାନ।

ଡାହାଣହାତି ଶୁଟର ଶାର୍ଦ୍ଦୁଳ ୨୦୧୭ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ୬୧ତମ ଶଟ୍‌ଗନ୍ ଜାତୀୟ ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ୪ଟି ନ୍ୟାଶନାଲ ଟାଇଟଲ ହାସଲ କରିଥିଲେ। ସେହିପରି ଜର୍ମାନୀରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ମଧ୍ୟ ସେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଭାରତୀୟ କୋଚ୍ ମାନଶେର ସିଂ ଶାର୍ଦ୍ଦୁଳଙ୍କ ପ୍ରଦର୍ଶନକୁ ତାରିଫ କରିଛନ୍ତି। ସବୁ ପ୍ରତିଯୋଗୀ ମୋଠାରୁ ଅଧିକ ବୟସର ଓ ଏଥିପାଇଁ ମୋତେ ମାନେଶର ସାର୍ ନିର୍ଭୀକ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ ବୋଲି ଶାର୍ଦ୍ଦୁଳ କହିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ (ଏନ୍‌ଆରଏଆଇ) ଅଧ୍ୟକ୍ଷ ରନିନ୍ଦର ସିଂ ମଧ୍ୟ ଏହି ଐତିହାସିକ ପ୍ରଦର୍ଶନ ପାଇଁ ଶାର୍ଦ୍ଦୁଳଙ୍କୁ ତାରିଫ କରିଛନ୍ତି।

ପୁରୁଷ ଡବଲ ଟ୍ରାପ୍‌ରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ଶୁଟର ଅଙ୍କୁର ମିତ୍ତଲ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ। ଶ୍ରେୟାସି ସିଂ ଓ ବର୍ଷା ବର୍ମନ ମଧ୍ୟ ନିରାଶ କରିଥିଲେ। ମହିଳା ଡବଲ ଟ୍ରାପ୍‌ରେ ଏହି ଦୁଇ ଖେଳାଳି ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

# ପୁରୁଷ ଦଳର ବିପର୍ଯ୍ୟୟ, ଫାଇନାଲରେ ମହିଳା



ପୁରୁଷ କବାଡିରେ ଭାରତ ଓ ଇରାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଜାକର୍ତ୍ତା, ୨୩।୮(ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ କବାଡି ଦଳର ପତିଆରା ଶେଷରେ କ୍ଷୁର୍ଣ୍ଣ ହୋଇଛି। ଇତିହାସରେ ପ୍ରଥମଥର ପାଇଁ ଭାରତୀୟ ପୁରୁଷ କବାଡ଼ି ଦଳ ଫାଇନାଲକୁ ଉଠିବାରେ ବିଫଳ ହେବା ସହ ପ୍ରଥମଥର ପାଇଁ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଫଳରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଦୌଡରୁ ଭାରତ ବାଦ ପଡିବା ସହ ଶେଷରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତ ଇରାନଠାରୁ ପରାସ୍ତ ହୋଇ ଝଟ୍‌କା ଖାଇଛି । ପୂର୍ବରୁ ଏସିଆଡ୍‌ରେ ଭାରତୀୟ ପୁରୁଷ ଦଳ ସବୁବେଳେ ସ୍ୱର୍ଣ୍ଣ ପଦକ ହାସଲ କରି ଆସୁଥିଲା। କ୍ରମାଗତ ୭ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତ ସେମିରେ ଇରାନଠାରୁ ୧୮- ୨୭ରେ ପରାସ୍ତ ହୋଇଛି। ପରାଜୟ ପରେ କେତେକ ଭାରତୀୟ ଖେଳାଳିଙ୍କ ଆଖିରେ ଲୁହ ଆସିଯାଇଥିଲା। ଇରାନ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରି ବାଜି ମାରିଥିଲା। ଏହି ମ୍ୟାଚରେ ଭାରତ ଚାପର ସମ୍ମୁଖୀନ ହୋଇଥିବା ପରିଲକ୍ଷିତ ହୋଇଥିଲା। ଭାରତୀୟ ପୁରୁଷ ଦଳ ପୂର୍ବରୁ ୭ଥର ସ୍ୱର୍ଣ୍ଣ ଜିତିଥିଲା।

ଅପରପକ୍ଷରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ତୃତୀୟଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିବା ସହ ଚାଇନିଜ ତାଇପେଇକୁ ୨୭- ୧୪ରେ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ଦୁଇଟି ସଂସ୍କରଣରେ ଭାରତ ସ୍ୱର୍ଣ୍ଣ ଜିତିଥିଲା। ପୁଣି ଭାରତୀୟ ମହିଳା ଦଳ ମଧ୍ୟ ୨୦୧୨, ୨୦୧୩ ଓ ୨୦୧୪ରେ ୩ଥର ବିଶ୍ୱକପ୍ ହାସଲ କରିଥିଲା। ଏବେ ଫାଇନାଲରେ ଭାରତ ଇରାନ୍ କିମ୍ବା ଥାଇଲାଣ୍ଡକୁ ଭେଟିବ। ଗ୍ରୁପ୍ ଏରେ ଶୀର୍ଷ ସ୍ଥାନରେ ରହିବା ସହ ଭାରତ ସେମିରେ ପ୍ରବେଶ କରିଥିଲା।

## ନିରାଶ କଲେ ଭାରତୀୟ ରୋୟର

**ପାଲେମବାଙ୍ଗ, ୨୩।୮(ପି.ଟି.)**

ଏସିଆନ ଗେମ୍ସ ରୋଇଂରେ ଭାରତୀୟ ରୋୟରମାନେ ଗୁରୁବାର ମାମୁଲି ପ୍ରଦର୍ଶନ କରିଛନ୍ତି। ଭାରତ ପାଖାପାଖି ୪ଟି ମେଡାଲ ହାତଛଡ଼ା କରିଛି। ଏଥି ମଧ୍ୟରେ ପୁରୁଷ ସିଙ୍ଗଲ ସ୍କଲ୍ସ ଓ ଡବଲ ସ୍କଲ୍ସ ମଧ୍ୟ ସାମିଲ ରହିଛି।

ସ୍ୱର୍ଣ୍ଣ ଫେଭରାଇଟ ଦତ୍ତୁ ଭୋକାନାଲ ସିଙ୍ଗଲ ସ୍କଲ୍ସ ଫାଇନାଲରେ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହା ଭାରତ ପାଇଁ ଜବରଦସ୍ତ ଝଟ୍‌କା ସଦୃଶ ହୋଇଛି। ସେହିପରି ଡବଲ ସ୍କଲ୍ସରେ ଭାରତକୁ ଆହୁରି ନିରାଶ ହେବାକୁ ପଡିଛି। ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଫେଭରାଇଟ ସାୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ପୁରୁଷ ପେୟାର ଇଭେଣ୍ଟରେ ଭାରତ ମଲକିତ ସିଂ ଓ ଗୁରିନ୍ଦର ସିଂ ଅଳ୍ପକେ ବ୍ରୋଞ୍ଜ୍ ପଦକରୁ ବଞ୍ଚିତ ହୋଇଛନ୍ତି। ପୁରୁଷ ଲାଇଟୱେଟ୍ ଫୋରରେ ଚତୁର୍ଥ ସ୍ଥାନରେ ରହିଛି। ତେବେ ଶୁକ୍ରବାର ଭାରତ ରୋଇଂରେ କେତେଟି ପଦକ ଜିତିବା ଆଶା କରାଯାଉଛି।

## ଖାଡେଙ୍କ ନୂତନ ଜାତୀୟ ରେକର୍ଡ

**ଜାକର୍ତ୍ତା,୨୩।୮(ପି.ଟି.)**

ବିର୍ଦ୍ଧୱାଲ ଖାଡେ ୫୦ ମିଟର ବଟରଫ୍ଲାଏ ସନ୍ତରଣ ଇଭେଣ୍ଟରେ ନୂତନ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ଖାଡେ ଯୋଗ୍ୟତା ପର୍ଯ୍ୟାୟରେ ୨ୟ ହିଟ୍ ଅଂଶଗ୍ରହଣ କରି ରେସ୍‌କୁ ୨୪.୦୯ ସେକେଣ୍ଡରେ ଶେଷ କରି ନିଜ ରେକର୍ଡ ଭାଙ୍ଗିଛନ୍ତି। ସେ ୯ ବର୍ଷ ପୂର୍ବେ ଜାତୀୟ ରେକର୍ଡର (୨୪.୧୪ ସେ.) ଅଧିକାରୀ ହୋଇଥିଲେ। କିନ୍ତୁ ସେ ପଦକ ପର୍ଯ୍ୟାୟରେ ସେ ବିଫଳ ହୋଇଛନ୍ତି। ସେ ଫାଇନାଲ ରେସ୍‌କୁ ୨୪.୪୮ ସେକେଣ୍ଡ ଶେଷ କରି ଅନ୍ତିମ ତଥା ୮ମ ସ୍ଥାନରେ ରହିଥିଲେ।

# ଅଙ୍କିତାଙ୍କୁ ବ୍ରୋଞ୍ଜ୍, ଆଉ ୨ ପଦକ ନିଶ୍ଚିତ

**ପାଲେମବାଙ୍ଗ, ୨୩।୮ (ପି.ଟି.)**

ଏସିଆନ୍ ଗେମ୍ସ ଟେନିସ୍‌ରେ ଗୁରୁବାର ଭାରତ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ମହିଳା ଖେଳାଳି ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଥିବା ବେଳେ ଭାରତ ପାଇଁ ଆଉ ୨ ପଦକ ନିଶ୍ଚିତ ହୋଇଛି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱର ୧୮୯ତମ ଖେଳାଳି ଅଙ୍କିତା ବିଶ୍ୱର ୩୪ ନମ୍ବର ଖେଳାଳି ଟପ୍ ସିଡ୍ ଚାଇନାର ଶୁଆଇ ଝାଙ୍ଗଙ୍କଠାରୁ ୪-୬, ୬-୭ ସେଟରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୨୫ ବର୍ଷୀୟା ଅଙ୍କିତା ବେଶ୍ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲେ। ସାନିଆ ମିର୍ଜାଙ୍କ ପରେ ଅଙ୍କିତା ଦ୍ୱିତୀୟ ମହିଳା ଖେଳାଳି ଭାବେ ସିଙ୍ଗଲ୍ସରେ ଏସିଆନ ଗେମ୍ସ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ସାନିଆ ୨୦୦୬ ଦୋହା ଏସିଆଡ୍‌ରେ ରୌପ୍ୟ ଓ ୨୦୧୦ ଗୁଆଝଉ ସଂସ୍କରଣରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ସେହିପରି ପୁରୁଷ ଡବଲ୍ସ ଇଭେଣ୍ଟରେ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନ୍ନା ଓ ଦିଭିଜ୍ ଶରଣ ସେମିଫାଇନାଲରେ ବିଜୟୀ ହୋଇ ଫାଇନାଲକୁ ଉଠିଛନ୍ତି। ଫଳରେ ଅତିକମର ଏହି ଯୋଡି ରୌପ୍ୟ ପଦକ ଜିତିବା ନିଶ୍ଚିତ ହୋଇଛି। ତେବେ ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ଏହି ଯୋଡି ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ବୋପାନ୍ନା- ଶରଣ ସେମିରେ ଜାପାନର କାଟିଓ ଉସୁଗି ଓ ଶୋ ଶିମାବୁକୁରୋଙ୍କୁ ୪-୬,୬-୩,୧୦-୮ ସେଟରେ ହରାଇ ଫାଇନାଲକୁ ଉଠିଛନ୍ତି।



ଅଙ୍କିତା ରାଇନା।

ସେହିପରି ପୁରୁଷ ସିଙ୍ଗଲ୍ସରେ ବିଶ୍ୱର ୧୬୧ ନମ୍ବର ଖେଳାଳି ଭାରତର ପ୍ରାଜନେଶ ଗୁଣେଶ୍ୱରନ କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆର ୨୭୩ ନମ୍ବର ଖେଳାଳି କ୍ୱୋନ ସୁନଉଙ୍କୁ ୬-୭, ୬-୪, ୭-୬ ମାରାଥନ ସେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ଗୁଣେଶ୍ୱରନଙ୍କୁ ୪ ଘଣ୍ଟା ଆବଶ୍ୟକ ହୋଇଥିଲା। ଫଳରେ ସେ ଅତିକମ୍‌ରେ ବ୍ରୋଞ୍ଜ ଜିତିବା ନିଶ୍ଚିତ ହୋଇଛି।

# ସ୍କ୍ୱାଶରେ ଘୋଷାଲ- ସାନ୍ଧୁ ପଦକ ନିଶ୍ଚିତ କଲେ

**ଜାକର୍ତ୍ତା, ୨୩।୮(ପି.ଟି.)**

ଏସିଆନ୍ ଗେମ୍ସରେ ଭାରତ ସ୍କ୍ୱାଶରେ ଅତିକମ୍‌ରେ ଏକ ବ୍ରୋଞ୍ଜ୍ ପଦକ ନିଶ୍ଚିତ କରିଛି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଭାରତ ସୌରଭ ଘୋଷାଲ ଓ ହରିନ୍ଦର ପାଲ ସାନ୍ଧୁ ପରସ୍ପରକୁ ଭେଟିବେ। ଫଳରେ ଜଣେ ଭାରତୀୟ ଖେଳାଳି ସେମିକୁ ଉଠିବେ। ଫଳରେ ଭାରତକୁ ଗୋଟିଏ ବ୍ରୋଞ୍ଜ୍ ମିଳିବା ନିଶ୍ଚିତ ହୋଇଛି। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ଜ୍ୟୋତ୍ସ୍ନା ଚିନାପ୍ପା ଓ ଦୀପିକା ପାଲିକଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଘୋଷାଲ ଶ୍ରୀଲଙ୍କାର ମହମ୍ମଦ ଇସ୍‌ମାଇଲ ମୁକ୍ତାର ୱାକିଲଙ୍କୁ ୧୧-୨୧, ୧୧-୨, ୧୧-୧ ସିଧା ସଳଖ ଗେମ୍ସରେ ପ୍ରଥମେ ପରାସ୍ତ କରିଥିଲେ। ସେହିପରି ସାନ୍ଧୁ କୋରିଆର କୋ ୟୋଙ୍ଗଜୋଙ୍କୁ ୧୧-୮, ୧୧-୩, ୧୧-୫ରେ ପ୍ରଥମେ ହରାଇ ଅଗ୍ରଗତି କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଘୋଷାଲ ପାକିସ୍ତାନର ଅସଲାମ ତାଏବଙ୍କୁ ୧୧-୫, ୧୧-୩, ୧୧-୧୩, ୧୧-୮ରେ ଓ ସାନ୍ଧୁ ଫିଲିଫାଇନ୍ସର ଗାର୍ସିଆ ରୋବର୍ଟେ ଆଣ୍ଟ୍ୟୁଙ୍କୁ ୧୧-୪, ୨-୧୧, ୧୨-୧୦, ୧୫-୧୩ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୫୫ | ୪୦ | ୨୧ | ୧୧୬ |
| ଜାପାନ | ୨୫ | ୨୮ | ୩୩ | ୮୬ |
| କୋରିଆ | ୧୬ | ୨୦ | ୨୭ | ୬୩ |
| ଇରାନ | ୧୦ | ୯ | ୮ | ୨୭ |
| ଇଣ୍ଡୋନେସିଆ | ୮ | ୬ | ୧୦ | ୨୪ |
| ଥାଇଲାଣ୍ଡ | ୬ | ୪ | ୧୬ | ୨୬ |
| ଉତ୍ତର କୋରିଆ | ୬ | ୨ | ୫ | ୧୩ |
| ଚାଇନିଜ୍ ତାଇପେ | ୫ | ୬ | ୧୧ | ୨୨ |
| ଉଜବେକିସ୍ତାନ | ୪ | ୮ | ୭ | ୧୯ |
| ଭାରତ | ୪ | ୪ | ୧୦ | ୧୮ |

# ସିନ୍ଧୁ, ସାଇନା ଦ୍ୱିତୀୟ ରାଉଣ୍ଡରେ

**ଜାକର୍ତ୍ତା,୨୩।୮(ପି.ଟି.)**

ଏସିଆନ ଗେମ୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଦୁଇ ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ବିଜୟ ଅଭିଯାନ ଆରମ୍ଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ସିନ୍ଧୁ ଓପନିଂ ରାଉଣ୍ଡରେ ବିଶ୍ୱର ୫୨ ନମ୍ବର ଖେଳାଳି ଭୁ ଥି ଟ୍ରାଙ୍ଗ୍‌ଠାରୁ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶେଷରେ ୨୧- ୧୦, ୧୨-୨୧, ୨୩-୨୧ରେ ୫୨ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

ସେହିପରି ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ଇରାନର ସୋରାୟା ଅଖାଜିଆଘଙ୍କୁ ମାତ୍ର ୨୬ ମିନିଟରେ ୨୧- ୭, ୨୧- ୯ରେ ଅତି ସହଜରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଉଭୟ ଖେଳାଳି ଇଣ୍ଡୋନେସିଆ ଖେଳାଳିମାନଙ୍କୁ ଭେଟିବେ। ସିନ୍ଧୁ ତୁନଜୁଙ୍ଗ ଗ୍ରିଗୋରିଆ ମାରିସ୍କାଙ୍କୁ ଓ ସାଇନା ଫିଟ୍ରିଆନିଙ୍କୁ ଭେଟିବେ।





ରିଟର୍ନ ଶଟ୍ ଅବସରରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ।

### ରତୁପର୍ଣ୍ଣା ପଣ୍ଡା ହାରିଲେ

ସେହିପରି ମହିଳା ଡବଲ୍ସ ଇଭେଣ୍ଟରେ ଭାରତ ଅଶ୍ୱିନୀ ପୋନାପ୍ପା ଓ ଏନ୍ ସକ୍କି ରେଡ୍ଡୀ ୨୧-୧୬, ୨୧-୧୫ରେ ହଂକଂର ଏନ୍‌ଜି ୱିଙ୍ଗ୍ ୟୁଙ୍ଗ୍ ଓ ୟେୟୁଙ୍ଗ ଏନଗାଟିଙ୍ଗ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ପୁରୁଷ ଡବଲ୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟପଦକ ବିଜେତା ଭାରତର ଚିରାଗ ଶେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ହଂକଂର ୟୋନି ଛୁଙ୍ଗ୍ ଓ ତୁନ ହେଉ ଟାମଙ୍କୁ ୨୧-୧୨, ୨୧- ୧୪ରେ ହରାଇ ଅଗ୍ରଗତି କରିଛନ୍ତି।

ମହିଳା ଡବଲ୍ସରେ ଓଡ଼ିଶାର ରତୁପର୍ଣ୍ଣା ପଣ୍ଡା ଓ ଆରତି ସୁନିଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡି ୧୧-୨୧,୬- ୨୧ରେ ଥାଇଲାଣ୍ଡର ଛାୟାନ୍ତି ଚଲଡଚାଲମ ଓ ଫାଟାଇମାସ ମୁଏନୱୋଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି।

"ସାଉଥାମ୍ପଟନଠାରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟରେ ଭାରତ ବିଜୟ ହାସଲ କରିପାରେ, କାରଣ ସେଠିକାର କଣ୍ଡିଶନ ଓ ପିଚ୍ ଭାରତୀୟଙ୍କୁ ସୁହାଇବ।

–ହରଭଜନ ସିଂ, ଭେଟେରାନ ଅଫ୍ ସ୍ପିନର



"ୟୋ ୟୋ ଟେଷ୍ଟରେ ଫେଲ୍ ହେବାରୁ ମୁଁ ଇଂଲଣ୍ଡ ଟୁର୍‌ରେ ସାମିଲ ହୋଇ ପାରିଲିନି। ଏଥିପାଇଁ ଦୁଃଖିତ ଥିଲେ ମଧ୍ୟ ଏହି ବ୍ୟବସ୍ଥାକୁ ମୁଁ ବିରୋଧ କରେନି।

–ଅମ୍ବାତି ରାୟୁଡୁ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଟି୨୦ ଫର୍ମାଟରୁ ଝୁଲଣଙ୍କ ଅବସର



ନୂଆଦିଲ୍ଲୀ,୨୩।୮-ଭାରତୀୟ ମହିଳା ଦଳର ପେସର ଝୁଲଣ ଗୋସ୍ୱାମୀ ଗୁରୁବାର ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଛନ୍ତି। ଫଳରେ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳକୁ ଅଭିଜ୍ଞ ବୋଲରଙ୍କ ବିନା ଖେଳିବାକୁ ପଡ଼ିବ। ୱେଷ୍ଟଇଣ୍ଡିଜ୍‌ଠାରେ ଚଳିତବର୍ଷ ନଭେମ୍ବରରେ ଏହି ଆଇସିସି ଇଭେଣ୍ଟ ଖେଳାଯିବ। ୨୦୦୬ରୁ ଆରମ୍ଭ ହୋଇଥିବା ଛୋଟିଆ ଫର୍ମାଟରେ ସେ ୬୮ ମ୍ୟାଚ୍ ଖେଳିଛନ୍ତି। ୩୫ ବର୍ଷୀୟା ବୋଲର ୫୮ ଉଇକେଟ ନେଇଛନ୍ତି। ଏହି ଫର୍ମାଟରେ ୨୦୧୨ ଅଷ୍ଟ୍ରେଲିଆ ବିପକ୍ଷରେ ୧୧ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ତାଙ୍କ ବ୍ୟତୀତ ସ୍ପିନର ପୁନମ ଯାଦବ(୫୩) ଓ ଏକତା ବିସ୍ତ୍ (୫୦) ଭାରତୀୟ ବୋଲର ଭାବେ ୫୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ତେବେ ସେ ଦିନିକିଆ ଫର୍ମାଟରେ ଜାତୀୟ ଦଳ ଲାଗି ଉପଲବ୍ଧ ରହିବେ ବୋଲି ସୂଚନା ଦେଇଛନ୍ତି। ଉଲ୍ଲେଖଥାଉ କି, ଝୁଲଣ ଅନ୍ତର୍ଜାତୀୟ ଦିନିକିଆରେ ସର୍ବାଧିକ ଉଇକେଟ ନେଇଥିବା ବୋଲର। ସେ ଏକମାତ୍ର ବୋଲର ଭାବେ ୨୦୦ ଦିନିକିଆ ଉଇକେଟ ନେଇଛନ୍ତି। ଏହାବାଦ୍ ସେ ଏକମାତ୍ର ଭାରତୀୟ ବୋଲର ଭାବେ ସମସ୍ତ ଫର୍ମାଟରେ ୫ ଉଇକେଟ ହାସଲ ନେଇଛନ୍ତି।

### ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ୍



ନ୍ୟୁୟର୍କ, ୨୩।୮(ଏଏଫ୍‌ପି):ଫିଫା ଦୁର୍ନୀତି ସ୍କାଣ୍ଡାଲରେ ସମ୍ପୃକ୍ତି ପାଇଁ ଆମେରିକାର ଜଣେ ବିଚାରପତି ୮୬ ବର୍ଷୀୟ ପୂର୍ବତନ ବ୍ରାଜିଲ ଫୁଟ୍‌ବଲ ମୁଖ୍ୟଙ୍କୁ ୪ବର୍ଷ ଜେଲ ଦଣ୍ଡବିଧାନ କରିଛନ୍ତି। କୋପା ଆମେରିକା ଓ କୋପା ଲିବର୍ଟାଡୋର୍ସ ଭଳି ବଡ଼ ଟୁର୍ନାମେଣ୍ଟର ପ୍ରସାରଣ ଅଧିକାର ଚୁକ୍ତି ନେଇ ସ୍ପୋର୍ଟ୍ସ ମାର୍କେଟିଂ କମ୍ପାନୀଗୁଡ଼ିକଠାରୁ ୬.୬ ନିୟୁତ ଆମେରିକୀୟ ଡଲାର ଲାଞ୍ଚ ନେଇଥିବା ଅଭିଯୋଗରେ କୋସ୍ ମାରିଆ ମାରିନ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୫ ମେ ୨୭ରେ ଜୁରିଚ୍‌ର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଦୁର୍ନୀତି ଅଭିଯୋଗରେ ଯେଉଁ ୭ଜଣ ଫିଫା ଅଫିସିଆଲ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରେ ମାରିନ୍ ଅନ୍ୟତମ ଥିଲେ। ଗିରଫ ୭ଜଣଙ୍କୁ ମଧ୍ୟରୁ ମାରିନ ପ୍ରଥମ ବ୍ୟକ୍ତି ଭାବେ ଆମେରିକା ସଂଘୀୟ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି।

# ଶୀର୍ଷକୁ ଫେରିଲେ କୋହଲି

ଦୁବାଇ, ୨୩।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନଟିଂହାମରେ ଇଂଲଣ୍ଡ ବିପକ୍ଷରେ ସମାପ୍ତ ହୋଇଥିବା ୩ୟ ଟେଷ୍ଟରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ କୋହଲି ଶୀର୍ଷ ସ୍ଥାନକୁ ଫେରିବାରେ ସଫଳ ହୋଇଛନ୍ତି। ଏହି ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୯୭ ଓ ୧୦୩ ରନ ସମେତ ମୋଟ୍ ୨୦୦ ରନ ସଂଗ୍ରହ କରିଥିଲେ। କୋହଲିଙ୍କ ଏହି ଇନିଂସ ଯୋଗୁ ଭାରତ ମ୍ୟାଚ୍‌କୁ ୨୦୩ ରନର ବୃହତ ବ୍ୟବଧାନରେ ଜିତି ନେଇଥିଲା। ଚଳିତ ସିରିଜର ପ୍ରଥମ ମ୍ୟାଚ୍‌ର ଉଭୟ ଇନିଂସରେ କୋହଲି ଯଥାକ୍ରମେ ୧୪୯ ଓ ୫୧ ରନର ଇନିଂସ ଖେଳିଥିଲେ। ଏହି ଇନିଂସ ଯୋଗୁ ସେ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ଲାଭ କରିଥିଲେ। ତେବେ ଲର୍ଡ୍ସ ଟେଷ୍ଟରେ ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନ ଯୋଗୁ ତାଙ୍କୁ ଶୀର୍ଷ ମାନ୍ୟତା ହରାଇବାକୁ ପଡ଼ିଥିଲା। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ କୋହଲିଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୯୩୭ ରହିଛି, ଯାହା ସର୍ବକାଳୀନ ଏକାଦଶତମ ରେଟିଂ ପଏଣ୍ଟ। ଟପ୍-୧୦ ରେଟିଂ ପଏଣ୍ଟ ମଧ୍ୟରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର୍ ଡନ୍ ବ୍ରାଡ୍‌ମ୍ୟାନ (୯୬୧ ପଏଣ୍ଟ) ରହିଥିବାବେଳେ ଷ୍ଟିଭ ସ୍ମିଥ୍ (୯୪୭), ଲେନ୍ ହଟନ (୯୪୫), ଜ୍ୟାକ ହବ୍ସ (୯୪୨), ରିକି ପଣ୍ଟିଂ (୯୪୨), ପିଟର ମେ (୯୪୧), ଗ୍ୟାରୀ ସୋବର୍ସ, କ୍ଲାଏଡ୍ ୱାଲକଟ୍, ଭିଭିଆନ୍ ରିଚାର୍ଡ୍ସ ଓ କୁମାର ସଙ୍ଗକାରା (ସମସ୍ତେ ୯୩୮ ପଏଣ୍ଟ) ପର୍ଯ୍ୟାୟକ୍ରମେ ପଛକୁ ପଛ ରହିଛନ୍ତି।

### ବ୍ରାଡମ୍ୟାନ, ପଣ୍ଟିଂଙ୍କୁ ଟପିଲେ

ନୂଆଦିଲ୍ଲୀ,୨୩।୮(ପି.ଟି.)

ବିରାଟ କୋହଲି ପ୍ରଥମ ଟେଷ୍ଟ ଅଧିନାୟକ ଭାବେ ଦଳର ବିଜୟ ଲାଗି ୭ମ ଥର ୨୦୦ କିମ୍ବା ତାଠାରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ଏହି କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡମ୍ୟାନ ଓ ରିକି ପଣ୍ଟିଂଙ୍କୁ ଅତିକ୍ରମ କରିଛନ୍ତି। ଉଭୟେ ପୂର୍ବତନ ଅଷ୍ଟ୍ରେଲିଆନ ୬ ଥର ଦଳୀୟ ବିଜୟରେ ୨୦୦ କିମ୍ବା ତାଠାରୁ ଊର୍ଦ୍ଧ୍ୱ ରନ କରିଥିଲେ। ଏହି ତାଲିକାରେ କୋହଲିଙ୍କ ବ୍ୟତୀତ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରହିଛନ୍ତି। ୨୦୧୩ରେ ଚେନ୍ନାଇଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ୨୨୪ ରନ୍ କରିଥିଲେ।



ଏହାବାଦ୍ ଭାରତୀୟ ଅଧିନାୟକ ଭାବେ କୋହଲି ୧୦ମ ଥର ଲାଗି ଦ୍ୱିଶତକ ମାରିଛନ୍ତି। ଯେ କୌଣସି ଭାରତୀୟ ଅଧିନାୟକଙ୍କ ପାଇଁ ଏହା ମଧ୍ୟ ଏକ ରେକର୍ଡ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ତାଲିକାରେ ୨ୟ ସର୍ବୋଚ୍ଚ ଭାରତୀୟ ଖେଳାଳି ଭାବେ ଚେତେଶ୍ୱର ପୂଜାରା (୬ଷ୍ଠ) ରହିଛନ୍ତି। ନଟିଂହାମ ଟେଷ୍ଟରେ ଭଲ ଇନିଂସ ଖେଳିଥିଲେ ମଧ୍ୟ ତାଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ଅଜିଙ୍କ୍ୟ ରାହାନେ, ଶିଖର ଧାୱନ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ୪ଟି, ୪ଟି ଓ ୮ଟି ସ୍ଥାନ ଉପରକୁ ଉଠିଛନ୍ତି। ରାହାନେ ୧୯ତମ ସ୍ଥାନରେ ରହିଥିବାବେଳେ ଧାୱନ ୨୨ ଓ ପାଣ୍ଡ୍ୟା ୫୧ତମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ମାନ୍ୟତାରେ ମଧ୍ୟ ପାଣ୍ଡ୍ୟା ଏକାଥରକେ ୨୩ଟି ପାହାଚ ଉପରକୁ ଉଠି ୫୧ତମ ସ୍ଥାନ ପାଇଛନ୍ତି। ସେହିଭଳି ନଟିଂହାମ ବିଜୟରେ ୫ ଉଇକେଟ୍ ହାସଲ କରିଥିବା ଯଶପ୍ରୀତ୍ ବୁମ୍‌ରା ୮ଟି ପାହାଚ ଲମ୍ଫ ପ୍ରଦାନ କରି କ୍ୟାରିୟର ଶ୍ରେଷ୍ଠ ୩୭ତମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡର ଜୋଶ୍ ବଟ୍‌ଲର ୨୨ଟି ସ୍ଥାନ ଉପରକୁ ଉଠି ୪୭ତମ ସ୍ଥାନରେ ରହିଛନ୍ତି।

# ଶୁଭେନ୍ଦୁଙ୍କୁ ପ୍ରଶିକ୍ଷକ ଦାୟିତ୍ୱ

କଟକ ଅଫିସ,୨୩।୮

ଚାଇନାର ସାଙ୍ଘାଇଠାରେ ୧୫ ବର୍ଷରୁ କମ୍ ବାଳକ ଜୀନସାନ କପ୍ ଅନ୍ତର୍ଜାତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ନିମନ୍ତେ ଭାରତୀୟ ଦଳ ଗୁରୁବାର କଟକରୁ ଚାଇନା ଅଭିମୁଖେ ଯାତ୍ରା କରିଛି। ଗତ ୫ ତାରିଖରୁ କଟକରେ ଜାତୀୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଚାଲିଥିଲା। ଘୋଷିତ ଜାତୀୟ ଦଳରେ ଓଡ଼ିଶାର ୨ ଖେଳାଳିଙ୍କୁ ମିଶାଇ ମୋଟ୍ ୪ଜଣ ଉକ୍ତ ଟୁର୍ନାମେଣ୍ଟ ନିମନ୍ତେ ଚାଇନା ଗସ୍ତରେ ଯାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ୨ ଓଡ଼ିଶା ଖେଳାଳି ହେଲେ ପୁରୁଷୋତ୍ତମ କେରକେଟା ଓ ଅମନ ଖାଲ୍‌କୋ। ମୁଖ୍ୟ କୋଚ୍ ଭାବେ ରାଜ୍ୟର ଏଏଫ୍‌ସି-ଏ ଲାଇସେନ୍ସ ପ୍ରାପ୍ତ କୋଚ୍ ଶୁଭେନ୍ଦୁ ପଣ୍ଡା ଓ ଫିଜିଓ ଭାବେ ମୁକ୍ତି ପ୍ରସାଦ ଦାସ ଦଳରେ ରହିଛନ୍ତି। ଶୁକ୍ରବାର ଦିଲ୍ଲୀରେ ପହଞ୍ଚିବା ପରେ ଦଳ ସେଠାରୁ ଚାଇନା ଯାତ୍ରା କରିବ ବୋଲି ଜଣାପଡ଼ିଛି।



ଶୁଭେନ୍ଦୁ ପଣ୍ଡା

## ଆଜିଠାରୁ ରାଜ୍ୟ ସିନିୟର ମହିଳା ଫୁଟ୍‌ବଲ ଶିବିର

କଟକ ଅଫିସ,୨୩।୮

ଆଗାମୀ ଦିନରେ ହେବାକୁ ଥିବା ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍ ନିମନ୍ତେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ କଟକରେ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଶିବିର ଶୁକ୍ରବାରଠାରୁ ଆରମ୍ଭ ହେବ। ଶିବିରରେ ଯୋଗଦେବାକୁ ଥିବା ଇଚ୍ଛୁକଖେଳାଳିମାନେଫାଓକାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତ ଏ', ଭାରତ ବି' ବିଜୟୀ

ବେଙ୍ଗାଲୁରୁ, ୨୩।୮ (ପି.ଟି.)

ମନୀଷ ପାଣ୍ଡେ (୯୫) ଓ ଅମ୍ବାତି ରାୟୁଡୁ (୬୨)ଙ୍କ ଅପରାଜିତ ବ୍ୟାଟିଂ ସହାୟତାରେ ଭାରତ ବି' ଓ ଭାରତ ଏ' ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଏ' ଓ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଚଳିତ ଚତୁଃରାଷ୍ଟ୍ରୀୟ ସିରିଜରେ ଗୁରୁବାର ବର୍ଷା ବାଧାପ୍ରାପ୍ତ ଏକ ମ୍ୟାଚରେ ଭାରତ ବି' ଡକୱର୍ଥ-ଲୁଇସ୍ ପଦ୍ଧତିରେ ୩୦ ରନରେ ଦକ୍ଷିଣ ଆଫ୍ରିକା ଏ' ଦଳକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ଭାରତ ଏ' ୫ ଉଇକେଟରେ ବିଜୟ ହାସଲ କରିଛି।

ଏଠାରୁ ୪୦ କିଲୋମିଟର ଦୂର ଆଲୁରଠାରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଏ' ୪୭.୩ ଓଭରରେ ୨୩୧ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରରସେନୁରାନମୁଥୁସ୍ୱାମୀ୫୫ରନଏବଂ ଫରହାନ ବେହାର୍ଦ୍ଦିନ ୪୩ ରନ କରିଥିଲେ।

ବୋଲିଂରେ ଭାରତ ବି' ତରଫରୁ ପ୍ରସିଦ୍ଧ କ୍ରିଷ୍ଣା ୪୯ରନ ବିନିମୟରେ ୪ଟି ଉଇକେଟ ନେଇଥିବା ବେଳେ ଶ୍ରେୟାସ ଗୋପାଳ ତାଙ୍କ ୧୦ ଓଭର ବୋଲିଂରେ ୪୨ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ସିଦ୍ଧାର୍ଥ କାଉଲ, ନବଦୀପ ସଇନି ଓ ଦୀପକ ହୁଡା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

ଜବାବରେ ଭାରତ ବି' ୨୭ ବଲ ବାକି ୫ ଉଇକେଟ ବିନିମୟରେ ୨୧୪ ରନ କରିଥିବାବେଳେ ବର୍ଷା ହୋଇଥିଲା। ଅମ୍ପାୟରମାନେ ବାଧ୍ୟ ହୋଇ ଡି-ଏଲ୍ ପଦ୍ଧତିରେ ଫଳାଫଳ ଘୋଷଣା କରିଥିଲେ।



ଭାରତ ଏ' ଓ ଅଷ୍ଟ୍ରେଲିଆ ଏ' ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ଚତୁଃରାଷ୍ଟ୍ରୀୟ ସିରିଜ

ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ଭାରତ ବି' ମାତ୍ର ୨୨ ରନ ସ୍କୋରରେ ଦୁଇଟି ଉଇକେଟ ହରାଇଥିଲା। କିନ୍ତୁ ଶବନମ ଗିଲ୍ (୪୨) ଓ ପାଣ୍ଡେ ତୃତୀୟ ଉଇକେଟରେ ୮୮ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ। କେଦାର ଯାଦବ (୨୩) ଓ ଈଶାନ କିଷାନ (୨୪) ଯଥାକ୍ରମେ ସିସାଣ୍ଡା ମଗଲା ଓ ମୁଥୁସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ ମଧ୍ୟ ଦଳକୁ ବିଜୟ ଦ୍ୱାର ଦେଶରେ ପହଞ୍ଚାଇ ଦେଇଥିଲେ। ଦକ୍ଷିଣ ଆଫ୍ରିକା ଏ' ପକ୍ଷରୁ ଡେନ୍ ପାଟରସନ ଦୁଇଟି ଉଇକେଟ ଅକ୍ତିଆର କରିଥିବାବେଳେ ତାବ୍ରେଜ୍ ଶାମ୍‌ସି ମୁଥୁସାମି ଓ ମଙ୍ଗଲା ପ୍ରମୁଖ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ଅନ୍ୟପକ୍ଷରେ ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଏ' ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୩୨ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ଏ' ଏକଦା ୨୯ରନରେ ଅଧିନାୟକ ଶ୍ରେୟାସ ଆୟାରଙ୍କ ସମେତ ୪ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ରାୟୁଡୁଙ୍କ ଲଢୁଆ ଅର୍ଦ୍ଧ ଶତକ ଏବଂ କ୍ରୁନାଲ ପାଣ୍ଡ୍ୟା (୪୯)ଙ୍କ ଉପଯୋଗୀ ଇନିଂସ ସହାୟତାରେ ଭାରତ ଏ' ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତ ଏ' ୩୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୫୨ ରନ କରି ମ୍ୟାଚ ଜିତିନେଇଥିଲା। ଅଷ୍ଟ୍ରେଲିଆ ଏ' ତରଫରୁ ଝେ ରିଚାର୍ଡସନ ୩ଟି ଏବଂ ଆଷ୍ଟନ ଅଗର ଏବଂ ଡି' ଆର୍ସି ଶର୍ଟ ଗୋଟିଏ ଲେଖାଏଁ ଉଇକେଟ ଦଖଲ କରିଥିଲେ।

# ଜୁନିୟର ବାଳିକା ଜାତୀୟ ଫୁଟବଲ: କ୍ୱାର୍ଟରରେ ଓଡ଼ିଶା

କଟକ ଅଫିସ,୨୩।୮

ଗୋଆଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି । ଲିଗ୍ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ୍ ଓଡ଼ିଶା ସହଜରେ ବିଜୟୀ ହୋଇଥିଲା । ଗତ ମଙ୍ଗଳବାର ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୮-୨ ଗୋଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିବା ବେଳେ ଗୁରୁବାରର ମ୍ୟାଚ୍‌ରେ ଅରୁଣାଚଳପ୍ରଦେଶକୁ ୪-୦ ଗୋଲରେ ହରାଇଛି । ଅରୁଣାଚଳପ୍ରଦେଶ ବିପକ୍ଷ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ଗୋଟିଏ ଗୋଲ ହୋଇଥିଲା । ୨୩ତମ ମିନିଟ୍‌ରେ ଦୀପା ନାୟକ ଦେଇଥିବା ଏହି ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧକୁ ୧-୦ ଗୋଲରେ ଅଗ୍ରଣୀ ରଖିଥିଲା । ସୁସ୍ମିତା ତନ୍ତୀ ୬୯ତମ ମିନିଟରେ ଅନ୍ୟଏକ ଗୋଲ ଦେଇ ଗୋଲ ବ୍ୟବଧାନରେ ବୃଦ୍ଧି ଆଣିଥିଲେ । ମ୍ୟାଚ୍‌ର ଅନ୍ତିମ କିଛି ମିନିଟ୍ ଅର୍ଥାତ୍ ୮୧ତମ ଓ ୮୯ତମ ମିନିଟ୍‌ରେ ମନୀଷା ନାୟକ ୨ଟି ଗୋଲ ଦେବା ଯୋଗୁଁ ଓଡ଼ିଶା ୪-୦ର ବିଜୟ ଲାଭ କରିଛି। କ୍ୱାର୍ଟର ମୁକାବିଲାରେ ଓଡ଼ିଶା କେଉଁ ଦଳକୁ ଭେଟିବ ତାହା ଏ ଯାଏଁ ସ୍ଥିର ହୋଇ ନାହିଁ।



ଉତ୍କଳ କରାଟେ ମିତ୍ରେ ଷ୍ଟ୍ରଙ୍ଗ୍ ମ୍ୟାନ୍ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ଡିପିଏସ୍‌କୁ ହରାଇଲା ୟୁନିଟ୍-୬

ଭୁବନେଶ୍ୱର, ୨୩।୮ (ସ୍ପୋର୍ଟ୍ସ ବ୍ୟୁରୋ)

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତାରେ ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସରକାରୀ ୟୁନିଟ୍-୬ ହାଇସ୍କୁଲ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚ୍‌ରେ ୟୁନିଟ୍-୬ ହାଇସ୍କୁଲ ୧-୦ ଗୋଲରେ ଡିପିଏସ୍ କଳିଙ୍ଗାକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ ନାୟକ ମ୍ୟାଚ୍‌ର ୩୧ତମ ମିନିଟ୍‌ରେ ଏକମାତ୍ର ଗୋଲ୍‌ଟି କରିଥିଲେ। ୟୁନିଟ୍-୬ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳର ସୋନୁ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ସରକାରୀ ୟୁନିଟ୍-୧ ହାଇସ୍କୁଲ ଓ ରାମକୃଷ୍ଣ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ୨ୟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ। ଟାଟା ସ୍ପଞ୍ଜ୍ ଆଇରନ୍‌ର ଏମ୍‌ଡି ସଞ୍ଜୟ ପଟ୍ଟନାୟକ ଓ ବରିଷ୍ଠ ଅଧିକାରୀ ଶ୍ରୀକାନ୍ତ କୁମାର ମିଶ୍ର ଅତିଥି ଭାବେ ୨ୟ ମ୍ୟାଚ୍‌ରେ ଉପସ୍ଥିତ ରହି ୟୁନିଟ୍-୧ ହାଇସ୍କୁଲର ମଳୟ ମାଝିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଅମିୟ ମିଶ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସରୋଜ ମହାରଣା, ଶ୍ରୀକାନ୍ତ ପଣ୍ଡା, କୀର୍ତ୍ତି ସ୍ୱାଇଁ, ରାଜେନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ମହେଶ୍ୱର ସିଂ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର କଳିଙ୍ଗ ବିଦ୍ୟାପୀଠ (ସାମପୁର) ଓ ଡିଏଭି (ୟୁନିଟ-୮) ଏବଂ ଅରବିନ୍ଦ ହାଇସ୍କୁଲ (ଗଣ୍ଡରପୁର) ଓ କିସ୍ ମଧ୍ୟରେ ମୁକାବିଲା ଅନୁଷ୍ଠିତ ହେବ।




ଅତିଥିଙ୍କ ଠାରୁ ମଳୟ ମାଝି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଯୁଥ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା, ପୁରୁଷ ହକି ଦଳ ଘୋଷିତ

### ଭାରତୀୟ ପୁରୁଷ ଦଳ

ଗୋଲକିପର: ପ୍ରଶାନ୍ତ କୁମାର ଚୌହାନ, ପୱନ, ଡିଫେଣ୍ଡର: ରବିଚନ୍ଦ୍ର ସିଂ ମୋଇରଙ୍ଗଥେମ୍, ସଞ୍ଜୟ, ମିଡ୍‌ଫିଲ୍ଡର: ବିବେକ ସାଗର ପ୍ରସାଦ (ଅଧିନାୟକ), ମନିନ୍ଦର ସିଂ, ଫରୱାର୍ଡ: ଶିବମ୍ ଆନନ୍ଦ, ରାହୁଲ କୁମାର ରାଜଭାର, ସୁଦୀପ ଚିରମାକୋ।



ବିବେକ ସାଗର ପ୍ରସାଦ

### ଭାରତୀୟ ମହିଳା ଦଳ

ଗୋଲକିପର: ବିଚୁ ଦେବୀ ଖାରିବାମ, ଖୁସ୍‌ବୁ, ଡିଫେଣ୍ଡର: ଈଶିକା ଚୌଧାରୀ, ସାଲିମା ଟେଟେ(ଅଧିନାୟିକା), ମିଡ୍‌ଫିଲ୍ଡର: ରୀତ୍, ଚେତନା, ଫରୱାର୍ଡ: ସଙ୍ଗୀତା କୁମାରୀ, ମୁମତାଜ ଖାଁ, ଲାଲରେମସିଆମି।



ସାଲିମା ଟେଟେ

ନୂଆଦିଲ୍ଲୀ, ୨୩।୮

ବୁଏନ୍ସ ଆରିଜଠାରେ ଯୁଥ୍ ଅଲିମ୍ପିକ ଗେମ୍ସ ଅକ୍ଟୋବର ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ହେବାକୁଥିବା ଫାଇଭ୍-ଏ-ସାଇଡ୍ ହକି ଟୁର୍ନାମେଣ୍ଟ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ପ୍ରତି ଦଳରେ ୯ ଜଣ ଲେଖାଏ ଖେଳାଳି(୨ ଗୋଲକିପର, ୨ ଡିଫେଣ୍ଡର, ୨ ମିଡ୍‌ଫିଲ୍ଡର, ୩ ଫରୱାର୍ଡ) ରହିଛନ୍ତି। ସାଲିମା ଟେଟେ ମହିଳା ଓ ବିବେକ ସାଗର ପ୍ରସାଦ ପୁରୁଷ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଯୁଥ୍ ଅଲିମ୍ପିକ୍ସରେ ୧୨ଟି ଲେଖାଏ ମହିଳା ଓ ପୁରୁଷ ଦଳ ଭାଗନେବେ। ପୁରୁଷ ବିଭାଗରେ ଭାରତ ୨୦୧୪ ଯୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅଷ୍ଟ୍ରେଲିଆ, ରୌପ୍ୟପଦକ ହାସଲକାରୀ କାନାଡ଼ା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ବାଂଲାଦେଶ, ପୋଲାଣ୍ଡ, ମେକ୍ସିକୋ, ମାଲେସିଆ, କେନିୟା, ଜାମ୍ବିଆ ଓ ଭାନୁଆଟୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ମହିଳା ଦଳ ୨୦୧୪ ଚାମ୍ପିୟନ ଚାଇନା, ଆୟୋଜକ ଆର୍ଜେଣ୍ଟିନା, ଅଷ୍ଟ୍ରିଆ, ପୋଲାଣ୍ଡ, ଉରୁଗୁଏ, ମେକ୍ସିକୋ, ଅଷ୍ଟ୍ରେଲିଆ, ନାମ୍ବିଆ, ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ଭାନୁଆଟୁକୁ ଭେଟିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮ Sambalpur, Friday, August 24/ 2018

# ମାଓବାଦୀଙ୍କ ଗଡ଼ରେ ମହିଳା ଜନ ପ୍ରତିନିଧି

**ନୂଆପଡା ଅଫିସ,୨୩।୮**

ମହିଳାମାନେ ଅବଳା ଦୁର୍ବଳା ନୁହନ୍ତି। ସେମାନଙ୍କୁ ଯେ କୌଣସି ଦାୟିତ୍ୱ ଦେଲେ ତାକୁ ନିଷ୍ଠା ଏବଂ ସାହସର ସହ ତୁଲାଇପାରନ୍ତି। ଏହାକୁ ପ୍ରମାଣିତ କରିଦେଖାଇଛନ୍ତି ନୂଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ । ସୁନାବେଡା ଅଭୟାରଣ୍ୟସ୍ଥିତ ମାଓବାଦୀଙ୍କ ଗଡ଼ କୁହାଯାଉଥିବା ଭରୁଆମୁଣ୍ଡା ଗ୍ରାମପଞ୍ଚାୟତ କଟିଙ୍ଗପାଣି ଗାଁକୁ ଯାଇ ସେଠିକାର ଆଦିମ ଆଦିବାସୀଙ୍କ ଦୁଃଖଦୁର୍ଦ୍ଦଶା ବୁଲି ଦେଖିଛନ୍ତି। ସେଠାରେ ଲୋକଙ୍କ ସହ କିଛି ସମୟ କଟାଇ ସେମାନଙ୍କ ସମସ୍ୟା ବୁଝିଛନ୍ତି ।

ନୂଆପଡା ଜିଲା ତଥା ବ୍ଲକ ସଦର ମହକୁମାଠାରୁ ଦୀର୍ଘ ୩୦ କି.ମି. ଦୂର ଜଙ୍ଗଲ ଭିତରେ ଥିବା କଟିଙ୍ଗପାଣି ଗାଁରେ ରହୁଛନ୍ତି ମୋଟ ୧୨୦ ପରିବାର। ଏମାନଙ୍କ ମଧ୍ୟରେ ପହରିଆ, ଭୁଞ୍ଜିଆ, ଗଣ୍ଡ ସମ୍ପ୍ରଦାୟର ଲୋକଙ୍କ ବସତି ରହିଛି। ଲୋକମାନଙ୍କ କିଛି ଜଙ୍ଗଲ ଜମି ରହିଥିବା ବେଳେ ବର୍ଷର ଅନ୍ୟ ସମୟରେ ସେମାନେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପେଟ ପୋଷିଥାନ୍ତି । ସେମାନଙ୍କ ଶିକ୍ଷାଗତ ମାନ ଉନ୍ନତ ନୁହେଁ। କୌଣସି ରୋଜଗାର ପନ୍ଥା ନ ଥିବାରୁ ଅର୍ଦ୍ଧାଧିକ ଲୋକ ଭୋକ ଉପାସରେ ଦିନ କାଟିଥାନ୍ତି। ଏହି ଖବର ପାଇ ବ୍ଲକ ଅଧ୍ୟକ୍ଷା ସାହୁ ସବୁ ବାଧାକୁ ଅତିକ୍ରମ କରି ପାହାଡ ଚଢିବାକୁ ଅଣ୍ଟା ଭିଡିଥିଲେ। ସାଙ୍ଗରେ ସ୍ଥାନୀୟ ସରପଞ୍ଚ କାନ୍ତିଲାଲ ସାହୁ, ଧରମବନ୍ଧା ସମିତି ସଭ୍ୟା ଘୁନେଶ୍ୱରୀ ଦଣ୍ଡସେନାଙ୍କୁ ନେଇ ଗାଁରେ ପହଞ୍ଚିଥିଲେ । ଗ୍ରାମବାସୀ ପ୍ରଥମ ଥର ପାଇଁ ତାଙ୍କୁ ପାଇ ବାଜାବଜାଇ ଫୁଲ ଚନ୍ଦନରେ ସ୍ୱାଗତ କରି ପାଛୋଟି ନେଇଥିଲେ। ଅଧ୍ୟକ୍ଷା ସାହୁ ସାରା ଗାଁକୁ ଚାଲି ଚାଲି ବୁଲି ଦେଖିଥିଲେ। ଗାଁ ଲୋକଙ୍କ ଚାଷବାସ, ଘରଦ୍ୱାରକୁ ଗୋଟି ଗୋଟି କରି ଦେଖିଥିଲେ । ବିଶେଷ କରି ମହିଳାମାନଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ଅନ୍ୟପକ୍ଷେ ଆଦିବାସୀମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହୁଥିବା ଦେଖି ଦୁଃଖପ୍ରକାଶ କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ଲୋକମାନେ ଭୋକ ଉପାସରେ ଦିନ କାଟୁଛନ୍ତି । ଜରୁରୀକାଳୀନ ଭିତ୍ତିରେ ଏଠାରେ ବିଭିନ୍ନ ରୋଜଗାର ଭିତ୍ତିକ କାମ ଯୋଗାଇ ଦେବାକୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ କେତୋଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ହେଉଥିବା ଘରସବୁ ଦେଖିଥିଲେ । ଘରଗୁଡିକର ମାନ ଠିକ ନ ଥିବାରୁ ଏହାକୁ ଠିକ ଭାବେ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିବେ ବୋଲି କହିଛନ୍ତି । ବନବାସୀ ଆଦିବାସୀମାନଙ୍କ ସୁଖଦୁଃଖରେ ସେ ସବୁବେଳେ ସାଥୀରେ ଅଛନ୍ତି । ଯେକୌଣସି ସମସ୍ୟା ଥିଲେ ତାଙ୍କୁ ଜଣାଇବେ । ଏହା ଉପରେ ସେ ବ୍ଲକ ଏବଂ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦୀର୍ଘ ସମୟ ଧରି ଗାଁରେ ରହିବା ସହ ସ୍ଥାନୀୟ ବିଦ୍ୟାଳୟ ଗୃହରେ ଗ୍ରାମବାସୀଙ୍କ ସାଥିରେ ମଧ୍ୟାହ୍ନ ଭୋଜନ କରି ଘରକୁ ଫେରିଥିଲେ । ଆଗାମୀ ଦିନରେ ପୁଣି ଥରେ ସେ ଗାଁକୁ ଆସିବାକୁ ଗ୍ରାମବାସୀ ନିବେଦନ କରିଥିଲେ ।


କଟିଙ୍ଗପାଣି ଗାଁରେ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଏକ ପ୍ରଧାନମନ୍ତ୍ରୀ ଆବାସ ଘର ବୁଲି ଦେଖୁଛନ୍ତି ।

- **ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବୁଝିଲେ**
- **ପ୍ରଧାନମନ୍ତ୍ରୀ ଆବାସ ଦେଖିଲେ**




# ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ:ବାଳସୁଧାରଗୃହକୁ ଗଲେ ୨ ନାବାଳକ

**କନ୍ଧମାଳ,୨୩।୮(ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ଥାନା ଅନ୍ତର୍ଗତ ରେଘାମୁଣ୍ଡା ଗାଁରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗରେ ପୋଲିସ ଗୁରୁବାର ୨ ନାବାଳକଙ୍କୁ ଧରିଛି । ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୧୫୭/୧୮) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଦୁଇ ନାବାଳକଙ୍କୁ ପୋକ୍ସୋ ଆକ୍ଟ ବଳରେ ବାଳସୁଧାର ଗୃହକୁ ପଠାଯାଇଥିବା କନ୍ଧମାଳ ଆଇଆଇସି ନରେଶ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ପୋଲିସ ସୂଚନା ଅନୁସାରେ, ଗତ ୧୭ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ନାବାଳିକା ଜଣକ ରେଘାମୁଣ୍ଡା ଗାଁଠାରୁ ଅଧ କିଲୋମିଟର ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଉଥିଲେ । ଏହି ସମୟରେ ଉକ୍ତ ଗାଁର ୨ ନାବାଳକ ତାଙ୍କୁ ପ୍ରେମ ନିବେଦନ କରିଥିଲେ । ନାବାଳିକା ଜଣକ ମନା କରିବାରୁ ନାବାଳକ ଦ୍ୱୟ ଉକ୍ତ ନାବାଳିକାଙ୍କୁ ଜୋର୍‌ଜବରଦସ୍ତ ପୋଖରୀ ନିକଟସ୍ଥ ଏକ ନିଛାଟିଆ ବୁଦା ପାଖକୁ ଟେକି ନେଇ ବଳାତ୍କାର କରିଥିଲେ । ଏ ନେଇ ନାବାଳିକାଙ୍କ ପରିବାର ଲୋକେ ପ୍ରଥମେ ଘଣ୍ଟାପଡା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ କନ୍ଧମାଳ ଥାନାରେ ମାମଲା ରୁଜୁ କରି ପୀଡିତାଙ୍କୁ ଡାକ୍ତରୀ ମାଇନା ପାଇଁ ବୌଦ୍ଧ ପଠାଇଥିଲା ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ




### ୨୦୧୮ ବ୍ୟାଚ୍ କନିଷ୍ଠ ଶିକ୍ଷକଙ୍କ ଜିଲାସ୍ତରୀୟ ସଂଘ ଗଠିତ

**ଭବାନୀପାଟଣା,୨୩।୮(ଡି.ଏନ.ଏ.):** ସ୍ଥାନୀୟ ଅମଲା ଭବନଠାରେ କଳାହାଣ୍ଡି ଜିଲାର ୨୦୧୮ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜିଲାର ପ୍ରାୟ ୧୬୦୦ ଶିକ୍ଷକ ଯୋଗଦାନ କରି ଏକ ଶିକ୍ଷକ ସଂଘ ଗଠନ କରିଥିଲେ। ସର୍ବସମ୍ମତି କ୍ରମେ ବିନ୍ଦୁ ମହାନନ୍ଦ ଜିଲା ସଭାପତି, ସୁମନ ଅର୍ପିତ ପଣ୍ଡା ସାଧାରଣ ସମ୍ପାଦକ, ଦିପ୍ତୀକାନ୍ତ ରାଉତ ଯୁଗ୍ମ ସମ୍ପାଦକ ଏବଂ ଉପସଭାପତି ଭାବରେ ଭୋଜରାଜ ଦାଶ, ପ୍ରଦିପ୍ତ ନାଥ, ଆସୁତୋଶ ଆଚାର୍ଯ୍ୟ ମୋନୋନିତ ହୋଇଥିବା ବେଳେ କୋଷାଧକ୍ଷ ଭାବେ ହେମନ୍ତ ସାହୁ, ସ୍ନେହଲତା ପାଢ଼ି ଜିଲା ମହିଳା ସଂଯୋଜକ ଓ ପୁରୁଷ ସଂଯୋଜକ ଭାବେ ପିଣ୍ଟୁ କୁମାର ରାଉତ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବରେ ବରିଷ୍ଠ ସୂଚନା ଅଧିକାର କର୍ମୀ ଅଞ୍ଜନ କୁମାର ରଥ ଏବଂ ଏମ.ଏନ. ପଦ୍ମଲୋଚନ ମନୋନୀତ ହୋଇଛନ୍ତି।

### ନରସିଂହପୁରରେ ବାଘ ଆତଙ୍କ: ଅଳ୍ପକେ ବର୍ତ୍ତିଲେ ମଇଁଷି ଜଗୁଆଳ

**ନରସିଂହପୁର ୨୩। ୮(ସ୍ୱ.ପ୍ର.):** ନରସିଂହପୁର ବ୍ଲକର ଜିଲିଣ୍ଡା ପ୍ରଗଣା ଅଞ୍ଚଳକୁ ଲାଗିରହିଥିବା ସାତକୋଶିଆ ଅଭୟାରଣ୍ୟରେ ବାଘ ଆତଙ୍କ ଯୋଗୁ ନରସିଂହପୁରବାସୀ ଭୟଭୀତ ହୋଇପଡିଛନ୍ତି। ସାତକୋଶିଆ ଅଭୟାରଣ୍ୟ ଅଧୀନ ଜିଲିଣ୍ଡା ରେଞ୍ଜ ଅନ୍ତର୍ଗତ ଜଙ୍ଗଲରୁ ଗୁରୁବାର ଜଣେ ବ୍ୟକ୍ତି ବାଘ ମୁହଁରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ରେଗେଡା ଗ୍ରାମର ମଇଁଷି ଜଗୁଆଳ ଅଖିଳ ବେହେରା। ଅଖିଳ ଜିଲିଣ୍ଡା ରେଞ୍ଜର ବାଙ୍କଧର ଗ୍ରାମ ନିକଟ ଜଙ୍ଗଲରେ ମଇଁଷି ଗୋଠ କରିଛନ୍ତି। ସେ ସକାଳ ପ୍ରାୟ ୭ଟା ବେଳେ ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏକ ବାଘ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଅଖିଳ ଧରିଥିବା କୁରାଢ଼ିରେ ବାଘକୁ ପ୍ରତିଆକ୍ରମଣ କରିଥିଲେ। କୁରାଢ଼ି ଚୋଟ ବାଘ ଦେହରେ ବାଜିବାରୁ ସେ କିଛି ଦୂରକୁ ଘୁଞ୍ଚି ଯାଇଥିଲା। ଅଖିଳ କୌଶଳ କ୍ରମେ ଜଙ୍ଗଲରୁ ବାହାରକୁ ଚାଲିଆସିଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଅନୁଗୋଳ ଓ ଜିଲିଣ୍ଡା ବନ୍ୟପ୍ରାଣୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ବାଘର ଗତିବିଧି ଲକ୍ଷ୍ୟ କରିବା ପାଇଁ କର୍ମଚାରୀ ମୁତୟନ କରାଯାଇଛି ବୋଲି ଜିଲିଣ୍ଡା ବନ୍ୟପ୍ରାଣୀ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଧାନ ନେଇ ମିଲର ଛୁ

**ସୋନପୁର,୨୩।୮(ନି.ପ୍ର.)**

ଭରସାରେ ମିଲରକୁ ଧାନ ଦେଇଥିଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଓ ବେହେରାମାଲ ପଞ୍ଚାୟତର ଚାଷୀ। ବର୍ଷାକୁ ଦେଖି ପାଚିଲା ଧାନ ଓଦା ହୋଇଯିବା ଭୟରେ ଚାଷୀମାନେ ତରତର ହୋଇ ଡୁଙ୍ଗୁରିପାଲି ବ୍ଲକ ପିପିଲିପାଲିସ୍ଥିତ ଇନ୍ଦୁରେଖା ରାଇସ୍ ମିଲର୍ସଙ୍କୁ ରବି ଧାନ ଦେଇଥିଲେ। ମିଲର୍ସ କିନ୍ତୁ ଚାଷୀଙ୍କୁ ଠକିଦେଲେ। ୩୨୦୦କୁଇଣ୍ଟାଲ ଧାନ ମିଲିଂ କରି ବାହାରେ ବିକ୍ରିକଲେ, କିନ୍ତୁ ଚାଷୀଙ୍କୁ ଟଙ୍କା ଦେଲେନି। ୪୮ଜଣ ଚାଷୀ ଧାନ ବିକ୍ରି ଟଙ୍କା ପାଇବା ପାଇଁ ସମ୍ବଲପୁରସ୍ଥିତ ମିଲରଙ୍କ ଘର ଓ ମିଲ୍‌କୁ ଧାଇଁଧାଇଁ ନୟାନ୍ତ। ମିଲର୍ସ କିନ୍ତୁ ଧରାଛୁଆଁ ଦେଉନାହାନ୍ତି। ମିଲ୍‌କୁ ଆଉ ଆସୁନାହାନ୍ତି। ଠକାମିର ଶିକାର ହୋଇଥିବା ଚାଷୀ ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର କିଛି ଲାଭ ହୋଇନି। ଗୁରୁବାର ପୁଣି ସୋନପୁର ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ।

ଚାଷୀ ନିଜର ଉତ୍ପାଦିତ ବଳକା ଧାନକୁ ପ୍ୟାକ୍ସ ମାଧ୍ୟମରେ ସରକାରଙ୍କୁ ବିକ୍ରି କରିବା କଥା। ହେଲେ ଧାନ ଅମଳ ସମୟରେ ଗତ ମେ ଓ ଜୁନ୍ ମାସରେ ଇନ୍ଦୁରେଖା ରାଇସ୍ ମିଲର ମାଲିକ ସମଲେଇଚୁଆଁ ଓ ବେହେରାମାଲ ପଞ୍ଚାୟତର ଅଇଁଲାସାରି, ସମଲେଇଚୁଆଁ, ପିପିଲିପାଲି, ତିତେରକୁନ ଓ ସାଲେପାଲି ଗ୍ରାମକୁ ଯାଇ ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ମିଲ୍‌କୁ ନେଇ ଆସିଥିଲେ। ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳିଲେ କାଗଜପତ୍ର କରାଯିବ ନଚେତ୍ ନଗଦ ଟଙ୍କା ଚାଷୀଙ୍କୁ ଦେବେ ବୋଲି ମିଲର୍ସ ପ୍ରତିଶ୍ରୁତି ଦେଇଥିଲେ। ଗତ ଖରିଫରେ ଏହି ରାଇସ୍ ମିଲ୍ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲା। କିନ୍ତୁ ଧାର୍ଯ୍ୟ ସମୟରେ ୧୦୦ପ୍ରତିଶତ ଚାଉଳ ପ୍ରଦାନ କରି ନଥିବାରୁ ଗତ ରବିରେ ଏହି ମିଲ୍‌କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇନି। ଅନ୍ୟପକ୍ଷେ ଏହି ମିଲ୍ ଚଞ୍ଚକତା କରି ଚାଷୀଙ୍କଠାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଧାନ ଠକି ନେଇଥିବା ଅଭିଯୋଗ ହୋଇଛି। ଗତ ୧୩ତାରିଖରେ ଡୁଙ୍ଗୁରିପାଲି ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ସମୟରେ ଚାଷୀମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଯୋଗାଣ ବିଭାଗ ସମ୍ପୃକ୍ତ ମିଲର୍ସଙ୍କୁ ନୋଟିସ ଜାରି କରିଛି। ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଏଯାଏଁ ମିଳିନି। ଗୁରୁବାର ଏହି ଚାଷୀମାନେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ମହାପାତ୍ର, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ମେଣ୍ଡଲି ଓ ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ରପ୍ରସାଦ ମହଲାଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲେ। ଚାଷୀଙ୍କ ଦୁଃଖ ସମୟରେ ପ୍ରଶାସନ ସହାୟତା କରିବାକୁ ଅନୁରୋଧ କରିଥିଲେ। ଚାଷୀ କିଭଳି ଧାନ ବିକ୍ରି ଟଙ୍କା ପାଇବେ ସେ ଦିଗରେ ଯୋଗାଣ ବିଭାଗ ମିଲର୍ସଙ୍କ ସହିତ ଯୋଗାଯୋଗରେ ଅଛି। ପ୍ରଶାସନ ଏ ଦିଗରେ ଯଥାସାଧ୍ୟ ଉଦ୍ୟମ କରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସହକାରୀ ଜିଲା ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି କୁହନ୍ତି ମେ ୧୧ ତାରିଖଠାରୁ ଜିଲାରେ ରବି ଧାନ କିଣା ଆରମ୍ଭ ହୋଇଥିଲା। ଚାଷୀ ପ୍ୟାକ୍ସରେ ଧାନ ବିକ୍ରି ନ କରି ସିଧାସଳଖ ମିଲ୍‌କୁ ଧାନ ଦେଇଛନ୍ତି। ଏହି ମିଲ୍ ଧାନ ସଂଗ୍ରହରେ ସାମିଲ ହୋଇନି। ତଥାପି ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ କିଭଳି ଟଙ୍କା ପାଇ ପାରିବେ ଆମେ ଉଦ୍ୟମ କରୁଛୁ। ଚାଷୀ ଶିବ ପଧାନ, ଅମରେଶ ପଧାନ, ବୃନ୍ଦାବନ ତରିଆ, ହେମରାଜ ପଧାନ, ପ୍ରଶାନ୍ତ ଖମାରୀ, ସୌରଭ ପଧାନ, ଶୁକଦେବ ନାଏକ, ଚନ୍ଦ୍ରଭାନୁ ପଧାନ, ପିଅନ ପଧାନ, ଅରବିନ୍ଦ ସାହୁ ଓ ସୁବଳ ପଧାନ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସିଥିଲେ।



ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

**ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ**
- ନେଇଥିବା ଧାନର ପରିମାଣ ୩୨୦୦କୁଇଣ୍ଟାଲ
- ଟଙ୍କା ନ ପାଇ ଚାଷୀ ବାରଦୁଆର
- ଧାନବିକ୍ରି ଟଙ୍କା ପାଇବା ଦିଗରେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି

### ୮୦ କେଜି ଓଜନର ଭୋଦ ମାଛ ଉଦ୍ଧାର

**ଭବାନୀପାଟଣା,୨୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ପ୍ରକଳ୍ପ ମଙ୍ଗଳପୁର ବ୍ୟାରେଜରୁ ବୁଧବାର ଜଳସେଚନ ପାଇଁ କେନାଲରେ ପାଣିଛଡା ଯାଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳପୁର ବ୍ୟାରେଜରୁ ହାତୀନଦୀକୁ ଛଡାଯାଉଥିବା ପାଣି ବନ୍ଦ କରାଯାଇଥିଲା । ବ୍ୟାରେଜରୁ ହାତୀନଦୀକୁ ପାଣି ଯିବା ବନ୍ଦ ହେବା ପରେ ପାଣି କମିଯାଇଥିଲା । ମଙ୍ଗଳପୁର ବ୍ୟାରେଜ ତଳେ ହାତୀନଦୀରୁ ଏକ ୮୦କେଜି ଓଜନର ଭୋଦ ମାଛ ଗ୍ରାମବାସୀ ଧରିଛନ୍ତି । ଏତେବଡ ମାଛ ଦେଖିବା ପାଇଁ ମଙ୍ଗଳପୁର ବ୍ୟାରେଜ ନିକଟରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ, ପାଣି କମିବା ପରେ ହାତୀନଦୀରୁ ଏହି ଭଳି ବଡବଡ ବାଳିଆ ଓ ଭୋଦ ମାଛ ମିଳିଥାଏ । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳପୁର ବ୍ୟାରେଜରୁ ୫ଟି ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା । ତେବେ ପରିସ୍ଥିତି ସ୍ୱାଭାବିକ ହେବା ପରେ ବୁଧବାର ଜଳସେଚନ ନିମନ୍ତେ ମଙ୍ଗଳପୁର ବ୍ୟାରେଜରୁ ଜଳ ସେଚନ ପାଇଁ କେନାଲରେ ପାଣି ଛଡାଯାଇଥିଲା ।

### ଗୁଡଭେଲା ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ୱପ୍ନ

**ଗୁଡଭେଲା,୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଆଜି ପର୍ଯ୍ୟନ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିନାହିଁ। ଫଳରେ ଏହି ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ଏହାର ସୁଯୋଗରୁ ବଞ୍ଚିତ ହେଉଛନ୍ତି । ୨୦୧୪-୧୫ ଶିକ୍ଷା ବର୍ଷରେ ସରକାର ରାଜ୍ୟର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଶତାଧିକ ବିଦ୍ୟାଳୟ ଖୋଲା ଯାଇଥିବା ବେଳେ ଡାହିମାଳଠାରେ ଜମି ଚିହ୍ନଟ ହୋଇ ସାରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଆଉ କିଛି କାମ ଅଗ୍ରଗତି ହୋଇପାରି ନାହିଁ। ଫଳରେ ପ୍ରତି ବର୍ଷ ୫୦ରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରୀ ଛାତ୍ର ଏହି ସୁଯୋଗ ହରାଉଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ କହିଛନ୍ତି ଯେ, ଜମି ଚିହ୍ନଟ ପରେ ଟେଣ୍ଡର ହୋଇଯାଇଛି। ଖୁବଶୀଘ୍ର କାର୍ଯ୍ୟ ବି ଆରମ୍ଭ ହୋଇଯିବ ବୋଲି କହିଥିଲେ।

## ନିର୍ମାଣାଧୀନ ଗ୍ରୀଡ୍ ଷ୍ଟେଶନରୁ ଚୋରି

**ବୀରମହାରାଜପୁର, ୨୩।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ) ଦ୍ୱାରା ନିର୍ମାଣାଧୀନ ୧୩୨/୩୩କେଭି ଗ୍ରୀଡଷ୍ଟେଶନରୁ ବଡଧରଣର ଚୋରି ହୋଇଥିବା ପୋଲିସରେ ଅଭିଯୋଗ ହୋଇଛି। ବୀରମହାରାଜପୁର ଥାନାରେ ରୁଜୁ ହୋଇଥିବା ଏ ସଂକ୍ରାନ୍ତୀୟ ମାମଲା (ନଂ୧୧୭/୧୮)ର ତନାଘନା ତଦନ୍ତ ଜାରି ରହିଥିଲେ ସୁଦ୍ଧା ଅଦ୍ୟାବଧି ସୁରାକ ମିଳିପାରିନାହିଁ। ଏତଲା ଅନୁସାରେ ବୀରମହାରାଜପୁର ଥାନାଠାରୁ ପ୍ରାୟ ୨କି.ମି. ଦୂର ରାଣୀପୁର ମୌଜାରେ ସ୍ଥାପିତ ହୋଇଥିବା ଗ୍ରୀଡ ଷ୍ଟେଶନ ପରିସରରୁ ୬ଟି କେନ୍ଦ୍ରରେ ଗୁଡା ହୋଇଥିବା ୧୦ଲକ୍ଷ ଟଙ୍କାର କେବୁଲ ତାର ମଙ୍ଗଳବାର ରାତିରେ ଗାଏବ ହୋଇଛି। ଏ ନେଇ ସାଇଟ ଇନଚାର୍ଜ ଓମ ପ୍ରକାଶ ମିଶ୍ର ବୁଧବାର ରିପୋର୍ଟ କରିଥିଲେ।ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଜିଲା ପ୍ରଶାସନ ନିକଟରେ କଣ୍ଟ ଦେଇଛି। ଏପରିସ୍ଥଳେ ଓପିଟିସିଏଲ କର୍ତ୍ତୃପକ୍ଷଙ୍କ ପାଇଁ ମୂଲ୍ୟବାନ ସାମଗ୍ରୀ ଚୋରି ଯିବା ଘଟଣା ଚିନ୍ତା ବଢାଇ ଦେଇଥିବାବେଳେ ସୁରକ୍ଷା ବଳୟ ମଧ୍ୟରେ ଥିବା ସାମଗ୍ରୀ ଚୋରି ଯିବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଥାନାରେ ସଦ୍ୟ ଯୋଗ ଦେଇଥିବା ସବଇନ୍ସପେକ୍ଟର ସୁବ୍ରତ କୁମାର ପାଣିଗ୍ରାହୀ ଏହାର ତଦନ୍ତ ଭାର ଗ୍ରହଣ କରିଛନ୍ତି । ସନ୍ଦେହରେ ସ୍ଥାନୀୟ କେତେକ ଯୁବକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି।



**ବୀରମହାରାଜପୁର ଥାନା**
- ୧୦ଲକ୍ଷ ଟଙ୍କା ମୂଲ୍ୟର କେବୁଲ ବଣ୍ଡଲ ଉଭାନ
- ପୋଲିସର ତନାଘନା
- ଦିନକ ପରେ ବି ମିଳିନି ସୁରାକ

## ପାର୍କିଂ ଫି' ଆଦାୟକୁ ନେଇ ବଢୁଛି ଅସନ୍ତୋଷ

**ସୋନପୁର,୨୩।୮(ନି.ପ୍ର.)**

ସୁବର୍ଣ୍ଣପୁର ସହରର ନଳିନୀ ଛକଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ରାସ୍ତାରେ ଛିଡା ହୋଇଥିବା ଯାନବାହାନରୁ ପାର୍କିଂ ଫି ଆଦାୟ କରିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଟେଣ୍ଡର ଦିଆଯାଇଛି। ତେବେ ଏହି ଟେଣ୍ଡର ଫି ଆଦାୟକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍କିଂ ଫି ଜୋନ ଭାବେ କୌଣସି ସ୍ଥାନରେ ସୂଚନା ଦିଆଯାଇନି। କିନ୍ତୁ ଟେଣ୍ଡର ନେଇଥିବା ବ୍ୟକ୍ତି ସାରା ସହରରେ ବେଆଇନ ଭାବେ ବସ୍, ଟ୍ରକ୍ ଓ କାର୍ ଠାରୁ ପାର୍କିଂ ଫି ଆଦାୟ କରାଯାଉଛି। ଗୁରୁବାର ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ନାଗରିକ ଲକ୍ଷ୍ମୀନାରାୟଣ ମେହେର ନିଜ ପରିବାର ସହିତ କାର୍ ଯୋଗେ ସୁବର୍ଣ୍ଣମେରୁ ଶୈବ ମନ୍ଦିରକୁ ଯାଉଥିଲେ । ରାସ୍ତାରେ କେତେକ ଯୁବକ ତାଙ୍କ କାରକୁ ଅଟକାଇ ପାର୍କିଂ ଫି ବାବଦକୁ ୩୦ ଟଙ୍କା ମାଗିଥିଲେ। ମେହେର ଏହି ଫି କୋଉଥି ପାଇଁ ବୋଲି ପଚାରିବାରୁ ଆମେ ୩ଲକ୍ଷ ଟଙ୍କାରେ ମ୍ୟୁନିସିପାଲିଟିରୁ ଟେଣ୍ଡର ପାଇଛୁ, ଟଙ୍କା ଆଦାୟ କରିବୁ ବୋଲି କହିଥିଲେ। ଏହା ବେଆଇନ ବୋଲି ସେ କହିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ ମେହେର ମ୍ୟୁନିସିପାଲିଟି ଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ମଧ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ମଧରେ ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡର ହୋଇଥିଲା। ସହଦେବ କୁଶଳ ଏହି ଟେଣ୍ଡର ପାଇଛନ୍ତି । ଧାର୍ଯ୍ୟ ସୀମା ବାହାରେ ବେଆଇନ ଭାବେ ଫି ଆଦାୟ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଚାର କରାଯିବ ବୋଲି ଇଓ କହିଛନ୍ତି।

### ପଞ୍ଚାୟତ ସମ୍ବନ୍ଧୀୟ ଆବଶ୍ୟକ ଭିତ୍ତିକ କର୍ମଶାଳା

**କର୍ଲାମୁଣ୍ଡା,୨୩।୮(ଡି.ଏନ.ଏ.)**

ଦୁଇ ଦିନିଆ ଜୀବନ ଜୀବିକା ଓ ପଞ୍ଚାୟତ ସମ୍ବନ୍ଧୀୟ ଆବଶ୍ୟକ ଭିତ୍ତିକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ ହଙ୍ଗର ପ୍ରୋଜେକ୍ଟର ରାଜ୍ୟ ସଂଯୋଜକ ସୁକାନ୍ତ ମହାପାତ୍ର, ଦାପ୍ତା ପ୍ରକଳ୍ପ ସଂଯୋଜକ ତ୍ରିଭୁବନ ପୂଝାରୀ, ବ୍ଲକ ସଂଯୋଜକ ସୁବାଷ ପଧାନ ଯୋଗଦେଇ ସମ୍ବଳ ଚିହ୍ନଟ ଓ ଲୋକେ ଗରୀବ କାହିଁକି ଏଥିପାଇଁ ପଞ୍ଚାୟତରେ କ'ଣ ସବୁ ବ୍ୟବସ୍ଥା ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ଫାର କର୍ଲାମୁଣ୍ଡା ଆୟୋଜନରେ ସହଯୋଗ କରିଥିଲେ। ଦ୍ୱିତୀୟ ଦିବସ କର୍ମଶାଳାରେ ସାଧନକର୍ମୀ ଭାବେ ଫିରୋଜ ଦାସ ଯୋଗଦେଇ ପ୍ରାଣୀ ସମ୍ପଦ ସୁରକ୍ଷା ଉପରେ କହିଥିଲେ। ଦାପ୍ତା ସଂସ୍ଥା ଓ ଦ ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ ପକ୍ଷରୁ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

## ଶ୍ରୀନିବାସ ଉଦ୍‌ଗାତା ପାଇବେ ଗଙ୍ଗାଧର ସାରସ୍ୱତ ସମ୍ମାନ

**ଡ. ରଞ୍ଜନା ସାହୁଙ୍କୁ ପ୍ରତିଭା ସମ୍ମାନ**

**ବଲାଙ୍ଗୀର ଅଫିସ, ୨୩।୮**

ଓଡିଆ ଓ ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି, ସାହିତ୍ୟିକ ଓ ଅନୁବାଦକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନ-୨୦୧୮ ପ୍ରଦାନ କରାଯିବ । କବିଙ୍କ ଜନ୍ମଭୂମି ବରପାଲିସ୍ଥିତ ଗଙ୍ଗାଧର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଗଙ୍ଗାଧର ଜୟନ୍ତର ଅବସରରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଥାଏ । ଚଳିତବର୍ଷ ଡ ଉଦ୍‌ଗାତାଙ୍କୁ ଏଥିସକାଶେ ମନୋନୀତ କରାଯାଇଛି । ଡ ଉଦ୍‌ଗାତା ଗଙ୍ଗାଧର ସାହିତ୍ୟର ଜଣେ ବିଦଗ୍ଧ ପଣ୍ଡିତ । ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ପରିଷଦ ତରଫରୁ କୁହାଯାଇଛି । ସେହିପରି ଚଳିତବର୍ଷର ଗଙ୍ଗାଧର ପ୍ରତିଭା ସମ୍ମାନ ସାହିତ୍ୟିକା ଡ ରଞ୍ଜନା ସାହୁ (ବାରିକ)ଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଡ ସାହୁ ମୈଥିଳୀ ଶରଣ ଗୁପ୍ତ ଓ ଗଙ୍ଗାଧର ମେହେର ସାହିତ୍ୟରେ ଇତିବୃତ୍ତାତ୍ମକତା: ଏକ ତୁଳନାତ୍ମକ ଅଧ୍ୟୟନ ବିଷୟ ନିବନ୍ଧ ରଚନା କରି ଡକ୍ଟରେଟ୍ ଉପାଧି ପାଇଥିବାରୁ ତାଙ୍କ ଗଙ୍ଗାଧର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ଆସନ୍ତା ୨୬ତାରିଖ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଦିନ କବିତୀର୍ଥ ବରପାଲିସ୍ଥିତ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ଡ ଉଦ୍‌ଗାତା ଓ ଡ ସାହୁଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଗଙ୍ଗାଧର ସାହିତ୍ୟ ପରିଷଦ ସମ୍ପାଦକ ଡ ଶୁକ୍ରମୁନି ମେହେର ସୂଚନା ପ୍ରଦାନ କରିଛନ୍ତି।



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା।



ଡ. ରଞ୍ଜନା ସାହୁ (ବାରିକ)।

■ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ

## ହଜାରେ ଟଙ୍କା ଦେଇ ପୁଅକୁ ନେଇଗଲେ

**କେନ୍ଦୁଝର/ରାଇସୁଆଁ, ୨୩।୮(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହୋଇଥିବା ଶିଶୁପୁତ୍ରଙ୍କୁ ଗୁରୁବାର ସ୍ଥାନୀୟ ପୁରୁଣା ସହରର ଜଣେ ମହିଳାଙ୍କୁ ଏକ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଶିଶୁ ସୁରକ୍ଷା କମିଟି ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶିଶୁ ୱାର୍ଡର ଏସ୍ଏନ୍‌ସିୟୁରେ ଭର୍ତ୍ତି କରିଥିଲା। ଚିକିତ୍ସାଳୟର ଜଣେ କର୍ମଚାରୀଙ୍କ ମରାମର୍ଶରେ ଶିଶୁଙ୍କୁ ବିକ୍ରି କରିଥିବା ଚର୍ଚ୍ଚା ହେଉଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତର ଜଣେ ଜୁଆଙ୍ଗ ମହିଳା ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ବୁଧବାର ଡାକ୍ତରଖାନାରୁ ମା'ଙ୍କ ସହ ଶିଶୁପୁତ୍ର କୁଆଡେ ଚାଲି ଯାଇଥିଲେ। ପରେ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ସହାୟତାରେ ପୁରୁଣା ସହରରେ ରହୁଥିବା ଜଣେ ମହିଳା ଟଙ୍କା ଦେଇ ଶିଶୁଙ୍କୁ କିଣିଥିଲେ। ଟଙ୍କା ଲୋଭରେ ଏଭଳି ଘଟଣା ଘଟିଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅଭାବ ଅନଟନ ଯୋଗୁଁ ଜିଲାର ପୁରାତନ ଜନଜାତି ଜୁଆଙ୍ଗ ଶିଶୁଙ୍କୁ ବିକ୍ରି କରିବା ଭଳି ଅଭିଯୋଗ ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି।

ଏ ନେଇ ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ଖବର ପାଇବା ପରେ ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁ କିଣାବିକା ଘଟଣାରେ ଅର୍ଥ କାରବାର ହୋଇଛି। କିଣାବିକା ହୋଇ ନ ଥିବା ଶିଶୁଙ୍କୁ ରଖିଥିବା ମହିଳା ଜଣଙ୍କ କହୁଛନ୍ତି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ଏ ନେଇ ତଦନ୍ତ ପାଇଁ ଥାନାରେ ରିପୋର୍ଟ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜନ୍ମ ଦେଇଥିବା ଜୁଆଙ୍ଗ ମହିଳା ଅଭିଯୋଗ କରିଛନ୍ତି ଯେ, ଏକ ଶାଢ଼ି ଓ ୧ ହଜାର ଟଙ୍କା ଦେଇ ଶିଶୁଙ୍କୁ ନେଇ ଭଣ୍ଡେଇ ଦେଲେ। ପରେ ଟଙ୍କା ଫେରାଇ ନିଜ ଶିଶୁଙ୍କୁ ନେବାକୁ ପାଇଁ ସେ କହିଥିଲେ। ଅନ୍ୟପଟେ ଶିଶୁଙ୍କୁ ରଖିଥିବା ମହିଳାଙ୍କୁ ପଚାରିବାରୁ ପିଲାଟିକୁ ରଖିବାକୁ ତାର ମା' ଅନିଚ୍ଛା ପ୍ରକାଶ କରିଥିଲେ। ଚିକିତ୍ସାଳୟର ଜଣେ ଦିଦି କହିବାରୁ ନିଃସନ୍ତାନ ଥିବାରୁ ରଖିଦେଇଥିଲି ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ପଚାରିବାରୁ ଏହାର ତଦନ୍ତ ଶିଶୁ ସୁରକ୍ଷା କମିଟି କରୁଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଶିଶୁ ମଙ୍ଗଳ କମିଟି କିପରି ଜାଣିପାରିଲା ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି। ଟଙ୍କା ଲୋଭରେ ଏଭଳି ଆଗରୁ ବହୁ ଶିଶୁଙ୍କୁ ଚିକିତ୍ସାଳୟର କେତେଜଣ ଦିଦି ନେଇ ବିକ୍ରି କରିଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।



## ଜେଏସ୍‌ପିଏଲ୍‌ରୁ ସ୍କ୍ରାପ୍ ଚାଲାଣକୁ ପୁଣି ବିରୋଧ

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ଦୁର୍ଲଗାଠାରେ ଥିବା ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ରୁ ସ୍କ୍ରାପ୍ ଚାଲାଣକୁ କେନ୍ଦ୍ରକରି ଗୁରୁବାର ପୁଣି ଉତ୍ତେଜନା ଦେଖାଦେଇଛି। ତ୍ରିପାକ୍ଷିକ ଆଲୋଚନା ନ ହେବା ଯାଏ ସ୍କ୍ରାପ୍ ଚାଲାଣ ବନ୍ଦ ରହିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ହେଲେ ସ୍କ୍ରାପ୍ ଚାଲାଣକାରୀ କମ୍ପାନୀ ଚାଲାଣ ପାଇଁ ଉଦ୍ୟମ କରୁଥିବାରୁ ଗୁରୁବର ପୁଣିଥରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ଦାବିରେ କାରଖାନା କର୍ମଚାରୀ ସ୍କ୍ରାପ୍ ଚାଲାଣକାରୀ ସଂସ୍ଥା ର୍ୟାକ୍ ସ୍ୱଞ୍ଜ ଆଣ୍ଡ ପାୱାର ଲିମିଟେଡ୍‌କୁ ଅଗଷ୍ଟ ୧୪ରେ ବିରୋଧ କରିଥିଲେ। ଦିନତମାମ କାରଖାନା ସମ୍ମୁଖରେ ଉତ୍ତେଜନା ଲାଗିରହିବା ପରେ ୧୫ ତାରିଖ ବିଳମ୍ବିତ ରାତିରେ ସ୍କ୍ରାପ୍ ଚାଲାଣ ରଦ୍ଦ କରାଯାଇଥିଲା। ତହସିଲଦାର ବି.କେ. ପାଣ୍ଡେ କାରଖାନାରୁ ସ୍କ୍ରାପ୍ ଚାଲାଣ ବନ୍ଦ କରିବାକୁ ସାମୟିକ ନିଷ୍ପତ୍ତି ନେଇଥିଲେ।

## ଲଗାଣ ବର୍ଷା ପରେ ଆଗେଇଲା ଚାଷକାମ

**ଖପ୍ରାଖୋଲ, ୨୩।୮(ଡ.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତବର୍ଷ କମ୍ ବୃଷ୍ଟିପାତ ଯୋଗୁଁ ମରୁଡି ପରିସ୍ଥିତି ଦେଖାଦେଇଥିଲା। ଚଳିତ ବର୍ଷ ଚାଷ ଅରମ୍ଭରୁ ଭଲ ବର୍ଷା ଚାଷୀଙ୍କୁ ଉତ୍ସାହିତ କରିଛି। ଯାହା ଫଳରେ ଚାଷୀ ଧାନବୁଣା, ତଳି ପକା ଆଦି କାମ ଠିକ୍ ସମୟରେ କରିଥିଲେ ବି ମଝିରେ କମ୍ ବୃଷ୍ଟିପାତ ଯୋଗୁଁ ବେଉଷଣ ଓ ତଳି ରୁଆ କାମ ପ୍ରଭାବିତ ହୋଇଥିଲା। ହେଲେ ଗତ ସପ୍ତାହର ଲଗାଣ ବର୍ଷା ଅଞ୍ଚଳର ଚାଷୀଙ୍କୁ ଉତ୍ସାହିତ କରିଛି। ଯାହା ଫଳରେ ବାକି ଥିବା ବେଉଷଣ ଓ ପହ୍ଲାରୁଆ କାମ ଜୋରସୋରରେ ଚାଲିଛି । ଢିପ ଜମି, ମଧ୍ୟମ କିସମ ଜମି ହେଉ କି ଗହିରି ବିଲ ସବୁଠି ବେଉଷଣ ଓ ଧାନ ତଳି ଲଗା କାମ ଦେଖିବାକୁ ମିଳିଛି । ବ୍ଲକରେ ୨୧ଟି ପଞ୍ଚାୟତରେ ୧୩୩ଖଣ୍ଡ ଗାଁ ଥିବାବେଳେ ମୋଟ ୨୯ହଜାର ହେକ୍ଟର ଚାଷ ଜମି ରହିଛି । ଚଳିତ ବର୍ଷ ୧୩ ହଜାର ୭ଶହ ହେକ୍ଟର ଜମିରେ ଧାନ ଏବଂ ୭ ହଜାର ୫ଶହ ହେକ୍ଟର ଜମିରେ କପା ଚାଷ ପାଇଁ କୃଷି ବିଭାଗ ଲକ୍ଷ ଧାର୍ଯ୍ୟ କରିଛି । ଏ ନେଇ ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ଚଳିତ ବର୍ଷ ଜୁଲାଇରେ କମ୍ ବର୍ଷା ହୋଇଥିବାବେଳେ ଅଗଷ୍ଟ ମାସରେ ଭଲ ବର୍ଷା ଯୋଗୁଁ ପ୍ରାୟ ୯୦ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ ଜମିରେ ଧାନ ଚାଷ ହୋଇଛି। ଆଉ ଅଳ୍ପ ବର୍ଷା ହେଲେ ବାକି ୧୦ପ୍ରତିଶତ ଜମିରେ ଧାନ ବେଉଷଣ ଓ ତଳି ଲଗା କାମ ଚାଷୀ କରିପାରିବେ ବୋଲି ସେ କହିଛନ୍ତି।



ଖପ୍ରାଖୋଲରେ ପହ୍ଲାରୁଆ କାମ ଚାଲିଛି।



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

## ସଂକ୍ଷେପରେ

### ଝୁଲଣ ଯାତ୍ରା ସମାପନ

**ପଦ୍ମପୁର, ୨୩।୮ (ଡି.ଏନ.ଏ):** ପଦ୍ମପୁର ବୁବୁଡା ଗ୍ରାମରେ ଝୁଲଣ ଯାତ୍ରା ବୁଧବାର ସମାପନ ହୋଇଛି । ଏହି ଅବସରରେ ଆୟୋଜିତ ରାଧାକୃଷ୍ଣଙ୍କ ରଥଟଣାରେ ଅନେକ ମହିଳା ପୁରୁଷ ସାମିଲ ହୋଇଥିଲେ । ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବିରେନ ଦାଶ, ପରମେଶ୍ୱର ଦାଶ, କଏଁରୁ ବୁଡେକ, ପ୍ରଫୁଲ୍ଲ ବୁଡେକ, ପୁଞ୍ଜି ବରିହା, ସୁରେନ୍ଦ୍ର ମେହେରେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସମ୍ବଲପୁରୀ ବସ୍ତ୍ରାଳୟ କର୍ମଚାରୀଙ୍କ ଦେହାନ୍ତ

**ବରଗଡ଼ ଅଫିସ୍, ୨୩।୮:** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ପଞ୍ଚାୟତ ନିକଟ ଡୁମ୍ବେରପାଲି ଗ୍ରାମର ଶରତ କୁମାର ରଥଙ୍କ ପରଲୋକ ଘଟିଛି। ତାଙ୍କୁ ୫୨ବର୍ଷ ହୋଇଥିଲା । ସେ ସମ୍ବଲପୁରୀ ବସ୍ତ୍ରାଳୟରେ କାର୍ଯ୍ୟରତ ଥିଲେ । ଗତ କିଛିଦିନ ତଳେ ସେ ହୃଦ୍‌ଘାତରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏବଂ ପରେ ବାଙ୍ଗାଲୋରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ବାଙ୍ଗାଲୋରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା । ଗ୍ରାମକୁ ଶବ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ ଏବଂ ଗ୍ରାମର ବଞ୍ଜାରୀ ନାଳକୂଳରେ ତାଙ୍କ ଶବଦାହ କରାଯାଇଥିଲା । ପୁଅ ଚିରଞ୍ଜିବୀ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ରଥଙ୍କ ପରଲୋକରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, ପରିଚାଳନା ନିର୍ଦ୍ଦେଶକ ଦଶରଥ ନନ୍ଦ, ସମ୍ପାଦକ ହେମନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଭାସ ରଞ୍ଜନ ମହଲା ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

### କୁଳଦୀପ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍, ୨୩।୮:** ବରିଷ୍ଠ ସାମ୍ବାଦିକ କୁଳଦୀପ ନାୟାରଙ୍କ ପରଲୋକରେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ଯୋଗଦେଇ ସ୍ୱର୍ଗତ ନାୟାରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବରଗଡ଼ ଲୋକସଭା ଏମ୍‌ପି ଡଃ ପ୍ରଭାସ ସିଂ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ ହୋଇ ସ୍ୱର୍ଗତ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

### ଝିଲିମିଣ୍ଡାରେ ଶ୍ରାବଣ ରୁଦ୍ରପୂଜା

**ଜାମଟିକ୍ରା, ୨୩।୮ (ଡି.ଏନ.ଏ):** ଆର୍ଟ ଅଫ୍ ଲିଭିଙ୍ଗ ତରଫରୁ ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ପବିତ୍ର ଶ୍ରାବଣ ରୁଦ୍ରପୂଜା ସ୍ୱାମିଜୀ ବ୍ରହ୍ମଜିତ ମହାରାଜଙ୍କ ଅଧକ୍ଷତାରେ ଗୁରୁବାର ପାଳିତ ହୋଇଛି । ଭେଡେନ ପାହାଡଶ୍ରୀଗିଡା, ଅପାମରା ବରଗଡ ପ୍ରଭୃତି ଅଞ୍ଚଳରୁ ଭକ୍ତମାନେ ଆସି ପୂଜାରେ ଅଂଶଗ୍ରହଣ କରିଥିଲେ। ଜୟଲାଲ ମେହେର, ଗିରିଧାରି ମେହେର, ସୁବାଷ ମେହେର, ଗୋପାଳ ମେହେର, ସଢୀ ପ୍ରଧାନ, ବବିତା ମହାପାତ୍ର, ଆହ୍ଲାଦିନୀ ମେହେର ଓ ଜୟନ୍ତୀ ମେହେର ସଂକଳ୍ପରେ ବସିଥିଲେ। ଭରତ ପ୍ରଧାନ ଓ କୃଷ୍ଣ ପଧାନ ରୁଦ୍ରପୂଜା ପରିଚାଳନା କରିଥିଲେ ।

### ପାୱାର ଟିଲର ଋଣ ନାଁରେ ଚାଷୀଙ୍କୁ ଠକେଇ

**ଅତାବିରା, ୨୩।୮ (ଡି.ଏନ.ଏ.):** ପାୱାରଟିଲର ଋଣ କରାଇ ଦେବା ନାଁରେ ଚାଷୀଙ୍କୁ ଠକେଇ କରାଯାଇଥିବା ନେଇ ଗୁରୁବାର ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡିରେ ଜଣେ ଚାଷୀ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଫାଣ୍ଡି ପୋଲିସ ଗୋଡଭଗା ଅଞ୍ଚଳର ଜଣେ ତଥାକଥିତ ଏଜେଣ୍ଟଙ୍କୁ ଥାନାରେ ପଚରାଉଚରା କରି ଛାଡି ଦେଇଥବା ଜଣାପଡିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ବେହେରାଙ୍କୁ ପଚରାଯିବାରୁ ସମ୍ପୃକ୍ତ ଚାଷୀ ଓ ଏଜେଣ୍ଟଙ୍କ ମଧ୍ୟରେ ସମାଧାନ ହୋଇଯାଇଥିବା କହିଥିଲେ ।

# ଜୋର୍ ଧରିଛି ଦସ୍ତଖତ ଅଭିଯାନ

**ବରଗଡ଼ରେ କ୍ୟାନସର ହସ୍‌ପିଟାଲ ପ୍ରସଙ୍ଗ**

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ ଜିଲାରେ ରାଜ୍ୟର ସର୍ବାଧିକ ଲୋକେ କ୍ୟାନସର ଆକ୍ରାନ୍ତ ହେଉଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଭାଲେଣି ସୃଷ୍ଟି ହୋଇଛି । କ୍ୟାନସର ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଏଠାରେ ନ ଥିବାରୁ ଏହି ରୋଗୀଙ୍କ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଫଳରେ ବରଗଡ଼ରେ ଏକ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ସବୁ ମହଲରେ ଦିନକୁ ଦିନ ଦାବି ଜୋର ଧରିଛି । ଜିଲାର ବିଭିନ୍ନ ସଙ୍ଗଠନ, ସାମାଜିକ ଅନୁଷ୍ଠାନ, ଘରୋଇ ଡାକ୍ତରଖାନା, ପାଥୋ କ୍ଲିନିକଠାରୁ ଆରମ୍ଭ କରି ସ୍କୁଲ, କଲେଜର ଛାତ୍ରୀଛାତ୍ର ମଧ୍ୟ କ୍ୟାନସର ହସପିଟାଲ ଦାବି ଅଭିଯାନକୁ ଓହ୍ଲାଇ ସାରିଛନ୍ତି । ଏହି ଦାବି ନେଇ ଗୁରୁବାର ବରଗଡ଼ ସହରର ଭଟଲି ରୋଡ ଛକସ୍ଥିତ ଏକ ଘରୋଇ ନର୍ସିଂହୋମ ପରିସରରେ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ପଦ୍ମଶ୍ରୀ ହଳଧର ନାଗ ସାମିଲ ହୋଇଥିଲେ। ସ୍ଥାନୀୟ ସାଇକୃପା ନର୍ସିଂହୋମ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦସ୍ତଖତ ଅଭିଯାନରେ ସାମିଲ ହେବା ପାଇଁ ପଦ୍ମଶ୍ରୀ ହଳଧର ନିଜ ଗାଁ ଘେଁସରୁ ଏଠାକୁ ଆସିଥିଲେ । ନିଜେ ଦସ୍ତଖତ ଦେଇ କ୍ୟାନସର ହସପିଟାଲ ଦାବିକୁ ସେ ସମର୍ଥନ ଜଣାଇଥିଲେ । ବରଗଡ଼ରେ କ୍ୟାନସର ହସ୍‌ପିଟାଲ ହେଲେ ଉଭୟ ବରଗଡ଼ ଓ ଛତିଶଗଡ଼ ରାଜ୍ୟର ଲୋକେ ଉପକୃତ ହେବେ ଏବଂ ଏଠାରେ କ୍ୟାନସର ମୃତକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହାସହିତ ବରଗଡ଼ ସହର ତଥା ସହର ବାହାରର ଶତାଧିକ ଲୋକ ଏଥିରେ ସାମିଲ ହୋଇ ଦସ୍ତଖତ ଦେଇଥିଲେ । ଡା. ପ୍ୟାରୀଲାଲ ତ୍ରିପାଠୀ, ଡା. ସୁବଳ କର, ଯୁବ ଆଇନଜୀବୀ ଲିପ୍‌ସିତ ମିଶ୍ର, ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଇକୃପା ନର୍ସିଂହୋମର ଡା. ସସ୍ମିତା ଦାଶ ତ୍ରିପାଠୀ, ଡା. ରାଜେଶ ତ୍ରିପାଠୀ ଏବଂ ବଦାନ୍ୟବନ୍ଧୁର ମୁଖ୍ୟ ସୁବ୍ରତ ବିର୍ତ୍ତିଆ ଉକ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ପଦ୍ମଶ୍ରୀ ହଳଧର ନାଗ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଦସ୍ତଖତ ଦେଉଛନ୍ତି ।

# ଆଇଡିବିଆଇ ବ୍ୟାଙ୍କ ଏଟିଏମ ଲୁଟ୍ ଉଦ୍ୟମ ବିଫଳ

**ସରଣ୍ଡା, ୨୩।୮ (ଡି.ଏନ.ଏ)**

ଅତାବିରା ଥାନା ଭୋଇପାଲି ଛକ ସ୍ଥିତ ଆଇଡିବିଆଇ ବ୍ୟାଙ୍କ ଏଟିଏମରୁ ବୁଧବାର ମଧ୍ୟରାତ୍ରିରେ ଲୁଟ୍ ଉଦ୍ୟମ ହୋଇଛି । ଗୁରୁବାର ବ୍ୟାଙ୍କ ଖୋଲିବା ପରେ ଏଟିଏମ ଭଙ୍ଗାରୁଜା କରାଯାଇଥିବା ଜଣାପଡିଥିଲା । ଏ ନେଇ ବ୍ୟାଙ୍କ ପରିଚାଳକ ଏମ. ପ୍ରତାପ ସିଂ ଅତାବିରା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଘଟଣାର ତନାଘନା ଆରମ୍ଭ ହୋଇଛି। ସିସିଟିଭି ଫୁଟେଜକୁ ଛାଡି ଦେଲେ ସେପରି କୌଣସି ସୁରାକ ପୋଲିସ ପାଇପାରିନାହିଁ । ଘଟଣାସ୍ଥଳକୁ ବରଗଡ ଏସଡିପିଓ ସୁରେଶ ଚନ୍ଦ୍ର ନାଏକ, ବରଗଡ ଆଇଆଇସି ବିଭୁତି ଭୋଇ, ଅତାବିରା ଆଇଆଇସି ଗୌରାଙ୍ଗ ଚରଣ ସାହୁ, ଗୋଡଭଗା ଫାଣ୍ଡି ଅଧିକାରୀ ଦିଲୀପ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ । ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ. ୧୭୫/୧୮) ରୁଜୁ ହୋଇଛି ।

# ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ର ନେହେରୁ ଯୁବକେନ୍ଦ୍ର ଏବଂ ବିର୍ସାମୁଣ୍ଡା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା କୃଷକ ଭବନରେ ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହିମା ସାହୁ, ଶାନ୍ତନୁ କୁମାର ପ୍ରଧାନ, ଝସକେତନ ମେହେର, ଇନ୍ଦ୍ରମଣି ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସ୍ୱଚ୍ଛଭାରତ ଆଦି ଯୋଜନା ତଥା ଧନ୍ଦାମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିର୍ସାମୁଣ୍ଡା ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।





ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଦୁର୍ବୃତ୍ତ ଭାଙ୍ଗିଦେଲେ କଳାପଟା ସାହିତ୍ୟ

**ବାଟ ଦୁଆରି ପରିବାରର ପ୍ରତିବାଦ ସଭା**

**ବିଜେପୁର, ୨୩।୮ (ଡି.ଏନ.ଏ)**

ବିଜେପୁର ବ୍ଲକ ଅନ୍ତର୍ଗତ ପଡା ଛକରେ ସମ୍ବଲପୁରୀ, କୋଶଳୀ ଭାଷାର କଳାପଟା ସାହିତ୍ୟ ବାଟ ଦୁଆରି ରହିଛି। ଏହି କଳାପଟା ସାହିତ୍ୟ ପଥିକମାନଙ୍କୁ ସାହିତ୍ୟରସ ଆସ୍ୱାଦନ କରାଇବା ସହ ଦିଗ୍‌ଦର୍ଶନ କରୁଥିଲା । କିନ୍ତୁ ଏହାକୁ ବୁଧବାର ରାତିରେ କେତେକ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବାଟଦୁଆରି ପରିବାର ପକ୍ଷରୁ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଛି । ସମ୍ପାଦକ ତରଣୀସେନ ପଧାନଙ୍କ ଅଧ୍ୟକ୍ଷତାରେ କ୍ରାନ୍ତିବାଦୀ ହରିଲାଲ ସାହୁ, ଈଶ୍ୱର ମେହେର, ତୀର୍ଥବାସୀ ବିଶି, ଶେଷଦେବ ମେହେର, ତୁଳସୀରାମ ମେହେର ପ୍ରମୁଖ କବି ଯୋଗ ଦେଇଥିଲେ । ସୁସ୍ଥ ସମାଜ ଗଠନରେ ସାହିତ୍ୟର ବଳିଷ୍ଠ ଭୂମିକା ରହିଛି। ସାହିତ୍ୟକୁ ସମୃଦ୍ଧିଶାଳୀ କରିବା ପାଇଁ ଲେଖକ ସୃଷ୍ଟି କରିବାରେ ସାହିତ୍ୟ ପତ୍ରିକା, କଳାପଟା ସାହିତ୍ୟର ଯଥେଷ୍ଟ ଅବଦାନ କରହିଛି । ସମାଜକୁ ମହତ୍ ମାର୍ଗଦର୍ଶନ କରୁଥିବା କଳାପଟା ସାହିତ୍ୟ ବାଟଦୁଆରିର କଳାପଟାକୁ ଦୁର୍ବୃତ୍ତମାନେ ଭାଙ୍ଗିବା ନିନ୍ଦନୀୟ ବୋଲି ଉପସ୍ଥିତ କବିମାନେ ମତପ୍ରକାଶ କରିଥିଲେ । ଏହି ଘଟଣାକୁ ନେଇ ଏକ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଇଥିଲା । ଯୁବକବି ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସାମ୍ପ୍ରତିକ ସମୟରେ ଘଟୁଥିବା ବିଭିନ୍ନ ସମସ୍ୟାକୁ ନେଇ କବିମାନଙ୍କର କବିତା ପଂକ୍ତି ବାଟଦୁଆରି କଳାପଟା ସାହିତ୍ୟରେ ପ୍ରକାଶିତ ହେଉଥିଲା। ପ୍ରକାଶିତ କବିତା ପଂକ୍ତିଗୁଡିକ ଅସାମାଜିକ ବ୍ୟକ୍ତି ବିଶେଷଙ୍କୁ ସୁହାଉ ନ ଥିଲା । ତେଣୁ ସମ୍ପୃକ୍ତ ବ୍ୟକ୍ତିମାନେ ଏହାକୁ ଭାଙ୍ଗିଦେଇଥିବା ଆଲୋଚନା ହେଉଛି ।



ପଡାଛକ ସ୍ଥିତ କଳାପଟା ସାହିତ୍ୟ ବାଟଦୁଆରିର କଳାପଟାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି ।

# ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘ ଗଠିତ

**ଅମ୍ବାଭୋନା, ୨୩।୮ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକରେ ମିଳିତ ଶିକ୍ଷକ ସଂଘ ଗଠିତ ହୋଇଛି । ଭୁକ୍ତା ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦୁର୍ଯ୍ୟୋଧନ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବୈଷ୍ଣବ ଚରଣ ଭୋଇ ଶିକ୍ଷକମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ କରିଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ରାଜକୁମାର ବଘେଲ ସଭାପତି, ରୋହିତ କୁମାର ଭୋଇ ଉପ ସଭାପତି, ମିଲନ କୁମାର ପଟେଲ ସମ୍ପାଦକ, ବିନତା ସାହୁ ଯୁଗ୍ମ ସମ୍ପାଦକ ଏବଂ ସୁନୀଲ କୁମାର ଭୋଇ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ ।

# କୃତୀ ଛାତ୍ରୀଛାତ୍ର ସମ୍ମାନିତ

**ଅତାବିରା, ୨୩।୮ (ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ କଲେଜ, ହାଇସ୍କୁଲ, ଜ୍ଞାନୋଦୟ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଗୁରୁବାର ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ପରିସରରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। କାଦୋବାହାଲ କଲେଜର କଳା, ବାଣିଜ୍ୟ, ଭୋକେସନାଲ ପାଠ୍ୟକ୍ରମରେ ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେର, କୁମାରୀ ପୁଟା କରୁଣା, ଅରୁଣ କୁମାର ନାଏକଙ୍କୁ କମଳିନୀ ମେମୋରିଆଲ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଭରତ କିଶୋର ପଟିଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରାଣନାଥ ତ୍ରିପାଠୀ ମୁଖ୍ୟଅତିଥି ଓ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ପଞ୍ଚାୟତ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମନୀଷା ସାହୁଙ୍କୁ ଅନୁସୟା ମେମୋରିଆଲ ସମ୍ମାନରେ ସମ୍ମାନିତ କରିଥିଲେ । ଭକ୍ତି ସଙ୍ଗୀତ ଗାନ କରିଥିବା ସିନିୟର ବିଭାଗ ଆକାଂକ୍ଷା ମିଶ୍ର ଓ ଜୁନିୟର ବିଭାଗ ଆଲିଶା ମେହେରଙ୍କୁ ସମ୍ମାନିତ କରାଯାଇଥିଲା ।

# ଦର୍ଲିଗୁଡା ଗ୍ରାମରେ ଇନ୍ଦ୍ରପୂଜା ସମ୍ପନ୍ନ

**ପଦ୍ମପୁର, ୨୩।୮ (ଡି.ଏନ.ଏ.)**

ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତର ଦର୍ଲିଗୁଡା ଗ୍ରାମରେ ଗୁରୁବାର ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଛି । ଚାଷୀନେତା ପ୍ରବୀଣ ଦାଶ ଏବଂ ଦହିଗାଁ ସେବା ସମବାୟ ସମିତି ସଭାପତି ସୁଦାମ ଚରଣ ଦାଶଙ୍କ ନେତୃତ୍ୱରେ ଗ୍ରାମବାସୀ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରିଥିଲେ । ପୂଜକ ଭାବେ ମାଲୁ ରଥ ହୋମଯଜ୍ଞ କରିଥିଲେ। ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଅନାଦି ସାହୁ, ବେତ୍ରା ବାଗ, ରୂପଧର ବାଗ, ମହାଦେବ ବରିହା, ରଣଜିତ ସେଠ ପ୍ରମୁଖ ସହଯୋଗ କରିଥିଲେ।

# ଗାଁ ରାସ୍ତା ସଫେଇ

**ଜାମଟିକ୍ରା, ୨୩।୮ (ଡି.ଏନ.ଏ.)**

ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲିପାଲି ୧୧ ନମ୍ବର ୱାର୍ଡ ମାତାଡେରାର ମାଁ ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୁରୁବାର ମାତା ଡେରାପଡାଠାରୁ ରେଙ୍ଗାଲି କ୍ୟାମ୍ପ କେନାଲ ଛକ ପର୍ଯ୍ୟନ୍ତ ରାସ୍ତା ସଫେଇ କରିଛନ୍ତି। ଏଥିରେ ଅନୁସୟା ବିଶ୍ୱାଳ, ବିଶାଖା ପଟେଲ, ସବିତା ପଟେଲ, ପଦ୍ମା ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

## ଫଟୋରେ ଖବର







ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ଆୟୋଜିତ ମିଳିତ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ (ବାମ) । ଅତାବିରା ଏନଏସି ଅନ୍ତର୍ଗତ ମାତାଡେରାର ମହିଳାମାନେ ଗାଁ ରାସ୍ତା ସଫା କରୁଛନ୍ତି (ମଝି) । ପଦ୍ମପୁର ବ୍ଲକ ଦର୍ଲିଗୁଡା ଗ୍ରାମରେ ଗୁରୁବାର ଇନ୍ଦ୍ରପୂଜା ଚାଲିଛି ।

# ଛାତ୍ରୀଛାତ୍ର ଏକେସାଏର୍ ଗାଏବେ ଗଙ୍ଗାଧର ଗୀତ୍

**ବରଗଡ଼ ଅଫିସ୍, ୨୩।୮**

ଆଏବାର ରଏବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ଅନୁଷ୍ଠିତ୍ ହେବା । ଇଥିର୍‌ଲାଗି ସଜ୍‌ବାଜ୍ ଆରମ୍ ହେଇଯାଇଛେ । ଇଥର ଇ ସମାରୋହକେ ଗୁଟେ ଭିନେ ଢ଼ଂଗେ ପାଲନ୍ କର୍‌ବାର ଯୋଜ୍‌ନା କରିଛେ ବରଗଡ଼ ଜିଲା ଶିକ୍ଷା ବିଭାଗ୍ । ଜୟନ୍ତୀ ସମାରୋହ ଦିବସ୍‌ରେ ଜିଲାର ସବୁ ପ୍ରାଥମିକ୍ ସ୍କୁଲର ଛାତ୍ରୀଛାତ୍ର ଗୁଟେ ଦିନ୍ ଏକେସାଏର୍ କବି ଗଙ୍ଗାଧରଙ୍କର ରଚିତ୍ ଗୀତ୍ ଗାଏବେ ବଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସୂଚ୍‌ନା ଦେଇଛନ୍ । ସେ ସୂଚ୍‌ନା ଦେଇ କହିଛନ୍ ଯେ, କବି ଗଙ୍ଗାଧରଙ୍କର ୪ଟା ଗୀତ୍‌କେ ସଂଗୀତ୍ ରୂପ୍ ଦିଆଯାଇଛେ । ସଂଗୀତ୍ ନିର୍‌ଦେଶକ ନବ ମହନ୍ତଙ୍କର ନିର୍‌ଦେଶନାରେ ଛାତ୍ରୀଛାତ୍ର ଇ ଗୀତ୍‌ମାନ୍ ଗାଇଛନ୍ । ବରଗଡ଼ ସହରର ଗୁଟେ ଷ୍ଟୁଡିଓରେ ଇ ଗୀତ୍‌ମାନ୍ ରେକର୍ଡିଂ ହେଇଛେ । ଜିଲାର ସବୁ ସରକାରୀ ସ୍କୁଲର ପର୍‌ଥମରୁ ଦଶମ୍ ତକ୍ ପଢୁଥିବାର ଅଢ଼େ ଲକ୍ଷ ଛାତ୍ରୀଛାତ୍ର ଏକେସାଏର୍ ଗଙ୍ଗାଧର ସଂଗୀତ୍ ପରିବେଷନ୍ କରି ବରଗଡ଼ ମାଏଟ୍‌ର କବିକୁଁ ଶ୍ରଦ୍ଧାଞ୍ଜଳି ଅର୍‌ପନ କର୍‌ବେ । ଗୁରୁବାର ତକ୍ ଗୀତ୍‌ମାନ୍ ଜିଲାର ସବୁ ସ୍କୁଲ୍‌କେ ପଠାଯିବା । ସ୍କୁଲ୍‌ମାନ୍‌କର ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଦେଖ୍‌ରେଖ୍‌ରେ ଛାତ୍ରୀଛାତ୍ର ଗୀତ୍‌ମାନ୍ ଅଭିଆସ୍ କର୍‌ବେ । ଇ ଗୀତ୍‌ମାନ୍ ସ୍କୁଲ୍‌ମାନ୍‌କେ ପାର୍‌ଥନା ହିସାବେ ଗାଏବାର ଲାଗି ବି ଚେଷ୍ଟା କରାଯାଉଛେ । ବଛର୍ ଜାକ ଗଙ୍ଗାଧର ସାହିତିଅ ଉପ୍‌ରେ ଛାତ୍ରୀଛାତ୍ର ଯେନ୍‌ଥେଇ ଗିଆଁନ୍ ପାଇ ପାର୍‌ବେ, ସେଥିର୍‌ଲାଗି ଭିନେ ଭିନେ ପର୍‌ତିଯୋଗିତା ଆୟୋଜନ କରାଯାଉଛେ ବଲି ଜିଲା ଶିକ୍ଷା ଅଧିକାରୀ ଯୋଶୀ ସୂଚ୍‌ନା ଦେଇଛନ୍ ।



ଗଙ୍ଗାଧର ଜୟନ୍ତୀ ପ୍ରସ୍ତୁତି ବଇଠକ୍‌ରେ ଜିଲା ଶିକ୍ଷା ଅଧିକାରୀ ଆର୍ ଉନିଆମାନେ ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ



### ଜମି ଉପରେ ଓହଳିଛି ବିଦ୍ୟୁତ୍ ତାର

**ପୁରୁଣାକଟକ, ୨୩।୮ (ଡି.ଏନ.ଏ.):** ପୁରୁଣାକଟକ ଧଳପୁର ରାସ୍ତାର ଉଦୟପୁର ଗ୍ରାମ ଚାଷ ଜମିରେ ପୋତାଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ନଇଁ ଯିବାରୁ ତାରଗୁଡିକ ଜମିର ଅତି ନିକଟରେ ବିପଦଜ୍ଜନକ ଅବସ୍ଥାରେ ଓହଳି ରହିଛି । ଫଳରେ ଚାଷୀମାନେ ଭୟରେ ଜମିରେ ଚାଷକାର୍ଯ୍ୟ କରୁଛନ୍ତି। ଅଧିକ ପବନ ହେଲେ ତାର ଗୁଡିକ ଛିଣ୍ଡି ବିପଦ ସୃଷ୍ଟି କରିବ ସେହି ଆଶଙ୍କା ପ୍ରକାଶ ପାଇଛି । ଦିର୍ଘଦିନ ଧରି ଏଗୁଡିକ ମରାମତି କରିବା ନେଇ ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏ ସମ୍ପର୍କରେ ପୁରୁଣାକଟକ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

### ପଲଶାଗୋରା ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ପଲଶାଗୋରା, ୨୩।୮ (ଡି.ଏନ.ଏ):** କନ୍ଧମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଏହି ମୁରାସୁର ରାଜ କାର୍ଯ୍ୟକ୍ରମରେ ମୁରାସୁର ଭୂମିକାରେ ଅଭିନୟ କରିବା ପାଇଁ ହୃଷିକେଶ ଭୋଇଙ୍କୁ ଚୟନ କରାଯାଇଥିବା କମିଟି ତରଫରୁ ସୂଚନା ମିଳିଛି ।

■ ପୁଣି ଚର୍ଚ୍ଚାରେ ଖାଦ୍ୟ ସୁରକ୍ଷା ଯୋଜନା

# ଆବେଦନ ପାଇଁ ଲମ୍ଵାଧାଡ଼ି

**ବରଗଡ଼ ଅଫିସ୍, ୨୩।୮**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନକୁ ନେଇ ଜିଲାରେ ପୁଣି ଚର୍ଚ୍ଚା ଜୋର ଧରିଛି। ଏହି ଯୋଜନାରେ ସାମିଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅନେକ ଆଶାୟୀ ଆବେଦନ ପାଇଁ ଲମ୍ଵାଧାଡ଼ିରେ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଜମାଉଛନ୍ତି। ଗୁରୁବାର ବରଗଡ଼ ସହକାରୀ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ପରିସ୍ଥିତି ଉପୁଜିଥିଲା ।

ବିଗତବର୍ଷରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନକୁ ନେଇ ଗୋଟିଏ ପଟେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଅନ୍ୟପଟେ ଅଯୋଗ୍ୟ ସତ୍ତ୍ୱେ ଚୟନ ହୋଇଥିବା ହିତାଧିକାରୀଙ୍କୁ ପୋଲିସ ଭୟ ମଧ୍ୟ ଘାରିଥିଲା । ଅଯୋଗ୍ୟ ହିତାଧିକାରୀମାନେ ନେଇଥିବା ରାଶନ ସାମଗ୍ରୀ କିମ୍ବା ସେହି ସାମଗ୍ରୀର ମୂଲ୍ୟ ଫେରାଇଥିବାକୁ ବାଧ୍ୟ ହୋଇଥିଲେ। ଅନେକ ହିତାଧିକାରୀ (ମହିଳା)ଙ୍କୁ ଜେଲ ଯିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ଅଯୋଗ୍ୟ ହିତାଧିକାରୀମାନେ ଯୋଗାଣ ବିଭାଗକୁ ରାଶନ ସାମଗ୍ରୀର ମୂଲ୍ୟ ସ୍ୱରୂପ ଫେରସ୍ତ କରିଥିବା ରାଶି ଫେରିପାଇଥିଲେ ମଧ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ସରକାରଙ୍କୁ ମଧ୍ୟ ଅଡୁଆରେ ପକାଇବା ସାଧାରଣରେ ଆଲୋଚନାର ବିଷୟ ହୋଇଥିଲା। ବିଗତ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ରେ ସେଭଳି କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାରଙ୍କୁ ମହଙ୍ଗା ପଡ଼ିଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା ।

ଏହାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ପ୍ରକ୍ରିୟାରେ ତତ୍ପରତାକୁ ନେଇ ଆଲୋଚନା ଜୋର ଧରିଛି । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସରକାର ତତ୍ପର ହୋଇ ପଡ଼ିଛନ୍ତି । ସରକାରୀ ନିର୍ଦ୍ଦେଶକ୍ରମେ ଯୋଗାଣ କାର୍ଯ୍ୟାଳୟ ଗୁଡ଼ିକରେ ରାଶନ କାର୍ଡ଼ ପାଇବା ପାଇଁ ଅନେକ ଆଶାୟୀଙ୍କ ଲମ୍ଵାଧାଡ଼ି ଦେଖିବାକୁ ମିଳିଛି। ଗୁରୁବାର ବରଗଡ଼ ସହକାରୀ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା । ଶତାଧିକ ମହିଳାପୁରୁଷ ହାତରେ ଆବେଦନ ଫର୍ମ ଧରି ଛିଡ଼ାହୋଇ ଥିବାବେଳେ ଅନେକ ଗଛମୂଳେ କିମ୍ବା ପୁରୁଣା କଚେରୀ ବାରଣ୍ଡାରେ ଆବେଦନ ଫର୍ମ ପୂରଣରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା । ଏପରିକି ସେଠାରେ ନିରୀହ ଗରିବ ଲୋକମାନେ ଥିବାବେଳେ ଅନେକ ଥିଲାବାଲା ପରିବାରର ସଦସ୍ୟଙ୍କ ଉପସ୍ଥିତି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯେଉଁ ଗରିବ, ଅସହାୟମାନେ ବାଦ୍ ପଡ଼ିଥିଲେ, ସେମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ। ଏହି ଯୋଜନାର ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦିଆଯିବ । ୨୮ଦିନ ମଧ୍ୟରେ ହିତାଧିକାରୀ ଚୟନ ପ୍ରକ୍ରିୟା ସାରିବାକୁ ସରକାରୀ ନିର୍ଦ୍ଦେଶ ରହିଛି ଏବଂ ବରଗଡ଼ ଜିଲାରେ ଏହା ଗତ ୧୪ତାରିଖରୁ ଆରମ୍ଭ ହୋଇଛି । ନିର୍ଦ୍ଧାରିତ ସମୟ ସୁଦ୍ଧା ହିତାଧିକାରୀ ଚୟନ ପ୍ରକ୍ରିୟା ନିଶ୍ଚିତ ସରିଯିବ । ହିତାଧିକାରୀଙ୍କ ସବୁ ମାନଦଣ୍ଡକୁ ଯାଞ୍ଚ କଲାପରେ ଯେଉଁମାନଙ୍କର ଏହି ଯୋଜନା ପାଇଁ ଆବଶ୍ୟକ ଉପଯୁକ୍ତ ମାନଦଣ୍ଡ ରହିଥିବ, ସେମାନେ ହିଁ ଏଥିରେ ସାମିଲ ହେବେ ବୋଲି ଜିଲା ଯୋଗାଣ ଅଧିକାରୀ ମାଝି କହିଥିଲେ ।

**ବରଗଡ଼**



ଆବେଦନ କରିବା ପାଇଁ ଯୋଗାଣ ଅଧିକାରୀଙ୍କ ଅଫିସ ଆଗରେ ଭିଡ଼ ।

- ଥିଲାବାଲା ବି ଧାଉଁଛନ୍ତି ଯୋଗାଣ ଅଫିସ
- ୨୮ ଦିନରେ ଶେଷ ହେବ ଚୟନ
- ଭୋଟ୍ ପୂର୍ବରୁ ଚୟନକୁ ନେଇ ତତ୍ପରତା
- ଯୋଜନାର ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦିଆଯିବ
- ବରଗଡ଼ ଜିଲାରେ ଗତ ୧୪ତାରିଖରୁ ଆରମ୍ଭ ହୋଇଛି

# ୪ କେଜି ଗଞ୍ଜେଇ ଜବତ, ୨ ଗିରଫ

**ମନମୁଣ୍ଡା, ୨୩।୮ (ଡି.ଏନ.ଏ)**

ମନମୁଣ୍ଡା ପୋଲିସ ବୁଧବାର ଅପରାହ୍ନ ୩ଟା ସମୟରେ ବରଗୋଛା ପଞ୍ଚାୟତ ବାଞ୍ଜିମୁଣ୍ଡା ଜଙ୍ଗଲ ରାସ୍ତାରେ ପାଟ୍ରୋଲିଂ କରୁଥିବାବେଳେ ଦୁଇ ଜଣ ଯୁବକ ବ୍ୟାଗ ଧରି ଚାଲି ଚାଲି ଯାଉଥିବା ଦେଖି ସନ୍ଦେହରେ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିବା ପରେ ଦୁଇ ଯୁବକଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ଅଭିଯୁକ୍ତ ଦୁଇ ଜଣ ହେଲେ ଏହି ଥାନା ଶୁଣ୍ଢିପଦର ପଞ୍ଚାୟତ ଗୁଡିଆଲିର ହରିବୋଲ ପ୍ରଧାନ (୩୨) ଏବଂ କୃଷ୍ଣ ଜାଲ (୪୦) । ଜବତ ଗଞ୍ଜେଇ ଓଜନ କରିବାରେ ୩ କିଲୋ ୯ଶହ ଗ୍ରାମ ହୋଇଥିଲା । ଅଭିଯୁକ୍ତ ଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।



ଗିରଫ ଦୁଇ ଅଭିଯୁକ୍ତ ।

# ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ମନମୁଣ୍ଡା, ୨୩।୮ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୋଗୀନ୍ଦ୍ରପୁର ପଞ୍ଚାୟତ କେଉଟିପାଲିର ଏକ ବିଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଥାନା ଗୋଛାପଡାର ମୀନକେତନ ପୁଟେଲ (୩୫) । ତେବେ ମୀନକେତନଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବଡଭାଇ ଚୈତନ୍ୟ ପୁଟେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ମନମୁଣ୍ଡା ସିଏଚସିରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ।

ଚୈତନ୍ୟଙ୍କ ଅଭିଯୋଗ ଅନୁସାରେ, ବୁଧବାର ରାତି ପ୍ରାୟ ୮ଟା ବେଳେ ମୀନକେତନଙ୍କ ପାଖକୁ ଏକ ଫୋନ ଆସିଥିଲା । ଏହାପରେ ମୁଁ ଟିକିଏ ଆସୁଛି ବୋଲି ପରିବାର ବର୍ଗଙ୍କୁ କହି ସେ ଘରୁ ବାହାରି ଯାଇଥିଲେ । ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇ ପଡିଥିଲେ । ଗୁରୁବାର ସକାଳ ୬ଟା ବେଳେ କେଉଁଟିପାଲିର ଏକ ବିଲରେ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ । ମୃତଦେହ ବିଲର ଏକ ବିଦ୍ୟୁତ୍ ଖମ୍ବତଳେ ପଡିଥିବା ବେଳେ ଏକ ପ୍ଲାସ ଓ କେତେଖଣ୍ଡ ୩୩ କେଭି ବିଦ୍ୟୁତ ତାର ପଡିଥିଲା । ପାରିପାର୍ଶ୍ୱିକ ଅବସ୍ଥାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡିଲା ଭଳି ଦେଖାଯାଉଥିବା ବେଳେ ବାମ କାନରୁ ରକ୍ତ ସ୍ରାବ ଓ ମୁଣ୍ଡ ପଛପଟରେ ଆଘାତ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଏ ନେଇ ଆଇପିସି ଧାରା ୩୦୨ରେ ଏକ ମାମଲା (ନଂ.୧୫୦ /୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଭାବାନନ୍ଦ ପ୍ରଧାନ ଜଣାଇଛନ୍ତି ।

# ସାଇନିଂ ଷ୍ଟାର ଉପକ୍ରମଣିକା ସମାରୋହ

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ ଶିକ୍ଷା ଜିଲାସ୍ତରୀୟ ସାଇନିଂ ଷ୍ଟାର ଉପକ୍ରମଣିକା ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୫୯ଜଣ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରାହରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଯୋଶୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ମୁଖ୍ୟଅତିଥି ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ । ବରଗଡ଼ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥଙ୍କ ସମେତ ଜିଲାର ବ୍ଲକ ଶିକ୍ଷା ଅଧିକାରୀମନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ, ଗୋବିନ୍ଦ ସେଠ, ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧନକର୍ମୀ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଗସ୍ତି ଭୋଇ, ଗଜରାଜ ମେହେର, ସଙ୍ଗୀତାରାଣୀ ମିଶ୍ର, ରୋଜାଲିନ ମିଶ୍ର, ଡଃ ଡୋଲାମଣି ଶତପଥୀ, ବିରେନ୍ଦ୍ର ଦାଶ ସହଯୋଗ କରିଥିଲେ ।



ସାଇନିଂ ଷ୍ଟାର ଉପକ୍ରମଣିକା ସମାରୋହରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

**ସୋହେଲା, ୨୩।୮ (ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ବ୍ଲକସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକମାନଙ୍କ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସୋହେଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହେବ । ବିଇଓ ହେମସାଗର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାଗୁଡିକ ଆୟୋଜିତ ହୋଇ ବ୍ଲକସ୍ତରୀୟ ଦଳ ଚୟନ ହୋଇଥିଲା । ବିଦ୍ୟାଳୟ କ୍ରୀଡା ସଙ୍ଗଠନ ସୋହେଲାର ସମ୍ପାଦକ ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁଦାମ ପଧାନଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଖେଳ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ । ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ସହଯୋଗ କରିଥିଲେ ।

# ଚିନିକଳ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଭେଟିଲେ



ଚିନିକଳ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ଭେଟୁଛନ୍ତି ।

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ସମବାୟ ଚିନିକଳର ବିଭିନ୍ନ ସମସ୍ୟା ନେଇ ଗୁରୁବାର ସ୍ଥାନୀୟ ସମବାୟ ଚିନିକଳ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଭେଟିଛନ୍ତି । ଏହି ପ୍ରତିନିଧି ଦଳ ଚିନିକଳର ବିଭିନ୍ନ ସମସ୍ୟା ତଥା ଆଖୁପେଡ଼ାକୁ ତ୍ୱରାନ୍ୱିତ କରିବା ଏବଂ ଚିନିକଳର ପୁନରୁଦ୍ଧାର ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ମନ୍ତ୍ରୀ ପାତ୍ର ଚିନିକଳର ପୁନରୁଦ୍ଧାର ହେବ ଏବଂ ଚଳିତବର୍ଷ ଆଖୁପେଡ଼ା ହେବ ବୋଲି କହିଥିଲେ। ସମସ୍ତ କର୍ମଚାରୀ ଏଥିରେ ସହଯୋଗ କଲେ ଚିନି ଉତ୍ପାଦନ ବୃଦ୍ଧି ସାଙ୍ଗକୁ ତାହା କର୍ମଚାରୀଙ୍କ ଭବିଷ୍ୟତ ପାଇଁ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଚିନିକଳ କର୍ମଚାରୀ ସଂଘର ସଭାପତି ପ୍ରଦୀପ ଦେବତାଙ୍କ ସମେତ ସାଧାରଣ ସମ୍ପାଦକ ସୁବ୍ରତ ସାହୁ, ସଭ୍ୟ ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ମନ୍ତ୍ରୀ ପାତ୍ରଙ୍କୁ ସଚିବାଳୟର ତାଙ୍କ ପ୍ରକୋଷ୍ଠରେ ଭେଟିଥିଲେ । ଏହି ସମୟରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ ।

# ବିଜୁ ଯୁବ ବାହିନୀର ବୃକ୍ଷ ରୋପଣ



ବିଜୁ ଯୁବ ବାହିନୀର ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି ।

**ଝାରବନ୍ଧ, ୨୩।୮ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଳାସପୁର ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀ ଦ୍ୱାରା ବୁଧବାର ବୃକ୍ଷରୋପଣ ହୋଇଯାଇଛି । ସଂଯୋଜକ ଜୟନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ ଯୋଗଦାନ କରିଥିଲେ। ବିଳାସପୁରରୁ ଭଣ୍ଡାରପୁରୀ ଯାଏ ପଥପାର୍ଶ୍ୱ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବିଜୁ ଯୁବ ବାହିନୀ ସଭାପତି ସୁନ୍ଦରମଣି ଷାଣ୍ଢ, ସମ୍ପାଦକ ହୀରାଧର ବାରିକ, କ୍ଷେମରାଜ ନାଏକ, ରମେଶ ନାଏକ, ନବୀନ ସାହୁ, ହେମସାଗର ବଣିଆ, ସୌମ୍ୟରଞ୍ଜନ ଭୋଇ, ହୀରାଧର ବରିହା, ଗୌତମ ବରିହା ପ୍ରମୁଖ ସାମିଲ ହୋଇଥିଲେ ।

# ଦାବିପତ୍ର ଦେଲା ରେଳ ଉପଭୋକ୍ତା ସଂଘ

**ବରଗଡ଼ ଅଫିସ୍, ୨୩।୮**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ଗୁରୁବାର ପୂର୍ବତଟ ରେଳପଥର ମହାପ୍ରବନ୍ଧକ (ଜିଏମ୍) ରମେଶ ସିଂଙ୍କ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ବରଗଡ଼ ଜିଲା ରେଳ ଉପଭୋକ୍ତାଙ୍କ ସମସ୍ୟା ଉପରେ ଉଲ୍ଲେଖ କରାଯାଇଛି । ଏଥିରେ ମୁଖ୍ୟତଃ ହୀରାକୁଦ ଏକ୍ସପ୍ରେସର ଅବଶିଷ୍ଟ ୪ଦିନ ରାୟଗଡ଼ା, ସମ୍ବଲପୁର ଦେଇ ଚଲାଇବା, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼ କିମ୍ବା ବଲାଙ୍ଗୀର ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବା ତଥା ଇସ୍ପାତ ଏକ୍ସପ୍ରେସରେ ଥାର୍ଡ଼ ଏସି ଏବଂ ସ୍ଲିପର କୋଚ୍‌ର ସୁବିଧା କରିବା ପାଇଁ ଦାବି ହୋଇଛି । ଏହା ସହିତ ସମ୍ବଲପୁର-ଟିଟିଲାଗଡ଼ ଲାଇନର ଦୋହରୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବରଗଡ଼-ନୂଆପଡ଼ା ନୂତନ ରେଳପଥର ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଏମ୍ ସିଂଙ୍କ ସହିତ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ । ଉକ୍ତ ଦାବିଗୁଡ଼ିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯଥାଶୀଘ୍ର ସୁପାରିଶ କରିବେ ବୋଲି ଜିଏମ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିନିଧି ଦଳରେ ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ଦେବତା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ସମ୍ପାଦକ କମଳ ଯୋଶୀ, ସହ ସମ୍ପାଦକ କିଶୋର କୁମାର ରଥ ପ୍ରମୁଖ ରହିଥିଲେ ।



ଜିଏମଙ୍କୁ ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରୁଛନ୍ତି ।

# କଲେଜ ଛାତ୍ରୀଙ୍କ ବହିଖାତା ଛଡାଇନେଲେ ପୋଲିସ ଦମ୍ପତି

**ବୌଦ୍ଧ, ୨୩।୮ (ସ୍ୱ.ପ୍ର)**

ସରକାର ଆମ ପୋଲିସ କାର୍ଯ୍ୟକ୍ରମ ଜରିଆରେ ପୋଲିସ ଓ ଲୋକଙ୍କ ଭିତରେ ଦୂରତା କମାଇବାକୁ ପ୍ରୟାସ କରିଥିବା ବେଳେ ବୌଦ୍ଧ ସହରରେ କିନ୍ତୁ ପୋଲିସ ଦମ୍ପତିଙ୍କ ବ୍ୟବହାର ଲୋକଙ୍କୁ ଚକିତ କରିଛି। ଗୁରୁବାର ଏମିତି ଏକ ଘଟଣା ଦେଖିବାକୁ ମିଳିଛି । ବୁଢୁପାଲି ଠାରେ କେ.ବି. ହିଷ୍ଟ କଲେଜ ଯୁକ୍ତ ଦୁଇରେ ପଢୁଥିବା ଲମ୍ବକାନୀ ଗ୍ରାମର ଛାତ୍ରୀ ପ୍ରଭାତୀ ମାଝି କଲେଜରୁ ନିଜ ସାଙ୍ଗମାନଙ୍କ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ରାଜନପାଲି ନିକଟସ୍ଥ ବଡ ପୋଲ ନିକଟରେ ଏକ କାର୍‌ରେ ଛାତ୍ରୀଙ୍କ ସାଇକେଲଟି ସାମାନ୍ୟ ଘଷି ହୋଇ ଯାଇଥିଲା । ଏହି କାରରେ ଯାଉଥିଲେ ବୌଦ୍ଧ ପୋଲିସରେ କାର୍ଯ୍ୟରତ କନଷ୍ଟେବଳ ଦମ୍ପତି । ଉକ୍ତ ଦମ୍ପତି ଗାଡି ଅଟକାଇ ମାଡି ଆସିଥିଲେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଛାତ୍ରୀଙ୍କ ନିକଟକୁ। ଉଭୟ ସ୍ୱାମୀ ସ୍ତ୍ରୀ ତାଙ୍କୁ ଗାଡିରେ ସାଇକେଲ ବାଜି ହୋଇଥିବା ସାମାନ୍ୟ କ୍ଷତିର ଭରଣା ମାଗିଥିଲେ । ଛାତ୍ରୀ ଜଣଙ୍କ ନିରୁପାୟ ହୋଇ କାନ୍ଦିବା ସତ୍ତ୍ୱେ ଦୟା ହୋଇ ନ ଥିଲା ଉକ୍ତ ପୋଲିସ ଦମ୍ପତିଙ୍କ। ସେମାନେ ଛାତ୍ରୀଙ୍କ ସାଇକେଲରୁ କଲେଜ ବହିଖାତା ଟାଣି ନେଇ କ୍ଷତିପୂରଣ ମିଳିଲେ ଯାଇ ଦେବେ ବୋଲି କହିଥିଲେ । ରାସ୍ତାରେ ଶହ ଶହ ଯାନବାହନ ଅଟକିଯିବା ପରେ ଏନଏସି ଛକ ନିକଟରେ ଥିବା ଟ୍ରାଫିକ ହାବିଲଦାର ସେଠାରେ ପହଞ୍ଚି ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ । ଛାତ୍ରୀ ଜଣକୁ ବହି ଖାତା ଫେରାଇ ଦେବାକୁ ଉପସ୍ଥିତ ସାଧାରଣଲୋକେ ବୁଝାଇବା ସତ୍ତ୍ୱେ ଉକ୍ତ ଦମ୍ପତି ଖାକି ପୋଷାକର ଭୟ ଦେଖାଇ ସେଠାରୁ ବହିଖାତା ନେଇ ପଳାଇଥିଲେ। ଏହି ଘଟଣା ଉପସ୍ଥିତ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଖବର ପାଇ ବୌଦ୍ଧ ଥାନା ଅଧିକାରୀ ସୁବାଶ ଚନ୍ଦ୍ର ରାୟଗୁରୁ ସେଠାକୁ ପହଞ୍ଚି ବହିଖାତା ତାଙ୍କ ନିକଟରେ ପହଞ୍ଚାଇବାର ପ୍ରତିଶ୍ରୁତି ଦେଇଥିଲେ । ପରେ କନଷ୍ଟେବଳ ଦମ୍ପତିଙ୍କ ନିକଟରୁ ବହିଖାତା ନେଇ ଉକ୍ତ ଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଏହା ସହର ସାରା ଚର୍ଚ୍ଚାର ବିଷୟ ହୋଇଛି ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

## ସଂକ୍ଷେପରେ

### ଅଜଣା ଜ୍ୱରରେ ୪୦ଶିଶୁ ଆକ୍ରାନ୍ତ

**ଖପ୍ରାଖୋଲ, ୨୩।୮(ଡ.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଲବାଞ୍ଜି ଗାଁରେ ଅଜଣା ଜ୍ୱରରେ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ଜନ୍ମରୁ ୭ବର୍ଷ ମଧ୍ୟରେ ଥିବା ଶିଶୁଙ୍କୁ ଜ୍ୱର, ଥଣ୍ଡା ସହିତ କାଶ ହେଉଛି। ଔଷଧ ଦେଲେ ମଧ୍ୟ ଛାଡୁ ନ ଥିବା ନେଇ ଅଭିଯୋଗ ହେଉଛି । କେତେକ ଶିଶୁ ଗାଁରେ ଚିକିତ୍ସିତ ହେଉଥିବାବେଳେ ଆଉ କେତେକ ବାଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା.ପ୍ରହ୍ଲାଦ ମେହେରଙ୍କୁ ପଚାରିବାରୁ ମୋ ପାଖରେ ଏ ନେଇ ଖବର ନାହିଁ। ଅନୁସନ୍ଧାନ ପରେ ସ୍ୱାସ୍ଥ୍ୟ ସେବା ଦଳ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନାଚକ୍ର

**ଟିକ୍ରାପଡା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଭଗବତ କଳା ବିକାଶ ପରିଷଦ, ଆଦର୍ଶ ଯୁବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୌନ୍ତିଆ ଟିକେନନ୍ଦ ମାଝୀ ଅଧ୍ୟକ୍ଷତା କରିଥିଲେ । ପ୍ରବଚକ ଲିଙ୍ଗରାଜ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପଣ୍ଡା ପ୍ରାଚୀନ ଭାରତର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭୌଗୋଳିକ ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଷେତ୍ର ମହାକୁର, ଅଭିମନ୍ୟୁ ଭୋଇ, ନାରାୟଣ ବାଗ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜୟରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ

**ଗୁଡଭେଲା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମରେ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀ ସଭାପତି ପଞ୍ଚାନନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୃକ୍ଷ ଲଗାଇ ପରିବେଶକୁ ଅଧିକ ଦୂଷିତ ହେବାରୁ କିପରି ରକ୍ଷା କରାଯାଇ ପାରିବ ତାହା ଉପରେ ଆଲୋଚନା ହୋଇଥିଲା । କୋଷାଧ୍ୟକ୍ଷ ସୁଶୀଲ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ମଳୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଗସ୍ତି ଭୋଇ, ବିକାଶ ମାଝୀ, ରାକେଶ ସାହୁ, ମାନସ ପ୍ରଧାନ, ସିଦ୍ଧାର୍ଥ ସାହୁ, ରାଜାରାମ ପ୍ରଧାନ, ମନୋଜ ପ୍ରଧାନ ଏଥିରେ ସହଯୋଗ କରିଥିଲେ ।

ଶିକ୍ଷକ ବଦଳିକୁ ନେଇ ବିବାଦ

# ଦୁଇ ସ୍କୁଲରେ ତାଲା ଝୁଲିଲା

**ପାଟଣାଗଡ, ୨୩।୮(ଡି.ଏନ.ଏ.)**

ଶିକ୍ଷକ ବଦଳି, ପୂରଣ ଦାବିରେ ଗୁରୁବାର ପାଟଣାଗଡ ବ୍ଲକ ଅନ୍ତର୍ଗତ ମଲ୍ଲିକମୁଣ୍ଡା ଏବଂ ବରବାହାଲ ସ୍କୁଲରେ ତାଲା ପଡିଛି। ନୂତନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଚାଲୁ ରହିବ ରହିବ ବୋଲି ଉଭୟ ସ୍କୁଲର ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

ଗତ ସୋମବାର ବରବାହାଲ ଉନ୍ନୀତ ହାଇସ୍କୁଲରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢାରେ ଅସୁବିଧା ହେଉଥିବା ଦର୍ଶାଇ ଛାତ୍ରୀଛାତ୍ରମାନେ ଗେଟରେ ତାଲା ଦେଇ ଆନ୍ଦୋଳନରେ ବସିଥିଲେ। ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୩୪ଜଣ ଛାତ୍ରୀଛାତ୍ର ଥିବା ବେଳେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି। ସେଥିରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ପାଠପଢାରେ ଅସୁବିଧା ହେଉଥିବାରୁ ଅନ୍ୟୁନ ଆହୁରି ୪ଜଣ ଶିକ୍ଷକ ଆବଶ୍ୟକ। ସ୍ଥିତି ଏପରି ଥିବା ବେଳେ ୨୦୧୫ ନଭେମ୍ବରରୁ ଡେପୁଟେସନରେ ଅଣାଯାଇଥିବା ୨ଶିକ୍ଷକଙ୍କୁ ଗତ ମାସରେ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଶିକ୍ଷାଦାନ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହେଉଛି। ଏନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର ଗ୍ରାମବାସୀ ଓ ଅଭିଭାବକ ସ୍କୁଲରେ ତାଲା ପକାଇଥିଲେ। ଘଟଣାସ୍ଥଳରେ ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରବା ପରେ ନିକଟସ୍ଥ ମଲ୍ଲିକମୁଣ୍ଡା ସ୍କୁଲରୁ ଜିତେନ୍ଦ୍ରନାଥ ମିଶ୍ର ଏବଂ ଧାତୁକ ସ୍କୁଲରୁ ସତ୍ୟାନନ୍ଦ ଭୁର୍ଣ୍ଣଙ୍କୁ ଏହି ସ୍କୁଲକୁ ବଦଳି କରି ଆଣିବାକୁ କହିଥିଲେ। ଏହା ଜାଣି ଗୁରୁବାର ମଲ୍ଲିକମୁଣ୍ଡା ଗ୍ରାମବାସୀ ଶିକ୍ଷକ ଜିତେନ୍ଦ୍ରନାଥ ମିଶ୍ରଙ୍କ ବଦଳିକୁ ବିରୋଧ କରି ସ୍କୁଲରେ ତାଲା ପକାଇ ଦେଇଥିଲେ। ବରବାହାଲ ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଶିକ୍ଷକମାନେ ଯୋଗ ନଦେବା ପର୍ଯ୍ୟନ୍ତ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି।

ମଲ୍ଲିକମୁଣ୍ଡା ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୭ ଜଣ ଛାତ୍ରୀଛାତ୍ର ଥିବା ବେଳେ ୭ଜଣ ଶିକ୍ଷକ ଅଛନ୍ତି। ତେବେ ଉଭୟ ସ୍କୁଲରେ ଶିକ୍ଷକ ବଦଳି ବନ୍ଦ ଏବଂ ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇ ଧାରଣାରେ ବସିବା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପାଟଣାଗଡ ଏବିଇଓ ଡି. ନାୟକଙ୍କୁ ପଚାରିବାରୁ ବିଇଓ ଅନୁପସ୍ଥିତ ଅଛନ୍ତି। ସେ ଆସିଲା ପରେ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ଉଭୟ ସ୍କୁଲର ଛାତ୍ରୀଛାତ୍ରମାନେ ତାଲା ଖୋଲିବେ ନାହିଁ ବୋଲି ଜିଦ ଧରିଛନ୍ତି।




ଶିକ୍ଷକ ନିଯୁକ୍ତ ଦାବିରେ ବରବାହାଲ ଉନ୍ନୀତ ହାଇସ୍କୁଲରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

**ପାଟଣାଗଡ ଶିକ୍ଷା ଜିଲା**
- ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ିଲା
- ସମସ୍ୟା ସମାଧାନ ନ ହେବା ଯାଏ ତାଲା ଖୋଲିବେନି ଛାତ୍ରୀଛାତ୍ର

# ନକୁଲକଁର ଦୁଆର ମୁହେଁ ପର୍‌ଶାସନ୍

**ଗୁଡଭେଲା,୨୩।୮(ଡି.ଏନ.ଏ.)**

**ଧରିତ୍ରୀର ପ୍ରଭାବ**

ଗଲା ୨୧ ତାରିଖ୍ ଧରିତ୍ରୀ ସମ୍ବଲପୁର ସଁସ୍‌କରନ୍‌ରେ 'ଫଟା କୁରିଆରେ ବିତୁଛେ ଜୀବନ୍- ମାସିକ୍ ୩ଶହ ଟଁକାରେ ଚଲୁଛନ୍ ବୁଢ଼ୀବୁଢ଼ା' ଶୀର୍‌ଷକ୍‌ରେ ଖବର ବାହାରିଥିଲା। ଖବର ବାହାର୍‌ଲା ଉତାରୁ ପର୍‌ଶାସନ୍‌ର ନିଦ୍ ଭାଂଗିଛେ। ଗୁରୁବାର ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ୍ ଦେଉଲଗୁଡି ପଁନ୍‌ଚେତ୍‌ର ସରପଁଚ୍ ସରୋଜ ମଲ୍ଲୀକ ଆର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ସେଠ ଜାମମୁଣ୍ଡା ଗାଁକେ ଯାଇ ନକୁଳ ସୁନାକୁଁ ଭେଟିଥିଲେ। ବୁଢ଼ୀବୁଢ଼ା ଭତା ଲାଗି ତାକରନୁ ଫର୍ମ ନେବବାର ସଂଗେ ୧୦ କେ.ଜି. ଚାଉଳ ଦେଇଥିଲେ ଆର୍ ସେମାନ୍‌କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କର୍‌ବାର ପର୍‌ତିଶ୍ରୁତି ଦେଇଥିଲେ।



ସରପଁଚ୍ ସରୋଜ ମଲ୍ଲୀକ ନକୁଳକଁର ମାଏଝିକେ ଚାଉଳ ଦେଉଛନ୍।

## ଜଳବାୟୁ ପରିବର୍ତ୍ତନ ସାକ୍ଷରତା କାର୍ଯ୍ୟକ୍ରମ

**ପୁଇଁନ୍ତଲା, ୨୩।୮(ଡି.ଏନ.ଏ.)**

ଜୟ ଜଗନ୍ନାଥ ସାଂସ୍କୃତିକ ସଂଘ ଦ୍ୱାରା ଜାମସର ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରା ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକାବହେଙ୍ଗା ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ନାର୍ବାଡ ଅଧିକାର ତପନ କୁମାର ସାହୁ ଯୋଗଦେଇଥିଲେ । ସାଗରିକା ହୋତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ସାଉନ୍ତପୁର ଗ୍ରାମରେ ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମୁକେଶ ନାୟକ ଉପସ୍ଥିତ ଥିଲେ।




ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି।

## ନିଯୁକ୍ତି ମେଳାରେ ଭାଗନେଲେ ୧୫ କମ୍ପାନୀ

**କଣ୍ଟାବାଞ୍ଜି, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ପ୍ରଧାମନ୍ତ୍ରୀ କୌଶଳ କେନ୍ଦ୍ରଦ୍ୱାରା ନିଯୁକ୍ତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାରେ ବଲାଙ୍ଗୀର ଓ ନୂଆପଡା ଜିଲାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ଭାରତର ନାମୀଦାମୀ ୧୫ଟି କମ୍ପାନୀ ଭାଗନେଇ ସିଧାସଳଖ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା କରି ନିଯୁକ୍ତି ପ୍ରଦାନ କରିଛନ୍ତି। ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଅୟୁବ ଖାନ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମପି ପ୍ରତିନିଧି ପ୍ରଫୁଲ୍ଲ କୁମାର ନାୟକ, ମୁଖ୍ୟବକ୍ତାଭାବେ କେ.ଭି.ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର, ବିଭିନ୍ନ କମ୍ପାନୀର ଡାଇରେକ୍ଟର ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦଘାଟନୀ ସଭା କଣ୍ଟାବାଞ୍ଜି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ଡାଇରେକ୍ଟର ସୁଧାଂଶୁ କୁମାର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶୁଭ୍ରାଂଶୁ କୁମାର ରାଉତରାୟ, ସୁଧିର କୁମାର ରାଉତରାୟଙ୍କ ସହିତ କେନ୍ଦ୍ରର ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ, ୩.୫୮କୋଟି ମଞ୍ଜୁର

**ପୁଇଁନ୍ତଲା, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗଇଁନ୍ତଲା ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୫ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୩କୋଟି ୫୮ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉପସ୍ଥିତ ଥିବା ପୁଇଁନ୍ତଲା ବ୍ଲକର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଯୋଗେନ୍ଦ୍ର ବେହେରା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ସୁବଦତ୍ତ ମିଶ୍ର, ଏମ୍‌ପି ପ୍ରତିନିଧି ସୁରେଶ ନାଏକ, ପୂର୍ବତନ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ବଇରାସର ସେବା ସମବାୟ ସମିତିର ସଭାପତି ଶ୍ରୀପତି ବାଘ, ବ୍ଲକ ବିଜେଡି ସଭାପତି ବିଷ୍ଣୁ ପଟେଲ, ବରିଷ୍ଠ ନେତା ହରେକୃଷ୍ଣ ଷଡଙ୍ଗୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବୁ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି

**ଟିକ୍ରାପଡା.୨୩।୮(ଡି.ଏନ.ଏ.):** ସଇଁତଲା ବ୍ଲକ ଟିକ୍ରାପଡାଠାରେ ଲାଙ୍କେଶ୍ୱର ନାଟ୍ୟ ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଯ୍ୟାମୀ ରାଜପଲିଆ ଅଧ୍ୟକ୍ଷତା କରିଥିଲେ । ଅଶୁତୋଷ ରାଜପଲିଆ, ଜୟରାମ ବାଗ, ଗଣେଶର ରାଜପଲିଆ, ମୀନକେତନ ରାଜପଲିଆ ପ୍ରମୁଖ ଦେବୁ ବୋଷଙ୍କ ଅଭିନୟ କଳା ସମ୍ବନ୍ଧରେ ଆଲୋଚନା କରିଥିଲେ ।

ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

# ଭାଗନେଲେ ୨୭୫ ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ/ପୁଇଁନ୍ତଲା, ୨୩।୮ (ଡି.ଏନ୍.ଏ.)**

ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବ ପ୍ରଥମ ଅଧିବେଶନରେ ବିଦ୍ୟାଳୟ କୋଷାଧକ୍ଷ ସ୍ୱାଧୀନ କୁମାର ସାହୁ ଅଧକ୍ଷତା କରିଥିଲେ। ସଭାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଆଭିମୁଖ୍ୟ ହିଁ ଛାତ୍ରୀଛାତ୍ରଙ୍କ ଭିତରେ ରହିବା ଉଚିତ୍ ବୋଲି କହିଥିଲେ । ଏହି ମେଳାରେ ୧୦ଟି ବିଦ୍ୟାଳୟର ୨୭୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବିଜ୍ଞାନ ମେଳା ସହ ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ, ସଂସ୍କୃତି ଜ୍ଞାନ ପତ୍ରବାଚନ, ଗଣିତ ପତ୍ରବାଚନ, ବିଜ୍ଞାନ ପତ୍ରବାଚନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ପତ୍ର ବାଚନରେ ବାଳବର୍ଗରୁ ସ୍ମାରକ ନାରାୟଣ ଖୁଆସ ପ୍ରଥମ, କିଶୋର ବର୍ଗରୁ ସ୍ୱସ୍ତିକା ସାହୁ ପ୍ରଥମ, ଗଣିତ ପତ୍ରବାଚନ ବାଳ ବର୍ଗରୁ ସାସ୍ୱତ କୁମାର ତ୍ରିପାଠୀ ପ୍ରଥମ, କିଶୋର ବର୍ଗରୁ ରାଜ ପଧାନ ପ୍ରଥମ, ଗଣିତ ଚାର୍ଟ ପ୍ରଦର୍ଶନରେ ବାଳବର୍ଗରୁ ବିଶ୍ୱଜିତ ସେଠି ପ୍ରଥମ, ଗଣିତ ପ୍ରୟୋଗରେ ଶିଶୁବର୍ଗରେ ସ୍ୱାଗତ କୁମାର ଯୋଶୀ ପ୍ରଥମ, ବାଳ ବର୍ଗରେ ଆର୍ଯ୍ୟନ ରାଉତ ପ୍ରଥମ, କିଶୋର ବର୍ଗରେ ଦୁର୍ଗେଶ ଖଟୁଆ ପ୍ରଥମ, ବିଜ୍ଞାନ ପ୍ରୟୋଗରେ ଶିଶୁ ବର୍ଗରେ ସୋନାଲି ମେହେର ପ୍ରଥମ, ବାଳ ବର୍ଗରେ ସ୍ୱସ୍ତିକା ସମର୍ପିତା ମାହାଣା ପ୍ରଥମ, କିଶୋର ବର୍ଗରେ ଉତ୍କଳିକା ବହିଦାର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେପ୍ଟେମ୍ବର ୧୭ ଓ ୧୮ତାରିଖରେ ପାଟଣାଗଡଠାରେ ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହେବ । ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରୁ କୃତୀ ଛାତ୍ରୀଛାତ୍ର ଚନ୍ଦନ କୁମାର ସାହୁ, ଶୁଭକାନ୍ତ ବାଗ, ମାନସ ରଞ୍ଜନ କାଲସାଏ, ବରୁଣ ଦାସ, ବିମଳେନ୍ଦୁ ଆଚାର୍ଯ୍ୟ, ଆଦ୍ୟା ଶତପଥି, ଅର୍ପିତା ମହାନ୍ତି, ଓମକାର ଇପ୍ସିତ ତ୍ରିପାଠୀ, ଆୟୁଷ ପ୍ରଧାନ, ବ୍ୟୋମକେଶ ମିଶ୍ର, ଆଜାଦ ମେହେର, ଖୁସବୁ ପଟେଲ, ପ୍ରତ୍ୟୁଷ କୁମାର ନାଏକ ବିଭାଗ ସ୍ତରୀୟ ବିଜ୍ଞାନ ମେଳାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଚାରକ ଭାବେ ରାଜେଶ ମିଶ୍ର, ରବୀନ୍ଦ୍ର ବରିହା, ବିରଞ୍ଚି ବିଶ୍ୱାଳ, ସରୋଜ ହୋତା, ପ୍ରେମେନ୍ଦ୍ର ପ୍ରକାଶ ପ୍ରଧାନ, ସତ୍ୟାନନ୍ଦ ଖରସେଲ, ଅରବିନ୍ଦ ବାରିକ, ସନ୍ତୋଷିନୀ ସାହୁ, ଆନନ୍ଦ କୁମାର ସାହୁ, ବିରେନ୍ଦ୍ର କୁମାର ସା, ହିମାଂଶୁ ଭୁଏ, ସ୍ୱାଧୀନ ସାହୁ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମହୀମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଜରିଆରେ ସମାଜରୁ ଅନ୍ଧ ବିଶ୍ୱାସ, କୁରୀତିକୁ ଦୂର କରି ହେବ ବୋଲି କହିଥିଲେ । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଦକ୍ଷିଣ-ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର, ବଲାଙ୍ଗୀର ସଙ୍କୁଳ ସଂଯୋଜକ ଆଲୋକ ଭୋଇ, ରଘୁନାଥ ମିଶ୍ର , କଲେଜ ଛକ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ସଂଯୋଜନା ରୀତାଞ୍ଜଳି ପଧାନ କରିଥିବାବେଳେ ଆଲୋକ ଭୋଇ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ତଥା ଗ୍ରାମବାସୀ ସହଯୋଗ କରିଥିଲେ ।



ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି ।

# ପ୍ରସ୍ତାବିତ ଲୋଇସିଂହା ଏନ୍‌ଏସି ରୂପରେଖ ଚୂଡ଼ାନ୍ତ

- ଲୋଇସିଂହା, ବୁର୍ଡା ପଞ୍ଚାୟତ ସାମିଲ
- ହୀରାପୁର ପଞ୍ଚାୟତର ୩ଗାଁ ବି ମିଶିବ

**ଲୋଇସିଂହା,୨୩।ଡି.ଏନ.ଏ)**

ଲୋଇସିଂହା, ବୁର୍ଡା ପଞ୍ଚାୟତର ସମସ୍ତ ଗ୍ରାମ ଏବଂ ହୀରାପୁର ପଞ୍ଚାୟତର ସାରସୁମୁଣ୍ଡା, ସେମେଲମୁଣ୍ଡା ଓ ପନେସରା ଗ୍ରାମକୁ ନେଇ ଲୋଇସିଂହା ଏନଏସସି ଗଠନ କରାଯିବ। ଏ ସଂକ୍ରାନ୍ତରେ ଗୁରୁବାର ଉପଜିଲାପାଳ ଭୈରବ ସିଂ ପଟେଲଙ୍କ କାର୍ଯ୍ୟାଳୟରେ ଜନପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତାବ ପାରିତ ହୋଇଯାଇଛି । ପାରିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ଉପଜିଲାପାଳ ବୈଠକରେ ପ୍ରକାଶ କରିଥଲେ ।

ଲୋଇସିଂହାକୁ ଏନଏସସି ଘୋଷଣା ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ । ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ମଧ୍ୟ ଥିଲା । ରାଜ୍ୟ ସରକାର ଲୋଇସିଂହା ସମେତ ରାଜ୍ୟର ୧୮ଟି ନୂଆ ଏନଏସସି ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଉପଜିଲାପାଳ ପଟେଲଙ୍କ କାର୍ଯ୍ୟାଳୟଠାରେ ବିଡିଓ ରାମଚନ୍ଦ୍ର ଖାଡିଆ, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁ, ଲୋଇସିଂହା ସରପଞ୍ଚ ସୁନୀଲ ଅଗ୍ରୱାଲ, ବୁର୍ଡା ସରପଞ୍ଚ ନଳିନୀ ଭୋଇ, ହୀରାପୁର ସରପଞ୍ଚ ରୀତା ବିଶି ଏବଂ ସମିତି ସଭ୍ୟାସଭ୍ୟଙ୍କୁ ନେଇ ନୂତନ ଏନଏସି ଗଠନର ରୂପରେଖ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଲୋଇସିଂହା, ବୁର୍ଡା, ପଞ୍ଚାୟତର ସମସ୍ତ ଏବଂ ହୀରାପୁରର ୩ଟି ଗାଁକୁ ସାମିଲ କରାଯାଇଥିବା ଜିଲା ପରିଷଦ ସଭ୍ୟ ସାହୁ ପ୍ରକାଶ କରିଛନ୍ତି ।

## ଫଟୋରେ ଖବର








ପୂର୍ତ୍ତ ବିଭାଗ ରାସ୍ତା ତିଆରି ପରେ ବିଏଡ୍ କଲେଜ ସମ୍ମୁଖରେ ଡ୍ରେନ୍ ନିର୍ମାଣ ସରି ନ ଥିବାରୁ କଲେଜ ଭିତରକୁ ପାଣି ପଶିବା ପରେ ଛାତ୍ରମାନେ ଅସ୍ଥାୟୀ ଡ୍ରେନ୍ ତିଆରି କରୁଛନ୍ତି (ବାମ)। ବଲାଙ୍ଗୀର ମେଡିକାଲ କଲେଜରେ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢୁଥିଲେ ବି ଶଯ୍ୟା ସଂଖ୍ୟା ବଢୁ ନଥିବାରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି (ମଝି)। ଆଗକୁ ରକ୍ଷାବନ୍ଧନ: ବଲାଙ୍ଗୀର ଡେଲିମାର୍କେଟସ୍ଥିତ ଏକ ରାଖୀ ଷ୍ଟଲରେ କ୍ରେତାଙ୍କ ଭିଡ଼ । (ଫଟୋ-ସୁନୀଲ)



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଅଜଣା ଜ୍ୱରରେ ୪୦ଶିଶୁ ଆକ୍ରାନ୍ତ

**ଖପ୍ରାଖୋଲ, ୨୩।୮(ଡ.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ଚାଉଲବାଞ୍ଜି ଗାଁରେ ଅଜଣା ଜ୍ୱରରେ ୪୦ରୁ ଉର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ଜନ୍ମରୁ ୭ବର୍ଷ ମଧ୍ୟରେ ଥିବା ଶିଶୁଙ୍କୁ ଜ୍ୱର, ଥଣ୍ଡା ସହିତ କାଶ ହେଉଛି। ଔଷଧ ଦେଲେ ମଧ୍ୟ ଛାଡୁ ନ ଥିବା ନେଇ ଅଭିଯୋଗ ହେଉଛି । କେତେକ ଶିଶୁ ଗାଁରେ ଚିକିତ୍ସିତ ହେଉଥିବାବେଳେ ଆଉ କେତେକ ବାଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା.ପ୍ରହ୍ଲାଦ ମେହେରଙ୍କୁ ପଚାରିବାରୁ ମୋ ପାଖରେ ଏ ନେଇ ଖବର ନାହିଁ। ଅନୁସନ୍ଧାନ ପରେ ସ୍ୱାସ୍ଥ୍ୟ ସେବା ଦଳ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

### ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନାଚକ୍ର

**ଟିକ୍ରାପଡା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ଅଖଣ୍ଡ ଭାରତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଭଗବତ କଳା ବିକାଶ ପରିଷଦ, ଆଦର୍ଶ ଯୁବକ ସଂଘ ଓ ବିଶ୍ୱହିନ୍ଦୁ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୌନ୍ତିଆ ଟିକେନନ୍ଦ ମାଝୀ ଅଧ୍ୟକ୍ଷତା କରିଥିଲେ । ପ୍ରବଚକ ଲିଙ୍ଗରାଜ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପଣ୍ଡା ପ୍ରାଚୀନ ଭାରତର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭୌଗୋଳିକ ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଷେତ୍ର ମହାକୁର, ଅଭିମନ୍ୟୁ ଭୋଇ, ନାରାୟଣ ବାଗ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜୟରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ

**ଗୁଡଭେଲା,୨୩।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମରେ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀ ସଭାପତି ପଞ୍ଚାନନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୃକ୍ଷ ଲଗାଇ ପରିବେଶକୁ ଅଧିକ ଦୂଷିତ ହେବାରୁ କିପରି ରକ୍ଷା କରାଯାଇ ପାରିବ ତାହା ଉପରେ ଆଲୋଚନା ହୋଇଥିଲା । କୋଷାଧକ୍ଷ ସୁଶୀଲ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ମଳୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଗସ୍ତି ଭୋଇ, ବିକାଶ ମାଝୀ, ରାକେଶ ସାହୁ, ମାନସ ପ୍ରଧାନ, ସିଦ୍ଧାର୍ଥ ସାହୁ, ରାଜାରାମ ପ୍ରଧାନ, ମନୋଜ ପ୍ରଧାନ ଏଥିରେ ସହଯୋଗ କରିଥିଲେ ।

### ଶିକ୍ଷକ ବଦଳିକୁ ନେଇ ବିବାଦ

# ଦୁଇ ସ୍କୁଲରେ ତାଲା ଝୁଲିଲା

**ପାଟଣାଗଡ, ୨୩।୮(ଡି.ଏନ.ଏ.)**




ଶିକ୍ଷକ ନିଯୁକ୍ତ ଦାବିରେ ବରବାହାଲ ଉନ୍ନୀତ ହାଇସ୍କୁଲରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ଶିକ୍ଷକ ବଦଳି, ପୂରଣ ଦାବିରେ ଗୁରୁବାର ପାଟଣାଗଡ ବ୍ଲକ ଅନ୍ତର୍ଗତ ମଲ୍ଲିକମୁଣ୍ଡା ଏବଂ ବରବାହାଲ ସ୍କୁଲରେ ତାଲା ପଡିଛି। ନୂତନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଚାଲୁ ରହିବ ରହିବ ବୋଲି ଉଭୟ ସ୍କୁଲର ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

ଗତ ସୋମବାର ବରବାହାଲ ଉନ୍ନୀତ ହାଇସ୍କୁଲରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢାରେ ଅସୁବିଧା ହେଉଥିବା ଦର୍ଶାଇ ଛାତ୍ରୀଛାତ୍ରମାନେ ଗେଟରେ ତାଲା ଦେଇ ଆନ୍ଦୋଳନରେ ବସିଥିଲେ। ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୩୪ଜଣ ଛାତ୍ରୀଛାତ୍ର ଥିବା ବେଳେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି। ସେଥିରେ ବିଇଡି ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ପାଠପଢାରେ ଅସୁବିଧା ହେଉଥିବାରୁ ଅନ୍ୟୁନ ଆହୁରି ୪ଜଣ ଶିକ୍ଷକ ଆବଶ୍ୟକ। ସ୍ଥିତି ଏପରି ଥିବା ବେଳେ ୨୦୧୫ ନଭେମ୍ବରରୁ ଡେପୁଟେସନରେ ଅଣାଯାଇଥିବା ୨ଶିକ୍ଷକଙ୍କୁ ଗତ ମାସରେ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଶିକ୍ଷାଦାନ ପ୍ରକ୍ରିୟା ଗୁରୁତର ବାଧାପ୍ରାପ୍ତ ହେଉଛି। ଏନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ହେଲେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର

**ପାଟଣାଗଡ ଶିକ୍ଷା ଜିଲା**

- ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ିଲା
- ସମସ୍ୟା ସମାଧାନ ନ ହେବା ଯାଏ ତାଲା ଖୋଲିବେନି ଛାତ୍ରୀଛାତ୍ର

ଗ୍ରାମବାସୀ ଓ ଅଭିଭାବକ ସ୍କୁଲରେ ତାଲା ପକାଇଥିଲେ। ଘଟଣାସ୍ଥଳରେ ପାଟଣାଗଡ ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରବା ପରେ ନିକଟସ୍ଥ ମଲ୍ଲିକମୁଣ୍ଡା ସ୍କୁଲରୁ ଜିତେନ୍ଦ୍ରନାଥ ମିଶ୍ର ଏବଂ ଧାତୁକ ସ୍କୁଲରୁ ସତ୍ୟାନନ୍ଦ ଭୁର୍ଣ୍ଣ୍ଙ୍କୁ ଏହି ସ୍କୁଲକୁ ବଦଳି କରି ଆଣିବାକୁ କହିଥିଲେ। ଏହା ଜାଣି ଗୁରୁବାର ମଲ୍ଲିକମୁଣ୍ଡା ଗ୍ରାମବାସୀ ଶିକ୍ଷକ ଜିତେନ୍ଦ୍ରନାଥ ମିଶ୍ରଙ୍କ ବଦଳିକୁ ବିରୋଧ କରି ସ୍କୁଲରେ ତାଲା ପକାଇ ଦେଇଥିଲେ। ବରବାହାଲ ସ୍କୁଲର ଛାତ୍ରୀଛାତ୍ର ମଧ ଶିକ୍ଷକମାନେ ଯୋଗ ନଦେବା ପର୍ଯ୍ୟନ୍ତ ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି।

ମଲ୍ଲିକମୁଣ୍ଡା ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୭ ଜଣ ଛାତ୍ରୀଛାତ୍ର ଥିବା ବେଳେ ୭ଜଣ ଶିକ୍ଷକ ଅଛନ୍ତି। ତେବେ ଉଭୟ ସ୍କୁଲରେ ଶିକ୍ଷକ ବଦଳି ବନ୍ଦ ଏବଂ ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇ ଧାରଣାରେ ବସିବା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପାଟଣାଗଡ ଏବିଇଓ ଡି. ନାୟକଙ୍କୁ ପଚାରିବାରୁ ବିଇଓ ଅନୁପସ୍ଥିତ ଅଛନ୍ତି। ସେ ଆସିଲା ପରେ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ଉଭୟ ସ୍କୁଲର ଛାତ୍ରୀଛାତ୍ରମାନେ ତାଲା ଖୋଲିବେ ନାହିଁ ବୋଲି ଜିଦ ଧରିଛନ୍ତି।

# ନକୁଳଙ୍କର ଦୁଆର ମୁହେଁ ପର୍‌ଶାସନ୍

**ଗୁଡଭେଲା,୨୩।୮(ଡି.ଏନ.ଏ.)**

**ଧରିତ୍ରୀର ପ୍ରଭାବ**



ସରପଁଚ୍ ସରୋଜ ମଲ୍ଲୀକ ନକୁଳଙ୍କର ମାଏଝିକେ ଚାଉଲ ଦେଉଛନ୍।

ଗଲା ୨୧ ତାରିଖ୍ ଧରିତ୍ରୀ ସମ୍ବଲପୁର ସଁସ୍‌କରନ୍‌ରେ 'ଫଟା କୁରିଆରେ ବିତୁଛେ ଜୀବନ୍- ମାସିକ୍ ୩ଶହ ଟଁକାରେ ଚଲୁଛନ୍ ବୁଢ଼ୀବୁଢ଼ା' ଶୀର୍‌ଷକ୍‌ରେ ଖବର ବାହାରିଥିଲା। ଖବର ବାହାର୍‌ଲା ଉତାରୁ ପର୍‌ଶାସନ୍‌ର ନିଦ୍ ଭାଂଗିଛେ। ଗୁରୁବାର ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ୍ ଦେଉଲଗୁଡି ପଁନ୍‌ଚେତ୍‌ର ସରପଁଚ୍ ସରୋଜ ମଲ୍ଲୀକ ଆର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ସେଠ ଜାମମୁଣ୍ଡା ଗାଁକେ ଯାଇ ନକୁଳ ସୁନାଙ୍କୁ ଭେଟିଥିଲେ। ବୁଢ଼ୀବୁଢ଼ା ଭତା ଲାଗି ତାକରନୁ ଫର୍ମ ନେବବାର ସଂଗେ ୧୦ କେ.ଜି. ଚାଉଲ ଦେଇଥିଲେ ଆର୍ ସେମାନ୍‌କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ସାମିଲ କର୍‌ବାର ପର୍‌ତିଶୁର୍‌ତି ଦେଇଥିଲେ।

# ଜଳବାୟୁ ପରିବର୍ତ୍ତନ ସାକ୍ଷରତା କାର୍ଯ୍ୟକ୍ରମ

**ପୁଇଁନ୍ତଲା, ୨୩।୮(ଡି.ଏନ.ଏ.)**

ଜୟ ଜଗନ୍ନାଥ ସାଂସ୍କୃତିକ ସଂଘ ଦ୍ୱାରା ଜାମସର ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରା ଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକାବହେଙ୍ଗା ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ନାର୍ବାଡ ଅଧିକାର ତପନ କୁମାର ସାହୁ ଯୋଗଦେଇଥିଲେ । ସାଗରିକା ହୋତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ସାଉନ୍ତପୁର ଗ୍ରାମରେ ବୃକ୍ଷରୋପଣ ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମୁକେଶ ନାୟକ ଉପସ୍ଥିତ ଥିଲେ।




ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି।

# ନିଯୁକ୍ତି ମେଳାରେ ଭାଗନେଲେ ୧୫ କମ୍ପାନୀ

**କଣ୍ଟାବାଞ୍ଜି, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ପ୍ରଧାମନ୍ତ୍ରୀ କୌଶଳ କେନ୍ଦ୍ରଦ୍ୱାରା ନିଯୁକ୍ତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାରେ ବଲାଙ୍ଗୀର ଓ ନୂଆପଡା ଜିଲାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମେଳାରେ ଭାରତର ନାମୀଦାମୀ ୧୫ଟି କମ୍ପାନୀ ଭାଗନେଇ ସିଧାସଳଖ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା କରି ନିଯୁକ୍ତି ପ୍ରଦାନ କରିଛନ୍ତି। ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଅୟୁବ ଖାନ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମପି ପ୍ରତିନିଧି ପ୍ରଫୁଲ୍ଲ କୁମାର ନାୟକ, ମୁଖ୍ୟବକ୍ତାଭାବେ କେ.ଭି.ଡିଗ୍ରୀ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର, ବିଭିନ୍ନ କମ୍ପାନୀର ଡାଇରେକ୍ଟର ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦଘାଟନୀ ସଭା କଣ୍ଟାବାଞ୍ଜି ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ଡାଇରେକ୍ଟର ସୁଧାଂଶୁ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶୁଭ୍ରାଂଶୁ କୁମାର ରାଉତରାୟ, ସୁଧିର କୁମାର ରାଉତରାୟଙ୍କ ସହିତ କେନ୍ଦ୍ରର ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ, ୩.୫୮କୋଟି ମଞ୍ଜୁର

**ପୁଇଁନ୍ତଲା, ୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗଇଁନ୍ତଲା ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୫ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୩କୋଟି ୫୮ ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉପସ୍ଥିତ ଥିବା ପୁଇଁନ୍ତଲା ବ୍ଲକର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଯୋଗେନ୍ଦ୍ର ବେହେରା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ସୁବଦତ୍ତ ମିଶ୍ର, ଏମ୍‌ପି ପ୍ରତିନିଧି ସୁରେଶ ନାଏକ, ପୂର୍ବତନ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ବଇରାସର ସେବା ସମବାୟ ସମିତିର ସଭାପତି ଶ୍ରୀପତି ବାଘ, ବ୍ଲକ ବିଜେଡି ସଭାପତି ବିଷ୍ଣୁ ପଟେଲ, ବରିଷ୍ଟ ନେତା ହରେକୃଷ୍ଣ ଷଡଙ୍ଗୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

### ଦେବୁ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି

**ଟିକ୍ରାପଡା.୨୩।୮(ଡି.ଏନ.ଏ.):** ସଇଁତଲା ବ୍ଲକ ଟିକ୍ରାପଡାଠାରେ ଲାଙ୍କେଶ୍ୱର ନାଟ୍ୟ ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ତର୍ଯ୍ୟାମୀ ରାଜପଲିଆ ଅଧ୍ୟକ୍ଷତା କରିଥିଲେ । ଅଶୁତୋଷ ରାଜପଲିଆ, ଜୟରାମ ବାଗ, ଗଣେଶର ରାଜପଲିଆ, ମୀନକେତନ ରାଜପଲିଆ ପ୍ରମୁଖ ଦେବୁ ବୋଷଙ୍କ ଅଭିନୟ କଳା ସମ୍ବନ୍ଧରେ ଆଲୋଚନା କରିଥିଲେ ।

### ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

# ଭାଗନେଲେ ୨୭୫ ପ୍ରତିଯୋଗୀ

**ବଲାଙ୍ଗୀର ଅଫିସ/ପୁଇଁତଲା, ୨୩।୮ (ଡି.ଏନ୍.ଏ.)**



ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି ।

ପୁଇଁତଲା ବ୍ଲକ ଅନ୍ତର୍ଗତ ମହୀମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବ ପ୍ରଥମ ଅଧିବେଶନରେ ବିଦ୍ୟାଳୟ କୋଷାଧ୍ୟକ୍ଷ ସ୍ୱାଧୀନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଆଭିମୁଖ୍ୟ ହିଁ ଛାତ୍ରୀଛାତ୍ରଙ୍କ ଭିତରେ ରହିବା ଉଚିତ୍ ବୋଲି କହିଥିଲେ । ଏହି ମେଳାରେ ୧୦ଟି ବିଦ୍ୟାଳୟର ୨୭୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବିଜ୍ଞାନ ମେଳା ସହ ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ, ସଂସ୍କୃତି ଜ୍ଞାନ ପତ୍ରବାଚନ, ଗଣିତ ପତ୍ରବାଚନ, ବିଜ୍ଞାନ ପତ୍ରବାଚନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ପତ୍ର ବାଚନରେ ବାଳବର୍ଗରୁ ସ୍ମାରକ ନାରାୟଣ ଖୁଆସ ପ୍ରଥମ, କିଶୋର ବର୍ଗରୁ ସ୍ୱସ୍ତିକା ସାହୁ ପ୍ରଥମ, ଗଣିତ ପତ୍ରବାଚନ ବାଳ ବର୍ଗରୁ ସାସ୍ୱତ କୁମାର ତ୍ରିପାଠୀ ପ୍ରଥମ, କିଶୋର ବର୍ଗରୁ ରାଜ ପଧାନ ପ୍ରଥମ, ଗଣିତ ଚାର୍ଟ ପ୍ରଦର୍ଶନରେ ବାଳବର୍ଗରୁ ବିଶ୍ୱଜିତ ସେଠି ପ୍ରଥମ, ଗଣିତ ପ୍ରୟୋଗରେ ଶିଶୁବର୍ଗରେ ସ୍ୱାଗତ କୁମାର ଯୋଶୀ ପ୍ରଥମ, ବାଳ ବର୍ଗରେ ଆର୍ଯ୍ୟନ ରାଉତ ପ୍ରଥମ, କିଶୋର ବର୍ଗରେ ଦୁର୍ଗେଶ ଖଟୁଆ ପ୍ରଥମ, ବିଜ୍ଞାନ ପ୍ରୟୋଗରେ ଶିଶୁ ବର୍ଗରେ ସୋନାଲି ମେହେର ପ୍ରଥମ, ବାଳ ବର୍ଗରେ ସ୍ୱସ୍ତିକା ସମର୍ପିତା ମାହାଣା ପ୍ରଥମ, କିଶୋର ବର୍ଗରେ ଉତ୍କଳିକା ବହିଦାର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେପ୍ଟେମ୍ବର ୧୭ ଓ ୧୮ତାରିଖରେ ପାଟଣାଗଡଠାରେ ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହେବ । ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରୁ କୃତୀ ଛାତ୍ରୀଛାତ୍ର ଚନ୍ଦନ କୁମାର ସାହୁ, ଶୁଭକାନ୍ତ ବାଗ, ମାନସ ରଞ୍ଜନ କାଲସାଏ, ବରୁଣ ଦାସ, ବିମଳେନ୍ଦୁ ଆଚାର୍ଯ୍ୟ, ଆଦ୍ୟା ଶତପଥି, ଅର୍ପିତା ମହାନ୍ତି, ଓମକାର ଇପ୍ସିତ ତ୍ରିପାଠୀ, ଆୟୁଷ ପ୍ରଧାନ, ବ୍ୟପ୍ତକେଶ ମିଶ୍ର, ଆଜାଦ ମେହେର, ଖୁସବୁ ପଟେଲ, ପ୍ରତ୍ୟୁଷ କୁମାର ନାଏକ ବିଭାଗ ସ୍ତରୀୟ ବିଜ୍ଞାନ ମେଳାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଚାରକ ଭାବେ ରାଜେଶ ମିଶ୍ର, ରବୀନ୍ଦ୍ର ବରିହା, ବିରଞ୍ଚି ବିଶ୍ୱାଲ, ସରୋଜ ହୋତା, ପ୍ରେମେନ୍ଦ୍ର ପ୍ରକାଶ ପ୍ରଧାନ, ସତ୍ୟାନନ୍ଦ ଖରସେଲ, ଅରବିନ୍ଦ ବାରିକ, ସନ୍ତୋଷିନୀ ସାହୁ, ଆନନ୍ଦ କୁମାର ସାହୁ, ବିରେନ୍ଦ୍ର କୁମାର ସା, ହିମାଂଶୁ ଭୁଏ, ସ୍ୱାଧୀନ ସାହୁ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମହୀମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ସୁନୀଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଜରିଆରେ ସମାଜରୁ ଅନ୍ଧ ବିଶ୍ୱାସ, କୁରୀତିକୁ ଦୂର କରି ହେବ ବୋଲି କହିଥିଲେ । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଦକ୍ଷିଣ-ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର, ବଲାଙ୍ଗୀର ସଙ୍କୁଳ ସଂଯୋଜକ ଆଲୋକ ଭୋଇ, ରଘୁନାଥ ମିଶ୍ର , କଲେଜ ଛକ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ତ୍ରିପାଠୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମର ସଂଯୋଜନା ରୀତାଞ୍ଜଳି ପଧାନ କରିଥିବାବେଳେ ଆଲୋକ ଭୋଇ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ତଥା ଗ୍ରାମବାସୀ ସହଯୋଗ କରିଥିଲେ ।

# ପ୍ରସ୍ତାବିତ ଲୋଇସିଂହା ଏନ୍‌ଏସି ରୂପରେଖ ଚୂଡ଼ାନ୍ତ

- ଲୋଇସିଂହା, ବୁର୍ଡା ପଞ୍ଚାୟତ ସାମିଲ
- ହୀରାପୁର ପଞ୍ଚାୟତର ୩ଗାଁ ବି ମିଶିବ

**ଲୋଇସିଂହା,୨୩।ଡି.ଏନ.ଏ)**

ଲୋଇସିଂହା, ବୁର୍ଡା ପଞ୍ଚାୟତର ସମସ୍ତ ଗ୍ରାମ ଏବଂ ହୀରାପୁର ପଞ୍ଚାୟତର ସାରସୁମୁଣ୍ଡା, ସେମେଲମୁଣ୍ଡା ଓ ପନେସରା ଗ୍ରାମକୁ ନେଇ ଲୋଇସିଂହା ଏନଏସସି ଗଠନ କରାଯିବ। ଏ ସଂକ୍ରାନ୍ତରେ ଗୁରୁବାର ଉପଜିଲାପାଳ ଭୈରବ ସିଂ ପଟେଲଙ୍କ କାର୍ଯ୍ୟାଳୟରେ ଜନପ୍ରତିନିଧିଙ୍କୁ ନେଇ ଏକ ପ୍ରସ୍ତାବ ପାରିତ ହୋଇଯାଇଛି । ପାରିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ ବୋଲି ଉପଜିଲାପାଳ ବୈଠକରେ ପ୍ରକାଶ କରିଥଲେ ।

ଲୋଇସିଂହାକୁ ଏନଏସସି ଘୋଷଣା ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ । ଏହା ରାଜ୍ୟ ସରକାରଙ୍କ ବିଚାରାଧୀନ ମଧ୍ୟ ଥିଲା । ରାଜ୍ୟ ସରକାର ଲୋଇସିଂହା ସମେତ ରାଜ୍ୟର ୧୮ଟି ନୂଆ ଏନଏସସି ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଉପଜିଲାପାଳ ପଟେଲଙ୍କ କାର୍ଯ୍ୟାଳୟଠାରେ ବିଡିଓ ରାମଚନ୍ଦ୍ର ଖାଡିଆ, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁ, ଲୋଇସିଂହା ସରପଞ୍ଚ ସୁନୀଲ ଅଗ୍ରୱାଲ, ବୁର୍ଡା ସରପଞ୍ଚ ନଳିନୀ ଭୋଇ, ହୀରାପୁର ସରପଞ୍ଚ ରୀତା ବିଶି ଏବଂ ସମିତି ସଭ୍ୟାସଭ୍ୟଙ୍କୁ ନେଇ ନୂତନ ଏନଏସି ଗଠନର ରୂପରେଖ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଲୋଇସିଂହା, ବୁର୍ଡା, ପଞ୍ଚାୟତର ସମସ୍ତ ଏବଂ ହୀରାପୁରର ୩ଟି ଗାଁକୁ ସାମିଲ କରାଯାଇଥିବା ଜିଲା ପରିଷଦ ସଭ୍ୟ ସାହୁ ପ୍ରକାଶ କରିଛନ୍ତି ।

## ଫଟୋରେ ଖବର







ପୂର୍ତ୍ତ ବିଭାଗ ରାସ୍ତା ତିଆରି ପରେ ବିଏଡ୍ କଲେଜ ସମ୍ମୁଖରେ ଡ୍ରେନ୍ ନିର୍ମାଣ ସରି ନ ଥିବାରୁ କଲେଜ ଭିତରକୁ ପାଣି ପଶିବା ପରେ ଛାତ୍ରମାନେ ଅସ୍ଥାୟୀ ଡ୍ରେନ୍ ତିଆରି କରୁଛନ୍ତି (ବାମ)। ବଲାଙ୍ଗୀର ମେଡିକାଲ କଲେଜରେ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢୁଥିଲେ ବି ଶଯ୍ୟା ସଂଖ୍ୟା ବଢୁ ନଥିବାରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି (ମଝି)। ଆଗକୁ ରକ୍ଷାବନ୍ଧନ: ବଲାଙ୍ଗୀର ଡେଲିମାର୍କେଟସ୍ଥିତ ଏକ ରାଖୀ ଷ୍ଟଲରେ କ୍ରେତାଙ୍କ ଭିଡ଼ । (ଫଟୋ-ସୁନୀଲ)



ଯେ ଅନ୍ୟର ସାହାଯ୍ୟ ନ ଲୋଡ଼ି ନିଜ ଶକ୍ତିର ପୂର୍ଣ୍ଣ ଉପଯୋଗ କରେ ସେ ପ୍ରକୃତ ସଫଳତା ଲାଭ କରେ।
- ଟାସିଟସ୍



## ସଂକ୍ଷେପରେ

### ୬ କେଜି ଗଞ୍ଜେଇ ଜବତ: ମହିଳା ଗିରଫ

ଖଡିଆଳ,୨୩।୮(ଡି.ଏନ.ଏ.)
ନୂଆପଡ଼ା ଜିଲା ଖଡିଆଳ ଅବକାରୀ ବିଭାଗ ଗୁରୁବାର ଖଡିଆଳ ବସଷ୍ଟାଣ୍ଡରେ ଚଢ଼ାଉ କରି ଏକ ଘରୋଇ ବସରୁ ୬ କେଜି ଗଞ୍ଜେଇ ଜବତ କରିଛି । ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳାଙ୍କ ନାମ ଛୋଟେ ବାଇ ସେ ମଧ୍ୟପ୍ରଦେଶର ଭୋପାଳ ବୋତାତିଆ ଥାନା ମହକେଡା ଗାଁର ବୋଲି ଜଣାପଡିଛି । ଏ ନେଇ ଅବକାରୀ ବିଭାଗର ଏକ ମାମଲା (ନଂ.୨୬/୧୮) ରୁଜୁ କରି ସମ୍ପୃକ୍ତା ମହିଳାଙ୍କୁ କୋର୍ଟ ଚାଲାଣ କରିଛି ।
ରାୟପୁରକୁ ଏକ ଘରୋଇ ବସ୍ ଯୋଗେ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଅବକାରୀ ବିଭାଗ ଖବର ପାଇ ଖଡିଆଳ ବସଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ପରେ ସମ୍ପୃକ୍ତା ମହିଳାଙ୍କଠାରୁ ୬ କେଜି ଗଞ୍ଜେଇ ଜବତ କରାଯାଇଛି । ଖଡିଆଳ ଅବକାରୀ ବିଭାଗ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ ଓ ଗଦାଧର ମହାରଣାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା ।

### ପ୍ରାକୃତିକ ସମ୍ବଳ ପରିଚାଳନା ଶିବିର

କର୍ଲାମୁଣ୍ଡା,୨୩।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଗାଧିପୁରଠାରେ ବୁଧବାର ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଭୁବନେଶ୍ୱର ପକ୍ଷରୁ ପ୍ରାକୃତିକ ସମ୍ବଳ ପରିଚାଳନା ଓ ସଂରକ୍ଷଣ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ପୁରଷମହିଳାଙ୍କ ଉପସ୍ଥିତିରେ କଳାହାଣ୍ଡିର ପ୍ରକଳ୍ପ ଅଧିକାରୀ ରଥୁରାମ ବାଗ ଓ ଗୋଷ୍ଠୀ ସଙ୍ଗଠକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ । ଗାଁରେ ଥିବା ସମ୍ବଳ ଜଙ୍ଗଲ, ଜମି, ଜଳ, ଜନ୍ତୁ ଓ ଜନର ଠିକ ପରିଚାଳନା ପାଇଁ ନୂତନ ଜଙ୍ଗଲ ସୃଷ୍ଟି, ପୋଖରୀ ଖନନ, ଚହଲା ଖନନ, ଚେକଡ୍ୟାମ୍, ବୁନ୍ଦାଜଳସେଚନ, କମ ପାଣି ବ୍ୟବହାରରେ ହେଉଥିବା ଚାଷ କରିବା, ଜମିର ସମତଳ କରିବା, ପଶୁ ସମ୍ପଦର ସୁରକ୍ଷା କରିବା ଉପରେ ଆଲୋଚନା କରିଥିଲେ।

### ଇନ୍ଦ୍ରାବତୀ ପାୱାର ଚ୍ୟାନେଲରେ ଭାସିଗଲେ ଛାତ୍ର

ଭବାନୀପାଟଣା,୨୩।୮(ଡି.ଏନ.ଏ.)
ଇନ୍ଦ୍ରାବତୀ ପ୍ରକଳ୍ପରୁ ବୁଧବାର ୨ ଶହ ମେଗା ୱାଟ ବିଦ୍ୟୁତ ଉତ୍ପାଦନ ହେଉଛି। ବିଦ୍ୟୁତ ଉତ୍ପାଦନ ପରେ ପାଣିକୁ ପାୱାର ଚ୍ୟାନେଲରେ ମଙ୍ଗଳପୁର ବ୍ୟାରେଜକୁ ଛଡା ଯାଇଥାଏ। ଫଳରେ ବୁଧବାର ପାୱାର ଚ୍ୟାନେଲରେ ପ୍ରଖର ଜଳସ୍ରୋତ ରହିଥିଲା। ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଧର୍ମେନ୍ଦ୍ର ହରିଜନ ବୁଧବାର ରାଣୀବାହାଲ ଗ୍ରାମ ନିକଟରେ ପାୱାର ଚ୍ୟାନେଲକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଧର୍ମେନ୍ଦ୍ର ହରିଜନ ନିଖୋଜ ଅଛନ୍ତି।

# ବିଜୁ ଏକ୍ସପ୍ରେସ କାମ ଶୀଘ୍ର ଶେଷ କର

ନୂଆପଡା ଅଫିସ,୨୩।୮



ନୂଆପଡା-ବରଗଡ ରାସ୍ତାରେ ନୂଆପଡା ବସ୍ତି ମୁଣ୍ଡରେ ବହୁ ଦିନ ଧରି କାମ ଚାଲିଥିବା ଏକ ପୋଲ ।

**ବିଭାଗକୁ କୋର୍ଟର ନିର୍ଦ୍ଦେଶ**
- ଧିମେଇ ଯାଇଛି କାମ
- ନଭେମ୍ବର ସୁଦ୍ଧା ଶେଷ କର
- କାମର ମାନରେ ସାଲିସ ନ କରିବାକୁ ତାଗିଦ

ନୂଆପଡା ଭଳି ଉପାନ୍ତ ତଥା ମାଓବାଦୀପ୍ରବଣ ଜିଲାରେ ରାଜ୍ୟ ସରକାରଙ୍କ ବିଜୁ ଏକ୍ସପ୍ରେସରେ କାମ ଚାଲିଛି । ଏହି ଅନୁସାରେ ଏହାକୁ ୨୦୧୯ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କାର୍ଯ୍ୟାଦେଶ ଥିଲା । ହେଲେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ କାମ ଅଧାରେ ବନ୍ଦ ହୋଇଗଲା । ଉକ୍ତ ରାସ୍ତା କାମ ପାଇଁ ଟେଣ୍ଡର ପାଇଥିବା ଠିକାଦାର ଜେଲ ଯିବା ପରେ ଅଧାପନ୍ତରିଆ ହୋଇ ପଡିରହିଥିବାରୁ ଏହା ଦୁର୍ଘଟଣା ପ୍ରବଣ ହୋଇପଡିଥିବାରୁ ଏହା ଉପରେ ନୂଆପଡା ସବଜଜ୍ କୋର୍ଟ ଏକ ମଧ୍ୟବର୍ତ୍ତି କାଳୀନ ନିର୍ଦ୍ଦେଶନାମା ଜାରି କରିଛି । ଏହି ଅସମ୍ପୂର୍ଣ୍ଣ କାମକୁ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ଶେଷ କରିବାକୁ ପିଡବ୍ଲ୍ୟୁଡି ବିଭାଗକୁ ନିର୍ଦ୍ଦେଶ କରାଯାଇଛି ।

ବିଜୁ ଏକ୍ସପ୍ରେସରେ ନୂଆପଡା ଜିଲାରେ ମୋଟ ୧୨୧କି.ମି. ରାସ୍ତା ନିର୍ମାଣ ହେବାକୁ ଯାଉଛି। ବରଗଡ ପଟୁ ନିର୍ମାଣ ହୋଇଆସୁଥିବା ରାସ୍ତାରେ ଜିଲାର ସାହିପଲାଠାରୁ ନୂଆପଡା ସହର ପର୍ଯ୍ୟନ୍ତ ୧୬ କି.ମି. ଦୂରତାକୁ ରାସ୍ତା ନିର୍ମାଣ ପାଇଁ ୩୯ କୋଟି ୬୦ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା । ଏହାକୁ କଳାହାଣ୍ଡିର ବଣ୍ଟି ଅଗ୍ରୱାଲ ନାମକ ଜଣେ ମାଷ୍ଟର ମାଇଣ୍ଡ (ଠିକାଦାର) ଟେଣ୍ଡର ନେଇ କାମ କରୁଥିଲେ । ଜାଲ ଟିଡିଆର ଜମା କରି କୋଟି କୋଟି ଟଙ୍କାର କାମ କରୁଥିବା ଅଭିଯୋଗରେ ଗତ ବର୍ଷ ନଭେମ୍ବରରେ ଗିରଫ ହୋଇ ଜେଲ ଯିବାପରଠୁ କାମ ବନ୍ଦ ରହି ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ଖରା ହେଲେ ଧୂଳିମୟ ହେଉଥିବାବେଳେ ବର୍ଷା ହେଲେ ଖାଲଖମାରେ ପାଣି ଭର୍ତ୍ତି ରହୁଥିବାରୁ ଅନେକ ସମୟରେ ଦୁର୍ଘଟଣା ହେଉଥିବା ଦେଖାଯାଉଛି । ଏହାକୁ ଉପଲବ୍ଧି କରି ସ୍ଥାନୀୟ ଦୁଇଜଣ ସାମାଜିକ କର୍ମୀ ଅଂଶୁମାନ ଶତପଥୀ, ରଙ୍ଗାଧର ମାଝି ସ୍ଥାନୀୟ ଜିଲା ସବଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏହା ଉପରେ (ଆଇ ନମ୍ବର ୩୬/୧୮)ଏକ ମାମଲା କୋର୍ଟରେ ବିଚାରାଧୀନ ରହିଥିଲା । ମାଜିଷ୍ଟ୍ରେଟ ସରୋଜିନି ପତି ମାମଲାର ବିଚାର କରି ପିଡବ୍ଲ୍ୟୁଡି ବିଭାଗକୁ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା କାମର ମାନରେ କୌଣସି ପ୍ରକାର ସାଲିସ ନ କରି କାମ ଶେଷ କରିବାକୁ ନିର୍ଦ୍ଦେଶ କରିଛନ୍ତି । ଏହି ମାମଲାରେ ପ୍ରତିପକ୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଜିଲାପାଳ, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ପାର୍ଟି ରହିଥିବା ବେଳେ ଏହି ମାମଲାକୁ ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କମଳେଶ ଦିକ୍ଷୀତ ଏବଂ ଚନ୍ଦ୍ରହାସ ସାହୁ ପରିଚାଳନା କରୁଥିଲେ ।



କଂଗ୍ରେସ କର୍ମୀମାନେ ବୈଠକ କରି ନିର୍ବାଚନ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ବିଭିନ୍ନ ଗାଁକୁ କଂଗ୍ରେସର ଗସ୍ତ

ମଣ୍ଡଲ,୨୩।୮(ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଦଳରୁ ମୁହଁ ଫେରାଇ ନେଇଥିବା ୬ ଜଣଙ୍କୁ ଆଣି ଦଳକୁ ମଜଭୁତ କରି ଆଗାମୀ ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । କଂଗ୍ରେସର ସଂଗ୍ରାମୀ ନେତା ଦିଗାମ୍ବର ଦୁରିଆ ବୁଧବାର ଧର୍ମଗଡ ନିର୍ବାଚନ ମଣ୍ଡଳୀର କଲମପୁର ଅଞ୍ଚଳର ବିଭିନ୍ନ ଗ୍ରାମମାନଙ୍କୁ ଯାଇ ଶତାଧିକ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ଭେଟି ଦଳକୁ ଫେରି ଆସିବାକୁ ଅନୁରୋଧ କରିଥିଲେ । ଦୁରିଆଙ୍କୁ ଅଞ୍ଚଳର ବିଭିନ୍ନ ପ୍ରାନ୍ତରରୁ ଜନସମର୍ଥନ ବୃଦ୍ଧି ପାଇ ଆସୁଥିବା ବେଳେ କଲମପୁର ଅଞ୍ଚଳର ଚୁରାଗାଁ, ବନ୍ଦକନା, ଟେମରା, ପଛୁଆଗୁଡା, ତେନ୍ତୁଲିଖୁଣ୍ଟି , ପାତ୍ରବଷା, ଗୁମାବାହାଲ, କଲମପୁର ପରିଦର୍ଶନରେ ଯାଇଥିଲେ । କଲମପୁର ଅଞ୍ଚଳର ତଥା ୨ ନଂ ଜୋନ ସଭାପତି ବାୟା ନାଏକ, ଜଗନ୍ନାଥ ନାଏକ, ଲାଗି ନାଏକ, ଅରୁଣ ପଟେଲ, ବିରଞ୍ଚି ତାଣ୍ଡି, କଳ୍ପନା ମାଝି, ଟି.ଆଚାରୀ ସମିତି ସଭ୍ୟ ସୁବୋଧ ଖମାରୀ, ଶ୍ୟାମ ନାଏକ, ପଦ୍ମନ ପଣ୍ଡା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀଙ୍କ ସହିତ ଦୁରିଆ ଅଞ୍ଚଳର ଗାଁକୁ ଗାଁ ପରିକ୍ରମା କରି ଲୋକଙ୍କ ସହିତ ଦଳ ବିଷୟରେ ଆଲୋଚନା କରିଥିଲେ।

## ସେପ୍ଟେମ୍ବର ୧୮ରୁ ସମୂହ ଛୁଟିରେ ଯିବେ ରାଜ୍ୟର କାର୍ଯ୍ୟରତ ସମସ୍ତ ଡିପ୍ଲୋମା ଇଞ୍ଜିନିୟର



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ଭବାନୀପାଟଣା,୨୩।୮(ଡି.ଏନ.ଏ.)

ସେପ୍ଟେମ୍ବର ୧୮ରୁ ସମୂହ ଛୁଟିରେ ଯିବେ ରାଜ୍ୟର ସମସ୍ତ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର । ଦୀର୍ଘ ଦିନ ହେଲା ବିଭିନ୍ନ ଦାବି ନେଇ ସରକାରଙ୍କୁ ଗୁହାରୀ କରୁଥିଲେ ହେଁ ସରକାର କିଛି ଶୁଣୁ ନ ଥିବା ସଂଘ ଅଭିଯୋଗ କରିଛି । ସରକାରୀ ଡିଗ୍ରୀ ଇଞ୍ଜିନିୟରମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିବା ବେଳେ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସରକାର ଜାଣିଶୁଣି ଅବହେଳା କରୁଛନ୍ତି । ଗତ ମାର୍ଚ୍ଚରୁ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଜିପିଟିଏମାନଙ୍କୁ ନିୟମିତ କରିବା ପାଇଁ କ୍ୟାବିନେଟ ନିଷ୍ପତ୍ତି ହୋଇଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଆଜିଯାଏ କାର୍ଯ୍ୟକାରି ହୋଇନାହିଁ । ଏ ନେଇ ଗୁରୁବାର ଏକ ଖବାରଦାତା ସମ୍ମିଳନୀରେ କଳାହାଣ୍ଡି ଏବଂ ଓଡିଶା ଶାଖାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଆଗାମୀ ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଛୁଟିରେ ରହିବା ସହ ଆନ୍ଦୋଳନ ଚେତାବନୀ ସଂଘ ପକ୍ଷରୁ ଦିଆଯାଇଛି । ଭବାନୀପାଟଣାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବାଶୁଦେବ ମହାରଣା, ସମ୍ପାଦକ ପ୍ରସାନ୍ତ କୁମାର ସାହୁ, ଉପସଭାପତି ନିତ୍ୟାନନ୍ଦ ପ୍ରଧାନ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ରୋହନ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ ।

## କ୍ରାନ୍ତି ବାହିନୀ ପକ୍ଷରୁ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା,୨୩।୮(ଡି.ଏନ.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ଥାନୀୟ ଗାନ୍ଧୀଛକଠାରେ କ୍ରାନ୍ତି ବାହିନୀ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଛି। କ୍ରାନ୍ତି ବାହିନୀର ବଦ୍ରୀନାରାୟଣ ପଟ୍ଟନାୟକ, ଅଭିଜିତ ମିଶ୍ର, ଡ. ଅଜୟ ମିଶ୍ର ଓ ପ୍ରଦୀପ ବିହାରଙ୍କ ଦ୍ୱାରା ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ନେତା ଦେବେନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ସୁରଜିତ ସିଂହ, ଅଧ୍ୟାପକ ସିମାଞ୍ଚଳ ମିଶ୍ର, ଅଧ୍ୟାପକ ସୁମନ ରଥ, ବିଜେଡିର ଯୁବନେତା ଭବାନୀଶଙ୍କର ନିଆଲ, କଂଗ୍ରେସ ଯୁବ ନେତା ସାମନ୍ତ ଖମାରୀ, ସତ୍ୟ ନାରାୟଣ ମହାପାତ୍ର, ସଂସ୍କାର ଭାରତୀର ଭାଗିରଥୀ ଭୋଇ, ହରେକୃଷ୍ଣ ଭୋଇ, ସାମାଜିକ କର୍ମୀ ପ୍ରମୋଦ ଖମାରୀ, ଯୁବ କଳାକାର ଧ୍ୟାନାନନ୍ଦ ପଣ୍ଡା, ଜିବେଶ ସିଂହଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଦିବଙ୍ଗତ ରାଷ୍ଟ୍ରନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ମୃତିଚାରଣ କରିଥିଲେ। ୧୯୮୪ ଓ ୧୯୯୪ରେ ବାଜପେୟୀ କଳାହାଣ୍ଡି ଜିଲା ଗସ୍ତରେ ଆସିଥିବା ଘଟଣାର ଅବତାରଣା କରି ବକ୍ତାମାନେ ଜଣେ ନୀତି ନିଷ୍ଠ ରାଜନେତା, ରଷ୍ଟ୍ରବାଦୀ ଜନନାୟକଙ୍କ ଅବର୍ତ୍ତମାନରେ ଦେଶର ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ମତ ଦେଇଥିଲେ।

ଡେଙ୍ଗୁ ପାଇଁ ପରିମଳ ଚିନ୍ତା

## କୋକସରା, ଥୁଟୁବରରେ ସଫେଇ କାର୍ଯ୍ୟକ୍ରମ

କୋକସରା,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଡେଙ୍ଗୁ ଆତଙ୍କଦେଖା ଦେବା ପରେ ପ୍ରଶାସନକୁ ପରିମଳ ଚିନ୍ତା ଘାରିଛି। ପରିମଳ ବ୍ୟବସ୍ଥାରେ ତ୍ରୁଟି ଓ ସନ୍ତସନ୍ତିଆ ପରିବେଶ ରହିଲେ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିଥାଏ । ଏହି ସମସ୍ୟା କୋକସରା ବ୍ଲକର ସବୁ ଗାଁରେ ଦେଖିବାକୁ ମିଳିଛି। ଗାଁରେ ନିର୍ମାଣ ଡ୍ରେନ ପୋତି ହୋଇଥିବା, ମଇଳା ପାଣି ଡ୍ରେନରେ ନ ବୋହି ରାସ୍ତାରେ ପ୍ରବାହିତ ସହ ରାସ୍ତା ଓ ଘର ଅଗଣାରେ ଆବର୍ଜନା ଫିଙ୍ଗି ଦିଆଯାଉଥିବା ଦେଖିବାକୁ ମିଳିଛି। ଫଳରେ ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପୁଛି। ପରିବେଶ ଦୂଷିତ ହୋଇ ଏଭଳି ସମସ୍ୟା ଦେଖା ଦେଇଥିଲେ ବି କାହାରି ଚେତା ପଶୁ ନ ଥିଲା। ବର୍ତ୍ତମାନ ଡେଙ୍ଗୁ ଆକ୍ରାନ୍ତ ଦେଖାଦେବା ପରେ କୋକସରା ବ୍ଲକ ସମସ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଗ୍ରାମବାସୀ ସଚେତନ ହୋଇ ନିରାକରଣ ବ୍ୟବସ୍ଥା ଅବଲମ୍ବନ କରାଯାଇଛି। ବ୍ଲକ ଓ ପଞ୍ଚାୟତ ପ୍ରଶାସନ ମିଳିତ ଉଦ୍ୟାମରେ ଗାଁରେ ଥିବା ଡ୍ରେନ ଓ ଆବର୍ଜନା ସଫା କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବ୍ଲକର କୋକସରାରେ ପଞ୍ଚାୟତ କର୍ତ୍ତୃପକ୍ଷ ସଫେଇ କାର୍ଯ୍ୟକ୍ରମ ହାତକୁ ନେଇ ଡ୍ରେନ ସଫା କରୁଥିବା ଦେଖିବାକୁ ମିଳିଛି। ସେହିପରି ଗୋଟୋମୁଣ୍ଡା ପଞ୍ଚାୟତର ଥୁଟିବରଠାରେ ଗାଁର ଯୁବକମାନେ ଏକତ୍ରହୋଇ ରାସ୍ତା କଡରେ ଥିବା ଡ୍ରେନ ଓ ଗଛଲତା ସଫା କରୁଛନ୍ତି । କୋକସରା ପଞ୍ଚାୟତ କର୍ତ୍ତୃପକ୍ଷ ପଞ୍ଚାୟତର ଅର୍ଥରେ ଏହି ସଫେଇ କାମ କରୁଥିବା ବେଳେ ଥୁଟିବରରେ ସ୍ୱେଚ୍ଛାକୃତ ଭାବେ ସଫେଇ କାର୍ଯ୍ୟକ୍ରମ କରାଯାଉଥିବା ଗ୍ରାମବାସୀ କହିଛନ୍ତି। ଥୁଟିବରବାସୀ ଏ ନେଇ ବିଚାର ବିମର୍ଶ କରି ଏକ ନିଷ୍ପତ୍ତି ନେଇ ଗାଁର ସମସ୍ତ ଯୁବକ ଏକତ୍ର ହୋଇ ହାତରେ କୋଦାଳ, ଫାଉଡା, ଝିଡି ଧରି ସଫେଇ କାମରେ ଲାଗି ପଡିଥିଲେ। ଫଳରେ ଥୁଟିବର ଗାଁ ରାସ୍ଥା କଡରେ ପୋତି ହୋଇଥିବା ଡ୍ରେନ ଓ ରାସ୍ତା କଡର ଆବର୍ଜନା ସଫା ହୋଇଛି। ଗାଁ ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜବାହାର ଗୋପାଳ, ଲିଙ୍ଗରାଜ ପ୍ରଧାନ, ଘନଶ୍ୟାମ ଗୋପାଳ, ଦେବାନନ୍ଦ ମାଝି, ତୁଳସୀ ବିହାରୀ, ଘନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଯୁବକମାନେ ଗାଁ ଡ୍ରେନ୍‌ର ଅଳିଆ ଆବର୍ଜନା ସଫା କରୁଛନ୍ତି ।

ଫସଲ ବୀମା ପ୍ରଦାନରେ ଅହେତୁକ ବିଳମ୍ବ

# ଜିଲାପାଳଙ୍କ ଅଫିସ ଘେରିଲା କଂଗ୍ରେସ

ନୂଆପଡା ଅଫିସ,୨୩।୮




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି ।

- ଜିଲା କୃଷକ ସେଲ ଦାବିପତ୍ର ଦେଲା
- ଆଗକୁ ଜିଲାବ୍ୟାପି ଆନ୍ଦୋଳନ ଚେତାବନୀ

ନୂଆପଡା ଭଳି ଜିଲାରେ ଚାଷୀଙ୍କ ଆର୍ଥିକ ସ୍ଥିତି ବହୁ ଦୁର୍ବଳ ଥିବାବେଳେ ଗତବର୍ଷର ମରୁଡି କାଳୀନ ଫସଲ ବୀମା ଟଙ୍କା ଆଜିଯାଏଁ ପ୍ରଦାନ କରାଯାଇ ନାହିଁ । ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହା ଉପରେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜିଲା କଂଗ୍ରେସ ନେତୃତ୍ୱରେ ଜିଲା କୃଷକ ସେଲ ତରଫରୁ ଗୁରୁବାର ଚାଷୀମାନେ ଜିଲାପାଳଙ୍କ ଅଫିସ ଘେରାଉ କରିଥିବା ବେଳେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଗାୟତ୍ରୀ ମନ୍ଦିରଠାରୁ କଂଗ୍ରେସର ରାଲି ବାହାରିଥିଲା । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଚାଷୀନେତାମାନେ ଯୋଗଦେଇ ନାରାବାଜି କରିଥିଲେ । ଜାତୀୟ ରାଜପଥ ୩୫୩ରେ ଦୀର୍ଘ ପଥ ଅତିକ୍ରମ କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକତ୍ର ହୋଇ ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଚାଷୀଙ୍କ ପ୍ରତି ସରକାର ସବୁବେଳେ କାଳ କ୍ଷେପଣ ନୀତି କରୁଛନ୍ତି । ଜିଲାକୁ ଗତ ୨୦୧୭ରେ ମରୁଡି ଘୋଷଣା କରାଗଲା । ଏହା ପୂର୍ବରୁ ଚାଷୀମାନେ ଘରର ଆସବାବ ବିକ୍ରି କରି ବୀମା ପ୍ରିମିୟମ ଜମା କରିଥିଲେ । ପରବର୍ତ୍ତି ସମୟରେ ମରୁଡି ଘୋଷଣା ମଧ୍ୟ ହେଲା । ଜିଲା ପାଇଁ ବୀମା କମ୍ପାନୀ ୮୦କୋଟି ଟଙ୍କା ମଞ୍ଜୁରୀ କଲେ । ଏହି ମଞ୍ଜୁରୀର ୩/୪ ମାସ ହେବ ଜିଲାକୁ ଟଙ୍କା ମଧ୍ୟ ଆସିଛି । ହେଲେ ସେତକ ଚାଷୀଙ୍କୁ ଦେବାକୁ ପ୍ରଶାସନ ଅହେତୁକ ବିଳମ୍ବ କରୁଛନ୍ତି । ଏଥର ମଧ୍ୟ ଚାଷୀଙ୍କ କୌଣସି ପ୍ରକାର କ୍ଷତି ହେଲେ ସରକାର ଦାୟୀ ରହିବେ ବୋଲି କହିଛନ୍ତି । ଚାଷୀ ନେତା ହେମଦାସ, ଜଗଦିଶ ସାହୁ ମଧ୍ୟ ବୀମା ପ୍ରଦାନ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି କହିଥିଲେ । ଅନ୍ୟପକ୍ଷେ ଗତବର୍ଷ ଚାଷ ସମୟରେ ପ୍ରଶାସନ ଏବଂ ବୀମା କମ୍ପାନୀ ତରଫରୁ ଚାଷର ତଦନ୍ତ କରାଯାଇଥିଲା । ଏପରିକି କମିଶନର ବିଷ୍ଣୁପଦ ସେଠୀ ମଧ୍ୟ ଜିଲାଯାକ ବୁଲି ସମ୍ପୂର୍ଣ୍ଣ ମରୁଡି ହୋଇଥିବା ଘୋଷଣା କରିଥିଲେ । ହେଲେ ଏବେ ଦେଖିବାକୁ ମିଳୁଛି ସମ୍ପୂର୍ଣ୍ଣ ମରୁଡି ହୋଇଥିବା ଗାଁକୁ କମ ପ୍ରତିଶତ ମରୁଡି ହୋଇଥିବା ଦର୍ଶାଯାଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଏହି ଆନ୍ଦୋଳନରେ ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର, ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜ, ଚୁଲାଭାଟ ସରପଞ୍ଚ ପୀରତରାମ ମାଝି, ଭରୁଆମୁଣ୍ଡା ସରପଞ୍ଚ କାନ୍ତିଲାଲ ସାହୁ ପ୍ରମୁଖ ସାମିଲ ଥିଲେ । ଜିଲାପାଳଙ୍କ ତରଫରୁ ଉପଜିଲାପାଳ ତରଣୀସେନ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସରକାରଙ୍କୁ ଏହି ଦାବିପତ୍ର ପ୍ରେରଣ କରାଯିବ ବୋଲି ଉପଜିଲାପାଳ ନାୟକ କହିଥିଲେ ।

ଜିଲାସାରା ବ୍ୟାପି ଚାଲିଛି ଡେଙ୍ଗୁ

# ଧର୍ମଗଡ଼ରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ

କୋକସରା,୨୩।୮(ଡି.ଏନ.ଏ.)

**ନିରାକରଣ ବ୍ୟବସ୍ଥା କଡାକଡି କରିବାକୁ ଦାବି**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ଡେଙ୍ଗୁ ରୋଗ ଥମିବାର ନା ଧରୁନାହିଁ। ସ୍ୱାସ୍ଥ୍ୟ ବିଭାଗ ଦିନରାତି ରହି ଚିକିତ୍ସା ଜାରି ରହିଥିଲେ ବି ଡେଙ୍ଗୁ କମିବା ବଦଳରେ ବଢି ଚାଲିଛି। ବୁଧବାର ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୧୫ ରହିଥିବା ବେଳେ ଗୁରବାର ୩ଜଣ ଆକ୍ରାନ୍ତଙ୍କୁ ମିଶାଇ ୧୧୮ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି। ଗୁରବାର ଚିହ୍ନଟ ହୋଇଥିବା ଡେଙ୍ଗୁ ଆକ୍ରାନ୍ତମାନେ କୋକସରା ବ୍ଲକ ସୀମାନ୍ତରେ ଜୟପାଟଣା ବ୍ଲକ ନୂଆଗୁଡା ଓ ଖଏରଭାଡି ଗ୍ରାମର ବୋଲି ଜଣାପଡ଼ିଛି । ନୂଆଗୁଡା ଓ ଖଏରଭାଡି ଗ୍ରାମର ଆକ୍ରାନ୍ତମାନେ ଲଡୁଗାଁଠାରେ ଥିବା ବିଭିନ୍ନ ମିଲରେ କାମ କରୁଥିଲେ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଡେଙ୍ଗୁ ଲଡୁଗାଁରେ ସୀମିତ ନ ରହି ନିକଟବର୍ତ୍ତି ଗାଁକୁ ବ୍ୟାପି ଥିବା ବେଳେ ବର୍ତ୍ତମାନ ଜିଲାସାରା ବ୍ୟାପିବା ଆରମ୍ଭ କରିଛି। ପ୍ରଥମେ ଲଡୁଗାଁରେ ଦେଖାଦେଇଥିଲା। ପରେ ଏହି ବ୍ଲକର ସୁନାମାଲ, ଆଇଁଲି, ଟିକିଲି ଗାଁକୁ ଓ ପରବର୍ତ୍ତି ସମୟରେ ଜୁନାଗଡ, ଧର୍ମଗଡ, ଜୟପାଟଣା ବ୍ଲକ ଓ ଦଣ୍ଡପାଟ ଅଞ୍ଚଳକୁ ବ୍ୟାପିଥିବା ଜଣାପଡିଛି। ଫଳରେ ଜିଲା ସାରା ଡେଙ୍ଗୁ ଭୟ ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟାକୁ ଗୁରୁତର ମନେ କରି ନିରାକରଣ ବ୍ୟବସ୍ଥା ତୁରନ୍ତ କରିବାକୁ ଦାବି ହୋଇଛି। ଯଦି ନ ହେଲେ ଜିଲାସାରା ଲଡୁଗାଁ ପରିସ୍ଥିତ ଦେଖା ଦେବା ଆଶଙ୍କା ରହିଛି । ଏ ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ଡା.ସରୋଜ କୁମାର ତିହାଡିଙ୍କୁ ଡେଙ୍ଗୁ ଗାଁ ଗାଁକୁ ବ୍ୟାପୁଥିବା ସମ୍ପର୍କରେ ପଚାରିବାରୁ ଲଡୁଗାଁରେ କାମ କରି ନିଜର ଗାଁକୁ ଫେରି ଆସୁଥିବା ଲୋକମାନଙ୍କ ମଧ୍ୟରେ ଡେଙ୍ଗୁ ଦେଖାଦେଇଛି। ଏହାସହ ବେହେରାଗୁଡାରେ କାର୍ଯ୍ୟରତ ସରକାରୀ କର୍ମଚାରୀ କୌଣସି ସ୍ୱାସ୍ଥ୍ୟ କାମରେ କଟକ ଯାଇ ରକ୍ତ ପରୀକ୍ଷା କରିବା ପରେ ଡେଙ୍ଗୁ ହୋଇଥିବା ଜଣାପଡିଛି ଜିଲା ଚିକିତ୍ସାଧିକାରୀ ତିହାଡି କହିଥିଲେ।



ଚିକିତ୍ସାଧୀନ ଡେଙ୍ଗୁ ଆକ୍ରାନ୍ତ ରୋଗୀ ।

ଧର୍ମଗଡ,୨୩।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲଡୁଗାଁଠାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଏହାକୁ ନେଇ ସମଗ୍ର ଜିଲାରେ ଭୟର ବାତାବରଣ ଦେଖାଦେଇଛି । ଧର୍ମଗଡରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଛି । ସେ ହେଲେ ଧର୍ମଗଡ ସହରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ବିକ୍ରମଗୁଡା ଗ୍ରାମର ଅନୀଲ ସାଗର (୨୬) । ଏହା ନେଇ ଅଞ୍ଚଳରେ ଆତଙ୍କ ଦେଖାଦେଇଛି । ଅନୀଲଙ୍କୁ ଗତ ଦୁଇଦିନ ତଳେ ଜ୍ୱର ହୋଇଥିଲା । ପରିବାର ଲୋକେ ପ୍ରଥମେ ଏହା ସାଧାରଣ ଜ୍ୱର ବୋଲି ଭାବି ଥିଲେ । କିନ୍ତୁ ଜ୍ୱର ବଢିବା ସହ ଦେହହାତ ଦରଜ ମଧ୍ୟ ପ୍ରବଳ ହେବାରୁ ପୁଣି ଥରେ ବୁଧବାର ରକ୍ତ ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ ତାଙ୍କୁ ଗୁରୁବାର ଡେଙ୍ଗୁ ହୋଇଥିବା ଜଣାପଡିଥିଲା । ଅନୀଲ ବର୍ତ୍ତମାନ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ବିକ୍ରମଗୁଡାଠାରେ ଏହି ଡେଙ୍ଗୁ ଚିହ୍ନଟ ହେବା ପରେ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗୁରୁବାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ସଂକ୍ଷେପରେ



### ମରଣଯନ୍ତା ପାଲଟିଛି ରିଞ୍ଜା ବ୍ରିଜ

କର୍ଲାମୁଣ୍ଡା,୨୩।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ସରାବରା ଯୋରଠାରେ ଥିବା ବ୍ରିଜ ଗତ ସପ୍ତାହରେ ହୋଇଥିବା ବନ୍ୟାରେ ଗୋଟିଏ ପଟ ଭାଙ୍ଗି ଯାଇଛି । ଏଥିଯୋଗୁ ସାଧାରଣ ଲୋକଙ୍କ ଯିବା ଆସିବାରେ ସମସ୍ୟା ଦେଖାଦେଇଥିଲା। ତେବେ ବ୍ରିଜ ଭାଙ୍ଗିଥିବା ସ୍ଥାନରେ ଗମନାଗମନରେ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋରମ୍ ପକାଇଥିଲେ ହେଁ ବର୍ତ୍ତମାନ ଏହି ରାସ୍ତା କାଦୁଅ ହୋଇଯାଇଛି। ଫଳରେ ଯାତାୟାତ ପାଇଁ ବିପଦ ସୃଷ୍ଟି କରିଛି। ଉକ୍ତ ବ୍ରିଜର ପୁନରୁଦ୍ଧାର କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

#### ଶିକ୍ଷକ ଅଧ୍ୟାପକ ମିଳିତ ମଞ୍ଚର ଆନ୍ଦୋଳନ

### ଦାବି ପୂରଣ ନ ହେଲେ ୨୫ରୁ ତାଲା ପଡିବ

ଭବାନୀପାଟଣା,୨୩।୮(ଡି.ଏନ.ଏ.) ୭ ଦଫା ଦାବି ନେଇ ଓଡିଶା ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଗତ ୧୬ ତାରିଖରୁ ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନରେ କଳାହାଣ୍ଡି ଜିଲାର ୯୪ଟି ବ୍ଲକଗ୍ରାଣ୍ଟ ହାଇସ୍କୁଲ, ୧୦ଟି ବ୍ଲକ ଗ୍ରାଣ୍ଟ ଯୋଗ୍ୟ ହାଇସ୍କୁଲ ଏବଂ ୬୬୨ ବର୍ଗର ୩୩ଟି କଲେଜ ଓ ୪୮୮ ବର୍ଗର ୨୫ଟି କଲେଜର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି । ପ୍ରତ୍ୟେକ ସ୍କୁଲ ଓ କଲେଜରୁ ଜଣେ ଦୁଇଜଣ ଶିକ୍ଷକ ଅଧ୍ୟାପକ ଛୁଟି ନେଇ ରୋଟେସନ ବେସିସ୍‌ରେ ଭୁବନେଶ୍ୱର ଯାଇ ଆନ୍ଦୋଳନରେ ଯୋଗଦେଉଛନ୍ତି । ଅବଶିଷ୍ଟ ଶିକ୍ଷକ ଓ ଅଧ୍ୟାପକଙ୍କ ଦ୍ୱାରା ସ୍କୁଲ ଓ କଲେଜରେ ପାଠପଢା ଚାଲିଛି । ତେବେ ବିଷୟର ଶିକ୍ଷକ ଆନ୍ଦୋଳନରେ ଭୁବନେଶ୍ୱରରେ ଥିବାବେଳେ ଅନ୍ୟ ଶିକ୍ଷକମାନେ କେବଳ କାମଚଳା ଭାବେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି । ନାମକୁ ମାତ୍ର ସ୍କୁଲ ଓ କଲେଜ ଖୋଲାଯାଉଛି। ଛାତ୍ରୀଛାତ୍ର ମାନଙ୍କ ପାଠପଢାରେ ବାଧା ଉପୁଜୁଛି । ଗତ ମଙ୍ଗଳବାର ଆନ୍ତଃ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ଓ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମିଳିତ ମଞ୍ଚ ମଧ୍ୟରେ ହୋଇଥିବା ଆଲୋଚନାରୁ କୌଣସି ସୁଫଳ ମିଳିନାହିଁ । ମିଳିତ ମଞ୍ଚ ପକ୍ଷରୁ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ସରକାରଙ୍କୁ ସମୟ ଦିଆଯାଇଛି । ଦାବି ପୂରଣ ନ ହେଲେ ଅଗଷ୍ଟ ୨୫ ତାରିଖରୁ କଳାହାଣ୍ଡି ଜିଲା ସମେତ ସମଗ୍ର ରାଜ୍ୟର ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜରେ ତାଲା ପକାଇ ଦିଆଯିବ ବୋଲି ୬୬୨ ବର୍ଗ ମହାବିଦ୍ୟାଳୟ ସଂଘ କଳାହାଣ୍ଡି ଜିଲା ସଭାପତି ପ୍ରତାପ ଦାସ ପ୍ରକାଶ କରିଛନ୍ତି ।

#### ସିପିଆଇ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା,୨୩।୮(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଗୁରୁବାର ୧୨ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଛି । ସିପିଆଇ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦାମୋଦର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଡିଆଇଇଟି ପଡିଆରୁ ଏକ ବିରାଟ ଶୋଭାଯାତ୍ରରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସରକାରଙ୍କ ଗରିବ ମାରଣା ନିତୀର ତୀବ୍ର ସମାଲୋଚନା କରିଥିଲେ । ଏଥିସହିତ ଦରଦାମ୍ କମାଇବାର ପ୍ରତିଶ୍ରୁତି ଦେଇଥିବା ମୋଦି ସରକାରଙ୍କ ୪ ବର୍ଷର ଶାସନରେ ଆତ୍ୟାବଶ୍ୟକ ସାମଗ୍ରୀର ପାଇକାରୀ ମୂଲ୍ୟ ୨ ଗୁଣ ବୃଦ୍ଧି ପାଇଛି । ମୋଦି ସରକାର ଗରିବ ଓ ମଧ୍ୟବିତ୍ତ କାଉଟିଙ୍କ ସ୍ୱାର୍ଥରକ୍ଷା କରିବା ପରିବର୍ତ୍ତେ ବଡ ବଡ ବ୍ୟବସାୟୀ ଚୋରା ବେପାରୀ, ମହଜୁଦକାରୀ ଓ ଫଟକାବଜାରୀଙ୍କ ସ୍ୱାର୍ଥରକ୍ଷା କରିବା ଏବଂ ଅଗ୍ରୀମ ବ୍ୟବସାୟକୁ ବନ୍ଦ ନ



ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫର ଆଇନ ଅମାନ୍ୟ ଆନ୍ଦୋଳନ କରାଯାଉଛି ।

କରିବା ଫଳରେ ଦରଦାମ୍ ଆକାଶ ଛୁଆଁ ହୋଇଛି ବୋଲି ଅଭିଯୋଗ କରାଯାଇଛି । ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୩ଗୁଣା ହ୍ରାସ ପାଇଥିବା ବେଳେ କେନ୍ଦ୍ର ସରକାର ତୈଳ କମ୍ପାନୀ ସ୍ୱାର୍ଥରକ୍ଷା ପାଇଁ ତୈଳ ଦରକୁ ନିୟନ୍ତ୍ରଣ ମୁକ୍ତ କରିଦେବା ଓ ସୀମା ଶୁଳ୍କ ତଥା ଏକ୍ସାଇଜ୍ ଡ୍ୟୁଟି ବୃଦ୍ଧି କରିବା ଯୋଗୁ ପେଟ୍ରୋଲ ଓ ଡିଜେଲ ଦର ପ୍ରତି ସପ୍ତାହ ଏ ପରିକି ପ୍ରତିଦିନ ବୃଦ୍ଧି ପାଇଛି । ଏହା ହେଉଛି ଗରିବ ଓ ମଧ୍ୟବିତ୍ତଙ୍କ ପଉରେ ସିଧାସଳଖ ପଡୁଛି ବୋଲି କହି ସଭାରେ ବକ୍ତାମାନେ ସମାଲୋଚନା କରିଥିଲେ । ଦେଶରେ ମହିଳାମାନେ ନିରାପଦ ନୁହଁନ୍ତି । ଓଡିଶାର ଅବସ୍ଥା ଆହୁରୀ ଦୟନୀୟ । ରାଜ୍ୟରେ ୩୯ ଲକ୍ଷ ଭୂମିହୀନ ଗରିବଙ୍କୁ ପଟ୍ଟା ଦିଆଯାଇ ନାହିଁ । ଚାଷୀ ତାର ଫସଲର ଉଚିତ ମୂଲ୍ୟ ପାଉନାହିଁ ଦଳ ପକ୍ଷରୁ କୁହାଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦାବିଗୁଡିକ ହେଲା ସମ୍ବିଧାନ ବଞ୍ଚାଅ, ଦେଶବଞ୍ଚାଅ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ନିୟନ୍ତ୍ରଣ କରିବା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ପଛୁଆବର୍ଗ ଓ ମହିଳାମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା । ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ଦିଆଯିବା । ମହାନଦୀର ଉପର ମୁଣ୍ଡରେ ଟ୍ରିବ୍ୟୁନାଲ ରାୟ ପର୍ଯ୍ୟନ୍ତ ଛତିଶଗଡ ସରକାର ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ କେନ୍ଦ୍ର ସରକାର ହସ୍ତକ୍ଷେପ କରିବା । ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ଧାର୍ଯ୍ୟ କରାଯାଉ । ସମସ୍ତ କୃଷିରଣ ଛାଡ କର । ୬୦ ବର୍ଷର ସମସ୍ତ ଚାଷୀ, ଭାଗଚାଷୀ ଓ ମୂଲିଆଙ୍କୁ ପେନସନ ଦିଆଯିବା । ଖାଦ୍ୟ ନିରାପତ୍ତା ପାଇଁ ସମସ୍ତଙ୍କୁ ରାଶନ କାର୍ଡ ଯୋଗାଇବା । ଜଳ, ଜମି ଜଙ୍ଗଲ ଉପରେ ଆଦିବାସୀ ଓ ବନବାସୀମାନଙ୍କ ଅଧିକାରକୁ ସାବ୍ୟସ୍ତ କର ବିସ୍ଥାପିତମାନଙ୍କୁ ଉପଯୁକ୍ତ ଭାବାରେ ଥଇଥାନ କରିବା । ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ୧୮ ହଜାର ଟଙ୍କା ଲେଖାଏଁ ମାସିକ ଭତ୍ତା ଦିଆଯାଉ । କଳାହାଣ୍ଡିରେ ଚଳିତ ମାସ ବନ୍ୟାରେ କ୍ଷତି ହୋଇଥିବା ଚାଷର ସମ୍ପୂର୍ଣ୍ଣ କ୍ଷତିପୂରଣ ଚାଷୀଙ୍କୁ ପ୍ରଦାନ କରାଯାଉ । ଏହି ଶୋଭାଯାତ୍ର ବିକ୍ଷୋଭ ଆନ୍ଦୋଳନରେ ଓ ପ୍ରତିବାଦ ସଭାରେ ଜୋନ ସମ୍ପାଦକ ସୁରେନ୍ଦ୍ର ମାଝି, ଜିଲା ପରିଷଦ ସଭ୍ୟ ମାଧବ ସାହୁ, ମସ୍ତକ ଶୁନାନୀ, ମହିଳା ସମିତି ସଭ୍ୟ ଝିଲି ବାଗ, ବନିତା ବାଗ, ଜେମା ଦେଇ, ଜୁନାଗଡ ଜୋନ ସମ୍ପାଦକ ବାନାମ୍ବାର ମେହେର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।


ମହିଳାମାନେ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରୁଛନ୍ତି ।

## ପରିବେଶ ସ୍ୱଚ୍ଛତା ନେଇ ଅଣ୍ଟା ଭିଡ଼ିଲେ ମହିଳା

ଧର୍ମଗଡ,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ବର୍ତ୍ତମାନ ଡେଙ୍ଗୁକୁ ନେଇ ଭୟର ବାତାବରଣ ଦେଖା ଦେଇଥିବା ବେଳେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ହିଁ ଏହାର ମୁଖ୍ୟ କାରଣ ପାଲଟିଛି । ଏହାକୁ ନେଇ ଗ୍ରାମାଞ୍ଚଳରେ ମଧ୍ୟ ଭୟ ଦେଖାଦେଇଛି। ଏହି ପରିପେକ୍ଷୀରେ ଧର୍ମଗଡ ବ୍ଲକ ଅନ୍ତର୍ଗତ ଥନଟ ଗ୍ରାମଠାରେ ସ୍ଥାନୀୟ କିଛି ମହିଳା ଗାଁକୁ କିଭଳି ଭାବେ ସଫା ସୁତୁରା ରଖାଯାଇ ପାରିବ ଏବଂ ମଶା ଦାଉରୁ ରକ୍ଷା କରାଯାଇ ପାରିବ ସେ ନେଇ ଆଗେଇ ଆସିଛନ୍ତି । ନିଜ ଶ୍ରମ ଦାନରେ ଗାଁ ଦଣ୍ଡା ସଫା କରି ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି । ବିଭିନ୍ନ ସମୟରେ ଟିଭିରେ ସ୍ୱଚ୍ଛତାକୁ ନେଇ ହେଉଥିବା ପ୍ରଦର୍ଶନରେ ସେମାନେ ପ୍ରଭାବିତ ହୋଇ ନିଜ ପରିବେଶକୁ ପରିସ୍କାର ପରିଚ୍ଛନ୍ନ ରଖିବାକୁ ଅଣ୍ଟା ଭିଡିଥିବା ଜଣାଯାଇଛି । ଥନଟ ଗ୍ରାମର ଗୀତାଞ୍ଜଳି ରାଉତ, ମମତା ମହାରଣା, ନିନୀ ମହରା, ଫଉକି ନାଏକ, ଅମିଶା ନାଏକ ପ୍ରମୁଖଙ୍କ ସମେତ ପଡାର କିଛି ପୁରୁଷ ଦଇତାରୀ ନାଏକ, ବିଜୟ ବେମାଲ ଓ ଗଣେଷ ରଣାଙ୍କୁ ସାଥି କରି ରାସ୍ତା ଉପରେ ଏବଂ କଡରେ ଜମା ହୋଇଥିବା ଆବର୍ଜନା ସଫା କରିଛନ୍ତି । ମହିଳାମାନଙ୍କ ଏହି ମହତକାମ ଗ୍ରାମର ଅନ୍ୟ ମାନଙ୍କ ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ ପାଇଛି ।

## ଭବାନୀପାଟଣା ସହରରେ ଜମୁଛି ରାଖୀ ବେପାର

ଭବାନୀପାଟଣା,୨୩।୮(ଡି.ଏନ.ଏ.)

ଭଉଣୀଭାଇର ସମ୍ପର୍କକୁ ଆହୁରି ମଜଭୁତ୍ କରିବାକୁ ପ୍ରତିବର୍ଷ ପାଳନ ହେଉଥିବା ରକ୍ଷାବନ୍ଧନ ପର୍ବ ବା ରାଖୀ ପୂର୍ଣ୍ଣିମାକୁ ଆଉ ମାତ୍ର ଦିନ କେଇଟା ବାକି। ଅଗଷ୍ଟ ୨୬ରେ ଏହି ନିଆରା ପର୍ବ ପାଳନ ହେବାକୁ ଥିବା ବେଳେ ଏଥିପାଇଁ ଭବାନୀପାଟଣା ସହର ଚଳଚଞ୍ଚଳ ହୋଇଉଠିଛି । ଏଥିପାଇଁ ଭବାନୀପାଟଣା ସହରରେ ବିଭିନ୍ନ ସ୍ଥାନରେ ରାଖୀ ଦୋକାନ ଓ ହୋଲସେଲ୍‌ଙ୍କ ବ୍ୟବସାୟ ଦେଖିବାକୁ ମିଳୁଛି । କଲିକତା, ମୁମ୍ବାଇ, ଦିଲ୍ଲୀ, ସୁରତ୍ ଆଦି କେତେକ ସ୍ଥାନରୁ ବିଭିନ୍ନ ଡିଜାଇନର ରାକ୍ଷୀ ପାଇଁ ବ୍ୟବସାୟୀମାନେ ଡିଲ୍ କରିଥାନ୍ତି । ସୁରାରାଖୀ, ଜରିବୁଟି ରାଖୀ, ଡୋରୀ ରାଖୀ, ଟେଡି ରାଖୀ, ଫ୍ୟାନସି ରାଖୀ, ମିୟୁଜିକ୍ ରାଖୀ ସହିତ ଶ୍ରୀଜଗନ୍ନାଥଙ୍କ ରାଖୀ ଗ୍ରାହକମାନଙ୍କ ବହୁତ ପସନ୍ଦ ରହିଛି। ବିଭିନ୍ନ ଶସ୍ୟ ଜାତୀୟ ଦ୍ରବ୍ୟ ଦ୍ୱାରା ହିନ୍ଦୁ ସଂସ୍କୃତିକୁ ଯୋଡିବା ପାଇଁ ଧାନ, ଚାଉଳ, ଲବଙ୍ଗ, ଗୋଲମରିଚ, ଗୁଜୁରାତିରେ ପ୍ରସ୍ତୁତି ରାଖୀର ଚାହିଦା ବେଶ ପ୍ରଶଂସନୀୟ ହୋଇପାରିଛି । ଛୋଟ ରାଖୀଗୁଡିକ ସାଧାରଣତଃ ଦୂର ଦୂରାନ୍ତକୁ ଡାକ ଦ୍ୱାରା କିମ୍ବା


ଭବାନୀପାଟଣାର ଏକ ଦୋକାନରେ ଗ୍ରାହକମାନେ ରାଖୀ ଦେଖୁଛନ୍ତି ।

ଘରୋଇ କୋରିୟର ଦ୍ୱାରା ପଠାଇବାର ସୁବିଧା ହେଉଥିବାରୁ ଏହି ରାଖୀ ବ୍ୟବସାୟ ଏକ ମାସ ଆଗରୁ ଆରମ୍ଭ ହୋଇଥାଏ । ବ୍ୟବସାୟୀ/ହୋଲ୍‌ସେଲରର ପ୍ରାୟ ୧୫ ଲକ୍ଷରୁ ଅଧିକ ଟଙ୍କାର ବେପାର ହୋଇଥାଏ ବୋଲି ସୂଚନା ମିଳୁଛି । ଭାଇ ନିଜ ଜୀବନକୁ ପଛରେ ପକାଇ ଭଉଣୀର ମାନ ସମ୍ମାନ ପାଇଁ ଆଗେଇ ଆସନ୍ତି । ସେଥିପାଇଁ ରାଖୀର ମୂଲ୍ୟବୋଧ ରହିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରନ୍ତି । ପ୍ରତିବର୍ଷ ଏହି ରାଖୀ ପୂର୍ଣ୍ଣିମାନରେ ହିନ୍ଦୁ ଧର୍ମର ପ୍ରତ୍ୟେକ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାନ୍ତି । ରାଖୀ ବାନ୍ଧି ଭଉଣୀ ଭାଇର ସୁଭମନାସୀ ଦୀର୍ଘାୟୁ କାମନା କରିଥାଏ । ଭାଇ ନିଜ ଭଉଣୀର ସୁଖଦୁଃଖରେ ସହଭାଗୀ ହେବା ପାଇଁ ଏହି ପବିତ୍ର ଦିବସରେ ପ୍ରତିଶ୍ରୁତି ହେଇଥାଏ । ଆସନ୍ତା ୨୬ ତାରିଖ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସରେ ସହ ପାଳିତ ହେବ ରକ୍ଷା ବନ୍ଧନ ଉତ୍ସବ । ଭାଇଭଉଣୀର ସମ୍ପର୍କକୁ ନିବିଡ କରୁଥିବା ରାଖୀ ବ୍ୟବସାୟ ଜୋର୍ ଧରିଥିବା ଲକ୍ଷ୍ୟ କରାଯାଇଛି ।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

ପଲମ,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତରେ ୱାର୍ଲ୍ଡ ଭିଜନ ଇଣ୍ଡିଆ ତରଫରୁ ବନ୍ୟା କ୍ଷତିଗ୍ରସ୍ତମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ପରିବାରଙ୍କୁ ଚାଉଳ, ଡାଲି, ତେଲ, ଚିନି, ମୁଢି, ବିସ୍କୁଟ ଆଦି ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୱାର୍ଲ୍ଡ ଭିଜନ ଇଣ୍ଡିଆର ପ୍ରୋଗ୍ରାମ ମ୍ୟାନେଜର ପି.ଭି କ୍ରିଷ୍ଣା, ସିଏସଏଏମ ଜୋହନ ଲିମା, ସିଡିଏଫ ପୁରୁଷୋତ୍ତମ କୁଲଦିପ ଓ ସାନ୍ତପୁର ପଞ୍ଚାୟତ ସରପଞ୍ଚ ଟିକେଲାଲ ସାହୁ, ସମିତି ସଭ୍ୟ ଗୋବିନ୍ଦ ତାଣ୍ଡି, ରାକ୍ସି ପଞ୍ଚାୟତ ପରିସରରେ ସରପଞ୍ଚ ଚନ୍ଦ୍ରମା ଧଙ୍ଗଡାମାଝିଙ୍କ ସମ୍ମୁଖରେ ପ୍ରଦାନ କରାଯାଇଥିଲା । ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡାମାଝି ମଧ୍ୟ ସହଯୋଗ କରିଥିଲେ । ସରିଆଁ ପଞ୍ଚାୟତଠାରେ ସରପଞ୍ଚ ଜନନୀ ଭୋଇ, ସମିତି ସଭ୍ୟା ନନ୍ଦିନୀ ଭୋଇଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ଅସହାୟ ପରିବାରଙ୍କୁ ବିତରଣ କରାଯାଇଥିଲା । ଏପରିକି ଟୁଟୁଙ୍ଗଖଲାର ୧୩ ପରିବାର, ସାନ୍ତପୁରର ୧୧୫, ଅର୍ଜ୍ଜୁନ ଗାଁର ୫୧ପରିବାର, ବୁଢିପଦର ଗ୍ରାମର ୨୫ ପରିବାର ଓ ଉଲିକୁପା ୬ଟି ପରିବାରକୁ ବନ୍ୟା ପ୍ରପିଡିତ ଲୋକଙ୍କୁ ପ୍ରଦାନ କରାଯାଇଥିଲା ।

## ଛୋରିଆଗଡ଼ରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ


ଗ୍ରାମର ଚାରିଛକରେ ଅଳିଆ ଆବର୍ଜନା ପଡ଼ିରହିଛି ।

ଜୁନାଗଡ,୨୩।୮(ଡି.ଏନ.ଏ.)

ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆରଏଚ୍‌ଏମ୍) ମାଧମରେ ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସତ୍ତ୍ୱେ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସୁନାହିଁ। ଫଳରେ ସରକାରଙ୍କ ଏହି ମିଶନ ଏବେ ବାଟବଣା ହେବାରେ ଲାଗିଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମର ଚାରିଛକ ଏବେ ଡଷ୍ଟବିନ ପାଲଟିଛି। ଲୋକେ ଏଠାରେ ଅଳିଆ ଆବର୍ଜନା ଆଣି ଫିଙ୍ଗୁଛନ୍ତି। ବିଶେଷ କରି ମଦ୍ୟପ ବ୍ୟକ୍ତିମାନେ ମଦ ପିଇ ଏଠାରେ ପାଉଚ ଜରି ଫିଙ୍ଗୁଛନ୍ତି। ଏପରିକି କିଛି ଲୋକ ଏଠାରେ ପରିସ୍ରା ମଧ କରୁଛନ୍ତି। ଫଳରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ହେବା ସହ ଗାଁ ପରିମଳ ଦିନକୁ ଦିନ ବିଗିଡିବାରେ ଲାଗିଛି। ଏଥିପ୍ରତି ଗାଁ କଲ୍ୟାଣ ସମିତି କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ପରିବେଶକୁ ସଫାସୁତୁରା ରଖିବା ପାଇଁ ପ୍ରତି ଗାଁରେ ଗାଁ କଲ୍ୟାଣ ସମିତ ଗଠନ କରାଯାଇଥିବା ବେଳେ ଏଠାରେ ଗାଁ କଲ୍ୟାଣ ସମିତି କେବଳ କାଗଜ କଲମରେ ସୀମିତ ରହିଛି। ଏ ନେଇ ଛୋରିଆଗଡ ସରପଞ୍ଚ ବବିତା ଗୁରୁଙ୍କୁ ପଚାରିବାରୁ ଶୀଘ୍ର ସେଠାରୁ ଅଳିଆ ଆବର୍ଜନାକୁ ସଫା କରାଯିବ ବୋଲି କହିଥିଲେ।

## ବୁଲା ଗାଈଗୋରୁଙ୍କର ଗୁହାଲ ସାଜିଛେ ଜାତୀୟ ରାଜ୍‌ପଥ

କେସିଙ୍ଗା,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାର ମୁଖିଆ ଦର୍‌ଜା ହେଉଛେ କେସିଙ୍ଗା ସହର । ଫିଦିନ୍ ଇ ସହର ଦେଇ ଶହ ଶହ ଗାଡ଼ିମଟର ଯିବାର ଆଏବାର କରୁଛେ। ହେଲେ କେସିଙ୍ଗା ସହରର ବଲାଙ୍ଗୀର ଛକ୍‌ଠାନୁ ଥାନା ଛକ୍ ଦେଇ ଡାକ୍ତରଖାନା, ବ୍ଲକ୍, ଏନଏସି ଦପ୍‌ତର୍ ଦେଇ ସିନେମା ହଲ ତକ୍ ରାସ୍‌ତାରେ ସବୁବେଲେ ଲୋକ୍ ଯାଆସ କରୁଥିଲାବେଲେ ଭିଡ୍‌ଭାଡ୍ ଲାଗିରହୁଛେ। ଏନଏସି ଦପ୍‌ତର୍‌ଠାନୁ ୱେଷ୍ଟୋ ଦପ୍‌ତର ଆର୍ ଡାକ୍ତରଖାନା, ଡେଲିମାର୍କେଟର ପରିସର ସବୁବେଲେ ଭିଡ୍‌ଭାଡ ରହୁଛେ। ଇ ପରିସର ଭିତ୍‌ରେ ଜାତୀୟ ରାଜପଥ ୨୬ ଉପ୍‌ରେ ସକାଳୁ ବେଲବୁଡା ତକ୍ ହୁଦା ହୁଦା ବୁଲା ଗାଈଗୋରୁ ଠିଆ ହେଇ ରହୁଛନ୍। ଯେନ୍‌ଥିର୍‌ଲାଗି ଯିବା ଆଏବାରେ ଲୁକ୍‌କର ବଡା ଅସ୍‌ବିଧା ହେଉଛେ। ବହୁତ୍ ସମିଆରେ ଦେଖିବାକେ ମିଳୁଛେ ଯେ ଜାତୀୟ ରାଜ୍‌ପଥ ଉପ୍‌ରେ ଗାଈଗୋରୁ ଶୁଇ ରହୁଛନ୍। ଇ ରାସ୍‌ତା ଦେଇ ଯାଉଥିବାର ଗାଡିମଟର ଯେତେ ହରନ୍ ଦେଲେ ବି ଗାଈଗୋରୁ ଇଁଚେ ନାଇଁ ଖସିର୍‌ବାର। ଯେନ୍‌ଥିର୍‌ଲାଗି ଗାଡ଼ିମଟର ଯିବାର ଆଏବାରେ ବଡ଼ଭାରି ଅସ୍‌ବିଧା ହେବାର ସଂଗେ ଦୁର୍‌ଘଟନା, ଟ୍ରାଫିକ୍ ଜାମ୍ ଲେଖେନ୍ ସମସିଆ ହେଉଛେ। କେସିଙ୍ଗା ଏନଏସି ତର୍‌ଫୁ କାଞ୍ଜିଆ ହାଉସ ତିଆର ହେଇ ରହିଛେ। ହେଲେ ଏନଏସି ତର୍‌ଫୁ ବୁଲା ଗାଈଗୋରୁଙ୍କୁ କାଞ୍ଜିଆ ହାଉସରେ ଭର୍‌ତି ନାଇଁ କରାଯିବାର। ଯେନ୍‌ଥିର୍‌ଲାଗି ଗାଈଗୋରୁଙ୍କର ମାଲିକ୍‌ମାନେ ବି ବେଫିକର ରହୁଛନ୍। ଇ ବାବ୍‌ଦେ କେସିଙ୍ଗା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ପଚ୍‌ରାବାରେ ଇତାର ତଦଂତ୍ କରି ପଦକ୍ଷେପ ନିଆଯିବା ବଲି କହିଥିଲେ।


ୱେଷ୍ଟୋ ଦପ୍‌ତର୍ ପାସେ ଜାତୀୟ ରାଜପଥ ଉପରେ ଡେରା ପକେଇଛନ୍ ବୁଲା ଗାଈଗୋରୁ।

#### ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି

# ସପ୍ତାହ ମଧ୍ୟରେ ତଦନ୍ତ ନ ହେଲେ ଆନ୍ଦୋଳନ

କୋକସରା,୨୩।୮(ଡି.ଏନ.ଏ.)

**ତେଣ୍ଡାପାଲି ପଞ୍ଚାୟତ**

■ **ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଲିଖିତ ଅଭିଯୋଗ କରାଯାଇ ଥିଲେ ମଧ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି । ଦୁର୍ନୀତିରେ ବ୍ଲକ କର୍ତ୍ତୃପକ୍ଷ ସାମିଲ ହୋଇଥିବାରୁ ଅଭିଯୋଗର ତଦନ୍ତ ହେଉନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ସପ୍ତହ ମଧରେ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ ତେଣ୍ଡାପାଲି ପଞ୍ଚାୟତ ତରଫରୁ ମାହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶାଗବାହାଲି ନାଳରେ ଏକ ଚେକଡ୍ୟାମ ନିର୍ମାଣ ହୋଇଛି। କୌଣସି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲଗାଇବା ଓ ଜିଓ ଟ୍ୟାଗିଂ କରିବା ନିୟମ ରହିଛି। ହେଲେ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ସେହି ଯୋଜନାର ନିୟମ ଉଲ୍ଲଂଘନ କରି ପ୍ରକଳ୍ପ ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ସେହିପରି ପଦ୍ମପୁରଠାରୁ ସାନକେନ୍ଦୁଗୁଡା ନାଳରେ ନିର୍ମାଣ ହୋଇଥିବା ଚେକଡ୍ୟାମ ସୁରକ୍ଷା ପାଇଁ ପାର୍ଶ୍ୱବର୍ତ୍ତି ସ୍ଥାନରେ ଏସଏଫସି ଯୋଜନାର ଅନୁଦାନରେ ସୁରକ୍ଷା ବାଡ ତିଆରି ହୋଇଥିଲା। ନିର୍ମାଣ ହେବାର ୨ମାସ ମଧ୍ୟରେ ସୁରକ୍ଷା ବାଡ ଭାଙ୍ଗିଯାଇଥିଲା। ନିମ୍ନମାନର କାମ ଯୋଗୁ ସୁରକ୍ଷା ବାଡ ଭାଙ୍ଗିଗଲା ବୋଲି ସାନକେନ୍ଦୁଗୁଡା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ସାନକେନ୍ଦୁଗୁଡା ଗାଁକୁ ସଂଯୋଗ କରିଥିବା ଘଣ୍ଟିଗୁଡାଠାରୁ ସାବକେନ୍ଦୁଗୁଡା ରାସ୍ତା ଶୋଚନୀୟ ଅବସ୍ଥାରେ ରହି ବର୍ଷା ହେଲେ ସେହି ରାସ୍ତାରେ ଗମନାଗମନରେ ବାଧକ ସାଜୁଥିଲା। ଉକ୍ତ ରାସ୍ତାର ମରାମତି ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନ ବ୍ୟବହାର କାରାଯାଇଛି। ଠିକାଦାର ନାମକୁ ମାତ୍ର ମୁରୁମ ପକାଇ କାମ କରିଥିବାରୁ ସାମାନ୍ୟ ବର୍ଷା ହେଲେ ପୂର୍ବଭଳି ରାସ୍ତା ସମସ୍ୟା ଦେଖାଦେଉଛି। ଫଳରେ ବର୍ଷା ହେଲେ ସାନକେନ୍ଦୁଗୁଡା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଭଳି ଅନେକ ସମସ୍ୟା ଥିଲେ ବି ପଞ୍ଚାୟତ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯୋଜନାଗୁଡିକର ବ୍ୟାପକ ଅନିୟମିତତା ଓ ନିୟମ ଖିଲାପ କରି କାମ କରୁଥିବା ଅଭିଯୋଗ ଉଠାଇ ତେଣ୍ଡାପାଲି ପଞ୍ଚାୟତବାସୀ ଗତ ୨୦ ଦିନ ତଳେ ଧର୍ମଗଡ ବିଡିଓ, ଧର୍ମଗଡ ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ସମୟରେ ଉପରୋକ୍ତ ସମସ୍ତ ଅଧିକାରୀ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅଭିଯୋଗ କରିବାର ୨୦ ଦିନ ବିତିଯାଇ ଥିଲେ ବି କୌଣସି ଅଧିକାରୀ ତଦନ୍ତ ପାଇଁ ଆସୁ ନ ଥିବା ଘଟଣା ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏକ ସପ୍ତାହ ମଧ୍ୟରେ ଅଭିଯୋଗର ତଦନ୍ତ କରି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆସନ୍ତା ଦିନରେ ତେଣ୍ଡାପାଲି ପଞ୍ଚାୟତର ଶହ ଶହ ଲୋକ ବାଧ୍ୟ ହୋଇ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି ସାନକେନ୍ଦୁଗୁଡା ଗ୍ରାମର ପ୍ରତାପ ମେହେର, ବିରଞ୍ଚି ନାରାୟଣ ଖମାରୀ, ପଦ୍ମ କିଶୋର ମେହେର, ନରେନ୍ଦ୍ର ମେହେର, ଶାଗବାହାଲି ଗ୍ରାମର ଚନ୍ଦ୍ର ବାଗ, ଅମର ବନିଆ, ଛତାଗୋହିରା ଗ୍ରାମର ଜୟସିଂ ଦୁର୍ଗା, ଜଗନ୍ନାଥ ଗୋପାଳ, ରାମଦାସ ସୁନାନୀ, ସୁବାସ ଖର୍ସେଲ, ଉପେନ୍ଦ୍ର କଟା, ରଖିରାମ ଗୋପାଳ, ବିଭୁତି ଗୋପାଳ, ସମିର ଗୋପାଳ ପ୍ରମୁଖ ଚେତବାନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରାହଣ କରାଯିବ ବୋଲି କହିଥିଲେ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ




### ୨୦୧୮ ବ୍ୟାଚ୍ କନିଷ୍ଠ ଶିକ୍ଷକଙ୍କ ଜିଲାସ୍ତରୀୟ ସଂଘ ଗଠିତ

**ଭବାନୀପାଟଣା,୨୩।୮(ଡି.ଏନ.ଏ.):** ସ୍ଥାନୀୟ ଅମଲା ଭବନଠାରେ କଳାହାଣ୍ଡି ଜିଲାର ୨୦୧୮ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜିଲାର ପ୍ରାୟ ୧୬୦୦ ଶିକ୍ଷକ ଯୋଗଦାନ କରି ଏକ ଶିକ୍ଷକ ସଂଘ ଗଠନ କରିଥିଲେ। ସର୍ବସମ୍ମତି କ୍ରମେ ବିନ୍ଦୁ ମହାନନ୍ଦ ଜିଲା ସଭାପତି, ସୁମନ ଅର୍ପିତ ପଣ୍ଡା ସାଧାରଣ ସମ୍ପାଦକ, ଦିପ୍ତୀକାନ୍ତ ରାଉତ ଯୁଗ୍ମ ସମ୍ପାଦକ ଏବଂ ଉପସଭାପତି ଭାବରେ ଭୋଜରାଜ ଦାଶ, ପ୍ରଦିପ୍ତ ନାଥ, ଆସୁତୋଶ ଆଚାର୍ଯ୍ୟ ମୋନୋନିତ ହୋଇଥିବା ବେଳେ କୋଷାଧକ୍ଷ ଭାବେ ହେମନ୍ତ ସାହୁ, ସ୍ନେହଲତା ପାଢ଼ି ଜିଲା ମହିଳା ସଂଯୋଜକ ଓ ପୁରୁଷ ସଂଯୋଜକ ଭାବେ ପିଣ୍ଟୁ କୁମାର ରାଉତ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବରେ ବରିଷ୍ଠ ସୂଚନା ଅଧିକାର କର୍ମୀ ଅଞ୍ଜନ କୁମାର ରଥ ଏବଂ ଏମ.ଏନ. ପଦ୍ମଲୋଚନ ମନୋନୀତ ହୋଇଛନ୍ତି।

# ଧାନ ନେଇ ମିଲର ଛୁ

**ସୋନପୁର,୨୩।୮(ନି.ପ୍ର.)**



ଚାଷୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

- ନେଇଥିବା ଧାନର ପରିମାଣ ୩୨୦୦କୁଇଣ୍ଟାଲ
- ଟଙ୍କା ନ ପାଇ ଚାଷୀ ବାରଦୁଆର
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ
- ଧାନବିକ୍ରି ଟଙ୍କା ପାଇବା ଦିଗରେ ଉଦ୍ୟମ କରିବାକୁ ପ୍ରତିଶ୍ରୁତି

ଭରସାରେ ମିଲରକୁ ଧାନ ଦେଇଥିଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇତୁଆଁ ଓ ବେହେରାମାଲ ପଞ୍ଚାୟତର ଚାଷୀ। ବର୍ଷାକୁ ଦେଖି ପାଚିଲା ଧାନ ଓଦା ହୋଇଯିବା ଭୟରେ ଚାଷୀମାନେ ତରତର ହୋଇ ଡୁଙ୍ଗୁରିପାଲି ବ୍ଲକ ପିପିଲିପାଲିସ୍ଥିତ ଇନ୍ଦୁରେଖା ରାଇସ୍ ମିଲର୍ସଙ୍କୁ ରବି ଧାନ ଦେଇଥିଲେ। ମିଲର୍ସ କିନ୍ତୁ ଚାଷୀଙ୍କୁ ଠକିଦେଲେ। ୩୨୦୦କୁଇଣ୍ଟାଲ ଧାନ ମିଲିଂ କରି ବାହାରେ ବିକ୍ରିକଲେ, କିନ୍ତୁ ଚାଷୀଙ୍କୁ ଟଙ୍କା ଦେଲେନି। ୪୮ଜଣ ଚାଷୀ ଧାନ ବିକ୍ରି ଟଙ୍କା ପାଇବା ପାଇଁ ସମ୍ବଲପୁରସ୍ଥିତ ମିଲରଙ୍କ ଘର ଓ ମିଲ୍‌କୁ ଧାଇଁଧାଇଁ ନୟାନ୍ତ। ମିଲର୍ସ କିନ୍ତୁ ଧରାଛୁଆଁ ଦେଉନାହାନ୍ତି। ମିଲ୍‌କୁ ଆଉ ଆସୁନାହାନ୍ତି। ଠକାମିର ଶିକାର ହୋଇଥିବା ଚାଷୀ ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର କିଛି ଲାଭ ହୋଇନି। ଗୁରୁବାର ପୁଣି ସୋନପୁର ଆସି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଚାଷୀ।

ଚାଷୀ ନିଜର ଉତ୍ପାଦିତ ବଳକା ଧାନକୁ ପ୍ୟାକ୍ସ ମାଧ୍ୟମରେ ସରକାରଙ୍କୁ ବିକ୍ରି କରିବା କଥା। ହେଲେ ଧାନ ଅମଳ ସମୟରେ ଗତ ମେ ଓ ଜୁନ୍ ମାସରେ ଇନ୍ଦୁରେଖା ରାଇସ୍ ମିଲର ମାଲିକ ସମଲେଇତୁଆଁ ଓ ବେହେରାମାଲ ପଞ୍ଚାୟତର ଅଇଁଳାସାରି, ସମଲେଇତୁଆଁ, ପିପିଲିପାଲି, ତିତେରକୁନ ଓ ସାଲେପାଲି ଗ୍ରାମକୁ ଯାଇ ଟ୍ରକ୍ ଯୋଗେ ଚାଷୀଙ୍କ ଧାନ ମିଲ୍‌କୁ ନେଇ ଆସିଥିଲେ। ସରକାରଙ୍କ ପକ୍ଷରୁ ଟାର୍ଗେଟ୍ ମିଳିଲେ କାଗଜପତ୍ର କରାଯିବ ନଚେତ୍ ନଗଦ ଟଙ୍କା ଚାଷୀଙ୍କୁ ଦେବେ ବୋଲି ମିଲର୍ସ ପ୍ରତିଶ୍ରୁତି ଦେଇଥିଲେ। ଗତ ଖରିଫରେ ଏହି ରାଇସ୍ ମିଲ୍ ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲା। କିନ୍ତୁ ଧାର୍ଯ୍ୟ ସମୟରେ ୧୦୦ପ୍ରତିଶତ ଚାଉଳ ପ୍ରଦାନ କରି ନଥିବାରୁ ଗତ ରବିରେ ଏହି ମିଲ୍‌କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇନି। ଅନ୍ୟପକ୍ଷେ ଏହି ମିଲ୍ ଚଞ୍ଚକତା କରି ଚାଷୀଙ୍କଠାରୁ ପ୍ରାୟ ୭୦ ଲକ୍ଷ ଟଙ୍କାର ଧାନ ଠକି ନେଇଥିବା ଅଭିଯୋଗ ହୋଇଛି। ଗତ ୧୩ତାରିଖରେ ଡୁଙ୍ଗୁରିପାଲି ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ସମୟରେ ଚାଷୀମାନେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଯୋଗାଣ ବିଭାଗ ସମ୍ପୃକ୍ତ ମିଲର୍ସଙ୍କୁ ନୋଟିସ ଜାରି କରିଛି। ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଏଯାଏଁ ମିଳିନି। ଗୁରୁବାର ଏହି ଚାଷୀମାନେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ମହାପାତ୍ର, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ମେଣ୍ଡଲି ଓ ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ରପ୍ରସାଦ ମହଲାଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟିଥିଲେ। ଚାଷୀଙ୍କ ଦୁଃଖ ସମୟରେ ପ୍ରଶାସନ ସହାୟତା କରିବାକୁ ଅନୁରୋଧ କରିଥିଲେ। ଚାଷୀ କିଭଳି ଧାନ ବିକ୍ରି ଟଙ୍କା ପାଇବେ ସେ ଦିଗରେ ଯୋଗାଣ ବିଭାଗ ମିଲର୍ସଙ୍କ ସହିତ ଯୋଗାଯୋଗରେ ଅଛି। ପ୍ରଶାସନ ଏ ଦିଗରେ ଯଥାସାଧ୍ୟ ଉଦ୍ୟମ କରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସହକାରୀ ଜିଲା ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି କୁହନ୍ତି ମେ ୧୧ ତାରିଖଠାରୁ ଜିଲାରେ ରବି ଧାନ କିଣା ଆରମ୍ଭ ହୋଇଥିଲା। ଚାଷୀ ପ୍ୟାକ୍ସରେ ଧାନ ବିକ୍ରି ନ କରି ସିଧାସଳଖ ମିଲ୍‌କୁ ଧାନ ଦେଇଛନ୍ତି। ଏହି ମିଲ୍ ଧାନ ସଂଗ୍ରହରେ ସାମିଲ ହୋଇନି। ତଥାପି ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ କିଭଳି ଟଙ୍କା ପାଇ ପାରିବେ ଆମେ ଉଦ୍ୟମ କରୁଛୁ। ଚାଷୀ ଶିବ ପଧାନ, ଅମରେଶ ପଧାନ, ବୃନ୍ଦାବନ ତରିଆ, ହେମରାଜ ପଧାନ, ପ୍ରଶାନ୍ତ ଖମାରୀ, ସୌରଭ ପଧାନ, ଶୁକଦେବ ନାଏକ, ଚନ୍ଦ୍ରଭାନୁ ପଧାନ, ପିଅନ ପଧାନ, ଅରବିନ୍ଦ ସାହୁ ଓ ସୁବଳ ପଧାନ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସିଥିଲେ।

### ୮୦ କେଜି ଓଜନର ଭୋଦ ମାଛ ଉଦ୍ଧାର

**ଭବାନୀପାଟଣା,୨୩।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ପ୍ରକଳ୍ପ ମଙ୍ଗଳପୁର ବ୍ୟାରେଜରୁ ବୁଧବାର ଜଳସେଚନ ପାଇଁ କେନାଲରେ ପାଣିଛଡା ଯାଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳପୁର ବ୍ୟାରେଜରୁ ହାତୀନଦୀକୁ ଛଡାଯାଉଥିବା ପାଣି ବନ୍ଦ କରାଯାଇଥିଲା । ବ୍ୟାରେଜରୁ ହାତୀନଦୀକୁ ପାଣି ଯିବା ବନ୍ଦ ହେବା ପରେ ପାଣି କମିଯାଇଥିଲା । ମଙ୍ଗଳପୁର ବ୍ୟାରେଜ ତଳେ ହାତୀନଦୀରୁ ଏକ ୮୦କେଜି ଓଜନର ଭୋଦ ମାଛ ଗ୍ରାମବାସୀ ଧରିଛନ୍ତି । ଏତେବଡ ମାଛ ଦେଖିବା ପାଇଁ ମଙ୍ଗଳପୁର ବ୍ୟାରେଜ ନିକଟରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ, ପାଣି କମିବା ପରେ ହାତୀନଦୀରୁ ଏହି ଭଳି ବଡବଡ ବାଳିଆ ଓ ଭୋଦ ମାଛ ମିଳିଥାଏ । ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମଙ୍ଗଳପୁର ବ୍ୟାରେଜରୁ ୫ଟି ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା । ତେବେ ପରିସ୍ଥିତି ସ୍ୱାଭାବିକ ହେବା ପରେ ବୁଧବାର ଜଳସେଚନ ନିମନ୍ତେ ମଙ୍ଗଳପୁର ବ୍ୟାରେଜରୁ ଜଳ ସେଚନ ପାଇଁ କେନାଲରେ ପାଣି ଛଡାଯାଇଥିଲା ।

### ଗୁଡଭେଲା ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ୱପ୍ନ

**ଗୁଡଭେଲା,୨୩।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଆଜି ପର୍ଯ୍ୟନ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିନାହିଁ। ଫଳରେ ଏହି ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନେ ଏହାର ସୁଯୋଗରୁ ବଞ୍ଚିତ ହେଉଛନ୍ତି । ୨୦୧୪-୧୫ ଶିକ୍ଷା ବର୍ଷରେ ସରକାର ରାଜ୍ୟର ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଶତାଧିକ ବିଦ୍ୟାଳୟ ଖୋଲା ଯାଇଥିବା ବେଳେ ଡାହିମାଳଠାରେ ଜମି ଚିହ୍ନଟ ହୋଇ ସାରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଆଉ କିଛି କାମ ଅଗ୍ରଗତି ହୋଇପାରି ନାହିଁ। ଫଳରେ ପ୍ରତି ବର୍ଷ ୫୦ରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରୀ ଛାତ୍ର ଏହି ସୁଯୋଗ ହରାଉଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପଙ୍କୁ ପଚାରିବାରୁ କହିଛନ୍ତି ଯେ, ଜମି ଚିହ୍ନଟ ପରେ ଟେଣ୍ଡର ହୋଇଯାଇଛି। ଖୁବଶୀଘ୍ର କାର୍ଯ୍ୟ ବି ଆରମ୍ଭ ହୋଇଯିବ ବୋଲି କହିଥିଲେ।

## କଳାହାଣ୍ଡି ଜିଲା ଜରୁରୀ ପରିସ୍ଥିତି ରାଜବନ୍ଦୀଙ୍କ ବୈଠକ
## ଜିଲା କାରାଗାର ପରିଦର୍ଶନ

**ଭବାନୀପାଟଣା,୨୩।୮(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜବନ୍ଦୀ କର୍ମକର୍ତ୍ତା।

ଗୁରୁବାର କଳାହାଣ୍ଡି ଜିଲା ଜରୁରି ପରିସ୍ଥିତି ରାଜବନ୍ଦୀଙ୍କ ଏକ ବୈଠକ ଓ ଜିଲା କାରଗାର ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପରଦେଶି ପଡାଠାରେ ଜରୁରି ପରିସ୍ଥିତି ରାଜବନ୍ଦୀ ରାଜ୍ୟ ଉପସଭାପତି ସୁଶିଲ କୁମାର ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ବେଦପ୍ରକାଶ ଗୋଏଲ ସଭାପତିତ୍ୱ କରିଥିଲେ । ଏଥିରେ ଭାରତ ଭୂଷଣ ଠାକୁର, ସୁନିଲ ବେହେରା, ଗୋକୁଳାନନ୍ଦ ଠାକୁର, ପଦ୍ମକିଶୋର ପଣ୍ଡା, ବିରଞ୍ଚିପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରଥମେ ସ୍ୱର୍ଗତ ଅଟଲଜୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପରେ ସମ୍ବଲପୁରର ରାଇଚନ୍ଦ ଭାଇଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇଥିବାରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିବା ଓ ସମସ୍ତ କାର୍ଯ୍ୟକର୍ତ୍ତା ଯେଉଁ ରାଜବନ୍ଦୀମାନେ ଶଯ୍ୟାରେ ଅଛନ୍ତି (ଜ୍ଞାନ ପଟ୍ଟନାୟକ ସମ୍ବଲପୁର) ଆରୋଗ୍ୟ କାମନା କରାଯାଇଥିଲା । ପରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସଭା ପରେ ସମସ୍ତେ ଜିଲା କାରାଗାରକୁ ଯାଇ ଅନ୍ତେବାସୀମାନଙ୍କ ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ପରେ ଜିଲା କାରାଗାର ଅଧିକ୍ଷକଙ୍କ ସହ ଆଲୋଚନା କରିଥିଲେ।

## ପାର୍କିଂ ଫି’ ଆଦାୟକୁ ନେଇ ବଢୁଛି ଅସନ୍ତୋଷ

**ସୋନପୁର,୨୩।୮(ନି.ପ୍ର.)**

ସୁବର୍ଣ୍ଣପୁର ସହରର ନଳିନୀ ଛକଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ରାସ୍ତାରେ ଛିଡା ହୋଇଥିବା ଯାନବାହାନରୁ ପାର୍କିଂ ଫି ଆଦାୟ କରିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ଟେଣ୍ଡର ଦିଆଯାଇଛି। ତେବେ ଏହି ଟେଣ୍ଡର ଫି ଆଦାୟକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍କିଂ ଫି ଜୋନ ଭାବେ କୌଣସି ସ୍ଥାନରେ ସୂଚନା ଦିଆଯାଇନି। କିନ୍ତୁ ଟେଣ୍ଡର ନେଇଥିବା ବ୍ୟକ୍ତି ସାରା ସହରରେ ବେଆଇନ ଭାବେ ବସ୍, ଟ୍ରକ୍ ଓ କାର୍ ଠାରୁ ପାର୍କିଂ ଫି ଆଦାୟ କରାଯାଉଛି। ଗୁରୁବାର ସୋନପୁର-ମନମୁଣ୍ଡା ସ୍ୱଚ୍ଛଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ନାଗରିକ ଲକ୍ଷ୍ମୀନାରାୟଣ ମେହେର ନିଜ ପରିବାର ସହିତ କାର୍ ଯୋଗେ ସୁବର୍ଣ୍ଣମେରୁ ଶୈବ ମନ୍ଦିରକୁ ଯାଉଥିଲେ । ରାସ୍ତାରେ କେତେକ ଯୁବକ ତାଙ୍କ କାରକୁ ଅଟକାଇ ପାର୍କିଂ ଫି ବାବଦକୁ ୩୦ ଟଙ୍କା ମାଗିଥିଲେ। ମେହେର ଏହି ଫି କୋଉଥି ପାଇଁ ବୋଲି ପଚାରିବାରୁ ଆମେ ୩ଲକ୍ଷ ଟଙ୍କାରେ ମ୍ୟୁନିସିପାଲିଟିରୁ ଟେଣ୍ଡର ପାଇଛୁ, ଟଙ୍କା ଆଦାୟ କରିବୁ ବୋଲି କହିଥିଲେ। ଏହା ବେଆଇନ ବୋଲି ସେ କହିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ନେଇ ମେହେର ମ୍ୟୁନିସିପାଲିଟି ଇଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ ନଳିନୀ ଛକରୁ ବିଜୁ ପଟ୍ଟନାୟକ ଛକ ମଧ୍ୟରେ ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡର ହୋଇଥିଲା। ସହଦେବ କୁଶଳ ଏହି ଟେଣ୍ଡର ପାଇଛନ୍ତି । ଧାର୍ଯ୍ୟ ସୀମା ବାହାରେ ବେଆଇନ ଭାବେ ଫି ଆଦାୟ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଚାର କରାଯିବ ବୋଲି ଇଓ କହିଛନ୍ତି।

### ପଞ୍ଚାୟତ ସମ୍ବନ୍ଧୀୟ ଆବଶ୍ୟକ ଭିତ୍ତିକ କର୍ମଶାଳା

**କର୍ଲାମୁଣ୍ଡା,୨୩।୮(ଡି.ଏନ.ଏ.)**

ଦୁଇ ଦିନିଆ ଜୀବନ ଜୀବିକା ଓ ପଞ୍ଚାୟତ ସମ୍ବନ୍ଧୀୟ ଆବଶ୍ୟକ ଭିତ୍ତିକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ ହଙ୍ଗର ପ୍ରୋଜେକ୍ଟର ରାଜ୍ୟ ସଂଯୋଜକ ସୁକାନ୍ତ ମହାପାତ୍ର, ଦାପ୍ତା ପ୍ରକଳ୍ପ ସଂଯୋଜକ ତ୍ରିଭୁବନ ପୂଝାରୀ, ବ୍ଲକ ସଂଯୋଜକ ସୁବାଷ ପଧାନ ଯୋଗଦେଇ ସମ୍ବଳ ଚିହ୍ନଟ ଓ ଲୋକେ ଗରୀବ କାହିଁକି ଏଥିପାଇଁ ପଞ୍ଚାୟତରେ କ’ଣ ସବୁ ବ୍ୟବସ୍ଥା ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ଫାର କର୍ଲାମୁଣ୍ଡା ଆୟୋଜନରେ ସହଯୋଗ କରିଥିଲେ। ଦ୍ୱିତୀୟ ଦିବସ କର୍ମଶାଳାରେ ସାଧନକର୍ମୀ ଭାବେ ଫିରୋଜ ଦାସ ଯୋଗଦେଇ ପ୍ରାଣୀ ସମ୍ପଦ ସୁରକ୍ଷା ଉପରେ କହିଥିଲେ। ଦାପ୍ତା ସଂସ୍ଥା ଓ ଦ ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ ପକ୍ଷରୁ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି ।

## ଶ୍ରୀନିବାସ ଉଦ୍‌ଗାତା ପାଇବେ ଗଙ୍ଗାଧର ସାରସ୍ୱତ ସମ୍ମାନ

**ବଲାଙ୍ଗୀର ଅଫିସ, ୨୩।୮**

### ଡ. ରଞ୍ଜନା ସାହୁଙ୍କୁ ପ୍ରତିଭା ସମ୍ମାନ



ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା।



ଡ ରଞ୍ଜନା ସାହୁ (ବାରିକ)।

ଓଡିଆ ଓ ହିନ୍ଦୀ ସାହିତ୍ୟର ବିଶିଷ୍ଟ କବି, ସାହିତ୍ୟିକ ଓ ଅନୁବାଦକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଗଙ୍ଗାଧର ସାରସ୍ୱତ ସମ୍ମାନ-୨୦୧୮ ପ୍ରଦାନ କରାଯିବ । କବିଙ୍କ ଜନ୍ମଭୂମି ବରପାଲିସ୍ଥିତ ଗଙ୍ଗାଧର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ପ୍ରତିବର୍ଷ ଗଙ୍ଗାଧର ଜୟନ୍ତୀର ଅବସରରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଥାଏ । ଚଳିତବର୍ଷ ଡ ଉଦ୍‌ଗାତାଙ୍କୁ ଏଥିସକାଶେ ମନୋନୀତ କରାଯାଇଛି । ଡ ଉଦ୍‌ଗାତା ଗଙ୍ଗାଧର ସାହିତ୍ୟର ଜଣେ ବିଦଗ୍ଧ ପଣ୍ଡିତ । ଜୀବନ ବ୍ୟାପୀ ସାହିତ୍ୟ ସାଧନା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ପରିଷଦ ତରଫରୁ କୁହାଯାଇଛି । ସେହିପରି ଚଳିତବର୍ଷର ଗଙ୍ଗାଧର ପ୍ରତିଭା ସମ୍ମାନ ସାହିତ୍ୟିକା ଡ ରଞ୍ଜନା ସାହୁ (ବାରିକ)ଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି । ଡ ସାହୁ ମୈଥିଳୀ ଶରଣ ଗୁପ୍ତ ଓ ଗଙ୍ଗାଧର ମେହେର ସାହିତ୍ୟରେ ଇତିବୃତ୍ତାତ୍ମକତା: ଏକ ତୁଳନାତ୍ମକ ଅଧ୍ୟୟନ ବିଷୟ ନିବନ୍ଧ ରଚନା କରି ଡକ୍ଟରେଟ୍ ଉପାଧି ପାଇଥିବାରୁ ତାଙ୍କ ଗଙ୍ଗାଧର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ଆସନ୍ତା ୨୬ତାରିଖ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଦିନ କବିତୀର୍ଥ ବରପାଲିସ୍ଥିତ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ଡ ଉଦ୍‌ଗାତା ଓ ଡ ସାହୁଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଗଙ୍ଗାଧର ସାହିତ୍ୟ ପରିଷଦ ସମ୍ପାଦକ ଡ ଶୁକ୍ରମୁନି ମେହେର ସୂଚନା ପ୍ରଦାନ କରିଛନ୍ତି।

## କେନ୍ଦ୍ର, ରାଜ୍ୟ ଉପରେ ବର୍ଷିଲେ ଭକ୍ତ

**ଭବାନୀପାଟଣା,୨୩।୮(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଭକ୍ତ ଦାସ।

କେନ୍ଦ୍ରର ଭାଜାପା ଓ ରାଜ୍ୟର ବିଜେଡି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବା ନେଇ ଓଡିଶା ପ୍ରଦେଶ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ବର୍ଷିଛନ୍ତି । ଜନସାଧାରଣଙ୍କ ମୌଳିକ ଅଧିକାର ସ୍ୱାସ୍ଥ୍ୟ ଓ ଶିକ୍ଷା ସେବାରୁ ବଞ୍ଚିତ କରିବା ସହ କୃଷକମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ନେଇ ଗୁରୁବାର ସ୍ଥାନୀୟ ଏକ ହୋଟେଲାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସମାଲୋଚନା କରିଛନ୍ତି। ମୋଦୀ ସରକାର ନିର୍ବାଚନ ବେଳେ ବିଦେଶରୁ କଳାଧନ ଫେରାଇ ଆଣିବା, ଦୁର୍ନୀତି ଲୋପ କରିବା, ଯୁବକଯୁବତୀଙ୍କୁ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା, ସ୍ୱାସ୍ଥ୍ୟସେବାର ଉନ୍ନତି ଆଣିବା, ଯୋଗାଯୋଗର ସୁବିଧା କରିବା ଆଦି ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ ବୋଲି କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ନିର୍ବାଚନ ଦେଇଥିବା ପ୍ରତିଶ୍ରୁତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଫଳ ହୋଇଥିବାରୁ ବର୍ତ୍ତମାନ କଳାହାଣ୍ଡି ଜିଲାରେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଦିନକୁ ଦିନ ବଢିଚାଲିଛି । ତାହା ଆଖପାଖ ଜୟପାଟଣା, ଧର୍ମଗଡର ବିକ୍ରଗୁଡା ଆଦି ଅଞ୍ଚଳକୁ ବ୍ୟାପିଲାଣି । ୟୁପିଏ ସରକାର ସମୟରେ ଜିଲାର ବିକାଶ ସକାଶେ ଜୁନାଗଡ-ନବରଙ୍ଗପୁର, କଣ୍ଟାବଞ୍ଜି-ଜୁନାଗଡ ଓ କେସିଙ୍ଗାଠାରୁ ଭବାନୀପାଟଣା ରେଲୱେ ବାଇପାସ ରେଳ ଲାଇନ ତିଆରି ସକାଶେ ବ୍ୟବାସ୍ଥା କରାଯାଇଥିଲା । ଏନଡିଏ ସରକାର ଏହି କାର୍ଯ୍ୟକୁ ୫ ବର୍ଷ ଶାସନକାଳ ମଧ୍ୟରେ ଚାପି ରଖିବା ସହ ନର୍ଲାଠାରେ ପ୍ରସ୍ତାବିତ ରେଲୱାଗନ ମରାମତି କାରଖାନାକୁ ମଧ୍ୟ ବନ୍ଦ କରିଦେଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି କଳାହାଣ୍ଡି ପ୍ରତି କେନ୍ଦ୍ର ସରକାରଙ୍କ କେତେ ଦରଦ ଅଛି । ଓଡିଶା ଶାସନରେ ଥିବା ବିଜେଡି ସରକାର ଅନୁଦାନଗୁଡିକୁ ଅପବ୍ୟୟ କରୁଥିବା ଏବଂ ଗୋଟିଏ ବିଭାଗର ଅନୁଦାନକୁ ଅନ୍ୟ ବିଭାଗ ଜରିଆରେ କାର୍ଯ୍ୟ କରୁଥିବା ଅଭିଯୋଗ କରି ତାହାର ଜ୍ୱଳନ୍ତ ଉଦାହରଣ ଭବାନୀପାଟଣା ପୌର ସଂସ୍ଥାରେ ଦେଖିବାକୁ ମିଳିଛି ବୋଲି ପ୍ରକାଶ କରିଥିଲେ। ଭବାନୀପାଟଣା ପୌର ସଂସ୍ଥା ଉନ୍ନୟନ ସକାଶେ ଆସିଥିବା ଅର୍ଥକୁ ଆଇଟିଡିଏ ଜରିଆରେ କାର୍ଯ୍ୟ କରାଯାଉଥିବା ଏବଂ ବିଜେଡି କର୍ମୀମାନଙ୍କୁ ବିନା ଟେଣ୍ଡରେ ଠିକା ଦିଆଯାଇ ଥଇଥାନା କରାଯାଇଥିବା ଅଭିଯୋଗ କରିଥିଲେ। ବିଜୁ ଯୁବବାହିନି ନାମରେ ସରକାରୀ ଅର୍ଥର ଅପବ୍ୟୟ କରାଯାଉଛି, କଳାହାଣ୍ଡିର ପ୍ରଳୟଙ୍କାରୀ ବନ୍ୟାରେ ବିଜୁଯୁବ ବାହୀନି କିଭଳି କାର୍ଯ୍ୟ କରିଛନ୍ତି ତାହା ଲୋକଲୋଚନକୁ ଆସିବା ଦରକାର ବୋଲି ଦାସ ପ୍ରକାଶ କରିଥିଲେ। ବନ୍ୟାରେ ପ୍ରପିଡିତ ଲୋକଙ୍କୁ ଏବଂ ଚାଷୀମାନଙ୍କୁ ସରକାର ତୁରନ୍ତ ଜରୁରି କାଳିନ ସାହାଯ୍ୟ ନ କଲେ ଆଗାମି ସେପ୍ଟେମ୍ବର ୧୫ରୁ କଂଗ୍ରେସ ପକ୍ଷରୁ ସାଇକେଲ ରାଲି ଓ ପଦଯାତ୍ରା ମଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇ ପରବର୍ତ୍ତି ସମୟରେ ୧୯୮୬-୮୭ରେ ଯେଉଁଭଳି ଭାବରେ ଜିଲାପାଳ ଅଫିସ୍ ଘେରାଉ କରାଯାଇଥିଲା ତାହାଠାରୁ ଅଧିକ ଭାବରେ ଆନ୍ଦୋଳନ କରାଯିବ ଏବଂ ଜିଲାପାଳ ଅଫିସ୍ ଘେରାଉ କରାଯିବ ବୋଲି ଦାସ ପ୍ରକାଶ କରିଥିଲେ । ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଦ୍ୱାରା ଆହୁତ ଏହି ଖବାରଦାତା ସମ୍ମିଳନୀରେ ଦାସଙ୍କ ଉପସ୍ଥିତିରେ ପୂର୍ବତନ ବ୍ୟାଙ୍କ ଅଧିକାରୀ ମୁସ୍ତାକ ମହମ୍ମଦ କଂଗ୍ରେସରେ ଆନୁଷ୍ଠାନିକ ଭାବରେ ସମିଲ ହୋଇଥିଲେ। ସବୁ ବେଳେ ଆମ ସରକାର କଳାହାଣ୍ଡି ଜିଲା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇଛି ଏବଂ ଜିଲାର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । କଂଗ୍ରେସର ଅଭିଯୋଗରେ କିଛି ନୂତନ ନାହିଁ, ଏହା ଚିରାଚରିତ ଅଭିଯୋଗ ବୋଲି ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ଜିଲା ଭାଜପା ସଭାପତି ପ୍ରଦୀପ୍ତ ନାଏକ କହିଛନ୍ତି ଯେ, କେନ୍ଦ୍ର ସରକାର ସବୁବେଳେ ପଛୁଆ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକରି ଆସୁଛି । କଳାହାଣ୍ଡି ଜିଲା ପାଇଁ ଅନେକ ବ୍ୟବସ୍ଥା କରିଛି। ଭୋକ ବିକଳରେ ତାଟିଆ କାମୁଡ଼ିବା ଭଳି ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି ।

## ଲଗାଣ ବର୍ଷା ପରେ ଆଗେଇଲା ଚାଷକାମ

**ଖପ୍ରାଖୋଲ, ୨୩।୮(ଡ.ଏନ.ଏ.)**



ଖପ୍ରାଖୋଲରେ ପହ୍ଲାରୁଆ କାମ ଚାଲିଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଗତବର୍ଷ କମ୍ ବୃଷ୍ଟିପାତ ଯୋଗୁଁ ମରୁଡି ପରିସ୍ଥିତି ଦେଖାଦେଇଥିଲା। ଚଳିତ ବର୍ଷ ଚାଷ ଅରମ୍ଭରୁ ଭଲ ବର୍ଷା ଚାଷୀଙ୍କୁ ଉତ୍ସାହିତ କରିଛି । ଯାହା ଫଳରେ ଚାଷୀ ଧାନବୁଣା, ତଳି ପକା ଆଦି କାମ ଠିକ୍ ସମୟରେ କରିଥିଲେ ବି ମଝିରେ କମ୍ ବୃଷ୍ଟିପାତ ଯୋଗୁଁ ବେଉଷଣ ଓ ତଳି ରୁଆ କାମ ପ୍ରଭାବିତ ହୋଇଥିଲା। ହେଲେ ଗତ ସପ୍ତାହର ଲଗାଣ ବର୍ଷା ଅଞ୍ଚଳର ଚାଷୀଙ୍କୁ ଉତ୍ସାହିତ କରିଛି । ଯାହା ଫଳରେ ବାକି ଥିବା ବେଉଷଣ ଓ ପହ୍ଲାରୁଆ କାମ ଜୋରସୋରରେ ଚାଲିଛି । ଢିପ ଜମି, ମଧ୍ୟମ କିସମ ଜମି ହେଉ କି ଗହିରି ବିଲ ସବୁଠି ବେଉଷଣ ଓ ଧାନ ତଳି ଲଗା କାମ ଦେଖିବାକୁ ମିଳିଛି । ବ୍ଲକରେ ୨୧ଟି ପଞ୍ଚାୟତରେ ୧୩୩ଖଣ୍ଡ ଗାଁ ଥିବାବେଳେ ମୋଟ ୨୯ହଜାର ହେକ୍ଟର ଚାଷ ଜମି ରହିଛି । ଚଳିତ ବର୍ଷ ୧୩ ହଜାର ୭ଶହ ହେକ୍ଟର ଜମିରେ ଧାନ ଏବଂ ୭ ହଜାର ୫ଶହ ହେକ୍ଟର ଜମିରେ କପା ଚାଷ ପାଇଁ କୃଷି ବିଭାଗ ଲକ୍ଷ ଧାର୍ଯ୍ୟ କରିଛି । ଏ ନେଇ ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ଚଳିତ ବର୍ଷ ଜୁଲାଇରେ କମ୍ ବର୍ଷା ହୋଇଥିବାବେଳେ ଅଗଷ୍ଟ ମାସରେ ଭଲ ବର୍ଷା ଯୋଗୁଁ ପ୍ରାୟ ୯୦ପ୍ରତିଶତ ଲକ୍ଷ ଧାର୍ଯ୍ୟ ଜମିରେ ଧାନ ଚାଷ ହୋଇଛି। ଆଉ ଅଳ୍ପ ବର୍ଷା ହେଲେ ବାକି ୧୦ପ୍ରତିଶତ ଜମିରେ ଧାନ ବେଉଷଣ ଓ ତଳି ଲଗା କାମ ଚାଷୀ କରିପାରିବେ ବୋଲି ସେ କହିଛନ୍ତି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ରାଉରକେଲା ଅଫିସ,୨୩।୮-** କୌଣସି କାରଣରୁ ବୁଧବାର ବିଳମ୍ବିତ ରାତିରେ ଦେଓଗାଁ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଇକ୍ ଜାଳିଦେଇଛନ୍ତି ଦୁର୍ବୃତ୍ତ। ଏନେଇ ଜଲଦା ଫାଣ୍ଡିରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି। ସୂଚନାନୁସାରେ ଦେଓଗାଁ ତେଲୁଗୁପଡ଼ାର ଏମ୍. ଜଗନ୍ନାଥ ରାଓ ରାତିରେ ନିଜ ବାରଣ୍ଡାରେ ନିଜ ବାଇକ୍ (ନଂ. ଓଆର୍୧୪-୧୨୬୩) ରଖି ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଖସି ଚାଲି ଯାଇଛି। ଧୂଆଁ ଓ ଗନ୍ଧ ହେବାରୁ ଜଗନ୍ନାଥ ଉଠି ବାଇକ୍ ଜଳୁଥିବା ଦେଖିଥିଲେ।

### ନିଆଁରେ ପୋଡ଼ି ନାବାଳିକା ମୃତ

ବିଶ୍ରା,୨୩।୮(ଡି.ଏନ.ଏ)- ବିଶ୍ରା ଥାନା ଅଧୀନ ବିଶ୍ରା ସହରର ରମେଶ ବ୍ରହ୍ମାଙ୍କ ଝିଅ ପ୍ରତିଭା (୧୭) ବୁଧବାର ସକାଳେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବିଶ୍ରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ନ ଥିବାରୁ ତାଙ୍କୁ ରାଉରକେଲା ଇସ୍ପାତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟା ପ୍ରାୟ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବିଶ୍ରା ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବିଶ୍ରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୫/୧୮) ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଯୁବତୀଙ୍କ ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

■ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ

# ହଜାରେ ଟଙ୍କା ଦେଇ ପୁଅକୁ ନେଇଗଲେ

କେନ୍ଦୁଝର/ରାଇସୁଆଁ, ୨୩।୮(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହୋଇଥିବା ଶିଶୁପୁତ୍ରଙ୍କୁ ଗୁରୁବାର ସ୍ଥାନୀୟ ପୁରୁଣା ସହରର ଜଣେ ମହିଳାଙ୍କୁ ଏକ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଖବର ପାଇ ଶିଶୁ ସୁରକ୍ଷା କମିଟି ଶିଶୁପୁତ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶିଶୁ ୱାର୍ଡର ଏସ୍ଏନ୍ସିୟୁରେ ଭର୍ତ୍ତି କରିଥିଲା। ଚିକିତ୍ସାଳୟର ଜଣେ କର୍ମଚାରୀଙ୍କ ମରାମର୍ଶରେ ଶିଶୁଙ୍କୁ ବିକ୍ରି କରିଥିବା ଚର୍ଚ୍ଚା ହେଉଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତର ଜଣେ ଜୁଆଙ୍ଗ ମହିଳା ଜିଲା ମୁଖ୍ୟ ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ବୁଧବାର ଡାକ୍ତରଖାନାରୁ ମା'ଙ୍କ ସହ ଶିଶୁପୁତ୍ର କୁଆଡେ ଚାଲି ଯାଇଥିଲେ। ପରେ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ସହାୟତାରେ ପୁରୁଣା ସହରରେ ରହୁଥିବା ଜଣେ ମହିଳା ଟଙ୍କା ଦେଇ ଶିଶୁଙ୍କୁ କିଣିଥିଲେ। ଟଙ୍କା ଲୋଭରେ ଏଭଳି ଘଟଣା ଘଟିଥିବା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅଭାବ ଅନଟନ ଯୋଗୁଁ ଜିଲାର ପୁରାତନ ଜନଜାତି ଜୁଆଙ୍ଗ ଶିଶୁଙ୍କୁ ବିକ୍ରି କରିବା ଭଳି ଅଭିଯୋଗ ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି।

ଏ ନେଇ ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକଙ୍କୁ ପଚାରିବାରୁ ଖବର ପାଇବା ପରେ ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁ କିଣାବିକା ଘଟଣାରେ ଅର୍ଥ କାରବାର ହୋଇଛି। କିଣାବିକା ହୋଇ ନ ଥିବା ଶିଶୁଙ୍କୁ ରଖିଥିବା ମହିଳା ଜଣଙ୍କ କହୁଛନ୍ତି। ତଦନ୍ତ



ପରେ ସତ୍ୟାସତ୍ୟ ଜଣାପଡିବ। ଏ ନେଇ ତଦନ୍ତ ପାଇଁ ଥାନାରେ ରିପୋର୍ଟ କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜନ୍ମ ଦେଇଥିବା ଜୁଆଙ୍ଗ ମହିଳା ଅଭିଯୋଗ କରିଛନ୍ତି ଯେ, ଏକ ଶାଢି ଓ ୧ ହଜାର ଟଙ୍କା ଦେଇ ଶିଶୁଙ୍କୁ ନେଇ ଭଣ୍ଡେଇ ଦେଲେ। ପରେ ଟଙ୍କା ଫେରାଇ ନିଜ ଶିଶୁଙ୍କୁ ନେବାକୁ ପାଇଁ ସେ କହିଥିଲେ। ଅନ୍ୟପଟେ ଶିଶୁଙ୍କୁ ରଖିଥିବା ମହିଳାଙ୍କୁ ପଚାରିବାରୁ ପିଲାଟିକୁ ରଖିବାକୁ ତାର ମା' ଅନିଚ୍ଛା ପ୍ରକାଶ କରିଥିଲେ। ଚିକିତ୍ସାଳୟର ଜଣେ ଦିଦି କହିବାରୁ ନିଃସନ୍ତାନ ଥିବାରୁ ରଖିଦେଇଥିଲି ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳ ଆଶିଷ ଠାକ୍ରେଙ୍କୁ ପଚାରିବାରୁ ଏହାର ତଦନ୍ତ ଶିଶୁ ସୁରକ୍ଷା କମିଟି କରୁଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଶିଶୁ ମଙ୍ଗଳ କମିଟି କିପରି ଜାଣିପାରିଲା ନାହିଁ ତାହାକୁ ନେଇ ଆଲୋଚନା ଜୋର ଧରିଛି। ଟଙ୍କା ଲୋଭରେ ଏଭଳି ଆଗରୁ ବହୁ ଶିଶୁଙ୍କୁ ଚିକିତ୍ସାଳୟର କେତେଜଣ ଦିଦି ନେଇ ବିକ୍ରି କରିଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ମୁଁ ରେଲୱେ ଗୁଇନ୍ଦା ଅଧିକାରୀ, ଅଟୋ ଭଡ଼ା ଦିଏନା

**ରାଉରକେଲା ଅଫିସ,୨୩।୮**

ସକାଳୁ ଅଟୋରିକ୍ସା ଭଡ଼ା କରି ସହରସାରା ବୁଲିଲେ। ସେକ୍ଟର-୭ରୁ ନେଇ ରାଉରକେଲା କୋର୍ଟ ପର୍ଯ୍ୟନ୍ତ ଏକାଧିକବାର ଚକ୍କର କାଟିଲେ। ଅଟୋରିକ୍ସାରୁ ଓହ୍ଲାଇବା ନାଁ ନେଲେନି। ଦିନ ଗୋଟାଏ ବାଜିଲା। ଡ୍ରାଇଭର ଭଡ଼ା ମାଗିବାରୁ କହିଲେ ଅପରାହ୍ନ ୪ଟା ପରେ ଭଡ଼ା ଦେବି। ଗାଡ଼ି ଆଗକୁ ଚଲା। ପରେ ପୁଣି ନାଲି ଆଖି ଦେଖାଇ କହିଲେ, ମୋତେ ଜାଣିନ, ମୁଁ ରେଲୱେ ଡିପାର୍ଟମେଣ୍ଟର ଜଣେ ଗୁଇନ୍ଦା ଅଧିକାରୀ। ମୋତେ ରାଉରକେଲା ଏଡିଏମ୍ ଭଲରେ ଚିହ୍ନିଛନ୍ତି। ଭଡ଼ା ମୁଁ କାହାକୁ ଦିଏନା। ଏତିକି ଶୁଣିବା ପରେ ବିଚରା ଅଟୋରିକ୍ସା ଡ୍ରାଇଭରଙ୍କ ବୁଦ୍ଧି ଗୁଡୁମ। କହିଲେ, ତେଲ ଖର୍ଚ୍ଚ ତ ଦିଅନ୍ତୁ ମାଡାମ। ମୁଁ ଗରିବ ଲୋକ। ସମ୍ପୂର୍ଣ୍ଣ ଭଡ଼ା ଛାଡ଼ କରିବା ମୋ ପକ୍ଷେ ସମ୍ଭବ ନୁହେଁ। ହେଲେ ପୁଣି ନାଲି ଆଖି ଦେଖାଇଲେ ମହିଳା। ଏତିକି ରେ ଚିହିଁକି ଉଠିଲେ ଡ୍ରାଇଭର। ମହିଳାଙ୍କୁ ଅଟୋରେ ବସାଇ ସିଧା ନେଇ ଆସିଲେ ଏଡିଏମ୍ ଅଫିସକୁ। ଜୋରଜବରଦସ୍ତ କହିଲେ ଆସନ୍ତୁ ଏଡିଏମ୍ଙ୍କୁ ପଚାରି ବୁଝିବା ଆପଣ କେଉଁ ବିଭାଗର ଗୁଇନ୍ଦାଗିରି କରନ୍ତି। ତାଙ୍କ ଭାଗ୍ୟ ବଳକୁ ଏଡିଏମ୍ ନ ଥିଲେ। ଉପସ୍ଥିତ କର୍ମଚାରୀ ଚିହ୍ନି ପକାଇଲେ ଏହି ପୁରୁଣା ମାଡାମଙ୍କୁ। ଅଟୋରିକ୍ସା ଚାଳକଙ୍କୁ ପରାମର୍ଶ ଦେଇ କହିଲେ ବାହାରେ ଯାଇ ପାଟିତୁଣ୍ଡ କର। ନ ହେଲେ ଆମେ ଫସିବୁ। ନଛୋଡ଼ବନ୍ଧା ଅଟୋରିକ୍ସା ଡ୍ରାଇଭର ବି ହାର ମାନିବାକୁ ନାରାଜ। ଭଡ଼ା ଦିଅ ନ ହେଲେ ଥାନାକୁ ଚାଲ। ଏମିତି ଦୀର୍ଘ ଘଣ୍ଟାଏ କାଳ ପାଟିତୁଣ୍ଡ ପରେ କିଛି ପଥଚାରୀଙ୍କ ହସ୍ତକ୍ଷେପ ଯୋଗୁ ଅଟୋରିକ୍ସାରୁ ଓହ୍ଲାଇଥିଲେ ମହିଳା। ସାଙ୍ଗରେ ଥିବା ଏକ ଛୋଟ ପିଲାକୁ ଧରି ଚାଲି ଯାଇଥିଲେ। ସାରନଗରୀ ଅଞ୍ଚଳର ସମ୍ପୃକ୍ତ ଅଟୋରିକ୍ସା ଡ୍ରାଇଭର ୨୭୦ ଟଙ୍କା ଭଡ଼ା ହରାଇ ନିଜ ଭାଗ୍ୟକୁ ନିନ୍ଦି ଘରକୁ ଫେରିଥିଲେ।

ଜିଲାପାଳଙ୍କୁ ପୂର୍ବତନ ବିଧାୟକଙ୍କ ଅଭିଯୋଗ

# ଜିଲା ପରିବହନ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର

**ରାଉରକେଲା ଅଫିସ,୨୩।୮**

ଦୁର୍ନୀତିର ଗନ୍ତାଘର ପାଲଟିଛି ରାଉରକେଲା ପରିବହନ କାର୍ଯ୍ୟାଳୟ। ବିନା ଲାଞ୍ଚରେ ଏଠି କିଛି କାମ ହେଉନି। ଫାଇଲ ଘୁଞ୍ଚୁନି। ସୁନ୍ଦରଗଡ଼ ଜିଲାପାଳଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର। ଜିଲାପାଳଙ୍କ ସମେତ ରାଉରକେଲା ପରିବହନ ଅଧିକାରୀ ଓ ଏମ୍ଭିଆଇଙ୍କୁ ଏନେଇ ସେ ପତ୍ର ଲେଖିଛନ୍ତି। ଏଥିରେ କୁହାଯାଇଛି ଯେ ଫିଟ୍ନେସ୍, ରେଜିଷ୍ଟ୍ରେଶନ, ରିନ୍ୟୁଆଲ ଓ ଡ୍ରାଇଭିଂ ଲାଇସେନ୍ସ ଆଦି କାମ ପାଇଁ ନିର୍ଦ୍ଦିଷ୍ଟ ଭାବେ ଚାନ୍ଦା ଫିକ୍ସ କରାଯାଇଛି। ବିଭିନ୍ନ ଧରଣର ଯାନ ପାଇଁ ଅଲଗା ପ୍ରକାର ଟୋକନ ନମ୍ବର ବ୍ୟବହାର କରାଯାଉଛି। ଘଟଣାରେ ଉପରୁ ନେଇ ତଳ ଯାଏ ଅନେକ ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ମହାପାତ୍ର ଅଭିଯୋଗ କରିଛନ୍ତି। ବ୍ରୋକର ମାଧ୍ୟମରେ ଏପରି ବେଆଇନ ଚାନ୍ଦା ଆଦାୟ କରାଯାଇ ଉପରୁ ତଳ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଉଛି। ଏପରି ଦୈନିକ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଥିବା ବେଳେ କେହି ପାଟି ନ ଖୋଲିବା ଆଶ୍ଚର୍ଯ୍ୟ ଘଟଣା ବୋଲି ମହାପାତ୍ର କହିଛନ୍ତି। ଏପରି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିର୍ଦ୍ଦିଷ୍ଟ ୧୦ଟି କାଉଣ୍ଟର ଖୋଲାଯାଇ ପ୍ରତ୍ୟେକ ଭିନ୍ନ ଗାଡ଼ି ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଏଜେଣ୍ଟ ବ୍ୟବସ୍ଥା ଉଚ୍ଛେଦ କରି ବିଭାଗୀୟ କର୍ମଚାରୀଙ୍କ ଜରିଆରେ କାମ କରାଇବାକୁ ମହାପାତ୍ର ନିବେଦନ କରିଛନ୍ତି। ଏହା ଦ୍ୱାରା ଅଯଥା ହସ୍ତକ୍ଷେପ ଓ ରାଜନୈତିକ ଚାନ୍ଦାବାଜି ବନ୍ଦ ହୋଇଯିବ। ଲୋକେ ସୁବିଧାରେ ନିଜ କାମ କରାଇବାର ସୁଯୋଗ ପାଇବେ। ଅସାଧୁ କର୍ମଚାରୀ ବାଟକୁ ଆସିବେ ବୋଲି ମହାପାତ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

## ବାଇକ୍ରୁ ପଡ଼ି ମହିଳା ମୃତ

**ରାଜଗାଙ୍ଗପୁର, ୨୩।୮ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ଜାମପାଲି ବସଷ୍ଟାଣ୍ଡ ନିକଟରେ ଏକ ବାଇକ୍ରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁନମୁରୁ ପଞ୍ଚାୟତ ଅଧୀନ ବାବୁଡିହି ଗ୍ରାମର ନିଳା ମହାନନ୍ଦିଆ (୪୮)। ମିଳିଥିବା ସୂଚନା ମୁତାବକ, ନିଳା ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଏନେଇ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଗ୍ରାମର ସମ୍ପର୍କୀୟଙ୍କ ପୁଅ କର୍ଣ୍ଣ ସିଂଙ୍କ ସହ ଏକ ବାଇକ୍ ଯୋଗେ ଚିକିତ୍ସା ପାଇଁ ରାଜଗାଙ୍ଗପୁରକୁ ଆସୁଥିଲେ। ଜାମପାଲି ବସଷ୍ଟାଣ୍ଡ ନିକଟରେ ଏକ ଚାରିଚକିଆ ଗାଡି ସହ ବାଇକ୍ର ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବାଇକ୍ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ନିଳାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। କର୍ଣ୍ଣ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ରାଉରକେଲା ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ରାଉରକେଲା ଆଇଜିଏଚ୍ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ବୁଧବାର ରାତ୍ରି ପ୍ରାୟ ୧୦ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ଲିଖିତ ଭାବେ ଜଣାଇଥିଲେ। ରାଜଗାଙ୍ଗପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବିତରଣ




ଉଜ୍ଜ୍ୱଳା ଯୋଜନାରେ ମହିଳାମାନଙ୍କୁ ଗ୍ୟାସ୍ ବିତରଣ କରାଯାଉଛି।

**ରାଉରକେଲା ଅଫିସ,୨୩।୮**

ଲାଠିକଟା ବ୍ଲକ କାଲୁଙ୍ଗା କ ପଞ୍ଚାୟତ ଜନସେବା କେନ୍ଦ୍ର ପରିସରରେ ଗୁରୁବାର ଉଜ୍ଜ୍ୱଳା ଯୋଜନାରେ ମହିଳାଙ୍କୁ ଗ୍ୟାସ୍ ସଂଯୋଗ ପ୍ରଦାନ କରାଯାଇଛି। ଏଥିରେ ଅତିଥି ରୂପେ ଏଚ୍.ଏନ୍. ସିଂଦେଓ, ବରିଷ୍ଠ ଭାଜପା ନେତା ଡି.ଜି. ଦାସ, ଜିଲା ସରପଞ୍ଚ ସଂଘ ସଭାପତି ନରସିଂହ ମିଞ୍ଜ, ଜିଲା ଉପସଭାପତି ସଞ୍ଜିତ ସାହୁ, ଲାଠିକଟା ବ୍ଲକ ଆଞ୍ଚଳିକ ଶାଖା ସଭାପତି ଆସିଫ ଇକବାଲ, ଚାମା ମିଞ୍ଜ, ସାଧାରଣ ସମ୍ପାଦକ ଗୁରୁବିନ୍ଦର ସିଂ, ଉପସଭାପତି ବିକାଶ ସାହୁ, ଅନୁସୂଚିତ ଜନଜାତି ନେତା ଦାଶରଥି କିଷାନ, ପଟେଲ ଲାକ୍ରା, ବାବୁଲି ଚୌଧୁରୀ, ରମେଶ ହାଜରା ଓ ବଲଣ୍ଡା ସମିତିସଭ୍ୟା ବାସନ୍ତୀ କୁଜୁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ବୁଝାଇଥିଲେ। ଶେଷରେ ସଞ୍ଜିତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# କେରଳ ବନ୍ୟା ବିପନ୍ନଙ୍କୁ ସହାୟତା



ଗଙ୍ଗାଧରପାଲି ଯୁବକମାନେ ଏଡିଏମ୍ଙ୍କ ଜରିଆରେ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ଦାନ କରୁଛନ୍ତି।

**ରାଉରକେଲା ଅଫିସ,୨୩।୮**

କେରଳ ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ଷ୍ଟିଲ୍ ସିଟିର ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷ ସ୍ୱେଚ୍ଛାକୃତ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଙ୍ଗାଧରପାଲି ଅଞ୍ଚଳର ଯୁବକମାନେ ଗୁରୁବାର ରାଉରକେଲା ଏଡିଏମ୍ ମନୀଷା ବାନାର୍ଜୀଙ୍କୁ ୪ହଜାର ୫ଶହ ଟଙ୍କା ପ୍ରଦାନ କରିଛନ୍ତି।

## ଲକ୍ଷେଘର ସମାଜର କର୍ମକର୍ତ୍ତା ଚୟନ

**ହେମଗିର,୨୩।୮(ଡି.ଏନ୍.ଏ.)**

ହେମଗିର ବ୍ଲକ ଲକ୍ଷେ ଘର ସମାଜ ପକ୍ଷରୁ ଛତାବର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସମାଜ ସଭାପତି ଶ୍ରବଣ କୁମାର ଗର୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମାଜର ଉନ୍ନତି, ଅନଗ୍ରସର ବ୍ୟକ୍ତିଙ୍କୁ ସହଯୋଗ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା। ଶିକ୍ଷା ଉପରେ ସମାଜ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ କମିଟିର କର୍ମକର୍ତ୍ତା ଚୟନ ହୋଇଥିଲା। ବ୍ଲକ ସଭାପତି ଭାବେ ଶ୍ରବଣ କୁମାର ଗର୍ଡିଆ, ଉପସଭାପତି ରାମଚନ୍ଦ୍ର କୁମ୍ଭାର, ଭରତ ସିଂ, ଧବିରାମ ଗର୍ଡିଆ, ସମ୍ପାଦକ ଲବ କୁଆଁଙ୍କୁ ଚୟନ କରାଯାଇଛି। ସଭ୍ୟ ଭାବେ ମନଭୁଲା ବାଗ, ପୌଲସ୍ତ ମଗର, ଯୁଧିଷ୍ଠିର ତନ୍ତି, ଘନଶ୍ୟାମ ବନଛୋର, କିଶୋର ଜୟପୁରିଆ, ସୁଖି ନାରଙ୍ଗ, କପିଳ ସୁନା ମନୋନୀତ ହୋଇଛନ୍ତି। କପିଳ ସୁନିଆନି ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ଆର୍ଏସ୍ପି କର୍ମଚାରୀ ସଂଘ ବୈଠକ

**ରାଉରକେଲା ଅଫିସ,୨୩।୮**

ଦକ୍ଷିଣ ରାଉରକେଲା ଅବସରପ୍ରାପ୍ତ ଆର୍ଏସ୍ପି କର୍ମଚାରୀ ସଂଘର ବୈଠକ ବୁଧବାର ସଭାପତି ଦିଲୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସାରନଗରୀ କଳିଙ୍ଗ କ୍ଲବ ପରିସରରେ ଆୟୋଜିତ ଏହି ବୈଠକରେ ଗୌରାଙ୍ଗ ଦାସ, ଶ୍ରୀନାଥ ନାୟକ, ଚାନ୍ଦମଣି ନାୟକ, ନିତ୍ୟାନନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବାଡ଼ତ୍ୟା, ମୁରଲୀଧର ଗୌଡ଼ ଓ ଡା. ରାହାସବିହାରୀ ମହାପାତ୍ର ପ୍ରମୁଖ ଯୋଗଦେଇ ଅବସର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଆବାସ, ସ୍ୱାସ୍ଥ୍ୟ ସେବା, ପାଠାଗାର ଓ ଚିତ୍ତ ବିନୋଦନ କେନ୍ଦ୍ର ଭଳି କେତେକ ସୁବିଧା ସୁଯୋଗ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ଦେଇଥିଲେ। ଅବସର ପରବର୍ତ୍ତୀ ସମୟକୁ କିପରି ସୁରୁଖୁରୁରେ ଅତିବାହିତ କରାଯାଇ ପାରିବ ସେ ନେଇ କେତେକ ସଭ୍ୟ ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଂଗଠିତ କରି ଆଗାମୀ ଦିନରେ ସାମାଜିକ କାର୍ଯ୍ୟରେ ମନୋନିବେଶ କରିବାକୁ ମତ ପ୍ରକାଶ ପାଇଥିଲା। ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା, ନିଶା ନିବାରଣ ଭଳି କେତେକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସହମତି ପ୍ରକାଶ କରିଥିଲେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ। ଆଗାମୀ ବୈଠକ ଆସନ୍ତା ଅକ୍ଟୋବର ୧୬ରେ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂଘ ପଞ୍ଜୀକରଣ କରାଯାଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଚାନ୍ଦମଣି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।




ଅବସରପ୍ରାପ୍ତ ଆର୍ଏସ୍ପି କର୍ମଚାରୀ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଭାଜପାରେ ସାମିଲ ହେଲେ ଶତାଧିକ ମହିଳା

**ରାଉରକେଲା ଅଫିସ,୨୩।୮**

ଭାଜପା ପକ୍ଷରୁ ବୁଧବାର ସେକ୍ଟର-୩ ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରଞ୍ଜୁ ସିଂଙ୍କ ନେତୃତ୍ୱରେ ବାସନ୍ତୀ କଲୋନୀ ମଣ୍ଡଳ ଅଞ୍ଚଳର ଶତାଧିକ ମହିଳା ଦଳରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ମହିଳାମାନଙ୍କୁ ଦଳରେ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି, ନିହାର ରାୟ, ପ୍ରମିଳା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କଳ୍ପନା ଲେଙ୍କା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଲତିକା ପଟ୍ଟନାୟକ, ପ୍ରଭାରୀ ତପନ ସ୍ୱାଇଁ ଓ ଜିଲା ଏସ୍ସି ମୋର୍ଚ୍ଚା ସଭାପତି ଭ୍ରମରବର ବେହେରା ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରଞ୍ଜୁ ସିଂ କହିଥିଲେ ଭାଜପା ଏକ ଶୃଙ୍ଖଳିତ ଦଳ। ଏହାର ନୀତି ଆଦର୍ଶ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାରେ ଆକୃଷ୍ଟ ହୋଇ ଆମେ ଦଳରେ ଯୋଗ ଦେଇଛୁ। ଆଗାମୀ ଦିନରେ ଅଞ୍ଚଳର ବିକାଶ ସହ ସହରର ଉନ୍ନତି ପ୍ରତି ଦଳ ନିଶ୍ଚିତ ଦୃଷ୍ଟି ଦେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ନୂଆକରି ଦଳରେ ସାମିଲ ହୋଇଥିବା କୁନି ସା, ଆଶାବତୀ କିଷାନ, ସବିତା ସିଂ, ରଞ୍ଜିତା ବେହେରା, ପୁଷ୍ପା ଟେଟେ, ମୁନି ମହାନନ୍ଦିଆ, ସୁମନ ସାହୁ, ଜ୍ୟୋତି ମହାନ୍ତ, ରିଙ୍କୁ ସିଂ, ପ୍ରତିମା ନାୟକ, ସୁଜାତା ନାୟକ, କବିତା ସିଂ ଓ ବବିତା ଯାଦବ ପ୍ରମୁଖଙ୍କୁ ଦଳୀୟ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେଶ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଠିକ୍ ରୂପେ ଚାଲୁନି ଅଙ୍ଗନୱାଡି କେନ୍ଦ୍ର

**ରାଉରକେଲା ଅଫିସ,୨୩।୮**

ସେକ୍ଟର-୧୬ ଧୋବି ଲେନ୍ ସେଠାନୀ ବସ୍ତିରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଚାଳନାରେ ଅନିୟମିତତା ନେଇ ଗୁରୁବାର କେତେଜଣ ମହିଳା ରାଉରକେଲା ଏଡିଏମ୍ ମନୀଷା ବାନାର୍ଜୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏମାନେ ଅଭିଯୋଗ କରିଥିଲେ ଯେ ପିଲାଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ପୁଷ୍ଟିକର ଖାଦ୍ୟ ଠିକ୍ ଭାବେ ବଣ୍ଟନ କରାଯାଉ ନାହିଁ। କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା କହିଥିଲେ ସମ୍ପୃକ୍ତ ମହିଳା। ସରକାରଙ୍କ ଧାର୍ଯ୍ୟ ଅନୁସାରେ ଏହି କେନ୍ଦ୍ରରେ ପିଲାଙ୍କୁ ନିୟମିତ ଖାଦ୍ୟ ପରଷା ଯାଉ ନ ଥିବାବେଳେ ଅନେକ ସମୟରେ ଏନେଇ ପାଟିତୁଣ୍ଡ ଲାଗି ରହୁଛି। ଏ ଦିଗରେ ବିଭାଗ ଦୃଷ୍ଟି ଦେବାକୁ କିରଣ ଶର୍ମା, ସୀମା ସିଂ, ସୁନୀତା ଦେବୀ, ଲୀଳାବତୀ ଦେବୀ ଓ ସୀତା ଦେବୀ ପ୍ରମୁଖ ଦାବି କରିଛନ୍ତି।



ଧୋବି ଲେନ୍ ଅଙ୍ଗନୱାଡି କେନ୍ଦ୍ର ଅନିୟମିତତା ସମ୍ପର୍କରେ ଏଡିଏମ୍ଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି ବସ୍ତିବାସିନ୍ଦା।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ



## ସଂକ୍ଷେପରେ

### ପୋଲିସ କବ୍‌ଜାରେ ଲୁଟେରା ଗ୍ୟାଙ୍ଗ

**ସୁନ୍ଦରଗଡ଼,୨୩।୮(ଡି.ଏନ୍.ଏ.)-** ସୁନ୍ଦରଗଡ଼ ତଥା ଆଖପାଖ ଅଞ୍ଚଳରେ ବିଭିନ୍ନ ସମୟରେ ଘଟିଥିବା ଲୁଟ ଘଟଣାରେ ସମ୍ପୃକ୍ତ ଏକ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସଫଳ ହୋଇଛି। ଏହି ଲୁଟେରା ଗ୍ୟାଙ୍ଗ ଧରୁଆଡିହି, କିଞ୍ଜିରିକେଲା ଥାନା ଅଞ୍ଚଳରେ ଘଟିଥିବା ଲୁଟ, ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଗୁରୁବାର ସନ୍ଧ୍ୟାରେ କୁତ୍ରା ନିକଟରୁ ଲୁଟେରା ଗ୍ୟାଙ୍ଗର କେତେକ ସଦସ୍ୟଙ୍କୁ ପୋଲିସ କାବୁ କରିଛି । ଲୁଟେରା ଗ୍ୟାଙ୍ଗ ପକ୍ଷରୁ ପୋଲିସ ଉପରକୁ ଗୁଳି ଚାଳନା ଉଦ୍ୟମ ହୋଇଥିବା ବେଳେ ପୋଲିସ ସ୍କ୍ୱାଡ୍ ସେମାନଙ୍କୁ କାବୁ କରି ଧରୁଆଡିହି ଥାନାକୁ ଆଣି ଅଧିକ ପଚରାଉଚରା ଚଳାଇଛି। ତଦନ୍ତରେ ବାଧା ଦୃଷ୍ଟିରୁ ପୋଲିସ ଘଟଣା ସଂକ୍ରାନ୍ତରେ ସବିଶେଷ ତଥ୍ୟ ଦେବାକୁ ମନା କରି ଦେଇଛି। ପୋଲିସ ତାଙ୍କଠାରୁ ମାରାଣାସ୍ତ୍ର ଓ ଲୁଟ ସାମଗ୍ରୀ ଜବତ କରିଥିବା ଜଣାପଡିଛି।

### ମନ୍ତ୍ରୀ, ବିଧାୟକଙ୍କ ବାଟ ଓଗାଳିଲେ ଜନସାଧାରଣ

**ସୁନ୍ଦରଗଡ଼,୨୩ ।୮(ଡି.ଏନ୍.ଏ.)-** ସ୍ଥାନୀୟ ବିକାଶ ଭବନଠାରେ ଜିଲା ଯୋଜନା ବୋର୍ଡର ବୈଠକ ଚାଲୁଥିବା ବେଳେ ବାହାରେ ସୁନ୍ଦରଗଡ଼ ସହରର ବହୁ ଓାର୍ଡର ଜନସାଧାରଣ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ପ୍ରିୟାପ୍ରୀତି ଓ ଜିଲା ଖଣିଜ ସଂସ୍ଥା ପାଣ୍ଠିର ଠିକ ବିନିଯୋଗ ଦାବିକରି କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଜନସାଧାରଣ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ବିଧାୟକଙ୍କ ବାଟ ଓଗାଳିଥିଲେ। ଜିଲାପାଳଙ୍କ ଉପସ୍ଥିତିରେ ଜନସାଧାରଣ ସୁନ୍ଦରଗଡ଼ ସହରର ବିଭିନ୍ନ ୱାର୍ଡରେ ଲୋକଙ୍କ ମୌଳିକ ଆବଶ୍ୟକତା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୧୬ ଏବଂ ୧୭ନଂ ୱାର୍ଡର ନାଳର କଲଭର୍ଟ, ଡ୍ରେନ ନିର୍ମାଣ, ପାନୀୟଜଳ ଯୋଗାଣ, ରାସ୍ତା ନିର୍ମାଣ ବ୍ୟବସ୍ଥା ସମ୍ପର୍କରେ ଦାବି କରିଥିଲେ।

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ, ଡ୍ରାଇଭର ମୃତ

**ରେଢାଖୋଲ,୨୩।୮ (ସ୍ୱ.ପ୍ର./ ଡି.ଏନ୍.ଏ.)-** ସମ୍ବଲପୁର- କଟକ ୫୫ ନମ୍ବର ଜାତୀୟ ରାଜପଥ ଚାରମାଳ ଥାନା ଅନ୍ତର୍ଗତ ମୋଚିବାହାଲ ଘାଟି ବୁଲାଣି ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। କୁକୁଡା ଦାନା ବୋଝେଇ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଶୁକ୍ରବାର ସକାଳେ ରେଢାଖୋଲ ଦମକଳ ବାହିନୀ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ ସଦଳବଳ ଦୁର୍ଘଟଣାସ୍ଥଳକୁ ଗସ୍ତ କରି ଗ୍ୟାସ କଟର ମାଧମରେ ଗାଡ଼ି ତଳେ ଚାପି ହୋଇ ରହିଥିବା ଟ୍ରକ ଡ୍ରାଇଭରଙ୍କୁ ମୃତ ଓ ହେଲ୍ପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛନ୍ତି। ମୃତ ଟ୍ରକ ଚାଳକଙ୍କ ପରିଚୟ ମିଳିଛି। ସେ ହେଲେ ଚାରମାଳ ଥାନା ରେଢାଖୋଲ ଏନଏସି ଅନ୍ତର୍ଗତ ବର୍ଷକିଆ ଗ୍ରାମର ସୁମନ୍ତ ମିର୍ଦ୍ଧା(୨୮)। ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଆହତ ହେଲ୍ପର ଅନୁଗୋଳ ଜିଲା ଜରପଡ଼ାର ଟିଲୁ ସାହୁ(୨୦)ଙ୍କୁ ପ୍ରଥମେ ଚାରମାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୀର ସୁରେନ୍ଦ୍ରସାଏ ଡାକ୍ତରଖାନା ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନାନୁଯାୟୀ, ଓଡି୨୧ଏଚ ୩୪୧୫ ନମ୍ବର ବିଶିଷ୍ଟ ୧୪ଚକିଆ ଟ୍ରକ ବରଗଡ଼ରୁ କୁକୁଡା ଦାନା ବୋଝେଇ କରି ୫୫ ନମ୍ବର ଜାତୀୟ ରାଜପଥ ଦେଇ କଟକ ଅଭିମୁଖେ ଆସୁଥିଲା। ଏ ନେଇ ଚାରମାଳ ଥାନାରେ ଏକ ମାମଲା (ନଂ.୧୦୮/୧୮) ରୁଜୁ ହୋଇଛି।

## ହୋଇପାରୁନି ରାସ୍ତା କାମ

# ଠିକାଦାରଙ୍କ ମଧ୍ୟରେ ବିବାଦ, ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ବଡଗାଁ,୨୩।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାର ବଡଗାଁ ବ୍ଲକ । ୧୫ ପଞ୍ଚାୟତ ଥିବା ଆଦିବାସୀ ଅଧ୍ୟୁଷିତ ବ୍ଲକର ରୁନଗାଁ ପଞ୍ଚାୟତ ଉପାନ୍ତ ଅଞ୍ଚଳରେ ଅବସ୍ଥିତ। ଝାଡ଼ଖଣ୍ଡ ରାଜ୍ୟ ସୀମାକୁ ଲାଗି ଥିବା ଏହି ପଞ୍ଚାୟତର ଅନେକ ଗ୍ରାମରେ ବିଭିନ୍ନ ସମସ୍ୟା ଲାଗି ରହିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ କେହି ଜଣେ ବ୍ଲକ ଓ ଜିଲାସ୍ତରୀୟ ଜନପ୍ରତିନିଧି କିମ୍ବା ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଗାଁରେ ପାଦ ପଡିନାହିଁ। ରୁନଗାଁ ପଞ୍ଚାୟତର ଲିମଗୁଡା, ଚୁହୁରା, ବଡ ଚୁହୁରା ଗ୍ରାମବାସୀ ପାନୀୟଜଳ, ରାସ୍ତା ସମସ୍ୟା ଭଳି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରଶାସନିକ ଅଧିକାରମାନେ ଗାଁରେ ପହଞ୍ଚି ଲୋକଙ୍କ ସହ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପଞ୍ଚାୟତର ପିଉଷପଡ଼ା ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଗ୍ରାମରେ ୩୦ ଆଦିବାସୀ ପରିବାର ରହୁଥିବା ବେଳେ ଭଲ ରାସ୍ତାଟିଏ ନାହିଁ। ଗ୍ରାମବାସୀ ପୋଖରୀ ହୁଡାର ସଂକୀର୍ଣ୍ଣ ରାସ୍ତାରେ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ଲକ୍ରାଘରା ଗୌନ୍ତିଆପଡାରୁ ପ୍ରାୟ ଦେଢ କି.ମି. ଦୂର ପିଉଷପଡାକୁ ରାସ୍ତା ନିର୍ମାଣ ପାଇଁ ୨ବର୍ଷ ତଳେ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ରାସ୍ତା କାମକୁ ନେଇ ଦୁଇଜଣ ଠିକାଦାରଙ୍କ ମଧ୍ୟରେ ବିବାଦ ଦେଖା ଦେବାରୁ ବର୍ତ୍ତମାନ ସୁଦ୍ଧା କାମ ଆରମ୍ଭ ହୋଇ ପାରି ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡିଛି। କେବଳ ରାସ୍ତା ନୁହେଁ ଗ୍ରୀଷ୍ମ ଋତୁରେ ପାନୀୟଜଳର ସମସ୍ୟା ଭୋଗୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ଲରେନ୍ସ ସୋରେଙ୍ଗ(୭୧), ଫ୍ଲୋରେନ୍ସ ସୋରେଙ୍ଗ (୭୫), ଆଲବିନା ସୋରେଙ୍ଗ (୭୦)ଙ୍କ ଭଳି ଅନେକ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନ ଥିବା ଜଣାପଡ଼ିଛି। ଏନେଇ ବିଡିଓ ସୁଶାନ୍ତ କୁମାର ସିଂଙ୍କୁ ପଚାରିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।



ଗୌନ୍ତିଆପଡାରୁ ପିଉଷପଡ଼ାକୁ ଯାଇଥିବା ସଂକୀର୍ଣ୍ଣ ରାସ୍ତା।

## ବେହେରାଡିହି ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ଦିଗହରା

# ବଞ୍ଚିତ ଯୋଗ୍ୟ ହିତାଧିକାରୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ

**ବାଲିଶଙ୍କରା,୨୩।୮ (ଡି.ଏନ୍.ଏ.)**

ବୃଦ୍ଧାବୃଦ୍ଧଙ୍କ ଆର୍ଥିକ ସହାୟତା ଯୋଗାଇ ଦେବାନେଇ ରାଜ୍ୟ ତଥା କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଭତ୍ତା ବଣ୍ଟନର ବନ୍ଦୋବସ୍ତ କରିଛନ୍ତି। ହେଲେ ଜନପ୍ରତିନିଧି ତଥା ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ପ୍ରକୃତ ଯୋଗ୍ୟ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଉଦାହରଣ ବେହେରାଡିହି ପଞ୍ଚାୟତରରେ ଦେଖିବାକୁ ମିଳିଛି। ପଞ୍ଚାୟତର ୫ଟି ଗ୍ରାମର ୭୫ଜଣ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଗୁରୁବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହିତାଧିକାରୀମାନେ ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ସଚ୍ଚିଦାନନ୍ଦ ପଟେଲଙ୍କୁ ଭେଟି ଭତ୍ତା ତଥା ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନେଇ ଲିଖିତ ଭାବେ ଜଣାଇଥିଲେ।

ହିତାଧିକାରୀଙ୍କ କହିବା ମୁତାବକ, ପଞ୍ଚାୟତରେ ଅନେକ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ବିଧବା ମହିଳା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଲପିନା ଗୁଡିଆ(୮୦), ଆଗ୍ନି ବୁଡା(୮୨), ମାଗ୍ରେ ଟେଟେ(୭୫), ମିଖେଲ ବୁଡ(୮୫), ଆଗୁଷ୍ଟିନ କୁଜୁର(୭୮), ତିରଖାନ ତିର୍କୀ(୭୨), ହାକିମ ହାଂସଦା (୮୧), ଇସାନ ଟପ୍ପୋ(୭୦), ସେଲବେସ୍ତାର ଟପ୍ପୋ(୭୫) ବର୍ଷ ବୟସରେ ପହଞ୍ଚିଥିବା ବେଳେ ଭତ୍ତା ପାଇ ପାରି ନ ଥିବା ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତର ଲୋପା ବଡିରଣା, ବବିତା ନାଏକ ଏହିପରି ଅନେକ ମହିଳା ବିଧବା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତିସ୍। ସରକାରଙ୍କ ନିୟମ ଅନୁସାରେ ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପାଇଁ କୌଣସି ସମୟସୀମା ନ ଥିବାବେଳେ ଭତ୍ତା ନ ମିଳିବା ପରିତାପର ବିଷୟ ବୋଲି ହିତାଧିକାରୀମାନେ ଦୁଃଖର ସହ ପ୍ରକାଶ କରିଛନ୍ତି। ଅପରପକ୍ଷେ ପଞ୍ଚାୟତରେ କେତେଜଣ ବୃଦ୍ଧାବୃଦ୍ଧଙ୍କ କେହି ନ ଥିବା ବେଳେ ଅସହାୟ ଅବସ୍ଥାରେ ରହୁଛନ୍ତି। ହେଲେ ସରକାରଙ୍କ କୌଣସି ଯୋଜନା ତାଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ସରକାରୀ ଯୋଜନାରେ ସାମିଲ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଜେମ୍ସ ମୁଣ୍ଡା ହତ୍ୟା ଘଟଣା

# ହତ୍ୟାକାରୀଙ୍କୁ କୋର୍ଟ ଚାଲାଣ

**ଲହୁଣୀପଡ଼ା,୨୩।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ଶଂଖ ପୋଷ ପଞ୍ଚାୟତ ଭାଲିଆଡିହି ଆମରୁଡି ନାଳରୁ ବୁଧବାର ଉଦ୍ଧାର ହୋଇଥିବା ଜେମ୍ସ ମୁଣ୍ଡା ମୃତ୍ୟୁ ରହସ୍ୟ ଉନ୍ମୋଚିତ ହୋଇଛି। ମୁଥ ମାରି ଜେମ୍ସଙ୍କ ହତ୍ୟା ପରେ ନାଳରେ ଫିଙ୍ଗି ଦିଆଯାଇ ଥିବା ନେଇ ହତ୍ୟାକାରୀ କୁଅଁର ମୁଣ୍ଡାରୀ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଚପଲ ନେଇଯିବା ଘଟଣାରୁ ସୃଷ୍ଟ ଝଗଡାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ପୋଲିସ ସୂଚନା ମୁତାବକ, କେ.ବଲଙ୍ଗା ଥାନା ଅଧୀନ ଆମରୁଡି ଗ୍ରାମର ଅର୍ଜୁନ ମୁଣ୍ଡାରୀ ଭାଲିଆଡିହି ଗ୍ରାମ ଜେମ୍ସ ମୁଣ୍ଡାଙ୍କ ଘରକୁ ଆସିଥିଲେ। ହେଲେ ଅର୍ଜୁନଙ୍କ ଚପଲ ହଜିଯାଇଥିଲା। ହେଲେ ଅର୍ଜୁନ ଜେମ୍ସଙ୍କୁ ଚପଲ ନେଇଯାଇଥିବା ଦାୟୀ କରିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏନେଇ ଅର୍ଜୁନ ଘଟଣା ସଂକ୍ରାନ୍ତରେ ପୁଅ କୁଅଁର ମୁଣ୍ଡାରୀଙ୍କୁ କହିଥିଲେ। ଏଥିରେ କୁଅଁର ଉତ୍କ୍ଷିପ୍ତ ହୋଇ ଜେମ୍ସଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ, କୁଅଁର ଭାଲିଆଡିହି ଗ୍ରାମକୁ ଆସି ବାମିଆ ମୁଣ୍ଡା ଓ ଜେମ୍ସଙ୍କୁ ସାଙ୍ଗରେ ଧରି ମାଛ ମାରିବାକୁ ଯାଇଥିଲେ। ପରେ ମାଛ ଆଣି ବାମିଆଙ୍କ ଘରେ ରୋଷେଇ କରିଥିଲେ। ପରେ ସେମାନେ ମଦ ସହ ମାଛ ଭାତ ଖାଇଥିଲେ। କୁଅଁର ପରବର୍ତ୍ତୀ ସମୟରେ ଜେମ୍ସଙ୍କୁ ଘରକୁ ଛାଡିବାକୁ ଯାଇଥିଲେ। ହେଲେ ବାଟରେ କୁଅଁର ମୁଥମାରି ଜେମ୍ସଙ୍କୁ ହତ୍ୟା କରି ଆମରୁଡି ନାଳରେ ଫିଙ୍ଗି ଦେଇ ଘରକୁ ଚାଲିଆସି ଥିବା କୁଅଁର ପୋଲିସ ଆଗରେ ପ୍ରକାଶ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି କୁଅଁରଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ଅଟକ ଥିବା ଅନ୍ୟ ଦୁଇଜଣଙ୍କୁ ଛାଡି ଦେଇଥିବା ଜଣାପଡିଛି।



କେରଳ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା ସଂଗ୍ରହ କରିବାକୁ ବାହାରିଛନ୍ତି ଇସ୍ପାତ କଲେଜ ଛାତ୍ରୀଛାତ୍ର।

## ନିଖୋଜ ୫ମ ଶ୍ରେଣୀ ଛାତ୍ର ଉଦ୍ଧାର

**ଲେଫ୍ରିପଡ଼ା,୨୩।୮(ଡି.ଏନ୍.ଏ.)**

କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଧୀନ ଭେଡିବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ନିଖୋଜ ଥିବା ପଞ୍ଚମ ଶ୍ରେଣୀର ଛାତ୍ରଙ୍କୁ ଗୁରୁବାର ଲେଫ୍ରିପଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ କଦଳୀ ଦୋକାନ ପାଖରୁ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ମୁତାବକ, ଗତ ୨୧ ତାରିଖରେ ଛାତ୍ରାବାସରେ ରହୁଥିବା ଏହି ଛାତ୍ର ଜଣକ କେଉଁଆଡେ ଚାଲିଆଇଥିଲେ।

## ପୋଲ ତଳକୁ ଖସିଲା ହାଇୱା, ଚାଳକ ମୃତ

**ଲହୁଣୀପଡ଼ା, ୨୩।୮(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କେ.ବଲଙ୍ଗା ଥାନା ଅଧୀନ ବିମଳାଗଡ଼ ନିକଟରେ ଥିବା ଏକ ପୋଲ ତଳକୁ ଏକ ହାଇୱା ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଜଲା ବାଲିବନ୍ଧ ଗ୍ରାମର ଅଜିତ ମାହାନ୍ତ(୪୭)। ମିଳିଥିବା ସୂଚନା ମୁତାବକ, ଅଜିତ କୋଇଡାରୁ ଏକ ହାଇୱା(ନଂ. ଓଆର୧୪କ୍ୟୁ ୯୩୬୦)ରେ ଲୁହାପଥର ବୋଝେଇ କରି ଲହୁଣୀପଡ଼ା ଆସୁଥିଲେ। ହେଲେ ବିମଳାଗଡ଼ ନିକଟରେ ହାଇୱା ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲା। ଫଳରେ ଗାଡିଚାଳକ ଅଜିତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କେ.ବଲଙ୍ଗା ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଉପରେ ଗୁରୁତ୍ୱାରୋପ

**ଜିଲା ପରିଷଦ ବୈଠକ**

**ସୁନ୍ଦରଗଡ଼,୨୩।୮(ଡି.ଏନ୍.ଏ)**

ସ୍ଥାନୀୟ ବିକାଶ ଭବନଠାରେ ଜିଲା ପରିଷଦର ବୈଠକ ଅଧ୍ୟକ୍ଷା ଏମା ଏକ୍କାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ତଳସରା ବିଧାୟକ ଡା.ପ୍ରଫୁଲ୍ଲ କୁମାର ମାଝି, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତଙ୍କ ସମେତ ସମସ୍ତ ପରିଷଦର ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୂମେଶ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ବୈଠକରେ ବିଶେଷ ଭାବେ ଶିକ୍ଷା, ପାନୀୟଜଳ, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ଜଙ୍ଗଲ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ, ଶିକ୍ଷା ବିଭାଗରେ ରହିଥିବା ସମସ୍ୟା ତଥା ଖାଲିପଡିଥିବା ପଦବୀଗୁଡିକ ଯଥାଶୀଘ୍ର ପୂରଣ କରିବା ନିମନ୍ତେ ସଭ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ପରେ ଜିଲା ଦିଶା ବୋର୍ଡର ଅଧ୍ୟକ୍ଷ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ଆଲୋଚନା ହୋଇଥିଲା। ସେହିପରି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ୨୦୧୮-୧୯ ଅଧୀନ ବିଭିନ୍ନ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବହୁଳ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ଅଧିକ ଛାତ୍ରାବାସ ନିର୍ମାଣ ସକାଶେ ବିଧାୟକ କିଷାନ ଦାବି କରିଥିଲେ। ସେହିପରି ତଳସରା ବିଧାୟକ ଡା.ପ୍ରଫୁଲ୍ଲ କୁମାର ମାଝି ଲେଫ୍ରିପଡ଼ା ବ୍ଲକରେ ଥିବା ପ୍ରାଚୀନ ଐତିହ୍ୟସ୍ଥଳ ଉଷାକୋଠୀର ଉନ୍ନତି ସହ ଜଙ୍ଗଲ ବିଭାଗ ଅଧୀନରେ ଥିବା ରାସ୍ତାଗୁଡିକର ଉନ୍ନତୀକରଣ ସକାଶେ ଦାବି କରିଥିଲେ। ବିଧାୟକ ଯୋଗେଶ କୁମାର ସିଂ ଗ୍ରାମାଞ୍ଚଳ ବିଦ୍ୟୁତ୍ ସେବାର ଉନ୍ନତି ସହ ଗରିବ ପରିବାରକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ସାପ କାମୁଡାରେ ମୃତାହତଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଜିଲା ମୁଖ୍ୟ ଡାକ୍ତରଖାନା ସମେତ ଅନ୍ୟାନ୍ୟ ଡାକ୍ତରଖାନାରେ ପର୍ଯ୍ୟାପ୍ତ ଔଷଧ ଓ ଚିକିତ୍ସା ସୁବିଧା ସକାଶେ ବୈଠକରେ ଦାବି ହୋଇଥିଲା।




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୪ ଅଗଷ୍ଟ, ୨୦୧୮



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

**ଝାରସୁଗୁଡ଼ା ଅଫିସ,୨୩।୮-** ଝାରସୁଗୁଡ଼ା ସହରାଞ୍ଚଳର ଏକ ପୋଖରୀରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ମୃତ ଯୁବକ ଜଣକ ହେଲେ ହିର୍ମାର ସୁରଜ ଅଛି (୧୮)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଝାରସୁଗୁଡ଼ା ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ଥାନାଧିକାରୀ ସାବିତ୍ରୀ ବଳ କହିଛନ୍ତି। ସୂଚନା ଅନୁଯାୟୀ ସଦର ବ୍ଲକ ହିର୍ମାର ସୁରଜ ସୋମବାର ନିଜ ସାଙ୍ଗମାନଙ୍କ ସହ ପାହାଡ଼େଶ୍ୱର ମନ୍ଦିରକୁ ଜଳଲାଗି ପାଇଁ ଯାଇଥିଲେ। ଅପରାହ୍ନରେ ଜଣେ ସାଙ୍ଗଙ୍କୁ ମୋବାଇଲ ଦେଇ ମନ୍ଦିର ପଛଆଡ଼କୁ ଯାଇ ଆଉ ଫେରି ନ ଥିଲେ। ସାଙ୍ଗମାନେ ଫେରିଯାଇ ସୁରଜଙ୍କ ପରିବାରକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସୁରଜଙ୍କ ବାପା ସୋମବାର ରାତିରେ ବଡ଼ମାଲ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ସୁରଜଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ବଡ଼େଇମୁଣ୍ଡା ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇମାସ ପୂର୍ବରୁ ତଲିଭଟାସ୍ଥିତ ଏକ ପୋଖରୀରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗାଯାଇଥିଲା।

### ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମନମୁଣ୍ଡା, ୨୩।୮ (ଡି.ଏନ.ଏ):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୋଗୀନ୍ଦ୍ରପୁର ପଞ୍ଚାୟତ କେଉଟିପାଲିର ଏକ ବିଲରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଥାନା ଗୋଛାପଡାର ମୀନକେତନ ପୁଟେଲ (୩୫) । ତେବେ ମୀନକେତନଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବଡଭାଇ ଚୈତନ୍ୟ ପୁଟେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ମନମୁଣ୍ଡା ସିଏଚସିରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଚୈତନ୍ୟଙ୍କ ଅଭିଯୋଗ ଅନୁସାରେ, ବୁଧବାର ରାତି ପ୍ରାୟ ୮ଟା ବେଳେ ମୀନକେତନଙ୍କ ପାଖକୁ ଏକ ଫୋନ ଆସିଥିଲା । ଏହାପରେ ମୁଁ ଟିକିଏ ଆସୁଛି ବୋଲି ପରିବାର ବର୍ଗଙ୍କୁ କହି ସେ ଘରୁ ବାହାରି ଯାଇଥିଲେ । ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇ ପଡିଥିଲେ । ଗୁରୁବାର ସକାଳ ୬ଟା ବେଳେ କେଉଁଟିପାଲିର ଏକ ବିଲରେ ମୃତଦେହ ପଡିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ । ମୃତଦେହ ବିଲର ଏକ ବିଦ୍ୟୁତ୍ ଖମ୍ବତଳେ ପଡିଥିବା ବେଳେ ଏକ ପ୍ଲାସ ଓ କେତେଖଣ୍ଡ ୩୩ କେଭି ବିଦ୍ୟୁତ ତାର ପଡିଥିଲା । ପାରିପାର୍ଶ୍ୱିକ ଅବସ୍ଥାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡିଲା ଭଳି ଦେଖାଯାଉଥିବା ବେଳେ ବାମ କାନରୁ ରକ୍ତ ସ୍ରାବ ଓ ମୁଣ୍ଡ ପଛପଟରେ ଆଘାତ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଏ ନେଇ ଆଇପିସି ଧାରା ୩୦୨ରେ ଏକ ମାମଲା (ନଂ.୧୫୦ /୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଭାବାନନ୍ଦ ପ୍ରଧାନ ଜଣାଇଛନ୍ତି ।

କଳାକାରଙ୍କ କରୁଣ କାହାଣୀ

# ଆତ୍ମସନ୍ତୋଷ ମିଳେ, ପେଟ ପୂରେନି

**ଝାରସୁଗୁଡ଼ା ଅଫିସ,୨୩।୮**

କଳା ପରିବେଷଣ କରି ପରିବାର ପୋଷିବା କେତେ ଯେ କଷ୍ଟ ତାହା କଳାକାରଙ୍କ ବ୍ୟତୀତ ଆଉ କେହି କହିପାରିବେ ନାହିଁ। କଳାରେ ପେଟ ପୂରେନି, କିନ୍ତୁ ଆତ୍ମସନ୍ତୋଷ ମିଳେ ଏବଂ ସଂସ୍କୃତି ବଞ୍ଚିରହେ। ସେଥିପାଇଁ ଅଭାବ ଅନଟନ ସତ୍ତ୍ୱେ ସ୍ୱଳ୍ପ ରୋଜଗାରର ଏହି ପନ୍ଥାକୁ ଛାଡ଼ିପାରନ୍ତି ନାହିଁ କଳାକାର। ଏହାଦ୍ୱାରା ଦୁଇଟି କଥା ଫଳପ୍ରଦ ହୁଏ। ଗୋଟିଏ ହେଲା କଳାର ବିକାଶ ଏବଂ ସଂରକ୍ଷଣ ଅନ୍ୟଟି ହେଲା ବାର୍ତ୍ତାର ପ୍ରଚାରପ୍ରସାର। ଦୁଇଟିଯାକ ଦାୟିତ୍ୱ ସରକାରଙ୍କର। କିନ୍ତୁ ଏହାକୁ ଆଗକୁ ବଢ଼ାଉଛନ୍ତି ଛୋଟ କଳାକାର। ସେଥିପାଇଁ କଳାକାରଙ୍କୁ ଏକ ସ୍ୱଳ୍ପ ରୋଜଗାରର ସୁବିଧା ମିଳିଥାଏ, ଯେଉଁଥିରେ ପରିବାର ପୋଷି ହୁଏନି କି ପିଲାଙ୍କୁ ଉଚ୍ଚଶିକ୍ଷିତ ବି କରିହୁଏନି। ସେଥିରେ କିନ୍ତୁ କଳାର ବିକାଶ ହୁଏ ଏବଂ କଳାକାରଙ୍କୁ ଆତ୍ମସନ୍ତୋଷ ମିଳେ।

ଲୋକକଳା, ଲୋକଗୀତ, ଲୋକସଙ୍ଗୀତ, ଲୋକନୃତ୍ୟ, ଆଞ୍ଚଳିକ ନୃତ୍ୟ, ଗୀତକୁ ଆଦରି ନେଇଥିବା କଳାକାର ବର୍ତ୍ତମାନ ଦୁଃସ୍ଥ ଅବସ୍ଥାରେ। ଝାରସୁଗୁଡ଼ା ଜିଲାକୁ ଉଦାହରଣ ଆକାରରେ ନିଆଗଲେ ଜଣାପଡ଼େ ଏଠାରେ ପାଲା, ଦାସକାଠିଆ, ସଂକୀର୍ତ୍ତନ, କୃଷ୍ଣଗୁରୁ, ଶିବଗୁରୁ, ସଞ୍ଚାର ବାହକ ଭଳି ଲୋକ ନୃତ୍ୟ ଏବଂ ସଙ୍ଗୀତ ପ୍ରଚଳିତ। ଆଞ୍ଚଳିକ ଭିତ୍ତିରେ ଏହି ନୃତ୍ୟ ଏବଂ ସଙ୍ଗୀତ ବଦଳିଥାଏ। ଝାରସୁଗୁଡ଼ା ଜିଲାରେ ଏହି କଳାକୁ ଆଦରି ଶହ ଶହ କଳାକାର କଷ୍ଟରେ ପରିବାର ପୋଷୁଛନ୍ତି। ଏହି କଳାକୁ ଆଦରିଥିବା ଲୋକେ ବାର୍ଷିକ ୧୫/୨୦ ହଜାର ଟଙ୍କା ରୋଜଗାର କରି ପରିବାର ପୋଷିଥାନ୍ତି। ଝାରସୁଗୁଡ଼ା ଜିଲାରେ ପୂର୍ବରୁ ମାତ୍ର ୫ କି ୬ ଜଣ କଳାକାର ଭତ୍ତା ପାଉଥିଲେ। ଗତବର୍ଷ ଭତ୍ତା ପାଇଁ ୧୬୫ ଜଣ ଆବେଦନ କରିଥିଲେ, ଯାହା ଅନୁମୋଦନ ଅପେକ୍ଷାରେ ରହିଛି। ଜାନୁୟାରୀ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାକାର ଭତ୍ତା ପାଇଁ ନୂଆ ନିୟମାବଳୀ ଘୋଷଣା କରିବା ପରେ ଏବେ କଳାକାରଙ୍କ ଉତ୍ସାହ ପରିଲକ୍ଷିତ ହେଉଛି। ହେଲେ ଜୀବନବ୍ୟାପୀ କଳା ପରିବେଷଣ କରୁଥିବା ଏହି କଳାକାରଙ୍କ କିଛି ଦାବି ମଧ୍ୟ ରହିଛି।

**କଳାକାରଙ୍କ ମତ**



ସରକାର ଧାର୍ଯ୍ୟ କରିଥିବା ଭତ୍ତା ଟଙ୍କାରେ ମାସେ ଚଳିବା କଷ୍ଟକର। ତେଣୁ ଏହାକୁ ବୃଦ୍ଧି କରିବାକୁ ଅନୁରୋଧ।
-ଭାସ୍କର ଭୋଇ



ସହାୟତା ଆକାରରେ ନୃତ୍ୟ ଏବଂ ସଙ୍ଗୀତ ପ୍ରଶିକ୍ଷଣ ପାଇଁ ଉପକରଣ ପ୍ରଦାନ କରାଯାଉ।
-ଘନଶ୍ୟାମ ବିଶି



କଳାକାର ଭତ୍ତା ସମୁଦ୍ରକୁ ଶଙ୍ଖେ। ପରିମାଣ ବୃଦ୍ଧି କରାଯାଉ।
-ଗୌରହରି ଖମାରୀ



କଳାକୁ ବଞ୍ଚାଇ ରଖିଛୁ। ହେଲେ କଳାକାର ବଞ୍ଚିବା କଷ୍ଟକର ହୋଇପଡୁଛି।
-ଜଗଦୀଶ ଭୋଇ



୪୦ ବର୍ଷ ଧରି କଳା ବଞ୍ଚାଇ ରଖିଛୁ। ସରକାର ଭତ୍ତା ପରିମାଣ ବୃଦ୍ଧି କରନ୍ତୁ ଏବଂ ନୂତନ କଳାକାର ସୃଷ୍ଟି ପାଇଁ ଉଦ୍ୟମ କରନ୍ତୁ।
-ମିତ୍ରଭାନୁ ସା



କଳାକାରଙ୍କ ପାଇଁ ସରକାର ଅଧିକରୁ ଅଧିକ କାମ ଯୋଗାନ୍ତୁ।
-ଥଣ୍ଡାରାମ ଭୋଇ

### ନାବାଳିକାଙ୍କୁ ଅସଦାଚରଣ, ନୃତ୍ୟ ପ୍ରଶିକ୍ଷକ ଗିରଫ

**ଝାରସୁଗୁଡ଼ା ଅଫିସ,୨୩।୮**

ନୃତ୍ୟ ପ୍ରଶିକ୍ଷଣ ବେଳେ ନାବାଳିକାଙ୍କୁ ଅସଦାଚରଣ। ପୀଡ଼ିତା ପରିବାରର ଅଭିଯୋଗ ପରେ ଅଭିଯୁକ୍ତ ନୃତ୍ୟ ପ୍ରଶିକ୍ଷକଙ୍କୁ ଝାରସୁଗୁଡ଼ା ଟାଉନଥାନା ପୋଲିସ ଗିରଫ କରିଛି। ଗିରଫ ନୃତ୍ୟ ପ୍ରଶିକ୍ଷକ ହେଲେ ଚଞ୍ଚଳ ପାତ୍ର। ଚଞ୍ଚଳଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସାବିତ୍ରୀ ବଳ କହିଛନ୍ତି। ଅଭିଯୋଗ ଅନୁସାରେ, ଝାରସୁଗୁଡ଼ା ଥାନା ଗଳିରେ ଥିବା ୱେଷ୍ଟର୍ନ ବୟଜ୍ ଡାନ୍ସ ଏକାଡେମୀରେ ଗତ ଗୁରୁବାର ୬ ବର୍ଷିୟା ଶିଶୁଙ୍କୁ ନୃତ୍ୟ ପ୍ରଶିକ୍ଷକ ଚଞ୍ଚଳ ପାତ୍ର ଅସଦାଚରଣ କରିଥିଲେ। ଚଳିତ ସପ୍ତାହରେ ନୃତ୍ୟ କ୍ଲାସ ଯିବାପାଇଁ ନାବାଳିକା ଜଣକ ମନା କରିବା ସହ କାନ୍ଦିଥିଲେ। ଘର ଲୋକେ ପଚାରିବା ପରେ ନାବାଳିକା ଜଣକ ସବୁକଥା କହିଥିଲେ। ଏହାପରେ ପରିବାର ଲୋକେ ନାବାଳିକାଙ୍କୁ ନେଇ ଡାନ୍ସ ଏକାଡେମୀକୁ ଯାଇ ଅସଦାଚରଣ କରିଥିବା ପ୍ରଶିକ୍ଷକଙ୍କୁ ଚିହ୍ନଟ କରିଥିଲେ। ପରିବାରର ଅଭିଯୋଗ କ୍ରମେ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇ ଚଞ୍ଚଳଙ୍କୁ ଗିରଫ କରାଯାଇଛି।

# ଝାରସୁଗୁଡ଼ା ରୋଡ୍ ଷ୍ଟେଶନରେ ପଡ଼ି ଯାତ୍ରୀ ଆହତ

## ଅବ୍ୟବସ୍ଥାକୁ ନେଇ ଏବିଭିପିର ଅସନ୍ତୋଷ

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ରୋଡ୍ ରେଳ ଷ୍ଟେଶନରେ ଅବ୍ୟବସ୍ଥା ଯୋଗୁ ଯାତ୍ରୀ ହଇରାଣ ହରକତ ହେଉଛନ୍ତି। ବୁଧବାର ହମସଫର ଏକ୍ସପ୍ରେସକୁ ଅପେକ୍ଷା କରିଥିବା ମହିଳା ଯାତ୍ରୀ ସୁମିତ୍ରା ଦେବୀ ମୁଦ୍ରା (୭୦) ପଡ଼ିଯାଇ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଛି। ସୁମିତ୍ରା ଝାରସୁଗୁଡ଼ା ରୋଡ୍ ଷ୍ଟେଶନରେ ବୁଧବାର ରାତିରେ ପୁରୀ-ଇନ୍ଦୋର ହମସଫର ଏକ୍ସପ୍ରେସକୁ ଅପେକ୍ଷା କରିଥିଲେ। ଉପଯୁକ୍ତ ଆଲୋକୀକରଣ ଅଭାବ, ଅନୁସନ୍ଧାନ କକ୍ଷରେ କର୍ମଚାରୀଙ୍କ ଅନୁପସ୍ଥିତି ଏବଂ ଟ୍ରେନ୍ ସମ୍ପର୍କିତ ଠିକ୍ ସୂଚନା ମିଳି ନ ଥିଲା। ଫଳରେ ପୂର୍ବରୁ ୧ ନମ୍ବରରେ ଆସିବାକୁ ଥିବା ଏହି ଟ୍ରେନ୍ ୨ନଂ ପ୍ଲାଟଫର୍ମରେ ଲାଗିଥିଲା। ଟ୍ରେନ୍‌ରେ ଚଢ଼ିବା ପାଇଁ ତରବରିଆ ଭାବେ ସୁମିତ୍ରା ଯିବା ସମୟରେ ଅନ୍ଧାରରେ ଟ୍ରେନ୍ ଲାଇନରେ ଖସିପଡ଼ି ଆହତ ହୋଇଥିଲେ। ଏହାକୁ ନେଇ ଝାରସୁଗୁଡ଼ା ଆଞ୍ଚଳିକ ବିକାଶ ପରିଷଦ (ଏବିପି)ର ଆବାହକ ମନମୋହନ ପାଣ୍ଡେ ଅଷନ୍ତୋଷ ବ୍ୟକ୍ତ କରିଛନ୍ତି। ହମସଫର ଏକ୍ସପ୍ରେସ୍, ପୁରୀ-ହବିବଗଞ୍ଜ ଏକ୍ସପ୍ରେସ୍ ଏବଂ କଣ୍ଟାବଞ୍ଜି ପାସେଞ୍ଜର ଟ୍ରେନ୍‌କୁ ଝାରସୁଗୁଡ଼ା ଜଙ୍କସନ୍‌କୁ ଡାଇଭର୍ଟ କରିବା ପାଇଁ ସେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

## ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀ ବିହାରୀରାମ ତନ୍ତୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି। ନୀଳମାଧବ ଆଦିବାସୀ ସେବା ସଂଘ ପକ୍ଷରୁ ଗୁରୁବାର ଏକ ପ୍ରତିନିଧି ଦଳ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଝାରସୁଗୁଡ଼ାର ଏହି ବୀରଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲାଗି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି।

ବେଦାନ୍ତ ଆଶ୍‌ପଣ୍ଡ ଭୁଶୁଡ଼ିବା ଘଟଣା

# ମୁଖ୍ୟ ଫାଟକରେ ଗ୍ରାମବାସୀ କରିବେ ବାର୍ଷିକ ସଭା

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା କାତିକେଲାସ୍ଥିତ ବେଦାନ୍ତ ଆସପଣ୍ଡ ଭାଙ୍ଗିବା ଘଟଣାକୁ ପୂରିବ ବର୍ଷେ। ଆସପଣ୍ଡ ଭୁଶୁଡ଼ିବା ପରେ ଏକ ବଡ଼ ଧରଣର କୃତ୍ରିମ ବିପର୍ଯ୍ୟୟରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଗାଁ ଲୋକେ। ଏହି ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ଓ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ମନେପକାଇବା ଏବଂ ଗାଁ ଲୋକଙ୍କ ଦାବି ପୂରଣ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବା ଦିଗରେ ଅବଗତ କରାଇବେ। ଏହି ପରିପ୍ରେକ୍ଷୀରେ ଗାଁ ଲୋକ ବେଦାନ୍ତ ମୁଖ୍ୟ ଫାଟକ ସାମ୍ନାରେ ବର୍ଷକିଆ ପାଳନ କରିବେ ବୋଲି କହିଛନ୍ତି। ଅଗଷ୍ଟ ୨୮ରେ ବେଦାନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ଗାଁ ଲୋକେ ଶାନ୍ତିପୂର୍ଣ୍ଣ ସଭା ଆୟୋଜନ କରିବେ। ଆସପଣ୍ଡ ଭୁଶୁଡ଼ିବା ପରେ ସେମାନଙ୍କୁ ଅନେକ ପ୍ରତିଶ୍ରୁତି ମିଳିଛି। ହେଲେ ଏହି ବର୍ଷେ ମଧ୍ୟରେ କେଉଁ କେଉଁ ପ୍ରତିଶ୍ରୁତି ପାଳନ କରାଯାଇଛି ତାହାର ହିସାବ ମାଗିବେ ବୋଲି ଗାଁର ରାଧାମୋହନ କୁଅଁର, ପୂର୍ଣ୍ଣ ରୋହିଦାସ, ବୋଧରାମ ମହାପାତ୍ର, ମହାଦେବ ଖର୍ସେଲ, ଜିତୁ ପଧାନ ପ୍ରମୁଖ କହିଛନ୍ତି।

୨୦୧୭ ଅଗଷ୍ଟ ୨୮ ତାରିଖ ରାତିରେ କାତିକେଲାଠାରେ ଥିବା ବେଦାନ୍ତର ୨ନମ୍ବର ଆସପଣ୍ଡ ଭୁଶୁଡ଼ି ପଡ଼ିଥିଲା। ଅନ୍ଧାରରେ ଭୟଭୀତ ଗାଁ ଲୋକେ ଘରୁ ବାହାରିବାକୁ ସାହସ ଜୁଟାଇ ପାରି ନ ଥିଲେ। ପରେ ଗାଁ ଲୋକେ କାତିକେଲାରୁ ସମ୍ପୂର୍ଣ୍ଣ ବିସ୍ଥାପନ ପାଇଁ ଦାବି କରିଥିଲେ। ଏପରିକି ଆର୍‌ପିଡିଏସି ବୈଠକରେ ବିସ୍ଥାପନ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବିସ୍ଥାପନ ପାଇଁ ତହସିଲ ପକ୍ଷରୁ ସର୍ଭେ କରାଯାଇ ଗାଁର ୩୦ ପରିବାକୁ ୨୫% ଲେଖାଏଁ କ୍ଷତିପୂରଣ ଦିଆଯାଇଛି। ୩୨୨ ପରିବାର ବିଶିଷ୍ଟ କାତିକେଲା ଗାଁର ମାତ୍ର ୬୬ ପରିବାର ସର୍ଭେ କରାଯାଇ ସ୍ଥଗିତ ରହିଛି। ବର୍ତ୍ତମାନ ବର୍ଷେ ପୂରଣ ହେବାକୁ ଥିବାରୁ ଉକ୍ତ ପ୍ରତିଶ୍ରୁତି ମନେ ପକାଇବା ପାଇଁ ଗାଁ ଲୋକେ କାରଖାନା ମୁଖ୍ୟ ଫାଟକରେ ସଭା ଆୟୋଜନ କରିବେ ବୋଲି କହିଛନ୍ତି।

# ଜେଏସ୍‌ପିଏଲ୍‌ରୁ ସ୍କ୍ରାପ୍ ଚାଲାଣକୁ ପୁଣି ବିରୋଧ

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ଦୁର୍ଲଗାଠାରେ ଥିବା ଜୈନ୍ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ରୁ ସ୍କ୍ରାପ୍ ଚାଲାଣକୁ କେନ୍ଦ୍ରକରି ଗୁରୁବାର ପୁଣି ଉତ୍ତେଜନା ଦେଖାଦେଇଛି। ତ୍ରିପାକ୍ଷିକ ଆଲୋଚନା ନ ହେବା ଯାଏ ସ୍କ୍ରାପ୍ ଚାଲାଣ ବନ୍ଦ ରହିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ହେଲେ ସ୍କ୍ରାପ୍ ଚାଲାଣକାରୀ କମ୍ପାନୀ ଚାଲାଣ ପାଇଁ ଉଦ୍ୟମ କରୁଥିବାରୁ ଗୁରୁବର ପୁଣିଥରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ଦାବିରେ କାରଖାନା କର୍ମଚାରୀ ସ୍କ୍ରାପ୍ ଚାଲାଣକାରୀ ସଂସ୍ଥା ର୍‍ୟାକ୍ ସ୍ୱଞ୍ଚ ଆଣ୍ଡ ପାୱାର ଲିମିଟେଡ୍‌କୁ ଅଗଷ୍ଟ ୧୪ରେ ବିରୋଧ କରିଥିଲେ। ଦିନତମାମ କାରଖାନା ସମ୍ମୁଖରେ ଉତ୍ତେଜନା ଲାଗିରହିବା ପରେ ୧୫ ତାରିଖ ବିଳମ୍ବିତ ରାତିରେ ସ୍କ୍ରାପ୍ ଚାଲାଣ ରଦ୍ଦ କରାଯାଇଥିଲା। ତହସିଲଦାର ବି.କେ. ପାଣ୍ଡେ କାରଖାନାରୁ ସ୍କ୍ରାପ୍ ଚାଲାଣ ବନ୍ଦ କରିବାକୁ ସାମୟିକ ନିଷ୍ପତ୍ତି ନେଇଥିଲେ। ତ୍ରିପାକ୍ଷିକ ବୈଠକରେ ଆଲୋଚନା ପୂର୍ବକ ନିଷ୍ପତ୍ତି ଗ୍ରହଣ ନ ହେବା ଯାଏ ସ୍କ୍ରାପ୍ ଚାଲାଣ ବନ୍ଦ ରହିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଥିଲା।

# ଚିନିକଳ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଭେଟିଲେ

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ସମବାୟ ଚିନିକଳର ବିଭିନ୍ନ ସମସ୍ୟା ନେଇ ଗୁରୁବାର ସ୍ଥାନୀୟ ସମବାୟ ଚିନିକଳ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଭେଟିଛନ୍ତି । ଏହି ପ୍ରତିନିଧି ଦଳ ଚିନିକଳର ବିଭିନ୍ନ ସମସ୍ୟା ତଥା ଆଖୁପେଡ଼ାକୁ ତ୍ୱରାନ୍ୱିତ କରିବା ଏବଂ ଚିନିକଳର ପୁନରୁଦ୍ଧାର ପାଇଁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ମନ୍ତ୍ରୀ ପାତ୍ର ଚିନିକଳର ପୁନରୁଦ୍ଧାର ହେବ ଏବଂ ଚଳିତବର୍ଷ ଆଖୁପେଡ଼ା ହେବ ବୋଲି କହିଥିଲେ। ସମସ୍ତ କର୍ମଚାରୀ ଏଥିରେ ସହଯୋଗ କଲେ ଚିନି ଉତ୍ପାଦନ ବୃଦ୍ଧି ସାଙ୍ଗକୁ ତାହା କର୍ମଚାରୀଙ୍କ ଭବିଷ୍ୟତ ପାଇଁ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଚିନିକଳ କର୍ମଚାରୀ ସଂଘର ସଭାପତି ପ୍ରଦୀପ ଦେବତାଙ୍କ ସମେତ ସାଧାରଣ ସମ୍ପାଦକ ସୁବ୍ରତ ସାହୁ, ସଭ୍ୟ ସତ୍ୟବ୍ରତ ପଟ୍ଟନାୟକ ପ୍ରମୁଖ ମନ୍ତ୍ରୀ ପାତ୍ରଙ୍କୁ ସଚିବାଳୟର ତାଙ୍କ ପ୍ରକୋଷ୍ଠରେ ଭେଟିଥିଲେ । ଏହି ସମୟରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ ।



ଚିନିକଳ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ଭେଟୁଛନ୍ତି ।

## ଫଟୋରେ ଖବର



ଝାରସୁଗୁଡ଼ା ଏଲ୍‌ଆଇସି ଅଫିସ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ଏକ ଷଣ୍ଢକୁ ବଜରଙ୍ଗ ଦଳ କର୍ମୀ ଓ ପାହାଡ଼େଶ୍ୱର ବିକାଶ ପରିଷଦ ସହାୟତାରେ ପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଛନ୍ତି।

ଲଇକେରା, କିର୍ମିରାକୁ ନେଇ ଆଇଟିଡିଏ ସ୍ଥାପନ ପ୍ରସଙ୍ଗ

# ରାଜ୍ୟ କୋର୍ଟକୁ ବଲ୍ ଫିଙ୍ଗିଲେ ଜୁଏଲ

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ଜିଲା ଆଦିବାସୀ ଅଧ୍ୟୁଷିତ ଲଇକେରା ଓ କିର୍ମିରା ବ୍ଲକକୁ ସିଡ୍ୟୁଲ ବ୍ଲକ୍ ଘୋଷଣା କରିବା ସହ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସ୍ଥାପନ କରିବାକୁ ରାଜ୍ୟ ସରକାର କେନ୍ଦ୍ରକୁ ବିଧିବଦ୍ଧ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ଏହା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଅନୁମୋଦନ ଅପେକ୍ଷାରେ ରହିଛି। କିନ୍ତୁ ଗୁରୁବାର କେନ୍ଦ୍ର ଆଦିବାସୀ ବ୍ୟାପାର କ୍ୟାବିନେଟ୍ ମନ୍ତ୍ରୀ ଜୁଏଲ ଓରାମ ଝାରସୁଗୁଡ଼ା ଜିଲା ଗସ୍ତରେ ଆସିଥିବାବେଳେ ଆଇଟିଡିଏ ସ୍ଥାପନ ମାମଲାକୁ ପୁଣିଥରେ ରାଜ୍ୟ ସରକାରଙ୍କ କୋର୍ଟକୁ ଗଡ଼ାଇ ଦେଇଛନ୍ତି। ଆଇଟିଡିଏ ସ୍ଥାପନ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକ ସ୍ମାରକପତ୍ର ପାଇଛି। ସ୍ମାରପକତ୍ର ପାଇବା ପରେ ସୁଚିନ୍ତିତ ମତାମତ ଏବଂ ପ୍ରସ୍ତାବ ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ରାଜ୍ୟ ସରକାରଙ୍କଠାରୁ ପ୍ରସ୍ତାବ ମିଳିବା ପରେ ବିଚାର କରାଯିବ ବୋଲି ମନ୍ତ୍ରୀ ଓରାମ କହିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୨୦୧୭ ନଭେମ୍ବରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟକୁ ବିଧିବଦ୍ଧ ପ୍ରସ୍ତବ ଦିଆଯାଇଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଓରାମ ରାଜ୍ୟ ସରକାରଙ୍କଠାରୁ ପ୍ରସ୍ତାବ ଆହ୍ୱାନ ପାଇଁ ଚିଠି ଲେଖାଯାଇଥିବା କହି ମାମଲାକୁ ଜଟିଳ କରିଦେଇଛନ୍ତି।

ଦେଶର ମୋଟ ୬୪୦ ଜିଲା ମଧ୍ୟରୁ ୨୫୦କୁ ପଛୁଆ ଜିଲା ଭାବେ ଚିହ୍ନଟ କରାଯାଇଥିଲା। ସେଥିରେ ଝାରସୁଗୁଡ଼ା ଜିଲାର କିର୍ମିରା ଏବଂ ଲଇକେରା ବ୍ଲକ ସ୍ଥାନିତ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ନିର୍ଦ୍ଦେଶାଳୟ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ପକ୍ଷରୁ ଲଇକେରା, କିର୍ମିରା ବ୍ଲକରେ ବେସ୍ ଲାଇନ୍ ସର୍ଭେ କରାଯାଇଥିଲା। ଏହି ସର୍ଭେ ମୁତାବକ ୪୨,୮୯୭ ଜନସଂଖ୍ୟା ବିଶିଷ୍ଟ କିର୍ମିରା ବ୍ଲକରେ ଅନୁସୂଚିତ ଜନଜାତି ଲୋକସଂଖ୍ୟା ୫୨.୬୯% ଏବଂ ୪୯,୯୯୨ ଲୋକସଂଖ୍ୟା ବିଶିଷ୍ଟ ଲଇକେରା ବ୍ଲକରେ ୫୧.୭୮% ଜନଜାତି ଥିବା ଜଣାପଡ଼ିଥିଲା। ନିୟମ ଅନୁସାରେ ବ୍ଲକରେ ଜନଜାତି ଲୋକସଂଖ୍ୟା ଅଧିକ ହେଲେ ଏହାକୁ ସିଡ୍ୟୁଲ ବ୍ଲକ ଭାବେ ଘୋଷଣା କରି ଆଇଟିଡିଏ ପ୍ରତିଷ୍ଠା କରିବା କଥା। ସର୍ଭେ ମୁତାବକ ରିପୋର୍ଟ ପ୍ରସ୍ତୁତ କରି ଲଇକେରା ଓ କିର୍ମିରା ବ୍ଲକକୁ ଆଇଟିଡିଏ ଘୋଷଣା କରିବା ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି ବୋଲି ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି। ଲଇକେରା ଏବଂ କିର୍ମିରା ବ୍ଲକକୁ ସିଡ୍ୟୁଲ୍ ବ୍ଲକ୍ ମାନ୍ୟତା ପ୍ରଦାନ କରିବାକୁ ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ମହେନ୍ଦ୍ର ନାଏକ, ରତ୍ନାକର ପ୍ରଧାନ, ବୁନ୍ଦେ ଧୁରୁଆ, ପ୍ରଭାକର ଓରାମଙ୍କ ସମେତ ୨୦ରୁ ଅଧିକ ପ୍ରତିନିଧି ଗତ କିଛିଦିନ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ଝୁଲଣ ଯାତ୍ରା ସମାପନ

**ପଦ୍ମପୁର, ୨୩।୮ (ଡି.ଏନ.ଏ):** ପଦ୍ମପୁର ବୁବୁଡା ଗ୍ରାମରେ ଝୁଲଣ ଯାତ୍ରା ବୁଧବାର ସମାପନ ହୋଇଛି । ଏହି ଅବସରରେ ଆୟୋଜିତ ରାଧାକୃଷ୍ଣଙ୍କ ରଥଟଣାରେ ଅନେକ ମହିଳା ପୁରୁଷ ସାମିଲ ହୋଇଥିଲେ । ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ବିରେନ ଦାଶ, ପରମେଶ୍ୱର ଦାଶ, କଏଁରୁ ବୁଡେକ, ପ୍ରଫୁଲ୍ଲ ବୁଡେକ, ପୁଞ୍ଜି ବରିହା, ସୁରେନ୍ଦ୍ର ମେହେରେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସମ୍ବଲପୁରୀ ବସ୍ତ୍ରାଳୟ କର୍ମଚାରୀଙ୍କ ଦେହାନ୍ତ

**ବରଗଡ଼ ଅଫିସ୍,୨୩।୮:** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ପଞ୍ଚାୟତ ନିକଟ ଡୁମ୍ଫେରପାଲି ଗ୍ରାମର ଶରତ କୁମାର ରଥଙ୍କ ପରଲୋକ ଘଟିଛି। ତାଙ୍କୁ ୫୨ବର୍ଷ ହୋଇଥିଲା । ସେ ସମ୍ବଲପୁରୀ ବସ୍ତ୍ରାଳୟରେ କାର୍ଯ୍ୟରତ ଥିଲେ । ଗତ କିଛିଦିନ ତଳେ ସେ ହୃଦ୍‌ଘାତରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ ଭୁବନେଶ୍ୱର ଏବଂ ପରେ ବାଙ୍ଗାଲୋରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ବାଙ୍ଗାଲୋରରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା । ଗ୍ରାମକୁ ଶବ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ତାଙ୍କ ଅନ୍ତିମ ଦର୍ଶନ କରିଥିଲେ ଏବଂ ଗ୍ରାମର ବଞ୍ଜାରୀ ନାଳକୂଳରେ ତାଙ୍କ ଶବଦାହ କରାଯାଇଥିଲା । ପୁଅ ଚିରଞ୍ଜିବୀ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ରଥଙ୍କ ପରଲୋକରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, ପରିଚାଳନା ନିର୍ଦ୍ଦେଶକ ଦଶରଥ ନନ୍ଦ, ସମ୍ପାଦକ ହେମନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଭାସ ରଞ୍ଜନ ମହଲା ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

### କୁଳଦୀପ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୨୩।୮:** ବରିଷ୍ଠ ସାମ୍ବାଦିକ କୁଳଦୀପ ନାୟାରଙ୍କ ପରଲୋକରେ ଗୁରୁବାର ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଭ୍ୟ ପ୍ରସନ୍ନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ଯୋଗଦେଇ ସ୍ୱର୍ଗତ ନାୟାରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ବରଗଡ଼ ଲୋକସଭା ଏମ୍‌ପି ଡଃ ପ୍ରଭାସ ସିଂ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ ହୋଇ ସ୍ୱର୍ଗତ ନାୟାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

### ଝିଲିମିଣ୍ଡାରେ ଶ୍ରାବଣ ରୁଦ୍ରପୂଜା

**ଜାମଟିକ୍ରା, ୨୩।୮ (ଡି.ଏନ.ଏ):** ଆର୍ଟ ଅଫ୍ ଲିଭିଙ୍ଗ ତରଫରୁ ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମରେ ପବିତ୍ର ଶ୍ରାବଣ ରୁଦ୍ରପୂଜା ସ୍ୱାମିଜୀ ବ୍ରହ୍ମଜିତ ମହାରାଜଙ୍କ ଅଧକ୍ଷତାରେ ଗୁରୁବାର ପାଳିତ ହୋଇଛି । ଭେଡେନ ପାହାଡଶ୍ରୀଗିଡା, ଅପାମରା ବରଗଡ ପ୍ରଭୃତି ଅଞ୍ଚଳରୁ ଭକ୍ତମାନେ ଆସି ପୂଜାରେ ଅଂଶଗ୍ରହଣ କରିଥିଲେ। ଜୟଲାଲ ମେହେର, ଗିରିଧାରି ମେହେର, ସୁବାଷ ମେହେର, ଗୋପାଳ ମେହେର, ସଚ୍ଚୀ ପ୍ରଧାନ, ବବିତା ମହାପାତ୍ର, ଆଲ୍ଲାଦିନୀ ମେହେର ଓ ଜୟନ୍ତୀ ମେହେର ସଂକଳ୍ପରେ ବସିଥିଲେ। ଭରତ ପ୍ରଧାନ ଓ କୃଷ୍ଣ ପଧାନ ରୁଦ୍ରପୂଜା ପରିଚାଳନା କରିଥିଲେ ।

### ପାୱାର ଟିଲର ଋଣ ନାଁରେ ଚାଷୀଙ୍କୁ ଠକେଇ

**ଅତାବିରା, ୨୩।୮ (ଡି.ଏନ.ଏ.):** ପାୱାରଟିଲର ଋଣ କରାଇ ଦେବା ନାଁରେ ଚାଷୀଙ୍କୁ ଠକେଇ କରାଯାଇଥିବା ନେଇ ଗୁରୁବାର ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡିରେ ଜଣେ ଚାଷୀ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଫାଣ୍ଡି ପୋଲିସ ଗୋଡଭଗା ଅଞ୍ଚଳର ଜଣେ ତଥାକଥିତ ଏଜେଣ୍ଟଙ୍କୁ ଥାନାରେ ପଚରାଉଚରା କରି ଛାଡି ଦେଇଥବବା ଜଣାପଡିଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ବେହେରାଙ୍କୁ ପଚରାଯିବାରୁ ସମ୍ପୃକ୍ତ ଚାଷୀ ଓ ଏଜେଣ୍ଟଙ୍କ ମଧରେ ସମାଧାନ ହୋଇଯାଇଥିବା କହିଥିଲେ ।

# ଜୋର୍ ଧରିଛି ଦସ୍ତଖତ ଅଭିଯାନ

**ବରଗଡ଼ରେ କ୍ୟାନସର ହସ୍‌ପିଟାଲ ପ୍ରସଙ୍ଗ**

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ ଜିଲାରେ ରାଜ୍ୟର ସର୍ବାଧିକ ଲୋକେ କ୍ୟାନସର ଆକ୍ରାନ୍ତ ହେଉଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଭାଲେଣି ସୃଷ୍ଟି ହୋଇଛି । କ୍ୟାନସର ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଏଠାରେ ନ ଥିବାରୁ ଏହି ରୋଗୀଙ୍କ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଫଳରେ ବରଗଡ଼ରେ ଏକ କ୍ୟାନସର ହସପିଟାଲ ସ୍ଥାପନ ପାଇଁ ସବୁ ମହଲରେ ଦିନକୁ ଦିନ ଦାବି ଜୋର ଧରିଛି । ଜିଲାର ବିଭିନ୍ନ ସଙ୍ଗଠନ, ସାମାଜିକ ଅନୁଷ୍ଠାନ, ଘରୋଇ ଡାକ୍ତରଖାନା, ପାଥୋ କ୍ଲିନିକଠାରୁ ଆରମ୍ଭ କରି ସ୍କୁଲ, କଲେଜର ଛାତ୍ରୀଛାତ୍ର ମଧ୍ୟ କ୍ୟାନସର ହସପିଟାଲ ଦାବି ଅଭିଯାନକୁ ଓହ୍ଲାଇ ସାରିଛନ୍ତି । ଏହି ଦାବି ନେଇ ଗୁରୁବାର ବରଗଡ଼ ସହରର ଭଟଲି ରୋଡ ଛକସ୍ଥିତ ଏକ ଘରୋଇ ନର୍ସିଂହୋମ ପରିସରରେ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ପଦ୍ମଶ୍ରୀ ହଳଧର ନାଗ ସାମିଲ ହୋଇଥିଲେ। ସ୍ଥାନୀୟ ସାଇକୃପା ନର୍ସିଂହୋମ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଦାନ୍ୟ ବନ୍ଧୁର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦସ୍ତଖତ ଅଭିଯାନରେ ସାମିଲ ହେବା ପାଇଁ ପଦ୍ମଶ୍ରୀ ହଳଧର ନିଜ ଗାଁ ଘେଁସରୁ ଏଠାକୁ ଆସିଥିଲେ । ନିଜେ ଦସ୍ତଖତ ଦେଇ କ୍ୟାନସର ହସପିଟାଲ ଦାବିକୁ ସେ ସମର୍ଥନ ଜଣାଇଥିଲେ । ବରଗଡ଼ରେ କ୍ୟାନସର ହସ୍‌ପିଟାଲ ହେଲେ ଉଭୟ ବରଗଡ଼ ଓ ଛତିଶଗଡ଼ ରାଜ୍ୟର ଲୋକେ ଉପକୃତ ହେବେ ଏବଂ ଏଠାରେ କ୍ୟାନସର ମୃତକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହାସହିତ ବରଗଡ଼ ସହର ତଥା ସହର ବାହାରର ଶତାଧିକ ଲୋକ ଏଥିରେ ସାମିଲ ହୋଇ ଦସ୍ତଖତ ଦେଇଥିଲେ । ଡା. ପ୍ୟାରୀଲାଲ ତ୍ରିପାଠୀ, ଡା. ସୁବଳ କର, ଯୁବ ଆଇନଜୀବୀ ଲିପ୍‌ସିତ ମିଶ୍ର, ଡା. ଅରୂପାନନ୍ଦ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଇକୃପା ନର୍ସିଂହୋମର ଡା. ସସ୍ମିତା ଦାଶ ତ୍ରିପାଠୀ, ଡା. ରାଜେଶ ତ୍ରିପାଠୀ ଏବଂ ବଦାନ୍ୟବନ୍ଧୁର ମୁଖ୍ୟ ସୁବ୍ରତ ବିର୍ଣ୍ଡିଆ ଉକ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ପଦ୍ମଶ୍ରୀ ହଳଧର ନାଗ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଦସ୍ତଖତ ଦେଉଛନ୍ତି ।

# ଆଇଡିବିଆଇ ବ୍ୟାଙ୍କ ଏଟିଏମ ଲୁଟ୍ ଉଦ୍ୟମ ବିଫଳ

**ସରଣ୍ଡା, ୨୩।୮ (ଡି.ଏନ.ଏ)**

ଅତାବିରା ଥାନା ଭୋଇପାଲି ଛକ ସ୍ଥିତ ଆଇଡିବିଆଇ ବ୍ୟାଙ୍କ ଏଟିଏମରୁ ବୁଧବାର ମଧ୍ୟରାତ୍ରିରେ ଲୁଟ୍ ଉଦ୍ୟମ ହୋଇଛି । ଗୁରୁବାର ବ୍ୟାଙ୍କ ଖୋଲିବା ପରେ ଏଟିଏମ ଭଙ୍ଗାରୁଜା କରାଯାଇଥିବା ଜଣାପଡିଥିଲା । ଏ ନେଇ ବ୍ୟାଙ୍କ ପରିଚାଳକ ଏମ. ପ୍ରତାପ ସିଂ ଅତାବିରା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଘଟଣାର ତନାଘନା ଆରମ୍ଭ ହୋଇଛି। ସିସିଟିଭି ଫୁଟେଜକୁ ଛାଡି ଦେଲେ ସେପରି କୌଣସି ସୁରାକ ପୋଲିସ ପାଇପାରିନାହିଁ । ଘଟଣାସ୍ଥଳକୁ ବରଗଡ ଏସଡିପିଓ ସୁରେଶ ଚନ୍ଦ୍ର ନାଏକ, ବରଗଡ ଆଇଆଇସି ବିଭୁତି ଭୋଇ, ଅତାବିରା ଆଇଆଇସି ଗୌରାଙ୍ଗ ଚରଣ ସାହୁ, ଗୋଡଭଗା ଫାଣ୍ଡି ଅଧିକାରୀ ଦିଲୀପ କୁମାର ବେହେରା ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ । ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ. ୧୭୫/୧୮) ରୁଜୁ ହୋଇଛି ।

# ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୩।୮**

ବରଗଡ଼ର ନେହେରୁ ଯୁବକେନ୍ଦ୍ର ଏବଂ ବିର୍ସାମୁଣ୍ଡା ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା କୃଷକ ଭବନରେ ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହିମା ସାହୁ, ଶାନ୍ତନୁ କୁମାର ପ୍ରଧାନ, ଝସକେତନ ମେହେର, ଇନ୍ଦ୍ରମଣି ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁବକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସ୍ୱଚ୍ଛଭାରତ ଆଦି ଯୋଜନା ତଥା ଧନ୍ଦାମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିର୍ସାମୁଣ୍ଡା ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।




ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଦୁର୍ବୃତ୍ତ ଭାଙ୍ଗିଦେଲେ କଳାପଟା ସାହିତ୍ୟ

**ବାଟ ଦୁଆରି ପରିବାରର ପ୍ରତିବାଦ ସଭା**

**ବିଜେପୁର, ୨୩।୮ (ଡି.ଏନ.ଏ)**

ବିଜେପୁର ବ୍ଲକ ଅନ୍ତର୍ଗତ ପଡା ଛକରେ ସମ୍ବଲପୁରୀ, କୋଶଲୀ ଭାଷାର କଳାପଟା ସାହିତ୍ୟ ବାଟ ଦୁଆରି ରହିଛି। ଏହି କଳାପଟା ସାହିତ୍ୟ ପଥିକମାନଙ୍କୁ ସାହିତ୍ୟରସ ଆସ୍ୱାଦନ କରାଇବା ସହ ଦିଗ୍‌ଦର୍ଶନ କରୁଥିଲା । କିନ୍ତୁ ଏହାକୁ ବୁଧବାର ରାତିରେ କେତେକ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବାଟଦୁଆରି ପରିବାର ପକ୍ଷରୁ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଛି । ସମ୍ପାଦକ ତରଣୀସେନ ପଧାନଙ୍କ ଅଧକ୍ଷତାରେ କ୍ରାନ୍ତିବାଦୀ ହରିଲାଲ ସାହୁ, ଈଶ୍ୱର ମେହେର, ତୀର୍ଥବାସୀ ବିଶି, ଶେଷଦେବ ମେହେର, ତୁଳସୀରାମ ମେହେର ପ୍ରମୁଖ କବି ଯୋଗ ଦେଇଥିଲେ । ସୁସ୍ଥ ସମାଜ ଗଠନରେ ସାହିତ୍ୟର ବଳିଷ୍ଠ ଭୂମିକା ରହିଛି। ସାହିତ୍ୟକୁ ସମୃଦ୍ଧିଶାଳୀ କରିବା ପାଇଁ ଲେଖକ ସୃଷ୍ଟି କରିବାରେ ସାହିତ୍ୟ ପତ୍ରିକା, କଳାପଟା ସାହିତ୍ୟର ଯଥେଷ୍ଟ ଅବଦାନ କରହିଛି । ସମାଜକୁ ମହତ୍ ମାର୍ଗଦର୍ଶନ କରୁଥିବା କଳାପଟା ସାହିତ୍ୟ ବାଟଦୁଆରିର କଳାପଟାକୁ ଦୁର୍ବୃତ୍ତମାନେ ଭାଙ୍ଗିବା ନିନ୍ଦନୀୟ ବୋଲି ଉପସ୍ଥିତ କବିମାନେ ମତପ୍ରକାଶ କରିଥିଲେ । ଏହି ଘଟଣାକୁ ନେଇ ଏକ ନିନ୍ଦା ପ୍ରସ୍ତାବ ଗୃହୀତ କରାଯାଇଥିଲା । ଯୁବକବି ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସାମ୍ପ୍ରତିକ ସମୟରେ ଘଟୁଥିବା ବିଭିନ୍ନ ସମସ୍ୟାକୁ ନେଇ କବିମାନଙ୍କର କବିତା ପଂକ୍ତି ବାଟଦୁଆରି କଳାପଟା ସାହିତ୍ୟରେ ପ୍ରକାଶିତ ହେଉଥିଲା। ପ୍ରକାଶିତ କବିତା ପଂକ୍ତିଗୁଡିକ ଅସାମାଜିକ ବ୍ୟକ୍ତି ବିଶେଷଙ୍କୁ ସୁହାଉ ନ ଥିଲା । ତେଣୁ ସମ୍ପୃକ୍ତ ବ୍ୟକ୍ତିମାନେ ଏହାକୁ ଭାଙ୍ଗିଦେଇଥିବା ଆଲୋଚନା ହେଉଛି ।



ପଡାଛକ ସ୍ଥିତ କଳାପଟା ସାହିତ୍ୟ ବାଟଦୁଆରିର କଳାପଟାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି ।

# ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘ ଗଠିତ

**ଅମ୍ବାଭୋନା, ୨୩।୮ (ଡି.ଏନ.ଏ)**

ଅମ୍ବାଭୋନା ବ୍ଲକରେ ମିଳିତ ଶିକ୍ଷକ ସଂଘ ଗଠିତ ହୋଇଛି । ଭୁକ୍ତା ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଦୁର୍ଯ୍ୟୋଧନ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବୈଷ୍ଣବ ଚରଣ ଭୋଇ ଶିକ୍ଷକମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ କରିଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ରାଜକୁମାର ବଘେଲ ସଭାପତି, ରୋହିତ କୁମାର ଭୋଇ ଉପ ସଭାପତି, ମିଲନ କୁମାର ପଟେଲ ସମ୍ପାଦକ, ବିନତା ସାହୁ ଯୁଗ୍ମ ସମ୍ପାଦକ ଏବଂ ସୁନୀଲ କୁମାର ଭୋଇ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।

# କୃତୀ ଛାତ୍ରୀଛାତ୍ର ସମ୍ମାନିତ

**ଅତାବିରା, ୨୩।୮ (ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ କାଦୋବାହାଲ କଲେଜ, ହାଇସ୍କୁଲ, ଜ୍ଞାନୋଦୟ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଗୁରୁବାର ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ପରିସରରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। କାଦୋବାହାଲ କଲେଜର କଳା, ବାଣିଜ୍ୟ, ଭୋକେସନାଲ ପାଠ୍ୟକ୍ରମରେ ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୀତୁ ମେହେର, କୁମାରୀ ପୁଚ୍ଛା କରୁଣା, ଅରୁଣ କୁମାର ନାଏକଙ୍କୁ କମଳିନୀ ମେମୋରିଆଲ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଭରତ କିଶୋର ପତିଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରାଣନାଥ ତ୍ରିପାଠୀ ମୁଖ୍ୟଅତିଥି ଓ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ପଞ୍ଚାୟତ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମନୀଷା ସାହୁଙ୍କୁ ଅନୂସୟା ମେମୋରିଆଲ ସମ୍ମାନରେ ସମ୍ମାନିତ କରିଥିଲେ । ଭକ୍ତି ସଙ୍ଗୀତ ଗାନ କରିଥିବା ସିନିୟର ବିଭାଗ ଆକାଂକ୍ଷା ମିଶ୍ର ଓ ଜୁନିୟର ବିଭାଗ ଆଲିଶା ମେହେରଙ୍କୁ ସମ୍ମାନିତ କରାଯାଇଥିଲା ।

# ଦର୍ଲିଗୁଡା ଗ୍ରାମରେ ଇନ୍ଦ୍ରପୂଜା ସମ୍ପନ୍ନ

**ପଦ୍ମପୁର, ୨୩।୮ (ଡି.ଏନ.ଏ.)**

ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମପଞ୍ଚାୟତର ଦର୍ଲିଗୁଡା ଗ୍ରାମରେ ଗୁରୁବାର ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଛି । ଚାଷୀନେତା ପ୍ରବୀଣ ଦାଶ ଏବଂ ଦହିଗାଁ ସେବା ସମବାୟ ସମିତି ସଭାପତି ସୁଦାମ ଚରଣ ଦାଶଙ୍କ ନେତୃତ୍ୱରେ ଗ୍ରାମବାସୀ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା କରି ନଗର ପରିକ୍ରମା କରିଥିଲେ । ପୂଜକ ଭାବେ ମାଲୁ ରଥ ହୋମଯଜ୍ଞ କରିଥିଲେ। ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଅନାଦି ସାହୁ, ବେତ୍ରା ବାଗ, ରୂପଧର ବାଗ, ମହାଦେବ ବରିହା, ରଣଜିତ ସେଠ ପ୍ରମୁଖ ସହଯୋଗ କରିଥିଲେ।

# ଗାଁ ରାସ୍ତା ସଫେଇ

**ଜାମଟିକ୍ରା, ୨୩।୮ (ଡି.ଏନ.ଏ.)**

ଅତାବିରା ଏନଏସି ଅନ୍ତର୍ଗତ ରେଙ୍ଗାଲିପାଲି ୧୧ ନମ୍ବର ୱାର୍ଡ ମାତାଡେରାର ମାଁ ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୁରୁବାର ମାତା ଡେରାପଡାଠାରୁ ରେଙ୍ଗାଲି କ୍ୟାମ୍ପ କେନାଲ ଛକ ପର୍ଯ୍ୟନ୍ତ ରାସ୍ତା ସଫେଇ କରିଛନ୍ତି। ଏଥିରେ ଅନୂସୟା ବିଶ୍ୱାଳ, ବିଶାଖା ପଟେଲ, ସବିତା ପଟେଲ, ପଦ୍ମା ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

## ଫଟୋରେ ଖବର







ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ଆୟୋଜିତ ମିଳିତ ଶିକ୍ଷକ ସଂଘ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ (ବାମ) । ଅତାବିରା ଏନଏସି ଅନ୍ତର୍ଗତ ମାତାଡେରାର ମହିଳାମାନେ ଗାଁ ରାସ୍ତା ସଫା କରୁଛନ୍ତି (ମଝି) । ପଦ୍ମପୁର ବ୍ଲକ ଦର୍ଲିଗୁଡା ଗ୍ରାମରେ ଗୁରୁବାର ଇନ୍ଦ୍ରପୂଜା ଚାଲିଛି ।

# ଛାତ୍ରୀଛାତ୍ର ଏକେସାଏର୍ ଗାଏବେ ଗଙ୍ଗାଧର ଗୀତ୍

**ବରଗଡ଼ ଅଫିସ୍,୨୩।୮**

ଆଏବାର ରଏବାର ସ୍ୱଭାବ କବି ଗଙ୍ଗାଧର ମେହେରକଁର ଜୟନ୍ତୀ ଅନୁଷ୍ଠିତ୍ ହେବା । ଇଥିର୍‌ଲାଗି ସଜ୍‌ବାଜ୍ ଆରମ୍ ହେଇଯାଇଛେ । ଇଥର ଇ ସମାରୋହକେ ଗୁଟେ ଭିନେ ଢ଼ଂଗେ ପାଲନ୍ କର୍‌ବାର ଯୋଜ୍‌ନା କରିଛେ ବରଗଡ଼ ଜିଲା ଶିକ୍ଷା ବିଭାଗ୍ । ଜୟନ୍ତୀ ସମାରୋହ ଦିବସ୍‌ରେ ଜିଲାର ସବୁ ପ୍ରାଥମିକ୍ ସ୍କୁଲର ଛାତ୍ରୀଛାତ୍ର ଗୁଟେ ଦିନ୍ ଏକେସାଏର୍ କବି ଗଙ୍ଗାଧରକଁର ରଚିତ୍ ଗୀତ୍ ଗାଏବେ ବଲି ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସୂଚ୍‌ନା ଦେଇଛନ୍। ସେ ସୂଚ୍‌ନା ଦେଇ କହିଛନ୍ ଯେ, କବି ଗଙ୍ଗାଧରକଁର ୪ଟା ଗୀତ୍‌କେ ସଂଗୀତ୍ ରୂପ୍ ଦିଆଯାଇଛେ। ସଂଗୀତ୍ ନିର୍‌ଦେଶକ ନବ ମହନ୍ତମକଁର ନିର୍‌ଦେଶନାରେ ଛାତ୍ରୀଛାତ୍ର ଇ ଗୀତ୍‌ମାନ୍ ଗାଇଛନ୍। ବରଗଡ଼ ସହରର ଗୁଟେ ଷ୍ଟୁଡିଓରେ ଇ ଗୀତ୍‌ମାନ୍ ରେକର୍ଡିଂ ହେଇଛେ। ଜିଲାର ସବୁ ସରକାରୀ ସ୍କୁଲର ପର୍‌ଥମରୁ ଦଶମ୍ ତକ୍ ପଢୁଥିବାର ଅଢ଼େ ଲକ୍ଷ ଛାତ୍ରୀଛାତ୍ର ଏକେସାଏର୍ ଗଙ୍ଗାଧର ସଂଗୀତ୍ ପରିବେଷନ୍ କରି ବରଗଡ଼ ମାଏଟ୍‌ର କବିକୁଁ ଶ୍ରଦ୍ଧାଞ୍ଜଳି ଅର୍‌ପନ କର୍‌ବେ। ଗୁରୁବାର ତକ୍ ଗୀତ୍‌ମାନ୍ ଜିଲାର ସବୁ ସ୍କୁଲ୍‌କେ ପଠାଯିବା। ସ୍କୁଲ୍‌ମାନ୍‌କର ଶିକ୍ଷୟିତ୍ରୀ ଶିକ୍ଷକକଁର ଦେଖ୍‌ରେଖ୍‌ରେ ଛାତ୍ରୀଛାତ୍ର ଗୀତ୍‌ମାନ୍ ଅଭିଆସ୍ କର୍‌ବେ। ଇ ଗୀତ୍‌ମାନ୍ ସ୍କୁଲ୍‌ମାନ୍‌କେ ପାର୍‌ଥନା ହିସାବେ ଗାଏବାର ଲାଗି ବି ଚେଷ୍ଟା କରାଯାଉଛେ। ବଛର୍ ଜାକ ଗଙ୍ଗାଧର ସାହିତିଅ ଉପ୍‌ରେ ଛାତ୍ରୀଛାତ୍ର ଯେନ୍‌ଥେଇ ଗିଆଁନ୍ ପାଇ ପାର୍‌ବେ, ସେଥିର୍‌ଲାଗି ଭିନେ ଭିନେ ପର୍‌ତିଯୋଗିତା ଆୟୋଜନ କରାଯାଉଛେ ବଲି ଜିଲା ଶିକ୍ଷା ଅଧିକାରୀ ଯୋଶୀ ସୂଚ୍‌ନା ଦେଇଛନ୍।



ଗଙ୍ଗାଧର ଜୟନ୍ତୀ ପ୍ରସ୍ତୁତି ବଇଠକ୍‌ରେ ଜିଲା ଶିକ୍ଷା ଅଧିକାରୀ ଆର୍ ଉନିଆମାନେ।